

▶ପୃଷ୍ଠା ୨ ଦେଖନ୍ତୁ...

• RNI REGD NO: 42041/83
• www.sakalaepaper.com
• /sakalanews
• /sakalanews
• www.thesakala.in

# ସକାଳ
## THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

• VOLUME- 43 • ISSUE-48 • MONDAY • 11 AUGUST 2025 • PAGE-12 • ₹ 6.00 | PANIKOILI | • ବର୍ଷ-୪୩ • ସଂଖ୍ୟା-୪୮ • ସୋମବାର • ୧୧ ଅଗଷ୍ଟ ୨୦୨୫ • ପୃଷ୍ଠା-୧୨ • ଟ.୬.୦୦


# ବଜାରରୁ ଯୁବତୀଙ୍କୁ ଅପହରଣ

■ **କପ୍ତିପଦା, ୧୦।୮ (ସମିସ):** ରାକ୍ଷୀ ପୂର୍ଣ୍ଣିମା ପୂର୍ବ ଦିନ ବାପା ମାଆଙ୍କ ସହିତ ବଜାର ଆସିଥିଲେ ଜଣେ ଯୁବତୀ। ଦୋକାନ ବାହାରେ ଆସି ଛିଡ଼ା ହୋଇଥିବା ବେଳେ ଅଚାନକ ୪ଜଣ ଯୁବକ ମାସ୍କ ପିନ୍ଧି ବାଇକ୍‌ରେ ଆସି ଯୁବତୀଙ୍କୁ ଉଠାଇନେଲେ। ଏଭଳି ଘଟଣା ମୟୂରଭଞ୍ଜ ଜିଲ୍ଲା କପ୍ତିପଦା ବଜାରରେ ଘଟିଛି। ଗତ ଶୁକ୍ରବାର ସୁଡ଼ସୁଡ଼ିଆ ଗ୍ରାମର ରାଜେନ୍ଦ୍ର ବେହେରା (୪୮)ଙ୍କ ଝିଅ ଅଞ୍ଜଳି ବେହେରା (୨୨) ବାପା-ମାଆଙ୍କ ସହ ସନ୍ଧ୍ୟା ସମୟରେ କପ୍ତିପଦା ବଜାର ଯାଇଥିଲେ। ହେଲେ ଝିଅ ଅଞ୍ଜଳି ଯେତେବେଳେ ଦୋକାନ ବାହାରକୁ ଆସିଥିଲେ, ସେହି ସମୟରେ ଅଚାନକ ୪ ଜଣ ଯୁବକ ବାଇକ୍‌ରେ ମାସ୍କ ପିନ୍ଧି ଆସି ଜୋର୍‌ଜବରଦସ୍ତ ଯୁବତୀଙ୍କୁ ଉଠାଇ ନେଇଗଲେ। ବାପା ମାଆ ବିରୋଧ କରିବାରୁ ଜୀବନରୁ ମାରିଦେବାର ଧମକ ଦେଇ ଅପହରଣ କରିନେଇ ଚାଲି ଯାଇଥିଲେ ୪ ଯୁବକ। ଯାହାକୁ ନେଇ ଯୁବତୀଙ୍କ ପରିବାର ଲୋକେ କପ୍ତିପଦା ଥାନାରେ ଲିଖିତ ଅଭିଯୋଗ କରିଥିଲେ ସୁଦ୍ଧା ପୁଲିସ ୩ଦିନ ପରେ ମଧ୍ୟ ଯୁବତୀଙ୍କୁ ଉଦ୍ଧାର କରି ପାରିନାହିଁ କିମ୍ବା ପତ୍ତା ପାଇପାରିନାହିଁ। ଅପରପକ୍ଷରେ ଅପହରଣ ପରିବର୍ତ୍ତେ ନିଖୋଜ ବୋଲି ରିପୋର୍ଟ ବଦଳ କରି ପୁଲିସ ମାମଲା ରୁଜୁ କରିଛି ବୋଲି ଅପହୃତାଙ୍କ ବାପା ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ମୟୂରଭଞ୍ଜ ଏସ୍‌ପି ଏଥିପ୍ରତି ଦୃଷ୍ଟି ଦେବାକୁ ସେ ନିବେଦନ କରିଛନ୍ତି।

# ସମୁଦ୍ର ଲହଡ଼ିରେ ଭାସିଯାଇ ୩ ମୃତ

■ **କୋଣାର୍କ,୧୦।୮ (ସମିସ):** ରବିବାର ଅପରାହ୍ଣ ପ୍ରାୟ ୪ଟାରେ ଚନ୍ଦ୍ରଭାଗାଠାରେ ସମୁଦ୍ରରେ ଗାଧୋଉଥିବା ସମୟରେ ସ୍ରୋତରେ ଭାସିଯାଇ ୩ଜଣ ଯୁବକଙ୍କର ଅକାଳ ମୃତ୍ୟୁ ହୋଇଛି। ୩ ମୃତକ ହେଲେ ବାଲିଅନ୍ତା ଥାନା ପାହାଳର ଆକାଶ ପଟ୍ଟନାୟକ ଏବଂ କୋଣାର୍କ ଥାନା ଅନ୍ତର୍ଗତ ଜମତଳା ଗ୍ରାମର କ୍ଷେତ୍ରବାସୀ ସେନାପତିଙ୍କ ସାନପୁଅ ରାହୁଲ ସେନାପତି ଓ ବିମ୍ବାଧର ଜେନାଙ୍କ ଏକମାତ୍ର ପୁଅ ଅରୂପାନନ୍ଦ ଜେନା। ଦୁଇଟି ଭିନ୍ନ ଭିନ୍ନ ସ୍ଥାନରେ ଗାଧୋଉଥିବା ସମୟରେ ପ୍ରଥମେ ଆକାଶ ପଟ୍ଟନାୟକ ବୁଡ଼ି ଯାଇଥିଲେ। ତାଙ୍କର ସମ୍ପର୍କୀୟମାନେ ଆକାଶଙ୍କୁ ଉଦ୍ଧାର କରି ପୁରୀ ସଦର ହସ୍ପିଟାଲକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଅନ୍ୟ ଏକ ସ୍ଥାନରେ ରାହୁଲ ଓ ଅରୂପାନନ୍ଦ ଗାଧୋଉଥିବା ସମୟରେ ଭାସି ଯାଇଥିଲେ। ଏହି ଦୁଇଜଣଙ୍କ ସହିତ ଆସିଥିବା ଉତ୍ତରପ୍ରଦେଶର ଜଣେ ଯୁବକ ସମୁଦ୍ରରେ ପଶିଥିଲେ ମଧ୍ୟ ଭୟରେ ଭିତରକୁ ନ ଯାଇ ଫେରି ଆସିଥିଲେ। ଫଳରେ ଉତ୍ତର ପ୍ରଦେଶର ଯୁବକଙ୍କ ଜୀବନରକ୍ଷା ହୋଇଯାଇଛି। ରାହୁଲ ଓ ଅରୂପାନନ୍ଦ ଭୁବନେଶ୍ୱରର ଏକ ବିଏମ୍‌ଡବ୍ଲ୍ୟୁ ୱାର୍କସପ୍‌ରେ କାମ କରୁଥିବା ଜଣାଯାଇଛି। ରାହୁଲ ଓ ଅରୂପାନନ୍ଦଙ୍କୁ ସ୍ଥାନୀୟ ପୁଲିସ ଓ ଅଗ୍ନିଶମ କର୍ମଚାରୀ ଉଦ୍ଧାର କରି ଗୋପ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ଦୁହିଁଙ୍କୁ ମୃତ ଘୋଷଣା କରିଥିଲେ।

## ବିହାର ଭୋଟର ତାଲିକା ସଂଶୋଧନ ବିବାଦ

# ସୁପ୍ରିମକୋର୍ଟ-ନିର୍ବାଚନ କମିସନ ମୁହାଁମୁହିଁ



**ବାଦ୍ ପଡ଼ିଥିବା ୬୫ ଲକ୍ଷ ଲୋକଙ୍କ ତାଲିକା ଦେବାକୁ ମନାକଲେ ନିର୍ବାଚନ କମିସନ**

**ଏଭଳି ତାଲିକା ଦେବାକୁ ଆମେ ଆଇନ ଦୃଷ୍ଟିରୁ ବାଧ୍ୟ ନୁହେଁ**




■ **ନୂଆଦିଲ୍ଲୀ, ୧୦।୮:** ବିହାରରେ ନିର୍ବାଚନ କମିସନଙ୍କ ପକ୍ଷରୁ ଚାଲିଥିବା ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟା (ଏସ୍‌ଆଇଆର୍) ବିବାଦୀୟ ପରିସ୍ଥିତି ସୃଷ୍ଟି କରିଛି। ଏହି ପ୍ରକ୍ରିୟାରେ ବାଦ୍ ପଡ଼ିଥିବା ୬୫ ଲକ୍ଷ ଭୋଟରଙ୍କୁ ନେଇ ମୁହାଁମୁହିଁ ହୋଇଛନ୍ତି ସୁପ୍ରିମ କୋର୍ଟ ଏବଂ ନିର୍ବାଚନ କମିସନ। ବାଦ୍ ପଡ଼ିଥିବା ଭୋଟରମାନଙ୍କ ତାଲିକା ସହ ଅନ୍ୟାନ୍ୟ ବିବରଣୀ ଦାଖଲ କରିବା ଲାଗି ନିର୍ବାଚନ କମିସନ ନିର୍ଦ୍ଦେଶ ଦେଇଥିବା ବେଳେ ଏଭଳି ତାଲିକା ଦେବାକୁ ମନାକରିଦେଇଛନ୍ତି କମିସନ। କମିସନ ପକ୍ଷରୁ କୁହାଯାଇଛି ଯେ ଭୋଟର ଚିଠା ତାଲିକାକୁ ବାଦ୍ ପଡ଼ିଥିବା ୬୫ ଲକ୍ଷ ଲୋକଙ୍କ ସଂପର୍କରେ ସଂପୂର୍ଣ୍ଣ ବିବରଣୀ ଦେବାକୁ ନିର୍ବାଚନ କମିସନ ଆଇନ ଦୃଷ୍ଟିରୁ ବାଧ୍ୟ ନୁହନ୍ତି।

ଗତକାଲି ସୁପ୍ରିମ କୋର୍ଟରେ ଦାଖଲ କରିଥିବା ସାନି ସତ୍ୟପାଠରେ ଏଭଳି ଯୁକ୍ତି ଦର୍ଶାଇଛନ୍ତି ନିର୍ବାଚନ କମିସନ। କମିସନ କହିଛନ୍ତି ଯେ କେବଳ ଚିଠା ତାଲିକା (ଡ୍ରାଫ୍ଟ ରୋଲ୍) ପ୍ରକାଶନ ସହିତ ଆପତ୍ତି ଅଭିଯୋଗ ଦାଖଲ ପାଇଁ ଆଇନରେ ବ୍ୟବସ୍ଥା ରହିଛି। ଚିଠା ତାଲିକାରୁ ବାଦ୍ ପଡ଼ିଥିବା ଲୋକମାନଙ୍କ ସଂପର୍କରେ ନାମ ସହିତ ବାଦ୍ ପଡ଼ିବାର କାରଣ ପ୍ରକାଶ କରିବାକୁ କମିସନ ବାଧ୍ୟ ନୁହନ୍ତି। ୬୫ ଲକ୍ଷ ଲୋକଙ୍କ ସଂପର୍କରେ ଏଭଳି ସଂପୂର୍ଣ୍ଣ ବିବରଣୀ ପାଇଁ ପୃଥକ ତାଲିକା ଜାରି କରିବା ସମ୍ଭବ ମଧ୍ୟ ନୁହେଁ। ସତ୍ୟପାଠରେ କୁହାଯାଇଛି ଯେ ଚିଠା ତାଲିକା ବା ଡ୍ରାଫ୍ଟ ରୋଲରେ ନାମ ସାମିଲ ହୋଇନାହିଁର ଅର୍ଥ ନୁହେଁ ଯେ ସେମାନଙ୍କ ନାମ ଭୋଟର ତାଲିକାରୁ କାଟି ଦିଆଯାଇଛି। ଏବେ ଭୋଟର ତାଲିକା ସଂଶୋଧନ ଚାଲିଛି ଏବଂ ବିଭିନ୍ନ କାରଣରୁ ଅନେକ ଭୋଟରଙ୍କ ନାମ ସାମିଲ ହୋଇଥାଇନପାରେ। ଯେମିତି କି ଫର୍ମ ପୂରଣ ହୋଇନଥିବ ଏବଂ ଘରକୁ ଘର ବୁଲି ସର୍ଭେ ବେଳେ କୌଣସି ତ୍ରୁଟି ପରିଲକ୍ଷିତ ହୋଇଥିଲେ ନାମ ସାମିଲ ହୋଇପାରିବ ନାହିଁ। ତେବେ ଚୂଡାନ୍ତ ପ୍ରାର୍ଥୀ ତାଲିକା ପ୍ରସ୍ତୁତ ପୂର୍ବରୁ ଆପତ୍ତି ଅଭିଯୋଗର ସୁଯୋଗ ଦିଆଯିବ। ଚିଠା ତାଲିକାରେ ଯେଉଁମାନଙ୍କ ନାମ ନାହିଁ, ସେମାନେ ଆବଶ୍ୟକ କାଗଜପତ୍ର ସହିତ ଫର୍ମ-୬ ଦାଖଲ କରିପାରିବେ। ଏଥିପାଇଁ ସେପଟେମ୍ବର ୧ ତାରିଖ ପର୍ଯ୍ୟନ୍ତ ସମୟ ଦିଆଯାଇଛି। କମିସନ କହିଛନ୍ତି ଯେ ବିନା ପୂର୍ବ ନୋଟିସରେ କାହରି ନାମ କଟାଯିବ ନାହିଁ। ଏହାପୂର୍ବରୁ ଭୋଟରଙ୍କୁ ସୁଯୋଗ ଦିଆଯିବ।

ଚିଠା ତାଲିକା ବା ଡ୍ରାଫ୍ଟ ରୋଲରେ ବହୁସଂଖ୍ୟାରେ ଭୋଟରଙ୍କ ନାମ କାଟି ଦିଆଯାଇଛି ଏବଂ ଏହି ପ୍ରକ୍ରିୟା ସ୍ୱଚ୍ଛତା ଅବଲମ୍ବନ କରାଯାଇ ନାହିଁ ବୋଲି ଆବେଦନକାରୀ ଆସୋସିସନ୍ ଫର୍ ଡେମୋକ୍ରାଟିକ୍ ରିଫର୍ମସ (ଏଡିଆର) କରିଥିବା ଅଭିଯୋଗକୁ ଖଣ୍ଡନ କରି କମିସନ କହିଛନ୍ତି ଯେ ଏହି ସଂସ୍ଥା ମିଥ୍ୟା ଓ ବିଭ୍ରାନ୍ତିକର ପରିବେଶ ସୃଷ୍ଟି କରୁଛି।

ସୂଚନାଯୋଗ୍ୟ ଯେ ବିହାରରେ ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ (ଏସ୍‌ଆଇଆର୍) ବେଳେ ଯେଉଁ ୬୫ ଲକ୍ଷ ଭୋଟରଙ୍କ ନାମ କଟାଯାଇଛି, ସେସଂପର୍କରେ ସଂପୂର୍ଣ୍ଣ ତଥ୍ୟ ଦାଖଲ କରିବାକୁ ଗତ ୬ ତାରିଖରେ ନିର୍ବାଚନ କମିସନଙ୍କୁ ନିର୍ଦ୍ଦେଶ ଦେଇଥିଲେ ସୁପ୍ରିମ କୋର୍ଟ। କୋର୍ଟ କହିଥିଲେ ଯେ ଚିଠା ତାଲିକାରୁ ଯେଉଁ ୬୫ ଲକ୍ଷ ଭୋଟରଙ୍କ ନାମ କାଟିଛନ୍ତି, ତାହାର କେବଳ ସଂଖ୍ୟା ନଦେଇ ସେମାନଙ୍କର ନାମ ▶ପୃଷ୍ଠା-୭

## ଟ୍ରମ୍ପ୍ ଟାରିଫ୍‌ର ପ୍ରତିଶୋଧ

# ଆମେରିକା ଉପରେ ପାଲଟା ଶୁଳ୍କ ଲଗାଇବ ଭାରତ

■ **ନୂଆଦିଲ୍ଲୀ, ୧୦।୮ (ଏଜେନ୍ସି):** ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଭାରତ ଉପରେ ଲଗାଇଥିବା ଭାରୀ ଶୁଳ୍କର କଡ଼ା ଜବାବ୍ ଦେବ ଦେଶ। ଆମେରିକା ଭାରତୀୟ ଇସ୍ପାତ ଏବଂ ଆଲୁମିନିୟମ ଉପରେ ୫୦% ଆମଦାନୀ ଶୁଳ୍କ ଲଗାଇବା ପରେ, ଭାରତ ମଧ୍ୟ କିଛି ଆମେରିକୀୟ ଉତ୍ପାଦ ଉପରେ ପ୍ରତିଶୋଧମୂଳକ ଶୁଳ୍କ ଲଗାଇବାକୁ ପ୍ରସ୍ତୁତ ହେଉଛି। ଏହି ଅନୁଯାୟୀ, ଭାରତ ଆମେରିକାରୁ ଆମଦାନୀ ହେଉଥିବା କିଛି ଆମେରିକୀୟ ସାମଗ୍ରୀ ଉପରେ ପାଲଟା ୫୦% ପର୍ଯ୍ୟନ୍ତ ଶୁଳ୍କ ଲଗାଇବ। ଏହି ପଦକ୍ଷେପ ପ୍ରାୟ ୭.୬ ବିଲିୟନ ଡଲାରର ରପ୍ତାନି କ୍ଷତିପୂରଣ କରିବା ପାଇଁ ହେବ।

**ଲାଗିପାରେ ୫୦% ପର୍ଯ୍ୟନ୍ତ ଟାରିଫ୍**

ଏକ ରିପୋର୍ଟ ଅନୁଯାୟୀ, ସରକାର ଭାରତୀୟ ରପ୍ତାନିକାରୀଙ୍କ ଦ୍ୱାରା ହୋଇଥିବା କ୍ଷତି ସହିତ ସମାନ ଅନୁପାତରେ କିଛି ଆମେରିକୀୟ ଉତ୍ପାଦ ଉପରେ ଶୁଳ୍କ ଲଗାଇବାକୁ ବିଚାର କରୁଛନ୍ତି। ଯଦି ଏହି ପଦକ୍ଷେପ ନିଆଯାଏ, ତେବେ ଏହା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍‌ଙ୍କ ଶୁଳ୍କ ନୀତି ପ୍ରତି ଭାରତର ପ୍ରଥମ ଆନୁଷ୍ଠାନିକ ପ୍ରତିକ୍ରିୟା ହେବ। ଏହି ବିବାଦ ଚଳିତବର୍ଷ ଫେବୃଆରୀ ମାସରେ ଆରମ୍ଭ ହୋଇଥିଲା, ଯେତେବେଳେ ଟ୍ରମ୍ପ ପ୍ରଶାସନ ଭାରତୀୟ ଇସ୍ପାତ ଏବଂ ଆଲୁମିନିୟମ ଉପରେ ୨୫% ଶୁଳ୍କ ଲଗାଇଥିଲା। ତା'ପରେ ଏହାକୁ ୫୦% ପର୍ଯ୍ୟନ୍ତ ବୃଦ୍ଧି କରାଯାଇଥିଲା, ଯାହା ପ୍ରାୟ ୭.୬ ବିଲିୟନ ଡଲାରର ଭାରତୀୟ ରପ୍ତାନିକୁ ପ୍ରଭାବିତ କରିଥିଲା। ଭାରତ ବିଶ୍ୱ ବାଣିଜ୍ୟ ସଂଗଠନ (ଡବ୍ଲ୍ୟୁଟିଓ)ରେ ଯୁକ୍ତି ରଖିଥିଲା ଯେ ଆମେରିକାର ଏହି କାର୍ଯ୍ୟ 'ଜାତୀୟ ସୁରକ୍ଷା' ନାମରେ ଲାଗୁ ହୋଇଥିବା ଏକ ସୁରକ୍ଷା ଶୁଳ୍କ, ଯାହା ଡବ୍ଲ୍ୟୁଟିଓ ନିୟମ ବିରୁଦ୍ଧରେ। ଆମେରିକା ଏହି ବିଷୟରେ ▶ପୃଷ୍ଠା-୭

## ସାମ୍ବାଦିକଙ୍କ ଗୋଡ଼ରେ ବେଡ଼ି ପକାଇବା ହାବିଲଦାର, ଆଇଓଙ୍କୁ ପଡ଼ିଲା ମହଙ୍ଗା

# ପୀଡ଼ିତଙ୍କୁ ୫ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ ନିର୍ଦ୍ଦେଶ

■ **ବାଲେଶ୍ୱର/ନୀଳଗିରି, ୧୦।୮ (ସମିସ):** ମାନବାଧିକାର ଆୟୋଗଙ୍କ ଗୁରୁତ୍ୱପୂର୍ଣ୍ଣ ରାୟ ପ୍ରକାଶ ପାଇଛି। ବାଲେଶ୍ୱର ଜିଲ୍ଲା ନୀଳଗିରିରେ କାର୍ଯ୍ୟରତ ସାମ୍ବାଦିକଙ୍କୁ ସାମାନ୍ୟ ଏକ ମାମଲାରେ ହସ୍ପିଟାଲରେ ଚିକିତ୍ସାଧୀନ ସମୟରେ ପୁଲିସ ତାଙ୍କ ଗୋଡ଼ରେ ବେଡି ପକାଇବା ଘଟଣା ହାବିଲଦାର ଓ ଆଇଓଙ୍କୁ ମହଙ୍ଗା ପଡିଛି। ମାନବ ଅଧିକାର ଆୟୋଗ ତାଙ୍କ ରାୟରେ ସାମ୍ବାଦିକ ଲୋକନାଥ ଦଳେଇଙ୍କୁ ୫ ଲକ୍ଷ ଟଙ୍କା କ୍ଷତିପୂରଣ ୧୮/୯/୨୦୨୫ ସୁଦ୍ଧା ଦେବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି।

**ମାନବାଧିକାର ଆୟୋଗଙ୍କ ଗୁରୁତ୍ୱପୂର୍ଣ୍ଣ ରାୟ**

ସୂଚନାଯୋଗ୍ୟ, ବାଲେଶ୍ୱର ଜିଲ୍ଲା ନୀଳଗିରିର କାର୍ଯ୍ୟରତ ସାମ୍ବାଦିକ ଲୋକନାଥ ଦଳେଇ ଗତ ୪/୪/୨୦୨୨ ମସିହାରେ ଏକ ଗୁରୁତ୍ୱପୂର୍ଣ୍ଣ ଖବର ସଂଗ୍ରହ ପାଇଁ ଯାଉଥିବାବେଳେ ଗୃହରକ୍ଷୀ ନିରଂଜନ ରଣା (୬୨) ସାମ୍ବାଦିକଙ୍କୁ ଧକ୍କା ଦେଇଥିଲେ। ସାମ୍ବାଦିକ ଓ ଗୃହରକ୍ଷୀ ମଧ୍ୟରେ ସାମାନ୍ୟ ବଚସା ହୋଇଥିଲା। ମାତ୍ର ଗୃହରକ୍ଷୀ ଶ୍ରୀ ରଣା ଏକ କପୋଳକଳ୍ପିତ ମିଥ୍ୟା ଅଭିଯୋଗ ଥାନାରେ ଦେଇ ଥିଲେ। ଯେହେତୁ ସେ ପୁଲିସ ବିଭାଗର ଲୋକ ଅଧିକ ତତ୍ପରତା ପ୍ରକାଶ କରି ନୀଳଗିରି ଥାନାର ତତ୍‌କାଳୀନ ଆଇଆଇସି ଦ୍ରୌପଦୀ ଦାସ ଗତ ୬/୪/୨୨ ତାରିଖରେ ସାମ୍ବାଦିକଙ୍କୁ ଗିରଫ କରିଥିଲେ। ସାମ୍ବାଦିକ ଜଣକ ମଧୁମେହ ଓ ଉଚ୍ଚରକ୍ତଚାପ ରେ ପୀଡିତ ଥିବାରୁ ପୁଲିସ ଆଇନ ଅନୁଯାୟୀ ନିଳଗିରି ମେଡ଼ିକାଲରେ ଭର୍ତ୍ତି କରିଥିଲେ। ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ବାଲେଶ୍ୱର ମେଡ଼ିକାଲକୁ ପୁଲିସ ନେଇଯାଇଥିଲା। ଚିକିତ୍ସା ସମୟ ରେ ହଠାତ ରାତିରେ ଗୋଡ଼ରେ ବେଡ଼ି ପକାଇ ଚାବି ପକାଇ ଦେଇଥିଲେ। ଉକ୍ତ ଘଟଣା ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପରେ ଏନେଇ ବିଭିନ୍ନ ମହଲରେ ଆଲୋଡନ ସୃଷ୍ଟି ହେବା ସହ ସାମ୍ବାଦିକଙ୍କୁ ନ୍ୟାୟ ପାଇଁ ଦାବି କରିଥିଲେ। ଏପରି କି ଦଳଗତ ନିର୍ବିଶେଷରେ ନୀଳଗିରି ବନ୍ଦ ହୋଇଥିଲା। ପରେ ତରବରିଆ ଭାବେ ସାମ୍ବାଦିକ ଲୋକନାଥ ଦଳେଇଙ୍କୁ ଗତ ୧୧/୪/୨୨ତାରିଖରେ ଆଣି ନୀଳଗିରି କୋର୍ଟ ହାଜର କରି ମିଥ୍ୟା ଦଫା ଲଗାଇ ଜେଲକୁ ପଠାଇ ଥିଲେ। ଘଟଣାକୁ ଚପାଇବା ପାଇଁ ତତ୍କାଳୀନ ପୁଲିସ ମହାନିର୍ଦ୍ଦେଶକ ସୁନୀଲ ବଂଶଲ ନୀଳଗିରି ଥାନାର ତତ୍କାଳୀନ ଆଇଆଇସି ଦ୍ରୌପଦୀ ଦାସ, ଆଇଓ ସୁବର୍ଣ୍ଣା ବେହେରାଙ୍କୁ ହେଡ କ୍ୱାର୍ଟରକୁ ନେଇ ଥଇଥାନ କରିଥିଲେ। ତତ୍କାଳୀନ ବାଲେଶ୍ୱର ଏସପି ସୁଧାଂଶୁ ଶେଖର ମିଶ୍ର, ତତ୍‌କାଳୀନ ନୀଳଗିରି ଏସଡ଼ିପିଓ ରିତେଶ ମହାପାତ୍ରଙ୍କ ବିରୋଧରେ କିଛି କାର୍ଯ୍ୟାନୁଷ୍ଠାନ ନେଇନଥିଲେ। ଏ ନେଇ ପ୍ରଦୀପ୍ତ ନାୟକ ଓ ଜୟକୃଷ୍ଣ ମହାନ୍ତି ମାନବାଧିକାର ଆୟୋଗ ନିକଟରେ ୮/୪/୨୨ରେ ଅଭିଯୋଗ କରିଥିଲେ। ଏ ନେଇ ୫୮୭/୨୨ଏକ ମାମଲା ରୁଜୁ ହୋଇଥିଲା। ମାନବଧିକାର ଆୟୋଗ ଏସ୍ ବି ପରିଜା, ସଦସ୍ୟ ଅସୀମ ଅମିତାଭ ଦାସ ଉକ୍ତ କେସ ବିଚାର କରି ଗତ ୩୦/୬/୨୫ ତାରିଖରେ ▶ପୃଷ୍ଠା-୭

## ପଛକୁ ପଛ ଆସୁଛି ଲଘୁଚାପ

# ୧୨ରୁ ରାଜ୍ୟରେ ବର୍ଷା

■ **ଭୁବନେଶ୍ୱର,୧୦।୮ (ସମିସ):** ରାଜ୍ୟକୁ ପୁଣି ଫେରିବ ବର୍ଷା। ପ୍ରାୟ ଦୁଇ ସପ୍ତାହର ବିରତି ପରେ ସକ୍ରିୟ ହେବ ମୌସୁମୀ। ବଙ୍ଗୋପସାଗରରେ ପଛକୁ ପଛ ଲଘୁଚାପ ଆସୁଥିବା ବେଳେ ଏହା ପୁଣି ଥରେ ମୌସୁମୀକୁ ସକ୍ରିୟ କରାଇବା ସହ ରାଜ୍ୟରେ ବର୍ଷା ପାଇଁ ପାଗ ଅନୁକୂଳ ହେବ। ପ୍ରଥମ ଲଘୁଚାପଟି ଦକ୍ଷିଣ ଓଡ଼ିଶାରେ ଅଧିକ ବର୍ଷା କରାଇବା ସହ ଦ୍ୱିତୀୟ ଲଘୁଚାପ ଉତ୍ତର ଓଡ଼ିଶାରେ ଭଲ ବର୍ଷା କରାଇବ। ତେଣୁ ମୋଟାମୋଟି ଭାବେ ଆଗକୁ ସାରା ରାଜ୍ୟରେ ଭଲ ବର୍ଷା ହେବାର ସମ୍ଭାବନା ରହିଛି। ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ଆସନ୍ତା ୧୩ ଅଗଷ୍ଟରେ ବଙ୍ଗୋପସାଗରରେ ଏକ ଲଘୁଚାପ ସୃଷ୍ଟି ହେବ। ଏହା ଉତ୍ତର ପଶ୍ଚିମ ଓ ତାର ପାଶ୍ୱବର୍ତ୍ତୀ ପଶ୍ଚିମ କେନ୍ଦ୍ରୀୟ ବଙ୍ଗୋପସାଗରରେ ସକ୍ରିୟ ରହିବ। ଏହା ପ୍ରଭାବରେ ଆସନ୍ତା ୧୨ ତାରିଖରୁ ରାଜ୍ୟର ବିଭିନ୍ନ ସ୍ଥାନରେ ପାଗରେ ପରିବର୍ତ୍ତନ ଆସିବା ସହ ବର୍ଷା ପାଇଁ ପାଗ ଅନୁକୂଳ ହେବ। ୧୨ରେ କିଛି କିଛି ସ୍ଥାନରେ ବର୍ଷା ନେଇ ମଧ୍ୟ ଆକଳନ କରାଯାଇଛି। ସେହିଦିନ କନ୍ଧମାଳ, ରାୟଗଡ଼ା, ଗଜପତି, ▶ପୃଷ୍ଠା-୭

## ଦଶମ ଶ୍ରେଣୀ ଆଦିବାସୀ ଛାତ୍ରୀଙ୍କ ମୃତ୍ୟୁ

# ଚିକିତ୍ସା ନ କରି ଘରକୁ ପଠାଇଦେଲେ ସ୍କୁଲ୍ କର୍ତ୍ତୃପକ୍ଷ

■ **ବାରିପଦା/ଶୁଳିଆପଦା, ୧୦।୮ (ସମିସ):** ମୟୂରଭଞ୍ଜ ଜିଲ୍ଲାରେ ଆଦିବାସୀ ଛାତ୍ରଛାତ୍ରୀଙ୍କ ପ୍ରତି ହେଉଥିବା ବ୍ୟାପକ ଅବହେଳାର ଆଉ ଏକ ଉଦାହରଣ ଆଜି ପଦାକୁ ଆସିଛି। ସ୍କୁଲ କର୍ତ୍ତୃପକ୍ଷଙ୍କ ଅବହେଳା ପାଇଁ ଜଣେ ଛାତ୍ରୀଙ୍କ ଅକାଳରେ ଜୀବନ ଯାଇଛି। ଶୁଳିଆପଦା ବ୍ଲକର କୁଜିଡିହି ଏସ୍‌ଏସ୍‌ଡି ବାଳିକା ଉଚ୍ଚ ବିଦ୍ୟାଳୟରେ ଏହି ଅଘଟଣ ଘଟିଛି। ମୃତ ଛାତ୍ରୀଜଣଙ୍କ ହେଲେ, ପଥରନେସା ଗ୍ରାମର ଛାତ୍ରୀ ରୀନା ମୁର୍ମୁ (୧୫)। ସେ ସ୍କୁଲ ହଷ୍ଟେଲରେ ରହି ପାଠ ପଢୁଥିଲେ। ୩ ଦିନ ତଳେ ଏହି ଘଟଣା ଘଟିଥିବା ବେଳେ କର୍ତ୍ତୃପକ୍ଷ ଏହାକୁ ଚାପିବାକୁ ଚେଷ୍ଟା କରିଥିଲେ। ଏହି ଘଟଣାରେ ଜିଲ୍ଲା ମଙ୍ଗଳ ଅଧିକାରୀ ଗୁରୁଚରଣ ମଲ୍ଲିକ ସମ୍ପୃକ୍ତ ସ୍କୁଲକୁ ଯାଇ ଘଟଣାର ତଦନ୍ତ କରିବା ପ୍ରଧାନଶିକ୍ଷକଙ୍କୁ କୈଫିୟତ ମାଗିବା ପରେ ଘଟଣା ପଦାକୁ ଆସିଛି।

ଉଲ୍ଲେଖଯୋଗ୍ୟ, ମୟୂରଭଞ୍ଜ ଜିଲ୍ଲାରେ ଛାତ୍ରଛାତ୍ରୀଙ୍କ ସୁରକ୍ଷା ଦାୟିତ୍ୱରେ ଥିବା ପ୍ରଧାନଶିକ୍ଷକ, ହଷ୍ଟେଲ ପରିଚାଳକଙ୍କ ଖାମଖିଆଲୀ ନୀତି ଯୋଗୁଁ ଛାତ୍ରୀ ମୃତ୍ୟୁ ▶ପୃଷ୍ଠା-୭



## ସରକାରୀ ପ୍ରୋତ୍ସାହନ ଅଭାବ

# ବୁଡ଼ିଯିବ ବେଲଗୁଣ୍ଠାର ପିତ୍ତଳ ମାଛ ଶିଳ୍ପ!

■ **ବେଲଗୁଣ୍ଠା, ୧୦।୮ (ସମିସ):** ଦୀର୍ଘ ୩୦୦ ବର୍ଷ ଧରି ଗଞ୍ଜାମ ଜିଲ୍ଲା ବେଲଗୁଣ୍ଠାରେ ତିଆରି ହେଉଛି ବିଶ୍ୱପ୍ରସିଦ୍ଧ ପିତ୍ତଳ ମାଛ। ନିର୍ଜୀବ ପିତ୍ତଳ ଚଦରରୁ ପ୍ରସ୍ତୁତ ଏହି ପିତ୍ତଳ ମାଛ ଜୀବନ୍ତ ମାଛ ଭଳି ପ୍ରତୀୟମାନ ହୋଇଥାଏ ଏବଂ ଏହା ହିଁ ଏହାର ବିଶେଷତ୍ୱ। ରାଜ୍ୟପାଳଙ୍କଠାରୁ ଆରମ୍ଭ କରି ମୁଖ୍ୟମନ୍ତ୍ରୀ, ବିଧାୟକ, ସାଂସଦ, ବିଭିନ୍ନ ବିଭାଗୀୟ ମନ୍ତ୍ରୀ, ସଚିବ, ଜିଲ୍ଲାପାଳ, ଉପଜିଲ୍ଲାପାଳ, ବିଡିଓ, ତହସିଲଦାର, ସ୍ଥାନୀୟ ନେତାଙ୍କ ସମେତ ବହୁ ବିଦେଶୀ ଅତିଥି ବିଭିନ୍ନ ସମ୍ବର୍ଦ୍ଧନା ସଭାରେ ପିତ୍ତଳ ମାଛଟିଏ ଉପହାର ପାଇ ଖୁସିରେ ଗଦଗଦ ହୋଇଥା'ନ୍ତି। କିନ୍ତୁ ବିଡ଼ମ୍ବନାର ବିଷୟ, ସେମାନଙ୍କ ମଧ୍ୟରୁ କେହି ଏହି ପିତ୍ତଳ ମାଛ ଶିଳ୍ପର ପ୍ରଚାରପ୍ରସାର ପାଇଁ କେବେହେଲେ ଆଗ୍ରହ ଦେଖାଇନାହାନ୍ତି। ଫଳରେ ଏହି ଶିଳ୍ପ କ୍ରମେ ବାଟ ହୁଡ଼ିବାକୁ ବସିଲାଣି। ସରକାର ବିଭିନ୍ନ କଳାକାର ଏବଂ ଶିଳ୍ପୀଙ୍କ ପାଇଁ ବିଭିନ୍ନ ପ୍ରକାର ପ୍ରୋତ୍ସାହନ ଭତ୍ତାର ବ୍ୟବସ୍ଥା କରିଥିବା ବେଳେ ବେଲଗୁଣ୍ଠାର ପିତ୍ତଳ ମାଛ କାରିଗର କିନ୍ତୁ ଏଥିରୁ ବଞ୍ଚିତ।



ବେଲଗୁଣ୍ଠାର ବିଶିଷ୍ଟ ପିତ୍ତଳ ମାଛ ଶିଳ୍ପୀ ପ୍ରଦୀପ ମହାରଣାଙ୍କ କହିବା କଥା, ବ୍ରିଟିଶ୍ ଶାସନ ସମୟରେ ସ୍ୱର୍ଗତ ଗଙ୍ଗାଧର ମହାରଣାଙ୍କ ଅମଳରୁ ଏହି ପିତ୍ତଳ ମାଛ ତିଆରି ଆରମ୍ଭ ହୋଇଥିଲା। ଏହା ତତ୍‌କାଳୀନ ବ୍ରିଟିଶ୍ ଶାସକମାନଙ୍କ ସହ ଭଞ୍ଜବଂଶୀୟ ରାଜା ରାମଚନ୍ଦ୍ର ଭଞ୍ଜଙ୍କୁ ବିମୁଗ୍ଧ କରିଥିଲା। କ୍ରମେ ଏହି ଶିଳ୍ପ ନାନା ବାଧାବିଘ୍ନ ଦେଇ ବିଂଶ ଶତାବ୍ଦୀ ପର୍ଯ୍ୟନ୍ତ ଚାଲିଥିଲା। ତେବେ ତାଲିମ୍ ଅଭାବରୁ ପିତ୍ତଳ ମାଛ ଶିଳ୍ପ ପାଇଁ ଆବଶ୍ୟକ କାରିଗର ସୃଷ୍ଟି ହୋଇପାରୁନାହାନ୍ତି। ସେହିପରି ଏହି ଶିଳ୍ପ ପାଇଁ ଆବଶ୍ୟକ କର୍ମଶାଳା ବେଲଗୁଣ୍ଠାରେ ନ ଥିବାରୁ ତାଲିମ୍‌ପ୍ରାପ୍ତ କାରିଗରମାନେ ଅନ୍ୟତ୍ର ଚାଲିଯାଉଛନ୍ତି।

**ମୁହଁ ଫେରାଉଛନ୍ତି ଯୁବ କାରିଗର**

ଗୋଟିଏ ଦଶ ଇଞ୍ଚ ଲମ୍ବର ମାଛ ତିଆରି ପାଇଁ ଦୁଇଦିନ ସମୟ ଲାଗେ ଓ ଏଥିରେ ପ୍ରାୟ ୭୦୦ ଟଙ୍କାର କଞ୍ଚାମାଲ୍ ଖର୍ଚ୍ଚ ହୋଇଥାଏ। ସେହି ମାଛଟି ମାତ୍ର ୧୦୦୦ ଟଙ୍କାରେ ବିକ୍ରି ହୋଇଥାଏ। ଅର୍ଥାତ୍ ଦୁଇ ଦିନରେ ଶିଳ୍ପୀଟିଏ ମାତ୍ର ୩୦୦ ଟଙ୍କା ରୋଜଗାର କରିଥାଏ। ଏହି ନିମ୍ନ ପାରିଶ୍ରମିକରେ ପରିବାର ପ୍ରତିପୋଷଣ ଏକପ୍ରକାର ଅସମ୍ଭବ ଓ ତେଣୁ ଏହି ପରିବାରର ଯୁବକମାନେ ପିତ୍ତଳ ମାଛ ଶିଳ୍ପରୁ ମୁହଁ ଫେରାଇ ପରିବାର ପ୍ରତିପୋଷଣ ପାଇଁ ଅନ୍ୟ ▶ପୃଷ୍ଠା-୭

ସମ୍ପୂର୍ଣ୍ଣା
ସକାଳ THE SAKALA
www.sakalaepaper.com

## ଆଜିର ରାଶିଫଳ

**ମେଷ:** ଦିନଟି ଭଲରେ କଟିବ। ପରିବାରର ସହଯୋଗ ମିଳିବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ଘରେ ପୂଜାପାଠର ଆୟୋଜନ ହୋଇପାରେ। ବାହନ ସୁଖ ପ୍ରାପ୍ତ ହେବ। ବିଦ୍ୟାର୍ଥୀମାନେ କୃତକାର୍ଯ୍ୟ ହେବେ।

**ବୃଷ:** ଜମିବାଡ଼ି କିଣିବା ଯୋଗ ଅଛି। ଆଇଟି ଓ ବ୍ୟାଙ୍କ କ୍ଷେତ୍ରରେ ସଫଳତା ମିଳିବ। କୌଣସି ଶୁଭ ସମାଚାର ପ୍ରାପ୍ତ ହେବ। ସେୟାର ବଜାରରେ ନିବେଶ କରିବାକୁ ଭଲ ସମୟ। ଅଯଥା ଖର୍ଚ୍ଚ କରନ୍ତୁନି।

**ମିଥୁନ:** ଛାତ୍ରଛାତ୍ରୀ ପଢ଼ାରେ ମନଯୋଗ ଦେବେ। ବ୍ୟବସାୟରେ ପରିବର୍ତ୍ତନ ଆଣିବେ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ଧାର୍ମିକ ସମାବେଶରେ ଯୋଗ ଦେଇପାରନ୍ତି। ଦୂରସ୍ଥାନକୁ ଯାତ୍ରାଯୋଗ ଅଛି।

**କର୍କଟ :** ଦିନଟି ବ୍ୟସ୍ତତା ଭିତରେ କଟିବ। ଛାତ୍ରଛାତ୍ରୀ ପଢ଼ାରେ ମନୋନିବେଶ କରିବେ। ଉଚ୍ଚଶିକ୍ଷା ପାଇଁ ଅନୁକୂଳ ସମୟ। କଥାବାର୍ତ୍ତାରେ ମଧୁରତା ରଖିବେ। ଗୁରୁଜନଙ୍କ ସ୍ୱାସ୍ଥ୍ୟ ସମସ୍ୟା ଚିନ୍ତା ବୃଦ୍ଧି କରିପାରେ।

**ସିଂହ:** ପରିବାର ସହ ଯାତ୍ରା ଯୋଗ ରହିଛି। ଘରକୁ ଅତିଥି ଆଗମନ କରିବେ। ଦିନଟି ହସଖୁସିରେ ଅତିବାହିତ ହେବ। ଆର୍ଥିକ ସ୍ଥିତିରେ ଉନ୍ନତି ପରିଲକ୍ଷିତ ହେବ। ଆୟ ବ୍ୟୟ ସମାନ ରହିବ। ସଙ୍ଗୀତ ପ୍ରତି ରୁଚି ବଢ଼ିବ।

**କନ୍ୟା:** ନିଜ ଲୋକ ଶତ୍ରୁ ସାଜିପାରନ୍ତି। ମାପିଚୁପି କଥା କୁହନ୍ତୁ। ବ୍ୟବସାୟକୁ ଆଗକୁ ବଢ଼ାଇବାରେ ସଫଳ ହେବେ। ରିୟଲ ଇଷ୍ଟେଟ୍ ବ୍ୟବସାୟରେ ଲାଭ ହେବ। ବନ୍ଧୁଙ୍କ ଦ୍ୱାରା ଧନପ୍ରାପ୍ତି ଯୋଗ ରହିଛି।

**ତୁଳା:** ବ୍ୟସ୍ତତା ଭିତରେ ପରିବାର ପାଇଁ ସମୟ ବାହାର କରିବେ। ମନ ପ୍ରସନ୍ନ ରହିବ। ଖର୍ଚ୍ଚ ବୃଦ୍ଧି ପାଇବ। ମନପସନ୍ଦର କୌଣସି କାର୍ଯ୍ୟ କରିବେ। ରାଜନେତାଙ୍କ ପାଇଁ ଦିନଟି ଭଲ।

**ବିଛା:** ବରିଷ୍ଠ ଅଧିକାରୀଙ୍କ ସହ କଥାବାର୍ତ୍ତା ସମୟରେ ସଂଯମତା ରକ୍ଷା କରନ୍ତୁ। ପ୍ରଶାସନିକ କ୍ଷେତ୍ରରେ ସଫଳତା ପାଇବେ। ପରିବାରରେ ସୁଖଶାନ୍ତି ବଜାୟ ରହିବ। ଯୋଜନା ମୁତାବକ କାମ କରନ୍ତୁ।

**ଧନୁ:** ପ୍ରେମ ଜୀବନରେ ପ୍ରଗାଢ଼ତା ଆସିବ। ଯାନବାହନ ଓ ଜମି କିଣିବାର ଯୋଗ ଅଛି। କୌଣସି ନୂଆ କାମ ମିଳିପାରେ। ସରକାରି ଚାକିରିଆଙ୍କ ପାଇଁ ଦିନଟି ଭଲ। ସାମାଜିକ କାର୍ଯ୍ୟରେ ସାମିଲ ରହିବେ।

**ମକର:** କ୍ୟାରିୟର ପାଇଁ ଭଲ ସମୟ ରହିବ। ନୂଆ ଲୋକଙ୍କୁ ଭେଟିବାର ସୁଯୋଗ ଜୁଟିବ। ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ପ୍ରସ୍ତୁତି କରିବେ। ଅଟକି ରହିଥିବା କାର୍ଯ୍ୟ ପୂରଣ ହେବ। ଅଯଥା ଯୁକ୍ତିତର୍କ ହୋଇପାରେ।

**କୁମ୍ଭ:** ସଫଳତା ପାଇଁ ଅଧିକ ପରିଶ୍ରମ କରିବେ। ପରିବାରର ସହଯୋଗ ମିଳିବ। ଚାକରିରେ ପଦୋନ୍ନତି ସମ୍ଭାବନା ରହିଛି। ଶିକ୍ଷା କ୍ଷେତ୍ରରେ ସଫଳତା ପ୍ରାପ୍ତି ହେବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**ମୀନ:** ବିବାହ ସ୍ଥିର ହେବ। କୌଣସି ନୂଆ ବିଷୟ ପ୍ରତି ଆଗ୍ରହ ବଢ଼ିବ। ଅଫିସ୍ କାର୍ଯ୍ୟ ପାଇଁ ବିଦେଶ ଯାତ୍ରା ଯୋଗ ରହିବ। କ୍ରୋଧ ଉପରେ ନିୟନ୍ତ୍ରଣ ରଖନ୍ତୁ। ପଡ଼ୋଶୀଙ୍କ ସହ ସୁ-ସମ୍ପର୍କ ବଢ଼ିବ।

## ଆଜିର ଇତିହାସ

- ୧୯୦୮ - କ୍ରାନ୍ତିକାରୀ ଖୁଦିରାମ ବୋଷଙ୍କୁ ଫାଶୀ।
- ୧୯୧୪- ଅଷ୍ଟ୍ରିଆ ଓ ହଙ୍ଗେରୀ ଉପରେ ଫ୍ରାନ୍ସର ଆକ୍ରମଣ ଘୋଷଣା।
- ୧୯୪୮ -ଲଣ୍ଡନରେ ସମର୍ ଅଲିମ୍ପିକର ଆରମ୍ଭ।
- ୧୯୬୦- ଫ୍ରାନ୍ସଠାରୁ ଆଫ୍ରିକୀୟ ଦେଶ ଚାଦ୍‌ର ସ୍ୱାଧୀନତା ଲାଭ।
- ୧୯୮୫- ରୋନାଲ୍ଡ ରିଗନ୍ ଆମେରିକାର ରାଷ୍ଟ୍ରପତି ହେଲେ।

## ଆଜି ଆସିଥିଲେ

# ଔପନ୍ୟାସିକ କାହ୍ନୁଚରଣ ମହାନ୍ତି



ଓଡ଼ିଆ କଥାସାହିତ୍ୟର ଅପ୍ରତିଦ୍ୱନ୍ଦ୍ୱୀ ଔପନ୍ୟାସିକ ହେଉଛନ୍ତି କାହ୍ନୁଚରଣ ମହାନ୍ତି। ଓଡ଼ିଆ ଉପନ୍ୟାସଗୁଡ଼ିକୁ ଓଡ଼ିଶାର ଗାଁଗହଳିରେ ଲୋକପ୍ରିୟ କରାଇବାରେ ତାଙ୍କର ଅବଦାନ ଅତୁଳନୀୟ। ସାହିତ୍ୟ ଜୀବନର ପ୍ରାୟ ଛଅ ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ ମଧ୍ୟରେ ସେ ୫୬ଟି ଉପନ୍ୟାସ ରଚନା କରି ଓଡ଼ିଆ ବାଣୀଭଣ୍ଡାରକୁ ସମୃଦ୍ଧ କରିଛନ୍ତି। ପରିବେଶ ଓ ଘଟଣା ବର୍ଣ୍ଣନା ମାଧ୍ୟମରେ ସେ ଚରିତ୍ରମାନଙ୍କର ମାନସିକତାକୁ ଅବିକଳ ଭାବେ ପ୍ରଦର୍ଶନ କରିବାରେ ଥିଲେ ସିଦ୍ଧହସ୍ତ। କାହ୍ନୁଚରଣ ୧୯୦୬ ମସିହା ଆଜିର ଦିନରେ କଟକ ଜିଲ୍ଲାସ୍ଥିତ ନାଗବଳି ଗାଁରେ ଜନ୍ମଗ୍ରହଣ କରିଥିଲେ। ତାଙ୍କର ପିଲାଟି ବେଳୁ ସାହିତ୍ୟ ତଥା ଲେଖାଲେଖି ପ୍ରତି ଆଗ୍ରହ ଥିଲା। ପ୍ୟାରୀମୋହନ ଏକାଡେମୀରେ ପାଠ ପଢ଼ିବା ସମୟରେ ବିଦ୍ୟାଳୟ ପତ୍ରିକାରେ ତାଙ୍କର କେତୋଟି କବିତା ପ୍ରକାଶ ପାଇଥିଲା। ତେବେ ସେ କବିତା ଲେଖିବା ଜାରି ରଖି ନ ଥିଲେ। କାହ୍ନୁଚରଣ ଭାବୁଥିଲେ ସଂସ୍କୃତ ଭାଷାରେ କବିତା ଲେଖିଲେ ହିଁ, ପ୍ରକୃତ କବିର ପରିଚୟ ମିଳିପାରିବ। ମାତ୍ର ପରବର୍ତ୍ତୀ ସମୟରେ ତାଙ୍କର ହୃଦ୍‌ବୋଧ ହେଲା ଯେ, ବାପା, ମାଆ, ମାଉସୀ ଆଦି ଯେଉଁ ଭାଷାରେ କଥାବାର୍ତ୍ତା ହେଉଛନ୍ତି, ସେହି ଭାଷାରେ ବି ଲେଖାଲେଖି କରାଯାଇପାରିବ। ଆଉ ତା'ପରେ କାହ୍ନୁଙ୍କର ଲେଖନୀ ଯାତ୍ରା ଆରମ୍ଭ ହୋଇଥିଲା। ସେ ଫକୀର ମୋହନ ସେନାପତିଙ୍କ ରଚନାରେ ବେଶ୍ ପ୍ରଭାବିତ ଥିଲେ। ଗ୍ରାଜୁଏସନ୍ ଶେଷ ପରେ କାହ୍ନୁଚରଣ ସରକାରୀ ସେବାରେ କିରାଣି ଚାକିରି କରିଥିଲେ। ଆଉ ୧୯୬୪ରେ ବରିଷ୍ଠ ପ୍ରଶାସନିକ ଅଧିକାରୀ ଭାବେ ସରକାରୀ ସେବାରୁ ଅବସର ନେଲେ। ଏ ସବୁ ଭିତରେ ସେ ଲେଖାଲେଖି ଜାରି ରଖିଥିଲେ। କାହ୍ନୁଙ୍କ ପ୍ରଥମ ଉପନ୍ୟାସ ଥିଲା 'ଉତ୍ସବେ ବ୍ୟସନେ', କିନ୍ତୁ ଦୁଃଖର ବିଷୟ ତାହା ପ୍ରକାଶିତ ହୋଇ ନ ଥିଲା। 'ବାଲିରାଜା' ତାଙ୍କର ପ୍ରଥମ ପ୍ରକାଶିତ ଉପନ୍ୟାସ। ତାଙ୍କର ଅଧିକାଂଶ ଉପନ୍ୟାସରେ ମହିଳାଙ୍କ ଦୁର୍ଦ୍ଦଶା ଏବଂ ଜାତିଗତ ଓ ଆର୍ଥିକ ଶୋଷଣର ବାସ୍ତବବାଦୀ ଚିତ୍ରଣ ଦେଖିବାକୁ ମିଳେ। ତାଙ୍କର ଲୋକପ୍ରିୟ ଉପନ୍ୟାସ ମଧ୍ୟରୁ 'ବାଲିରାଜା', 'କା', 'ତୁଣ୍ଡବାଇଦ', 'ଅଦେଖା ହାତ', 'ହା ଅନ୍ନ', 'ଶାସ୍ତି', 'ଏପାରି ସେପାରି' ପ୍ରଭୃତି ଅନ୍ୟତମ। ତାଙ୍କର ଅଧିକାଂଶ ଉପନ୍ୟାସ ସାମାଜିକ ସ୍ଥିତି ଉପରେ ଆଧାରିତ। ସେହିପରି ତାଙ୍କର ଲୋକପ୍ରିୟ ଉପନ୍ୟାସ 'କା', 'ତୁଣ୍ଡବାଇଦ', 'ଅଭିନେତ୍ରୀ' ଆଦିକୁ ନେଇ ଫିଲ୍ମ ମଧ୍ୟ ତିଆରି ହୋଇଛି। 'କା' ଉପନ୍ୟାସ ଲାଗି ସେ ୧୯୫୮ ରେ କେନ୍ଦ୍ର ସାହିତ୍ୟ ଅକାଦେମୀ ପୁରସ୍କାର ପାଇଥିଲେ। ଏହାପରେ ତାଙ୍କୁ ସାହିତ୍ୟ ଏକାଡେମୀ ଫେଲୋ ସମ୍ମାନ ପ୍ରଦାନ କରାଯାଇଥିଲା। ୧୯୬୦ରୁ ୧୯୯୦ ମଧ୍ୟରେ ସେ ଥିଲେ ସବୁଠୁ ଲୋକପ୍ରିୟ ଔପନ୍ୟାସିକ। ୧୯୯୪ ଏପ୍ରିଲ ୬ ତାରିଖରେ କାହ୍ନୁଚରଣଙ୍କର ତିରୋଧାନ ହୋଇଥିଲା।

# 'ଛୁମନ୍ତର'ରେ ଅଭୟ-ଅନନ୍ୟା

ଦିନେଶ ବିଜାନ ଏବେ ସାଇନ୍ସ ଫିକ୍ସନ ଓ ରୋମାନ୍ସର ମିଶ୍ରଣରେ ଆଧାରିତ ଏକ ଫିଲ୍ମ ଆଣିବା ପାଇଁ ଯୋଜନା କରିଛନ୍ତି। ଫିଲ୍ମର ଟାଇଟଲ୍ ରହିଛି 'ଛୁମନ୍ତର'। ଏହି ଫିଲ୍ମ ପାଇଁ ଅନନ୍ୟା ପାଣ୍ଡେ ଓ 'ମୁଞ୍ଜା' ଫେମ୍ ଅଭିନେତା ଅଭୟ ବର୍ମାଙ୍କୁ ଫାଇନାଲ କରାଯାଇଛି। ଅବଶ୍ୟ ଏଯାଏଁ ଅନନ୍ୟା କି ଅଭୟ ଫିଲ୍ମ ସାଇନ୍ କରିନାହାନ୍ତି। ୨୦୨୩ରେ ଆସିଥିବା ଫିଲ୍ମ 'ଧକ୍ ଧକ୍'ର ନିର୍ଦ୍ଦେଶନା ଦେଇଥିବା ତରୁଣ ଡୁଡେଜା ଏହାର ନିର୍ଦ୍ଦେଶନା ଭାର ସମ୍ଭାଳିବେ। ଚଳିତବର୍ଷ ଶେଷ ଆଡ଼କୁ ଏହାର ସୁଟିଂ ଆରମ୍ଭ ହୋଇପାରେ। ତେବେ ଅଭୟ ପୂର୍ବରୁ ଦିନେଶଙ୍କ ସହ କାମ କରିଥିବାବେଳେ ଅନନ୍ୟା ପ୍ରଥମ ଥର ତାଙ୍କ ସହ କାମ କରିବେ। ଅଭୟ ଏହାବାଦ୍ 'କିଙ୍ଗ୍' ଫିଲ୍ମରେ ଅଭିଷେକ ବଚ୍ଚନ ଓ ସୁହାନା ଖାନ୍‌ଙ୍କ ସହ ନଜର ଆସିବେ। ଅନ୍ୟପକ୍ଷରେ ଅନନ୍ୟା କାର୍ତ୍ତିକ୍ ଆର୍ୟ୍ୟନ୍‌ଙ୍କ ସହ 'ତୁ ମେରି ମେ ତେରା ମେ ତେରା ତୁ ମେରି' ଫିଲ୍ମରେ ନଜର ଆସିବେ। 'ଛୁମନ୍ତର' ମାଧ୍ୟମରେ ପ୍ରଥମ ଥର ପାଇଁ ଅନନ୍ୟା, ଅଭୟଙ୍କ ସହ ସ୍କ୍ରିନ୍ ସେୟାର୍ କରିବାକୁ ଯାଉଛନ୍ତି।



## ଅଦ୍ଭୁତ ଏ ମନ୍ଦିର

# ସରକାରୀ ଚାକିରି ପାଇଁ ଲାଗେ ଭିଡ଼

ଭାରତରେ ଅନେକ ରହସ୍ୟମୟ ଓ ଚମତ୍କାରୀ ମନ୍ଦିର ରହିଛି। ଏହି କ୍ରମରେ ଆମ ଦେଶରେ ଏମିତି ଏକ ମନ୍ଦିର ରହିଛି, ଯେଉଁଠି ପୂଜା କଲେ ସରକାରୀ ଚାକିରି ମିଳୁଥିବା ସ୍ଥାନୀୟ ଲୋକଙ୍କ ମଧ୍ୟରେ ବିଶ୍ୱାସ ରହିଛି। ସରକାରୀ ଚାକିରି କରିବାକୁ ଅନେକ ଯୁବକ ଯୁବତୀ ସ୍ୱପ୍ନ ଦେଖନ୍ତି। କିନ୍ତୁ ଏହି ଇଚ୍ଛା ବହୁତ କମ୍ ଜଣକର ପୂର୍ଣ୍ଣ ହୋଇଥାଏ। ଅନେକ ଯୁବକଯୁବତୀ କଠିନ ପରିଶ୍ରମ ସତ୍ତ୍ୱେ ସରକାରୀ ଚାକିରିଟିଏ ପାଇ ନ ଥାନ୍ତି। ରାଜସ୍ଥାନର ଜୟପୁରଠାରୁ ୬୫ କିଲୋମିଟର ଦୂରରେ ଅନ୍ତେଲା ଗାଁ ରହିଛି। ଏହି ଗାଁ'ରେ ଥିବା ଅନ୍ତେଲା କୁଣ୍ଡା ଧାମ ମନ୍ଦିରର ଦର୍ଶନ କଲେ ସରକାରୀ ଚାକିରି ମିଳିଥାଏ ବୋଲି ବିଶ୍ୱାସ ରହିଛି। ଏହି ମନ୍ଦିରଟି ଭଗବାନ ଶିବଙ୍କୁ ସମର୍ପିତ। ଗ୍ରାମବାସୀଙ୍କ କହିବା କଥା, ଏଠାରେ ଥିବା ମହାଦେବଙ୍କର ଶ୍ରଦ୍ଧାଳୁଙ୍କ ଉପରେ ବିଶେଷ କୃପା ରହିଛି। ଏଠାରେ ଜଣେ ପୂଜାର୍ଚ୍ଚନା କଲେ ସରକାରୀ ଚାକିରି ମିଳିଥାଏ। ଉଲ୍ଲେଖନୀୟ କଥାଟି ହେଲା, ଗାଁ'ର ପ୍ରତ୍ୟେକ ଘରେ ଅତିକମ୍‌ରେ ଜଣେ ଜଣେ ସରକାରୀ ଚାକିରିଆ ଅଛନ୍ତି। ସରକାରୀ ଚାକିରି ଆଶାରେ ଏଠାରେ ବହୁ ଦୂର ଦୂରାନ୍ତରୁ ଲୋକ ମହାଦେବଙ୍କ ଦର୍ଶନ ପାଇଁ ଆସିଥାନ୍ତି। ତେବେ ଏହି ମନ୍ଦିର ଏବେ ଗ୍ରାମବାସୀଙ୍କ ପାଇଁ କେବଳ ଆସ୍ଥାର କେନ୍ଦ୍ର ନୁହେଁ, ରୋଜଗାର ଆଶାର କେନ୍ଦ୍ରସ୍ଥଳୀ ପାଲଟି ଯାଇଛି। ଗ୍ରାମବାସୀଙ୍କ ପାଇଁ ଏହି ମନ୍ଦିର କୌଣସି ଚମତ୍କାରିତାଠାରୁ କମ୍ ନୁହେଁ। ଅନ୍ୟପଟେ ଯେଉଁମାନେ ଏହା ଉପରେ ବିଶ୍ୱାସ କରନ୍ତିନି, ସେମାନେ ଏହାକୁ ଅନ୍ଧବିଶ୍ୱାସ ବୋଲି ଭାବିଥାନ୍ତି। ସବୁଠୁ ବଡ଼ କଥା ହେଉଛି, ରାଜସ୍ଥାନରେ ପାଣିର ଘୋର ଅଭାବ ଦେଖାଯାଏ। କିନ୍ତୁ କୁଣ୍ଡାଧାମ ମନ୍ଦିରରେ ଥିବା ଜଳକୁଣ୍ଡରୁ କେବେ ଜଳ ଶୁଖେ ନାହିଁ। ଏହାକୁ ମଧ୍ୟ ମହାଦେବଙ୍କ କୃପା ବୋଲି ଗ୍ରାମବାସୀ ମାନନ୍ତି।



# ଭାଦ୍ରବ ମାସର ମହତ୍ତ୍ୱ





**ଭାଦ୍ରବ ମାସ ଭଗବାନ କୃଷ୍ଣ ଏବଂ ଶ୍ରୀଗଣେଶଙ୍କୁ ସମର୍ପିତ। ଏହି ମାସରେ ଜନ୍ମାଷ୍ଟମୀ, ଗଣେଶ ପୂଜା, ଅନନ୍ତ ଚତୁର୍ଦ୍ଦଶୀ ଭଳି ଅନ୍ୟାନ୍ୟ ପର୍ବ ପଡ଼ିଥାଏ। ସେହିପରି ଭାଦ୍ରବ ମାସ ପୂର୍ଣ୍ଣିମାରୁ ପିତୃପକ୍ଷ ଆରମ୍ଭ ହେବ। ତେବେ ଏହି ମାସ ଧାର୍ମିକ ଦୃଷ୍ଟିକୋଣରୁ ବେଶ୍ ଶୁଭ ହୋଇଥାଏ।**

ହିନ୍ଦୁ ଶାସ୍ତ୍ରରେ ଏହି ମାସକୁ ବେଶ୍ ସ୍ୱତନ୍ତ୍ର ବୋଲି କୁହାଯାଇଛି। ଏହି ମାସରେ କୌଣସି ଶୁଭ କାମ କରାଯାଇ ନ ଥାଏ। ଭାଦ୍ରବ ମାସରେ ଭଗବାନ ଶ୍ରୀକୃଷ୍ଣ ଏବଂ ଶ୍ରୀ ଗଣେଶଙ୍କ ପୂଜାର୍ଚ୍ଚନା କଲେ ସମସ୍ତ ମନୋକାମନା ପୂରଣ ହୋଇଥାଏ। ସେହିପରି ଏହି ମାସରେ ଦେବୀ ଦେବତାଙ୍କ ଉପାସନା କରିବା ଦ୍ୱାରା ସମସ୍ତ କଷ୍ଟ ଓ ଦୁଃଖରୁ ମୁକ୍ତି ମିଳିଥାଏ। ଏହାସହ ସୁଖ, ସମୃଦ୍ଧି ଏବଂ ସୌଭାଗ୍ୟ ପ୍ରାପ୍ତି ହୋଇଥାଏ। ଏହା ଶ୍ରୀକୃଷ୍ଣଙ୍କ ପ୍ରିୟ ମାସ। ତେଣୁ କୃଷ୍ଣ ଭକ୍ତଙ୍କ ପାଇଁ ଏହି ମାସକୁ ସର୍ବୋତ୍ତମ ବୋଲି ବିବେଚନା କରାଯାଏ। ଶ୍ରୀକୃଷ୍ଣଙ୍କ ପୂଜା, ବ୍ରତ କରିବାର ବିଶେଷ ମହତ୍ତ୍ୱ ଅଛି। ସେହିପରି ଘରେ ଲଡୁ ଗୋପାଳଙ୍କୁ ସ୍ଥାପନା କରିବା, ଶଙ୍ଖ ସ୍ଥାପନା, ଗୀତାପାଠ କରିବାକୁ ଅଧିକ ଶୁଭ ବୋଲି କୁହାଯାଇଛି। ମାନ୍ୟତା ଅଛି, ଏଭଳି କରିବା ଦ୍ୱାରା ଧନ, ଯଶ ଏବଂ ବୈଭବ ପ୍ରାପ୍ତି ହୋଇଥାଏ। ଏହି ମାସରେ ଶ୍ରୀକୃଷ୍ଣଙ୍କୁ ତୁଳସୀ ଅର୍ପଣ କରିବା ଦ୍ୱାରା ପାରିବାରିକ ଜୀବନରେ ସୁଖସମୃଦ୍ଧି ଆସିଥାଏ।

## ବୁଧିବାମନ ଓଷା

ଭାଦ୍ରବ ମାସରେ ପାଳିତ ହେଉଥିବା ଓଷାବ୍ରତ ମଧ୍ୟରୁ ଅନ୍ୟତମ ବୁଧିବାମନ ବ୍ରତ। ଏହା 'ବୁଧେଇ ଓଷା' ନାଁରେ ମଧ୍ୟ ପରିଚିତ। ବୁଧବାର ଏହି ବ୍ରତ ପାଳନ କରାଯାଏ। ପ୍ରତ୍ୟେକ ବୁଧବାର ସଧବା ନାରୀମାନେ ସନ୍ତାନ କାମନା କରିବା ଏବଂ ସନ୍ତାନଙ୍କ ଶୁଭ ମନାସିବା ଉଦ୍ଦେଶ୍ୟରେ ଏହାକୁ ପାଳନ କରିଥାନ୍ତି। ଏହି ବ୍ରତକୁ ନିର୍ଜଳା ଭାବେ ନିଷ୍ଠାର ସହ ପାଳନ କରାଯାଏ। ଏହାକୁ ୪ଟି କିମ୍ବା ପାଞ୍ଚଟି ବୁଧବାରରେ ପାଳିତ ହୁଏ। ଏହାକୁ ଗହ୍ମା ପୂର୍ଣ୍ଣିମା ପରଦିନଠାରୁ ଭାଦ୍ରବ ପୂର୍ଣ୍ଣିମା ବା ଇନ୍ଦୁ ପୂର୍ଣ୍ଣିମା ପର୍ଯ୍ୟନ୍ତ ପ୍ରତି ବୁଧବାର ସଧବା ନାରୀ ପୂଜାର୍ଚ୍ଚନା କରିଥାନ୍ତି।



ଏଥିରେ ବୁଧିବାମନଙ୍କୁ ପୂଜା କରାଯାଏ। ଏଠାରେ ବୁଧେଇ ହେଉଛନ୍ତି ଭୈରବୀ ବା ବିମଳା। ସେହିପରି ବାମନ କହିଲେ, ଭୈରବ, ଯିଏ ସ୍ୱୟଂ ଜଗନ୍ନାଥ। ଏଣୁ ଏହି ଓଷାର ଆରାଧ୍ୟ ଦେବୀ ଦେବତା ହେଲେ ଶ୍ରୀ ଜଗନ୍ନାଥ ଏବଂ ବିମଳା। ଅବଶ୍ୟ ଜ୍ୟୋତିଷ ଶାସ୍ତ୍ର ଅନୁସାରେ, ଏହି ଓଷାରେ ନାରୀରୂପୀ ବୁଧ ଏବଂ ମଙ୍ଗଳାଙ୍କୁ ପୂଜା କରାଯାଏ। ଏହି ପୂଜା ଲାଗି ପାଞ୍ଚଟି ରଙ୍ଗର ଫୁଲ, ପାଞ୍ଚ ପ୍ରକାର ଫଳ, ପାଞ୍ଚ ପ୍ରକାର ଧୂପ, ପାଞ୍ଚ ପ୍ରକାର ଦୁବ ଏବଂ ପାଞ୍ଚଟି ଅକ୍ଷତ ଦରକାର ହୁଏ। ଏଥିରେ ବେଲପତ୍ର, ଫୁଲମାଳ ଏବଂ ଖଇମାଳ ଠାକୁରାଣୀଙ୍କୁ ଲାଗି କରାଯାଏ। ପ୍ରଥମ ପାଳିରେ ଗୋଟିଏ ନଡ଼ିଆ ବସାଯାଏ ଏବଂ ତାହାକୁ ଶେଷ ପାଳିରେ ଭାଙ୍ଗି ଲାଗି କରାଯାଏ। ଶେଷ ପାଳିରେ ପାଞ୍ଚ ପ୍ରକାର ପିଠାପଣା ବି କରାଯାଏ।

ଏହିଦିନ ବ୍ରତଧାରୀ ଦିନଯାକ ଉପବାସ ରହି ରାତିରେ ପୂଜା ପରେ ଭୋଗ ଖାଆନ୍ତି। ଏହି ପୂଜାର ଦେବୀ ଦେବତା ହେଉଛନ୍ତି, ଶିଳ ଏବଂ ଶିଳପୁଆ। ପ୍ରଥମେ ଏହି ଶିଳ ପୁଆକୁ ବଟା ଅଁଳା ପାଣି ସହ ଗଙ୍ଗାଜଳରେ ସ୍ନାନ କରାଯାଏ। ତେବେ କଉଡ଼ି ଏବଂ ଗୁଆରେ ଆଖି, ନାକ, କାନ, ପାଟି କରାଯାଏ। ହଳଦୀକନା ଓ ସୂତା ଗୁଡ଼ାଇ ନାରୀ ବେଶ କରାଯାଏ। ମଥାରେ ସିନ୍ଦୂର ଓ ଆଖିରେ କଜଳ ଦିଆଯାଏ। ଏହାକୁ ପିଢ଼ା ଆସ୍ଥାନରେ ସ୍ଥାପନ କରାଯାଏ। ଏହି ଓଷା ବହିରେ ପାଞ୍ଚଟି ଅଧ୍ୟାୟ ଅଛି। ଏଥିରେ ବୁଧେଇଙ୍କ ମହିମାକୁ ବର୍ଣ୍ଣନା କରାଯାଇଛି।

## ସ୍ୱସ୍ତି



**ଭାଦ୍ରବ ମାସ ଶୁକ୍ଳ ପକ୍ଷ ଅଷ୍ଟମୀ ତିଥିରେ ଭଗବାନ ଶ୍ରୀକୃଷ୍ଣ ଜନ୍ମ ନେଇଥିଲେ। କୃଷ୍ଣଙ୍କ ଜନ୍ମ ଉତ୍ସବକୁ 'ଜନ୍ମାଷ୍ଟମୀ' ଭାବେ ପାଳନ କରାଯାଏ। କୃଷ୍ଣଙ୍କ ଜନ୍ମସ୍ଥାନ ମଥୁରା ଏବଂ ସେ ବଢ଼ିଥିବା ବୃନ୍ଦାବନରେ ଏହି ଦିନରେ ଭକ୍ତଙ୍କ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଥାଏ। ତା'ସହ ଏହିଦିନ କୃଷ୍ଣ ମନ୍ଦିର ଚଳଚଞ୍ଚଳ ହୋଇଥାଏ ଏବଂ କୃଷ୍ଣ ମନ୍ଦିରକୁ ସୁନ୍ଦର ଭାବେ ସଜାଯାଇଥାଏ।**

ଶ୍ରୀକୃଷ୍ଣ ହେଉଛନ୍ତି ଭଗବାନ ବିଷ୍ଣୁଙ୍କର ଅଷ୍ଟମ ଅବତାର। ସେ ଅଧର୍ମ ତଥା ପାପ ବିରୋଧରେ ଠିକ୍ ମାର୍ଗଦର୍ଶନ କରାଇଥାନ୍ତି। ଦେବକୀ ଏବଂ ବସୁଦେବଙ୍କ ପୁତ୍ର ରୂପେ କୃଷ୍ଣ ମଥୁରାରେ ଜନ୍ମ ହୋଇଥିଲେ। ସେ କଂସର ବନ୍ଦୀଶାଳରେ ଜନ୍ମ ହୋଇଥିଲେ। କିନ୍ତୁ ପରେ କଂସ ଭୟରେ ବସୁଦେବ କୃଷ୍ଣଙ୍କୁ ମଥୁରାରେ ଛାଡ଼ି ଦେଇ ଥିଲେ। କୃଷ୍ଣଙ୍କ ଆଶୀର୍ବାଦ ଏବଂ କୃପା ପାଇବା ପାଇଁ କୃଷ୍ଣଭକ୍ତମାନେ ଶ୍ରଦ୍ଧାନୁସାରେ ଉପବାସ ରଖନ୍ତି। ମଧ୍ୟ ରାତ୍ରିରେ ବିଧିବିଧାନ ସହ ପୂଜାର୍ଚ୍ଚନା କରାଯାଏ। ଜନ୍ମାଷ୍ଟମୀ ବ୍ରତ ବହି ପାଠ କରାଯାଏ। କୃଷ୍ଣଭକ୍ତମାନେ ଭଜନ କୀର୍ତ୍ତନ କରି ଜନ୍ମୋତ୍ସବ ପାଳନ କରନ୍ତି। ଏହିପରି ଭାବେ ମଧ୍ୟ ରାତ୍ରରେ ଉପବାସ ଭାଙ୍ଗନ୍ତି। ଏହି ଅବସରରେ ମହାରାଷ୍ଟ୍ର ଭଳି ଅନ୍ୟ କେତେକ ସ୍ଥାନରେ ଦହି ହାଣ୍ଡି ଉତ୍ସବ ପାଳନର ପରମ୍ପରା ଅଛି। ତେବେ ଏହି ଅବସରରେ ରାସଲୀଳା ଆୟୋଜନ ହୁଏ। ଭାଗବତ ଟୁଙ୍ଗୀ ତଥା ମଠ ମନ୍ଦିରରେ ଭାଗବତ ପୁରାଣ ଏବଂ ଗୀତା ପାଠ କରାଯାଏ। କୃଷ୍ଣଙ୍କ ଭକ୍ତିଗୀତ ଗାନ କରାଯାଏ। ଅନ୍ୟପଟେ ଏହି ରାତିରେ କୃଷ୍ଣଙ୍କ ଧ୍ୟାନ କଲେ ସାଂସାରିକ ମୋହ ମାୟା ଆସକ୍ତି ଦୂର ହୁଏ ବୋଲି ବିଶ୍ୱାସ ଅଛି। ତେବେ ପୁରୀ ଶ୍ରୀମନ୍ଦିରରେ ଜନ୍ମାଷ୍ଟମୀର ସ୍ୱତନ୍ତ୍ର ନୀତି ତଥା ପୂଜାର୍ଚ୍ଚନାର ବିଧି ଅଛି। ଅନ୍ୟପଟେ ଜନ୍ମାଷ୍ଟମୀ ପରଦିନ ନନ୍ଦୋତ୍ସବ ପାଳନ କରାଯାଏ। ନନ୍ଦରାଜ ଓ ଯଶୋଦାଙ୍କ ଖୁସିକୁ ମନେ ପକାଇବା ପାଇଁ ଏହିଦିନ ଲୋକ ଭଜନ କୀର୍ତ୍ତନ କରିଥାନ୍ତି।

# କେଉଁଠି ରଖିବେ ପୂଜା ଦିଆସିଲି

**ପୂଜା ଘର ହେଉଛି ଏକ ପବିତ୍ର ସ୍ଥାନ। ତେଣୁ ପୂଜା ଘର ସହିତ ଏଠାରେ ରଖାଯାଉଥିବା ଜିନିଷର ବାସ୍ତୁ ନିୟମ ପାଳନ କରିବା ଉଚିତ। ଏହାକୁ ନ ମାନିଲେ ବାସ୍ତୁ ଦୋଷ ଲାଗେ। ଏହି କ୍ରମରେ ପୂଜା ଘରେ ବ୍ୟବହାର କରାଯାଉଥିବା ଦିଆସିଲିକୁ ମଧ୍ୟ ଠିକ୍ ସ୍ଥାନରେ ରଖିବା ଦରକାର।**


- ଜୋତା-ଚପଲ ପାଖରେ ପୂଜା ଦିଆସିଲି ରଖନ୍ତୁ ନାହିଁ।
- ପୂଜା ସ୍ଥାନରେ ଦିଆସିଲି ରଖୁଥିଲେ, ଏହାର କାଠିକୁ ଏଣେତେଣେ ଫିଙ୍ଗନ୍ତୁ ନାହିଁ।
- ପୂଜା ଘରେ ଦିଆସିଲିକୁ ସଫା, ଶୁଖିଲା ସ୍ଥାନରେ ରଖନ୍ତୁ ନାହିଁ। ମୁଖ୍ୟତଃ ପୂଜା ବାକ୍ସରେ ରଖନ୍ତୁ।
- ଶୌଚାଳୟ ତଥା ବାଥରୁମ୍ ଭଳି ଅଶୁଦ୍ଧ ସ୍ଥାନ ଆଖପାଖରେ ପୂଜା ଦିଆସିଲି ରଖନ୍ତୁ ନାହିଁ। ଏହାର ପ୍ରଭାବ ନକାରାତ୍ମକ ହୋଇଥାଏ।
- ପୂଜା ସହ ଜଡ଼ିତ କୌଣସି ଜିନିଷ ତଳେ ରଖନ୍ତୁ ନାହିଁ। ଏହାଦ୍ୱାରା ପବିତ୍ରତା ନଷ୍ଟ ହୋଇଥାଏ।



ଯବାନଙ୍କୁ ମହଙ୍ଗା ପଡ଼ିଲା ପ୍ରେମିକାକୁ ଚାପୁଡ଼ା

## ନିର୍ଧୁମ୍ ଛେଚିଲେ ମହିଳା କନଷ୍ଟେବଳ

ବ୍ରହ୍ମପୁର,୧୦।୮(ସମିସ): ମହିଳା ପୁଲିସ୍ ବାରାକ୍‌ରେ ପଶି ପ୍ରେମିକାକୁ ମାରପିଟ୍ କରିବା ଜଣେ ଯବାନଙ୍କୁ ମହଙ୍ଗା ପଡ଼ିଛି। ଏକାଧିକ ପୁଲିସ୍ କନେଷ୍ଟବଳ ତାଙ୍କୁ ନିର୍ଧୁମ୍ ମାଡ଼ ମାରିବା ସହ ପୁଲିସ୍ ଜିମା ଦେଇଛନ୍ତି। ଆମ୍ବପୁଆସ୍ଥିତ ପୁଲିସ ବାରାକ୍‌ରେ ଆଜି ଏହି ଘଟଣା ଘଟିଛି। ମାଡ଼ ଖାଇଥିବା ଯବାନଜଣଙ୍କ ହେଲେ, ପୁରୁଷୋତ୍ତମପୁର ଶାହାପୁର କେଉଟସାହିର ପ୍ରଭଞ୍ଜନ ବେହେରା।



ପୁଲିସ ଏନେଇ ଏକ ମାମଲା ରୁଜୁ କରିବା ସହ ଯବାନଙ୍କୁ ଅଟକ ରଖି ପଚରାଉଚରା କରୁଛି।

ସୂଚନାନୁଯାୟୀ, ପ୍ରଭଞ୍ଜନ ବିବାହିତ। କିଛି ବର୍ଷ ତଳେ ତାଙ୍କର ଛାଡ଼ପତ୍ର ହୋଇଛି। ସେ ବ୍ରହ୍ମପୁର ପୁଲିସ ଜିଲ୍ଲାର ୨୦୨୩ ବ୍ୟାଚ୍‌ର ଜଣେ ମହିଳା କନେଷ୍ଟବଳଙ୍କୁ ପ୍ରେମ କରୁଥିଲେ। କିଛି ଦିନ ତଳେ ପ୍ରେମିକା ଛୁଟିରେ ଗାଁକୁ ଯାଇଥିବା ବେଳେ ଗତକାଲି ଡ୍ୟୁଟିରେ ଯୋଗ ଦେଇଥିଲେ। ଆଜି ସକାଳୁ ବୁଲିବାକୁ ଯିବା ଲାଗି ଗତକାଲି ଉଭୟ ସ୍ଥିର କରିଥିଲେ। ପ୍ରଭଞ୍ଜନ ଆଜି ସକାଳେ ରିଜର୍ଭ ଅଫିସ ନିକଟରେ ଥିବା ଏକ ମନ୍ଦିରରେ ଅପେକ୍ଷା କରିଥିଲେ। ଦୀର୍ଘ ଦେଢ଼ଘଣ୍ଟାରୁ ଅଧିକ ଅପେକ୍ଷା କରିବା ପରେ ମଧ୍ୟ ପ୍ରେମିକା ଆସିନଥିଲେ। ଏଥିରେ ରାଗିଯାଇ ପ୍ରଭଞ୍ଜନ ମଦ ପିଇ ମହିଳା ପୁଲିସ ବାରାକ୍‌ରେ ପଶି ଯାଇଥିଲେ। ସେଠାରେ ପ୍ରେମିକାଙ୍କୁ ପଛପଟୁ ଭିଡ଼ି ଧରିବା ସହ ଗାଳିଗୁଲଜ କରି ମାଡ଼ ମାରିଥିଲେ। ନିକଟରେ ଥିବା ଅନ୍ୟ ପୁଲିସ କର୍ମଚାରୀମାନେ ଏହା ଦେଖି ପ୍ରଭଞ୍ଜନଙ୍କୁ କାବୁ କରି ମାଡ଼ ମାରି ପୁଲିସରେ ଜିମା ଦେଇଥିଲେ। ଏନେଇ ଅସଦାଚରଣ ଶିକାର ହୋଇଥିବା ମହିଳା କନେଷ୍ଟବଳ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୁଲିସ୍ ଏକ ମାମଲା ରୁଜୁ କରି ସମ୍ପୃକ୍ତ ଯବାନଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରୁଛି।

ସମବାୟ ସମିତିରେ ମିଳୁନି ସାର

## ବେପାରୀ ମାଲେମାଲ୍; ଚାଷୀ ହଟହଟା

ନିଶ୍ଚିନ୍ତକୋଇଲି,୧୦।୮(ସମିସ): କୃଷି ଓ କୃଷକ ସଶକ୍ତିକରଣକୁ ଡବଲ ଇଞ୍ଜିନ ସରକାର ମିଶନ ଭାବେ ଗ୍ରହଣ କରି ବିଭିନ୍ନ ସମୟରେ ଯୋଜନାମାନ ପ୍ରଣୟନ କରୁଛନ୍ତି। ହେଲେ ଦାୟିତ୍ୱରେ ଥିବା ବିଭାଗୀୟ ଅଧିକାରୀମାନେ ଏହାକୁ ସଠିକ୍ ଭାବେ କାର୍ଯ୍ୟକାରୀ କରୁ ନ ଥିବାରୁ ସରକାରଙ୍କ ଲକ୍ଷ୍ୟ ଭ୍ରଷ୍ଟ ହେଉଛି। ଏଭଳି ଏକ ଦୃଷ୍ଟାନ୍ତ ଦେଖିବାକୁ ମିଳିଛି ନିଶ୍ଚିନ୍ତକୋଇଲି ବ୍ଲକ ଅଞ୍ଚଳରେ। ସରକାର ଚାଷୀଙ୍କୁ ସହଜ ଓ ସଠିକ୍ ମୂଲ୍ୟରେ ସାର ଯୋଗାଇଦେବା ପାଇଁ ବ୍ୟବସ୍ଥା କରିଥିଲା ବେଳେ ଏହି ବ୍ଲକରେ କୃଷି ବିଭାଗ ଓ ସମବାୟ ବିଭାଗ ମଧ୍ୟରେ ତାଳ ମେଳ ରହୁ ନ ଥିବାରୁ ଚାଷୀମାନେ ଖରିଫ ଧାନ ଚାଷ ପାଇଁ ଆବଶ୍ୟକ ମୁତାବକ ସାର ପାଇପାରୁ ନ ଥିବା ଅଭିଯୋଗ ହେଉଛି। ଏହାର ସୁଯୋଗ ନେଇ ସାର ଯୋଗାଣର ମୁଖ୍ୟ ସଂସ୍ଥା ମାର୍କଫେଡ଼ରେ ସାର କଳାବଜାର ହୋଇ ଚଢ଼ାଦରରେ ବିକ୍ରି କରାଯାଉଥିବା ଅଭିଯୋଗ ହେଉଛି। ସମବାୟ ସମିତି ଗୁଡ଼ିକରେ ସାର ମିଳୁ ନ ଥିବାରୁ ବଜାରରେ ବେଆଇନ ଭାବେ ବହୁ ବ୍ୟବସାୟୀ ଅତ୍ୟଧିକ ଚଢ଼ା ଦରରେ ସାର ବିକ୍ରି କରୁଥିଲେ ମଧ୍ୟ ସେମାନଙ୍କ ବିରୁଦ୍ଧରେ କୃଷି ବିଭାଗ ପକ୍ଷରୁ



ପଦକ୍ଷେପ ନେଉନି କୃଷି ବିଭାଗ

କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନାହିଁ। ଫଳରେ ଦୁର୍ନୀତିଖୋର ବ୍ୟବସାୟୀଙ୍କ ଠାରୁ ଚାଷୀମାନେ ଚଢ଼ାଦରରେ ସାର କିଣି ନାହିଁ ନ ଥିବା ହୀନସ୍ତା ହେଉଛନ୍ତି। ଏହି ବ୍ଲକରେ ଥିବା ୧୫ଟି ସମବାୟ ସମିତି ମଧ୍ୟରୁ ମାତ୍ର ୩ଟି ସମବାୟ ସମିତି ମାର୍କଫେଡ଼ରୁ ସାର ଉଠାଇ ବିକ୍ରି କରୁଥିବା ବେଳେ ଆଉ ୧୨ଟି ସମିତିକୁ ସାର ଯୋଗାଣ ବନ୍ଦ କରାଯାଇଛି। ସରକାରୀ ନିୟମ ଅନୁଯାୟୀ ସମବାୟ ସମିତିମାନେ ପିଓଏସ୍ ମେସିନ ସାହାଯ୍ୟରେ ଆଧାର କାର୍ଡ଼ ମାଧ୍ୟମରେ ଚାଷୀଙ୍କୁ ସାର ବିକ୍ରୟ କରିବା ପାଇଁ ନିର୍ଦ୍ଦେଶ ରହିଥିଲା ବେଳେ ଏହି ୧୨ଟି ସମିତିର ପିଓଏସ୍ ମେସିନ୍ ସଠିକ୍ ଭାବେ କାର୍ଯ୍ୟ କରୁ ନ ଥିବାରୁ ସେମାନେ ସାର ଉଠାଇ ପାରୁ ନ ଥିବା ଜଣାଯାଇଛି। ଉକ୍ତ ସମିତିର ସମ୍ପାଦକମାନେ ପିଓଏସ୍ ମେସିନ୍ ଅପଡ଼େଟ କରିବା ଓ ଆବଶ୍ୟକ ହେଲେ ନୂଆ ମେସିନ୍ ନେବା ପାଇଁ ବ୍ଲକ କୃଷି ବିଭାଗକୁ ବାରମ୍ବାର ପତ୍ରଦ୍ୱାରା ଅବଗତ କରାଇଥିଲେ ମଧ୍ୟ ବିଭାଗୀୟ ପଦକ୍ଷେପ ନିଆ ନ ଯିବାରୁ ସମିତି ଗୁଡ଼ିକ ମାର୍କଫେଡ଼ରୁ ସାର ଉଠାଇ ଚାଷୀକୁ ବିକ୍ରି କରିପାରୁ ନ ଥିବା ଜଣାଯାଇଛି। ଏହି ବ୍ଲକରେ ଥିବା ନିଶ୍ଚିନ୍ତକୋଇଲି, ସୁକରପଡ଼ା ଓ ନରେନ୍ଦ୍ରପୁର ସମିତି ଗୁଡ଼ିକରେ ପିଓଏସ ଠିକ୍ ଠାକ୍ ଥିବାବେଳେ ସେମାନେ ସାର ଉଠାଇ ଚାଷୀଙ୍କୁ ବିକ୍ରି କରୁଛନ୍ତି।

ଅପରପକ୍ଷରେ ବନ୍ଧକାଟିଆ, ଅଚ୍ୟୁତାନନ୍ଦ, କେନ୍ଦୁପାଟଣା, ଅସୁରେଶ୍ୱର, ପଲ୍ଲୀଶ୍ରୀ, ବଳଦେବଜୀଉ, ନଗସପୁର, ଓରତି, ବାଲିଆପଦା, କଳମିଶ୍ରି ଜୟନ୍ତପୁର, ସିର୍ଲୋ ଏବଂ ଉତ୍ତରକୂଳ ସମିତିର ପିଓଏସ୍ ମେସିନ୍ ଠିକ୍ ନ ଥିବାରୁ ସେମାନେ ସାର ଉଠାଇବାରୁ ବଞ୍ଚିତ ହୋଇଛନ୍ତି। ପ୍ରଥମ ପର୍ଯ୍ୟାୟରେ ମାର୍କଫେଡ଼ ପକ୍ଷୀରୁ ବନ୍ଧକାଟିଆ, ଅଚ୍ୟୁତାନନ୍ଦ, କେନ୍ଦୁପାଟଣା, ପଲ୍ଲିଶ୍ରୀ ଓ ବଳଦେବଜୀଉ ସମିତିକୁ ସାର ଯୋଗାଇ ଦିଆଯାଇଥିଲା ବେଳେ ଦ୍ୱିତୀୟ ଥର ସେମାନଙ୍କୁ ଆଉ ସାର ଦିଆ ନ ଯିବାରୁ ପ୍ରତ୍ୟେକ ଦିନ ବହୁ ଚାଷୀ ସାର ପାଇବା ପାଇଁ ହଟହଟା ହେଉଛନ୍ତି। ଏହାଛଡ଼ା ସାର ବସ୍ତା ପ୍ରତି ୫୦କେଜି ଡିଏପି ମୂଲ୍ୟ ୧୩୩୩ ଟଙ୍କା, ପିପିଏଲ ୨୮-୨୮ ୫୦ କେଜି ପ୍ରତି ୧୬୯୧ ଟଙ୍କା ଏବଂ ୟୁରିଆ ୪୫କେଜି ପ୍ରତି ୨୬୬ ଟଙ୍କା ରହିଥିବା ବେଳେ ଦୁର୍ନୀତିଖୋର ବ୍ୟବସାୟୀମାନେ ସାର କଳାବଜାର କରି ୟୁରିଆ ବସ୍ତା ୩୮୦ରୁ ୪୦୦ ଟଙ୍କା, ପିପିଏଲ ୨୮-୨୮ ବସ୍ତା ପ୍ରତି ୧୮ ଶହରୁ ୨ହଜାର ଟଙ୍କା ଏବଂ ଡିଏପି ବସ୍ତା ପ୍ରତି ୧୫ ଶହରୁ ୧୮ ଶହ ଟଙ୍କା ବିକ୍ରି କରୁଥିବା ଦେଖାଦେଇଛି।

ଏହି ବ୍ଲକ ଅଞ୍ଚଳରେ ବର୍ତ୍ତମାନ ଖରିଫ ଧାନ ଚାଷ କାର୍ଯ୍ୟ ଯୋରଦାର ଚାଲିଥିଲା ବେଳେ ଚାଷୀମାନେ ସମବାୟ ସମିତି ଓ ସରକାର ଡ଼ିଲରମାନଙ୍କ ଠାରୁ ସାର ନ ପାଇ ଖୋଲା ବଜାରରେ ଲାଇସେନ୍ସ ନ ଥିବା ଦୁର୍ନୀତିଖୋର ବ୍ୟବସାୟୀଙ୍କଠାରୁ ଚଢ଼ା ଦାମରେ ସାର କିଣିବା ପାଇଁ ବାଧ ହେଉଥିବା ପ୍ରକାଶ କରିଛନ୍ତି। କୃଷି ବିଭାଗ ପକ୍ଷରୁ ଯଥାଶୀଘ୍ର ସମବାୟ ସମିତିଙ୍କୁ ପିଓଏସ୍ ମେସିନ ଅପଡ଼େଟ୍ କରାଇବା ପାଇଁ ପଦକ୍ଷେପ ନିଆଗଲେ ମାର୍କଫେଡ ପକ୍ଷରୁ ସାର ଯୋଗାଇ ଦିଆଯିବା ସହିତ ଚାଷୀମାନେ ସଠିକ୍ ସାର ପାଇପାରିବେ ବୋଲି ଦାବି ହୋଇଛି।

## ଏସ୍‌ସିବିରୁ ଗାଡ଼ି ଚୋରି ଗ୍ୟାଙ୍ଗ୍ ଠାବ; ୩ ଗିରଫ

କଟକ,୧୦।୮(ସମିସ): ଏସସିବି ମେଡିକାଲରେ ଗାଡ଼ି ଚୋରି କରୁଥିବା ୨ ଯୁବକଙ୍କୁ ମଙ୍ଗଳାବାଗ ଥାନା ପୁଲିସ ଗିରଫ କରିଛି। ଅଭିଯୁକ୍ତଦ୍ୱୟ ହେଲେ ଜଗତସିଂହପୁର ଜିଲ୍ଲା ତିର୍ତ୍ତୋଲ ଥାନା ରାହାମାର ବିଶ୍ୱଜିତ ସ୍ୱାଇଁ(୨୫), ଅରିଲୋର ଆଶିଷ ମଲ୍ଲିକ(୨୨)। ଚୋରା ଗାଡି କିଣିଥିବା କୁଜଙ୍ଗ ବଳରାମପୁରର ଏସକେ. ଅନିସୁର ଅଲ୍ଲୀ(୩୪)କୁ ମଧ୍ୟ ଗିରଫ କରାଯାଇଛି। ୩ଜଣ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି।




ପୁଲିସ ସୂଚନା ଅନୁସାରେ, ଜଗତସିଂହପୁର ଜିଲ୍ଲା ଏରସମା ଅଞ୍ଚଳ ପ୍ରଭାକର ଗୁରୁଙ୍କ ପତ୍ନୀଙ୍କ ଆଖିରେ କୌଣସି ସମସ୍ୟା ଥିଲା। ଏଣୁ ଗତ ୪ ତାରିଖ ପୂର୍ବାହ୍ନରେ ପ୍ରଭାକର ପତ୍ନୀ ଓ ପୁଅ ସହ ଡାକ୍ତର ଦେଖାଇବା ଲାଗି ଏସସିବି ମେଡିକାଲ ଆସିଥିଲେ। ସେ ଚକ୍ଷୁ ବିଭାଗ ପାଖରେ ବାଇକ ରଖି ମେଡିକାଲ ଭିତରକୁ ଯାଇଥିଲେ। ତେବେ କିଛି ସମୟ ପରେ ଆସି ଦେଖିଲେଯେ, ଗାଡିଟି ସେଠାରେ ନାହିଁ। ଆଖପାଖରେ ଖୋଜାଖୋଜି ପରେ ବି ଗାଡି ମିଳିନଥିଲା। ଏନେଇ ସେ ମଙ୍ଗଳାବାଗ ଥାନାରେ ଏତଲା ଦେଇଥିଲେ। ପୁଲିସ ମାମଲା ରୁଜୁ କରି ଘଟଣାସ୍ଥଳର ସିସିଟିଭି ଫୁଟେଜ ଆଣି ଯାଞ୍ଚ କରିଥିଲା। ଏଥିରୁ ଜଣାପଡ଼ିଲା ଯେ ଘଟଣା ଦିନ ୨ ଜଣ ଦୁର୍ବୃତ୍ତ ଅଭିଯୋଗକାରୀଙ୍କ ଗାଡି ଚୋରାଇ ନେଇଛନ୍ତି। ଅଭିଯୁକ୍ତଦ୍ୱୟ ଏକ ପଲସର ବାଇକରେ ଆସିଥିଲେ। ତନ୍ମଧ୍ୟରୁ ଜଣେ ଅଭିଯୋଗକାରୀଙ୍କ ଗାଡିର ଲକ ଖୋଲିଦେବା ପରେ ୨ ଜଣ ଦୁଇଟି ଗାଡି ଧରି ସେଠାରୁ ଚମ୍ପଟ ମାରିଥିଲେ। ପୁଲିସ ଦୁର୍ବୃତ୍ତ ବ୍ୟବହାର କରୁଥିବା ବାଇକର ନମ୍ବର ଆଧାରରେ ସେମାନଙ୍କୁ ଚିହ୍ନଟ କରିଥିଲା। ପରେ ଗତ ଶୁକ୍ରବାର ରାତିରେ ମଙ୍ଗଳାବାଗ ପୁଲିସର ଏକ ଟିମ ତିର୍ତ୍ତୋଲ ଅଞ୍ଚଳରେ ଅତର୍କିତ ଚଢ଼ଉ କରିଥିଲା। ସେଠାରୁ ମୁଖ୍ୟ ଅଭିଯୁକ୍ତ ବିଶ୍ୱଜିତ ସ୍ୱାଇଁ ଓ ସହଯୋଗୀ ଆଶିଷ ମଲ୍ଲିକକୁ ଗିରଫ କରିଥିଲା। ସେମାନଙ୍କ ସୂଚନା ଆଧାରରେ ଚୋରା ବାଇକ କିଣିଥିବା କୁଜଙ୍ଗର ଅନିସୁର ଘରେ ମଧ୍ୟ ଚଢ଼ଉ କରିଥିଲା। ତା' ପାଖରୁ ଚୋରା ଗାଡିକୁ ଉଦ୍ଧାର କରାଯିବା ସହ ଅଭିଯୁକ୍ତକୁ ଗିରଫ କରାଯାଇଛି। ଏହି ମାମଲାରେ ଚୋରା ବାଇକ ସହ ଚୋରିରେ ବ୍ୟବହୃତ ପଲସର ବାଇକକୁ ମଧ୍ୟ ଜବତ କରାଯାଇଛି। ଅଭିଯୁକ୍ତ ବିଶ୍ୱଜିତ ଜଣେ ପେସାଦାର ଚୋର। ପୂର୍ବରୁ ତା ନାଁରେ ତିର୍ତ୍ତୋଲ ଓ ଜଗତସିଂହପୁର ଥାନାରେ ୨ଟି ଏବଂ ବାଦାମବାଡି ଥାନାରେ ୨ଟି ମାମଲା ରହିଥିବା ତଦନ୍ତରୁ ଜଣାପଡ଼ିଛି।

## ବେଆଇନ କଫ୍-ସିରପ୍‌ର ପେଣ୍ଠ ସମ୍ବଲପୁର

୧୭୮୦ବୋତଲ କଫ-ସିରପ୍ ଜବତ; ୭ ଗିରଫ

ସମ୍ବଲପୁର,୧୦।୮(ସମିସ): ପୁଲିସ୍ ଓ ଅବକାରୀ ବିଭାଗ ଆଜି ସମ୍ବଲପୁରର ବିଭିନ୍ନ ସ୍ଥାନରେ ଚଢ଼ଉ କରି ୧୭୮୦ ବୋତଲ କଫ-ସିରପ୍ ଜବତ କରିବା ସହ ୭ଜଣଙ୍କୁ ଗିରଫ କରିଛି।





ବିଶ୍ୱସ୍ତ ସୂତ୍ରରୁ ଖବରପାଇ ଅବକାରୀ କର୍ମଚାରୀମାନେ ଆଜି ସକାଳେ ସମ୍ବଲପୁର-ସୋନପୁର ରାଜ୍ୟ ରାଜପଥରେ ଧନୁପାଲି ନିକଟସ୍ଥ ଦୀପ୍ତି ହୋଟେଲ ସମ୍ମୁଖରେ ଏକ କାର ଉପରେ ଚଢ଼ଉ କରି ତିନୋଟି ଧଳା ବସ୍ତାରେ ଥିବା ୨୪୦ ବୋତଲ ଲେଖାଏ ୭୨୦ ବୋତଲ ୧୦୦ ମିଲିଲିଟର ବିଶିଷ୍ଟ ୱିନସିରେକ୍ସ କଫସିରପ୍ ଜବତ କରିଥିଲେ। ଏନେଇ ଯୁଯୁମୁରା ଥାନା ଅନ୍ତର୍ଗତ ହିରୋଗ୍ରାମର ଦେବାଶିଷ ଥାପ୍ପା (୨୩) ଓ ହୀରାକୁଦ ଥାନା ଅନ୍ତର୍ଗତ ନୂଆଗୁଜାତଲର ତୁଷାର ଭୋଇ (୧୯)କୁ ଗିରଫ କରାଯାଇଛି। ସେହିପରି ଅଇଁଠାପାଲିସ୍ଥିତ ନୂତନ ବସ୍ ଟର୍ମିନସ ମଧ୍ୟରେ ଥିବା ଏକ ନିରୋଳା ସ୍ଥାନରେ ଚଢ଼ଉ କରି ଦୁଇଟି ବସ୍ତାରେ ୩୬୦ ବୋତଲ ନିଶା କଫ୍‌ସିରପ ସହିତ ୩୬ ଲିଟର ଅପମିଶ୍ରିତ ନିଶା କଫ୍‌ସିରିପ ଜବତ ଏବଂ ୨ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ସମ୍ବଲପୁର ଟାଉନ ଥାନା ଅନ୍ତର୍ଗତ ସାହୁ କଲୋନୀର ତନ୍ମୟ ନାଏକ (୨୨) ଓ ମୁଦିପଡ଼ା ଦେଉଳବନ୍ଧର କୋଶଲ ମଲ୍ଲିକ (୨୨)। ସମସ୍ତ ଚାରିଜଣ ଗିରଫ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି। ସେହିପରି ଅଇଁଠାପାଲି ଥାନା ପୁଲିସ ବେଆଇନ କଫ ସିରପ୍ ଚାଲାଣ ହେଉଥିବା ଖବର ପାଇ ଆଜି ଅଇଁଠାପାଲି ଉପରଛକରେ ଚଢ଼ଉ କରି ବିପୁଳ ପରିମାଣରେ କଫସିରପ୍ ଜବତ କରିବାସହ ୩ ଜଣଙ୍କୁ ଗିରଫ କରିଛି। ଚଢ଼ଉ କରି ପୁଲିସ ସେମାନଙ୍କଠାରୁ ୫ଟି ବସ୍ତାରେ ୭୦୦ ବୋତଲ ୱିନସିରେକ୍ସ କଫସିରପ, ଗୋଟିଏ ମୋବାଇଲ ଫୋନ ଜବତ କରିଛି। ଅଭିଯୁକ୍ତମାନେ ହେଲେ ସମ୍ବଲପୁର ସଦର ଥାନା ଅନ୍ତର୍ଗତ ମାନେଶ୍ୱର କଣ୍ଢେଇପାଲିର ସୋମନାଥ ପ୍ରଧାନ (୩୪), ମହମ୍ମଦ ସୋନୁ (୩୧) ଓ ଚନ୍ଦ୍ରଶେଖର କୁମ୍ଭାର (୨୪)।

ବକେୟା ଅର୍ଥ ନ ଦେବାରୁ ଭଡ଼ାଟିଆର ଜୀବନ ନେଲେ ଗୃହମାଳିକ

## ପୂର୍ବତନ କର୍ପୋରେଟର୍‌ଙ୍କ ସ୍ୱାମୀଙ୍କୁ ନିର୍ମମ ହତ୍ୟା

ବ୍ରହ୍ମପୁର,୧୦।୮(ସମିସ): ବଡ଼ବଜାର ଥାନା ଅନ୍ତର୍ଗତ ହରିଡ଼ାଖଣ୍ଡି ଗୌଡ଼ ସାହିରେ ପୂର୍ବତନ କର୍ପୋରେଟର୍ ମଧୁମିତା ମାଝୀଙ୍କ ସ୍ୱାମୀ ଶିବଶଙ୍କର ମାଝୀଙ୍କୁ ଅତି ନିର୍ମମ ଭାବେ ହତ୍ୟା କରାଯାଇଛି। ଘରଭଡ଼ା ବାବଦ ବକେୟା ଅର୍ଥକୁ ନେଇ ଏହି ହତ୍ୟାକାଣ୍ଡ ଘଟିଥିବା ପୁଲିସ କହିଛି। ସୂଚନାଯୋଗ୍ୟ, ପାରିବାରିକ କଳହ ଯୋଗୁ ସ୍ତ୍ରୀଙ୍କଠାରୁ ଅଲଗା ହୋଇ ଶିବଶଙ୍କର ସ୍ଥାନୀୟ ହରିଡ଼ାଖଣ୍ଡି ଅଞ୍ଚଳ ଗୌଡ଼ସାହି ନିବାସୀ ଗୌର ବେହେରା ଓରଫ୍ ଗୌର ମିସ୍ତ୍ରୀଙ୍କ ଘରେ ୧୦ ବର୍ଷ ହେଲା ଭଡ଼ାରେ ରହୁଥିଲେ। ଶିବଶଙ୍କରଙ୍କୁ ଘର ଛାଡ଼ିବାକୁ ଗୌର ବାରମ୍ବାର କହୁଥିଲେ ହେଁ ସେ ଛାଡୁନଥିଲେ। ପରେ ଶିବ ଉକ୍ତ ଘର ବିକି ଦେବାକୁ ଗୌରଙ୍କୁ ପ୍ରସ୍ତାବ ଦେଇଥିଲେ। ତେବେ ଗୌର ରାଜି ହୋଇନଥିଲେ। ବାରମ୍ବାର ଘର ଛାଡ଼ିବାକୁ କହିବା ସତ୍ତ୍ୱେ ଶିବ ଘର ଛାଡୁନଥିଲେ କିମ୍ବା ଭଡ଼ା ଦେଉନଥିଲେ। ଶନିବାର ବିଳମ୍ବିତ ରାତିରେ ଗୌର ମଦ୍ୟପାନ କରି ଏକ ଖଣ୍ଡା ଧରି ଶିବ ରହୁଥିବା ଘରକୁ ଯାଇଥିଲେ। ଘର ଭିତରେ ଆଲୋଚନା ବେଳେ ଉଭୟଙ୍କ ମଧ୍ୟରେ ପାଟିତୁଣ୍ଡ ହେବାରୁ ଗୌର ଉତ୍କ୍ଷିପ୍ତ ହୋଇ ଶିବଙ୍କୁ ଖଣ୍ଡାରେ ହାଣି ବାହାରପଟୁ ତାଲା ପକାଇ ପଳାଇଥିଲେ। ଶିବଙ୍କ ଚିତ୍କାର ଶୁଣି ଅଞ୍ଚଳବାସୀ ପୁଲିସକୁ ଜଣାଇବାରୁ ପୁଲିସ ପହଞ୍ଚି ତାଲା ଭାଙ୍ଗି ଶିବଙ୍କୁ ଉଦ୍ଧାର କରି ଏମ୍‌କେସିଜି ମେଡିକାଲରେ ଭର୍ତ୍ତି କରାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଶିବଶଙ୍କରଙ୍କ ଭାଇ ଚକାଡୋଳାଙ୍କ ଏତଲାକ୍ରମେ ବଡ଼ବଜାର ପୁଲିସ ଘଟଣାସ୍ଥଳରେ ପହଞ୍ଚି ହତ୍ୟାକାଣ୍ଡରେ ବ୍ୟବହୃତ ରକ୍ତଭିଜା ଖଣ୍ଡା ଜବତ କରିଛି। ଅଭିଯୁକ୍ତ ଗୃହମାଳିକ ଗୌର ଫେରାର୍ ଥିବା ଥାନା ଅଧିକାରୀ ବାବା ଶଙ୍କର ସରାଫ ସୂଚନା ଦେଇଛନ୍ତି।

## ନୃସିଂହନାଥରେ ନୂଆଁଖାଇ ପାଇଁ ଲଗ୍ନ ଧାର୍ଯ୍ୟ

ପାଇକମାଳ,୧୦।୮(ସମିସ): ପଶ୍ଚିମ ଓଡ଼ିଶାର ପ୍ରସିଦ୍ଧ ଓ ପବିତ୍ର ତୀର୍ଥ କ୍ଷେତ୍ର ଶ୍ରୀଶ୍ରୀନୃସିଂହନାଥ ପୀଠରେ ବିରାଜମାନ ମହାପ୍ରଭୁ ମାର୍ଜାର କେଶରୀଙ୍କ ନିକଟରେ ନବାନ୍ନ ଭୋଗ ଅର୍ପଣ କରିବା ପାଇଁ ପଣ୍ଡିତ ମହାସଭା ଓ ନୃସିଂହନାଥ ପ୍ରଶାସନ ଦ୍ୱାରା ଲଗ୍ନ ଧାର୍ଯ୍ୟ କରାଯାଇଛି। କୁଳ ପୁରୋହିତ ସୁନୀଲ ପୁରୋହିତ ଓ ନୃସିଂହନାଥ ମନ୍ଦିର ଟ୍ରଷ୍ଟ ବୋର୍ଡର କାର୍ଯ୍ୟନିର୍ବାହୀ ଅଧିକାରୀ ପୁରୁଷୋତ୍ତମ ପ୍ରଧାନଙ୍କ ସୂଚନା ମୁତାବକ ନୂଆଁଖାଇ ପାଇଁ ଲଗ୍ନ ସ୍ଥିର ହୋଇଛି। ଅଗଷ୍ଟ ୨୮ ଗୁରୁବାର ଦିନ ୧୧ଟା ୫୧ ମିନିଟ ୭ ସେକେଣ୍ଡରୁ ମଧ୍ୟାହ୍ନ ୧୨ଟା ୨୧ ମିନିଟ ଭିତରେ ମହାପ୍ରଭୁ ମାର୍ଜାର କେଶରୀ ଓ ପାର୍ଶ୍ୱ ଦେବଦେବୀମାନଙ୍କଠାରେ ରୀତିନୀତି ଅନୁସାରେ ନବାନ୍ନ ଲାଗି କରାଯିବ। ଆୟୋଜିତ ବୈଠକରେ ନୃସିଂହନାଥ ବ୍ରାହ୍ମଣ ସମାଜର ସଭାପତି ଗିରୀଶ ଚନ୍ଦ୍ର ନାୟକ, ମାତୃ ପ୍ରସାଦ ରଥ, ସୁବଳ ପଣ୍ଡା, ରଙ୍କମଣି ଦେବତା, ପ୍ରେମାନନ୍ଦ ଦେବତା, ସତ୍ୟ ପୁରୋହିତ, ସନ୍ତୋଷ ପାଢ଼ୀ, ବିଶ୍ୱରଞ୍ଜନ ଦାସ, ରଘୁବିର ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ।

ବିଜୁ ଯୁବ ଓ ଛାତ୍ର ଜନତା ଦଳ ପକ୍ଷରୁ କ୍ରାନ୍ତି ଦିବସ

## ଆଇନଶୃଙ୍ଖଳା ସ୍ଥିତି ନ ସୁଧୁରିବା ଯାଏଁ ତୀବ୍ର ହେବ ଆନ୍ଦୋଳନ

ଭୁବନେଶ୍ୱର,୧୦।୮(ସମିସ): ଶନିବାର ବିଜୁ ଯୁବ ଓ ଛାତ୍ର ଜନତା ଦଳ ପକ୍ଷରୁ ଆଭାସୀ ମାଧ୍ୟମରେ କ୍ରାନ୍ତି ଦିବସ ପାଳନ କରାଯାଇଛି। ବିଧାୟକ ଡ. ବ୍ୟୋମକେଶ ରାୟ ଓ ବିଧାୟକ ଦେବୀ ରଂଜନ ତ୍ରିପାଠୀଙ୍କ ନେତୃତ୍ୱରେ ଏହି ଆଭାସୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ବିଜେଡି ଉପସଭାପତି ପ୍ରଣବ ପ୍ରକାଶ ଦାସ, ଉପସଭାପତି ସଞ୍ଜୟ କୁମାର ଦାସବର୍ମା ଓ ବିଧାୟକ ଡ. ଅରୁଣ କୁମାର ସାହୁ ଯୋଗ ଦେଇଥିଲେ। ଯେ ପର୍ଯ୍ୟନ୍ତ ରାଜ୍ୟରେ ଆଇନ ଶୃଙ୍ଖଳା ସୁଧୁରୁନି ସେ ପର୍ଯ୍ୟନ୍ତ ବିଜୁ ଜନତା ଦଳର ଯୁବ ଓ ଛାତ୍ର ନେତାମାନେ ଆନ୍ଦୋଳନକୁ ତୀବ୍ରତର କରିବାକୁ ବରିଷ୍ଠ ନେତୃତ୍ୱ ଆହ୍ୱାନ ଦେଇଛନ୍ତି।

ଶ୍ରୀ ଦାସବର୍ମା କହିଥିଲେ, ଦେଶରୁ ଇଂରେଜମାନଙ୍କୁ ହଟାଇ ସ୍ୱାଧୀନତା ଆଣିଥିବା ମହାପୁରୁଷମାନଙ୍କ ସ୍ମୃତିଚାରଣ କରିଥିଲେ। ସେମାନଙ୍କ ବୀରତ୍ୱ ତଥା ବଳିଷ୍ଠ ତ୍ୟାଗ ଯୋଗୁ ଦେଶ ସ୍ୱାଧୀନତା ହାସଲ କରିଥିଲା। ପୂର୍ବପୁରୁଷମାନଙ୍କୁ ସମ୍ମାନ ଜଣାଇ ଆମ ସାର୍ବଭୌମତ୍ୱ ଓ ଅଖଣ୍ଡତାକୁ ସୁରକ୍ଷା ଦେବା ଆମ ସମସ୍ତଙ୍କ ଦାୟିତ୍ୱ ବୋଲି ସେ ମତବ୍ୟକ୍ତ କରିଥଲେ। ବରିଷ୍ଠ ନେତା ପ୍ରଣବ ପ୍ରକାଶ ଦାସ କହିଥିଲେ ଯେ ରାଜ୍ୟରେ ଦିନକୁ ଦିନ ଛାତ୍ରୀ ଓ ନାରୀ ବିରୋଧୀ ହିଂସା ଘଟଣା ଅହେତୁକ ଭାବରେ ବଢ଼ିବାରେ ଲାଗିଛି।

**ଆସନ୍ତା ୧୪ ଯାଏଁ ମୁଖ୍ୟମନ୍ତ୍ରୀଙ୍କୁ ଖୋଲା ଚିଠି ଲେଖିବେ କର୍ମକର୍ତ୍ତା**

ରାଜ୍ୟ ସରକାରଙ୍କ ଅପାରଗତା ଓ ପୁଲିସ ପ୍ରଶାସନ ନିଷ୍କ୍ରିୟତା ଯୋଗୁଁ, ଗୋପାଳପୁର, ବଲଙ୍ଗା, ବାଲେଶ୍ୱର ଓ କେନ୍ଦ୍ରାପଡା ଭଳି ସ୍ଥାନରେ ଆଇନ କାନୁନର ଖୋଲା ଉଲ୍ଲଙ୍ଘନ କରି ଅପରାଧୀମାନେ ଅପରାଧ ଘଟାଉଛନ୍ତି। ଗୋଟିଏ ସଜାଗ, ଦାୟିତ୍ୱପୂର୍ଣ୍ଣ ତଥା ପ୍ରମୁଖ ବିରୋଧୀ ଦଳ ହିସାବରେ ବିଜେଡି ଆଗାମୀ ଦିନରେ ରାଜ୍ୟ ସରକାରଠାରୁ ଏହାର ଉତ୍ତର ଆଶା ଜାରି ରଖିବ। ଯେପର୍ଯ୍ୟନ୍ତ ରାଜ୍ୟରେ ଆଇନ ଶୃଙ୍ଖଳା ସୁଧୁରୁନି ସେ ପର୍ଯ୍ୟନ୍ତ ବିଜୁ ଜନତା ଦଳର ଯୁବ ଓ ଛାତ୍ର ନେତାମାନେ ଆନ୍ଦୋଳନକୁ ତୀବ୍ରତର କରିବାକୁ ଶ୍ରୀ ଦାସ ଆହ୍ୱାନ ଦେଇଥିଲେ। ବରିଷ୍ଠ ନେତା ତଥା ବିଧାୟକ ଡ. ସାହୁ ଅଗଷ୍ଟ ୧ରୁ ୮ ପର୍ଯ୍ୟନ୍ତ ଛାତ୍ରୀ ଓ ନାରୀ ସୁରକ୍ଷା ପାଇଁ ଡିଜିଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କାର୍ଯ୍ୟକ୍ରମ ସଫଳ ହୋଇଥିବାରୁ ବିଜୁ ଯୁବ ଓ ଛାତ୍ର ଜନତା ଦଳର ସମସ୍ତ କାର୍ଯ୍ୟକର୍ତ୍ତାଙ୍କୁ ସାଧୁବାଦ ଜଣାଇଥିଲେ। ବିଜୁ ଯୁବ ଓ ଛାତ୍ର ଜନତା ଦଳ ନେତୃତ୍ୱରେ ଅଗଷ୍ଟ ୯ରୁ ୧୪ ପର୍ଯ୍ୟନ୍ତ ଦ୍ୱିତୀୟ ପର୍ଯ୍ୟାୟରେ ହଜାର ହଜାର ଛାତ୍ରଛାତ୍ରୀମାନେ ମୁଖ୍ୟମନ୍ତ୍ରୀଙ୍କୁ ଛାତ୍ରୀ ଓ ନାରୀ ସୁରକ୍ଷା ପାଇଁ ଉଦବେଗ ପ୍ରକାଶ କରି ଖୋଲା ଚିଠି ଲେଖିବେ। ରାଜ୍ୟରେ ଛାତ୍ରୀ ଓ ନାରୀ ସୁରକ୍ଷା ପାଇଁ ବିଜୁ ଯୁବ ଓ ଛାତ୍ର ଜନତା ଦଳ ଏହି ଆନ୍ଦୋଳନକୁ ଅଧିକରୁ ଅଧିକ ଶାଣିତ କରିବ। ଏହି ଆଭାସୀ କାର୍ଯ୍ୟକ୍ରମରେ ବିଜୁ ଜନତା ଦଳର ରାଜ୍ୟ କର୍ମକର୍ତ୍ତା, ଜିଲ୍ଲା କର୍ମକର୍ତ୍ତା ଓ ବ୍ଲକ ସଭାପତି ପ୍ରମୁଖ ଯୋଗ ଦେଇଥିଲେ।

ଆଇଜର୍‌ର ସମାବର୍ତ୍ତନ ଉତ୍ସବ

## ଶିକ୍ଷାକୁ ପରିବେଶ ଓ ସମାଜ ପରିବର୍ତ୍ତନରେ ବିନିଯୋଗ କର: ରାଜ୍ୟପାଳ

ବ୍ରହ୍ମପୁର/ରଙ୍ଗେଇଲୁଣ୍ଡା,୧୦।୮(ସମିସ): ଭାରତୀୟ ବିଜ୍ଞାନ ଶିକ୍ଷା ଏବଂ ଅନୁସନ୍ଧାନ ସଂସ୍ଥାନ ବ୍ରହ୍ମପୁର (ଆଇଜର)ର ୫ମ ସମାବର୍ତ୍ତନ ଉତ୍ସବ ନିର୍ଦ୍ଦେଶକ ପ୍ରଫେସର ଅଶୋକ କୁମାର ଗାଙ୍ଗୁଲିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି ଯୋଗଦେଇ ଶିକ୍ଷାକୁ କେବଳ ଡିଗ୍ରୀରେ ସୀମିତ ନ ରଖି ସମାଜ ପରିବର୍ତ୍ତନରେ ଲଗାଇବା ସହ ପରିବେଶ ଓ ସମାଜ କଲ୍ୟାଣରେ ବିନିଯୋଗ କରିବାକୁ ବିଦ୍ୟାର୍ଥୀଙ୍କୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ସେ ଜାତୀୟ ଶିକ୍ଷାନୀତିକୁ ପ୍ରଶଂସା କରିଥିଲେ।

କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗଦେଇ କହିଥିଲେ, ୨୦୧୬ରେ ଭାରତ ସରକାରଙ୍କ ପକ୍ଷରୁ ଆରମ୍ଭ




ହୋଇଥିବା ଏହି ଅନୁଷ୍ଠାନ ପୂର୍ଣ୍ଣାଙ୍ଗ ଜ୍ଞାନମନ୍ଦିର ଭାବେ ପରିଗଣିତ ହୋଇଛି। ଏହା ଦେଶ ପାଇଁ ଗୌରବର ବିଷୟ। ଆଗାମୀ ଦିନରେ ଏଠାକାର ଅନୁସନ୍ଧାନ ବିକଶିତ ଭାରତର କାମରେ ଆସିବ। ଏହି ଅନୁଷ୍ଠାନ ରାଷ୍ଟ୍ରୀୟ ଆବଶ୍ୟକତା ପୂରଣ କରିବ। ନବଅନୁସନ୍ଧାନରେ ଏଠାକାର ପିଲାମାନେ ମଞ୍ଜି ପୋତିବେ। ଏଣୁ ଚାକିରି ପଛରେ ନ ପଡ଼ି ରୋଜଗାର ତିଆରି କରିବାକୁ ସେ ଛାତ୍ରଛାତ୍ରୀଙ୍କୁ ସେ ଆହ୍ୱାନ ଦେଇଥିଲେ।

ଅନ୍ୟତମ ଅତିଥିଭାବେ ରାଜ୍ୟ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ଆସିକା ସାଂସଦ ଅନୀତା ଶୁଭଦର୍ଶିନୀ, ବିଧାୟକ କୃଷ୍ଣଚନ୍ଦ୍ର ନାୟକ, ବିଧାୟକ ପ୍ରତାପ ନାୟକ, ଆଇଜର ଗଭର୍ଣ୍ଣିଙ୍ଗ ବଡ଼ି ଚେୟାରପର୍ସନ ଅରବିନ୍ଦ ଅନନ୍ତ ନାଟୁ, ଡିନ୍ ପ୍ରଫେସର୍ ପ୍ରସନଜିତ ମଣ୍ଡଳ, ରେଜିଷ୍ଟ୍ରାର୍ ପ୍ରଦୀପ କୁମାର ରାୟଙ୍କ ସମେତ ବୋର୍ଡ୍‌ର ଅନ୍ୟ ସଦସ୍ୟମାନେ ମଞ୍ଚାସୀନ ଥିଲେ। ଏହି ଅବସରରେ ବିଏସ-ଏମଏସ ବର୍ଗରେ ୧୩୬ ଛାତ୍ରଛାତ୍ରୀଙ୍କୁ ଡିଗ୍ରୀ ପ୍ରଦାନ କରାଯାଇଥିବା ବେଳେ ଜଣଙ୍କୁ ଏମଏସ୍ ଡିଗ୍ରୀ ଓ ୨୨ଜଣଙ୍କୁ ପିଏଚ୍‌ଡି ପ୍ରଦାନ କରାଯାଇଥିଲା। ଏହି ଅବସରରେ ଅତିଥିଙ୍କ ଦ୍ୱାରା ଆଇଜର ପରିସରରେ ଚାରାରୋପଣ କରାଯାଇଥିବା ବେଳେ ୭୮୦ କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ ହୋଇଛି। ଅନ୍ୟମାନଙ୍କ ମଧ୍ୟରେ ଦକ୍ଷିଣାଞ୍ଚଳ ଆଇଜି ନୀତିଶେଖର, ଗଞ୍ଜାମ ଜିଲ୍ଲାପାଳ ଭି. କୀର୍ତ୍ତିଭାସନ, ବ୍ରହ୍ମପୁର ଏସ୍‌ପି ଡ଼ା ସର୍ବଣା ବିବେକ ଏମ, ବ୍ରହ୍ମପୁର ଉପଜିଲ୍ଲାପାଳ ଅବିନାଶ କୁମାରଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।

## କୁକୁର କାମୁଡ଼ାରେ ଦୁଇ ମୃତ

ବଲାଙ୍ଗିର, ୧୦।୮(ସମିସ): ବଲାଙ୍ଗିର ଜିଲ୍ଲା ତୁଷୁରା ଥାନା ଅଞ୍ଚଳରେ କୁକୁର କାମୁଡ଼ାରେ ଦୁଇ ଜଣଙ୍କର ମୃତ୍ୟୁ ହୋଇଥିବା ଖବର ସାମ୍ନାକୁ ଆସିଛି। କୁକୁର କାମୁଡ଼ିବା ପରେ ଉଭୟଙ୍କୁ ପ୍ରଥମେ ଭୀମଭୋଇ ମେଡିକାଲ ଓ ପରେ ବୁର୍ଲା ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ଶନିବାର ବିଳମ୍ବିତ ରାତିରେ ଉଭୟଙ୍କ ମୃତ୍ୟୁ ହୋଇଥିବା ସୂଚନା ମିଳିଛି। ମୃତ ଯୁବକଦ୍ୱୟ ହେଲେ, ତୁଷୁରା ଥାନା ଚିତେଡ ଗାଁର ମିଥୁନ ରଣା ଓ ଯୋଗେନ୍ଦ୍ର ଛତ୍ରିଆ। ଗତ ଜୁଲାଇ ୨୩ ତାରିଖରେ ଗାଁରେ ଏକ କୁକୁର ଏକାଧିକ ଲୋକଙ୍କୁ କାମୁଡ଼ିଥିଲା। ସମସ୍ତଙ୍କୁ ଭୀମଭୋଇ ମେଡିକାଲ କଲେଜ ଡାକ୍ତରଖାନାକୁ ଚିକିତ୍ସା ପାଇଁ ଅଣାଯାଇଥିଲା। ମିଥୁନ ଓ ଯୋଗେନ୍ଦ୍ରଙ୍କ ଅବସ୍ଥା ଗୁରୁତର ରହିଥିବାରୁ ତାଙ୍କୁ ବୁର୍ଲା ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ କିଛି ଦିନ ଧରି ଚିକିତ୍ସା ଚାଲିଥିବା ବେଳେ ଶନିବାର ବିଳମ୍ବିତ ରାତିରେ ମୃତ୍ୟୁ ହୋଇଥିଲା। ଯୋଗେନ୍ଦ୍ର ଜଣେ ଭିନ୍ନକ୍ଷମ ହୋଇଥିବା ବେଳେ ସେ ଜଣେ ଜାତୀୟସ୍ତରର ଭିନ୍ନକ୍ଷମ ଖେଳାଳି ବୋଲି ଜଣାପଡ଼ିଛି। ଏହି ଦୁଇଜଣଙ୍କ ମୃତ୍ୟୁରେ ଗାଁରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି।





### ସୁକିନ୍ଦା ବଜାରରୁ ଟାୟାର ଲୁଟ୍ ଘଟଣା

# ୧୬ଦିନ ପରେ ବି ପୁଲିସ ହାତ ଖାଲି

ସୁକିନ୍ଦା, ୧୦।୮ (ସମିସ)

ସୁକିନ୍ଦା ଛକରେ ଥିବା ଏକ ଟାୟାର ଦୋକାନରୁ ୬ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ଟାୟାର ଲୁଟ୍ ହୋଇଥିବା ଘଟଣାକୁ ୧୬ଦିନ ବିତିଯାଇଥିବା ବେଳେ ଏ ପର୍ଯ୍ୟନ୍ତ ପୁଲିସ ହାତ ଖାଲିଥିବା ଘଟଣା ସ୍ଥାନୀୟ ବ୍ୟବସାୟୀଙ୍କ ଚିନ୍ତାର କାରଣ ପାଲଟିଛି। ଗତ ୨୬ତାରିଖ ବିଳମ୍ବିତ ରାତିରେ ୫୩ନଂ ଜାତୀୟ ରାଜପଥ ସୁକିନ୍ଦା ଛକରେ ଥିବା ଏହି ଟାୟାର ଦୋକାନର ସଟର୍ କାଟି ଲୁଟେରା ୬ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ଟାୟାର ଲୁଟ୍ କରିଥିଲେ। ସୁକିନ୍ଦା ଛକରେ ସ୍ଥାନୀୟ ପୁଲିସ ପକ୍ଷରୁ ରାତ୍ରିକାଳୀନ ଡ୍ୟୁଟି ହେଉଥିବା ବେଳେ ଏହି ଦୋକାନ ସଟର କାଟି ଏତେ ପରିମାଣର ଲୁଟ୍ ଘଟଣା ସ୍ଥାନୀୟ ପୁଲିସର କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଗତ ୨୭ତାରିଖ ସକାଳୁ ଜଣେ ସମ୍ବାଦପତ୍ର ବିକ୍ରେତା ସମ୍ପୃକ୍ତ ଦୋକାନରେ ସମ୍ବାଦପତ୍ର ଦେବା ସମୟରେ ଦୋକାନ ସଟରରେ ଥିବା ତାଲା ଖୋଲାଥିବା ଦେଖି ମାଲିକଙ୍କୁ ସୂଚନା ଦେଇଥିଲା। ଦୋକାନର ମାଲିକ ଘଟଣାସ୍ଥଳରେ ପହଞ୍ଚିବା ପରେ ସଟର ତାଲା ଖୋଲାଥିବା ଦେଖି ପୁଲିସକୁ ସୂଚନା ଦେଇଥିଲେ। ପୁଲିସ ଘଟଣାସ୍ଥଳରେ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ଲୁଟେରା ଦୋକାନରେ ଥିବା ୨୭ଟି ଟାୟାର ମଧ୍ୟରୁ ଲୁଟେରା ୨୬ଟି ଟାୟାର ଓ ଟିୟୁବ ନେଇଥିବା ବେଳେ ଗୋଟିଏ ଟାୟାର ପଛପଟେ ଛାଡ଼ି ପାର ହୋଇଯାଇଥିବା ଜଣାପଡ଼ିଛି। ସୁକିନ୍ଦା ଥାନା ଅଞ୍ଚଳରେ କ୍ରମାଗତ ଭାବେ ଚୋରି ବଢ଼ିଚାଲିଥିବା ବେଳେ କୌଣସି ଘଟଣାରେ ପୋଲିସକୁ ସଫଳତା ନମିଳିବା ଘଟଣା ସ୍ଥାନୀୟ ବ୍ୟବସାୟୀଙ୍କ ଚିନ୍ତାର କାରଣ ପାଲଟିଛି। ଏହି ଲୁଟ୍ ଘଟଣାରେ ସ୍ଥାନୀୟ ଅଞ୍ଚଳର କିଛି ଅସାମାଜିକ ଯୁବକଙ୍କ ସମ୍ପୃକ୍ତି ଥିବା ସନ୍ଦେହ କରାଯାଉଥିବା ବେଳେ ପୁଲିସ ପକ୍ଷରୁ କୌଣସି ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନଥିବା ସ୍ଥାନୀୟ ବ୍ୟବସାୟୀଙ୍କ ଚିନ୍ତାର କାରଣ ପାଲଟିଛି।

# ଜେନାପୁର ମେଡ଼ିକାଲ ପରିସରରେ ଜମୁଛି ପାଣି





କବାଟବନ୍ଧ, ୧୦।୮ (ସମିସ): ଧର୍ମଶାଳା ବ୍ଲକ ଅନ୍ତର୍ଗତ ଜେନାପୁର ଥାନା ଜେନାପୁର ଠାରେ ଥିବା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପରିସର ମଧ୍ୟରେ ପାଣି ଜମି ରହୁଥିବା ଦେଖିବାକୁ ମିଳିଛି। ଏହା ଦ୍ୱାରା ମେଡ଼ିକାଲକୁ ସ୍ୱାସ୍ଥ୍ୟ ସେବା ପାଇଁ ଆସୁଥିବା ରୋଗୀ ଏବଂ ସହାୟକ ମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏବେ ବର୍ଷା ଋତୁ ହୋଇଥିବାରୁ ଏହି ସମସ୍ୟା ଲାଗି ରହୁଛି। ଦୀର୍ଘ ପ୍ରାୟ ୩ ବର୍ଷ ଧରି ଏହି ସମସ୍ୟାକୁ ନେଇ ବିଭିନ୍ନ ସମୟରେ ପ୍ରଶାସନ ନିକଟରେ ଅଭିଯୋଗ ହେଉଥିଲେ ମଧ୍ୟ ଏହାର ପ୍ରତିକାର ପାଇଁ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନାହିଁ। ଏହା ଦ୍ୱାରା ଦୈନିକ ମେଡ଼ିକାଲକୁ ଆସୁଥିବା ଶହ ଶହ ଲୋକ ପ୍ରଭାବିତ ହେଉଛନ୍ତି। ଯାହା ଦ୍ୱାରା ଜନ ଅସନ୍ତୋଷ ବୃଦ୍ଧି ପାଇବା ସହିତ ଲୋକ ମାନେ ନାହିଁ ନ ଥିବା ସମସ୍ୟାରେ ସମ୍ମୁଖୀନ ହେଉଛନ୍ତି। ମେଡିକାଲକୁ ଆସୁଥିବା ଛୋଟ ପିଲା ମାନେ ଏହି ପାଣିରେ ଯିବାଆସିବା କରୁଛନ୍ତି। ଯାହାକି ସେମାନଙ୍କ ସ୍ୱାସ୍ଥ୍ୟ ପାଇଁ କ୍ଷତି କାରକ ହୋଇ ପାରେ। ଅନ୍ୟ ପକ୍ଷରେ ଏହା ମେଡ଼ିକାଲ ପରିବେଶକୁ ମଧ୍ୟ ଖରାପ କରୁଛି। ପାଣି ଅଧିକ ଦିନ ଯଦି ଜମି ରହେ ତେବେ ପାଦ ବାଲି ଖାଇବା ଏବଂ ଚର୍ମ ରୋଗ ମଧ୍ୟ ହେବାର ସମ୍ଭାବନା ରହିଛି। ନିର୍ମାଣ ଜନିତ ତ୍ରୁଟି ଏବଂ ପାଣି ନିଷ୍କାସନ ପାଇଁ ସୁବନ୍ଦୋବସ୍ତ ହୋଇ ନ ଥିବାରୁ ଏହି ସମସ୍ୟା ସୃଷ୍ଟି ହୋଇଛି। ପ୍ରଶାସନ ପକ୍ଷରୁ ମେଡ଼ିକାଲ ପରିସରରୁ ଜଳ ନିଷ୍କାସନ ପାଇଁ ତୁରନ୍ତ ଆବଶ୍ୟକ ପଦକ୍ଷେପ ଗ୍ରହଣ କରି ଏହାର ସ୍ଥାୟୀ ସମାଧାନ କରିବା ପାଇଁ ସାଧାରଣରେ ଦାବି ହୋଇଛି।

## ଦୁର୍ଘଟଣାରେ ୩ଟି ଗାଈ ମୃତ

ସୁକିନ୍ଦା, ୧୦।୮ (ସମିସ): ୫୩ନଂ ଜାତୀୟ ରାଜପଥ ସୁକିନ୍ଦା ଭୁବନ ରାସ୍ତାର କେନ୍ଦୁଢିପି ଛକ ନିକଟରେ ଏକ ଦୃତଗାମୀ ଟ୍ରକ୍ ଗାଡ଼ି ଦୁର୍ଘଟଣାରେ ତିନୋଟି ଗାଈଙ୍କର ଘଟଣାସ୍ଥଳରେ ମୃତ୍ୟୁ ହୋଇଥିବା ବେଳେ ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଛି। ସ୍ଥାନୀୟ ଗୋଶାଳା କାର୍ଯ୍ୟକର୍ତ୍ତାମାନେ ଘଟଣାସ୍ଥଳରେ ପହଞ୍ଚି ମୃତ ଗୋମାତାଙ୍କ ଶେଷ କୃତ୍ୟ ସମ୍ପନ୍ନ କରିଥିଲେ। ଗୋମାତାଙ୍କୁ ରଖୁଥିବା ଜନସାଧାରଣଙ୍କ ଦାୟିତ୍ୱହୀନତା ଓ କିଛି ନିଶାଗ୍ରସ୍ତ ଡ୍ରାଇଭରଙ୍କ ବେପରୁଆ ଗାଡି ଚାଳନା କାରଣରୁ ଅନେକ ସମୟରେ ଏଭଳି ଦୁର୍ଘଟଣା ଘଟୁଥିବା ଦେଖିବାକୁ ମିଳୁଛି।

## ଗୋଡ଼ିପାଟଣାରେ ଝୁଲଣ ଉତ୍ସବ



ଶଙ୍ଖଚିଲା, ୧୦।୮ (ସମିସ): କୋରେଇ ବ୍ଲକ ଅନ୍ତର୍ଗତ ଖମଣ ପଞ୍ଚାୟତ ଗୋଡ଼ିପାଟଣା ଗ୍ରାମରେ ଗମ୍ଭା ପୂର୍ଣ୍ଣିମା ଉପଲକ୍ଷେ ଝୁଲଣ ଉତ୍ସବ ଅନୁଷ୍ଠିତ ହେଇଯାଇଛି। ପରମ୍ପରା ଅନୁଯାୟୀ ଗ୍ରାମର ଇଷ୍ଟ ଦେବତା ପ୍ରଭୁ ରଘୁନାଥଜୀଉଙ୍କୁ ସୁସଜ୍ଜିତ ଦୋଳିରେ ବସାଇ ଝୁଲେଇଥାନ୍ତି। ପରେ ଭୋଗ ରାଗ ଅର୍ପଣ କରାଯାଇଥାଏ। ଘଣ୍ଟଘଣ୍ଟା କୀର୍ତ୍ତନ ସହିତ ଏକ ଭକ୍ତି ମୟ ପରିବେଶ ସୃଷ୍ଟି ହେଇଥାଏ। ଏଥିରେ ଗଜେନ୍ଦ୍ର ମହାକୁଡ଼, ସୁରଜ କୁମାର ନାୟକ, ଧନେଶ୍ୱର ନାଥ, ଲକ୍ଷ୍ମୀଧର ପଥାଳ, ଅଶୋକ କୁମାର ନାୟକ, ସୁଧାଂଶୁ ସାହୁ, ରବିନାରାୟଣ ପୃଷ୍ଟି, ତପନ କୁମାର ସାହୁ, ଦଶରଥ ମହାକୁଡ଼, ଦିବାକର ନାୟକ, ଅଶେଷେ ନାଥ, ସୁଶାନ୍ତ ସାହୁ, ମହେଶ୍ୱର ନାୟକ ଉପସ୍ଥିତ ରହି ସହଯୋଗ କରିଥିଲେ।

ବିଞ୍ଝାରପୁର, ୧୦।୮ (ସମିସ): ପବିତ୍ର ଏକାଦଶୀ ତିଥିରୁ ବିଞ୍ଝାରପୁର ବ୍ଲକର କଏଣା ରଘୁନାଥପୁର ପଞ୍ଚାୟତ ନରୁଆ ଭକ୍ତିନିକେତନର ମଦନାନନ୍ଦଦ କୁଞ୍ଜରେ ଶ୍ରୀଶ୍ରୀ ମୋହନରାଏଜୀଉଙ୍କର ଝୁଲଣ ଯାତ୍ରା ଉତ୍ସବ ସେନାଧ୍ୟକ୍ଷ ଶ୍ରୀଲ ଗୋସ୍ୱାମୀ ଶ୍ରୀ ଗୋପାଳ ଚରଣ ଦାଶ ଭକ୍ତିଭୂଷଣ ପ୍ରଭୁପାଦଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆରମ୍ଭ ହୋଇ ପୂର୍ଣ୍ଣିମା ଦିନ ସମାପିତ ହୋଇଛନ୍ତି। ପ୍ରତ୍ୟହ ସନ୍ଧ୍ୟାରେ ପ୍ରଭୁ କୁଞ୍ଜରେ ଝୁଲିଥାଆନ୍ତି। ଏହି ଉତ୍ସବରେ ଆଞ୍ଚଳିକ ବୈଷ୍ଣବମାନଙ୍କ ଦ୍ୱାରା ସଙ୍ଗୀତ ଏବଂ ନାମ ସଂକୀର୍ତ୍ତନ ଗାନ କରାଯାଇଥାଏ। ଭକ୍ତିନିକେତନର ଉତ୍ତରପିଢ଼ି ଭବିଷ୍ୟତ ଶ୍ରୀଅଭୟ ଗୋସ୍ୱାମୀ ତଥା ଆତ୍ମୀୟ ସ୍ୱଜନ ଏବଂ ବହୁ ଶିଷ୍ୟ ସେବକ ସେବା ପରିଚାଳନରେ ସହଯୋଗ କରିଥିଲେ।

## ଘରୋଇ କଳିରୁ ବିଷ ପିଇ ଦମ୍ପତି ଗୁରୁତର

ବାଲିଚନ୍ଦ୍ରପୁର, ୧୦।୮ (ସମିସ): ଘରୋଇ କଳିରୁ ବିଷ ପିଇ ସ୍ୱାମୀ ସ୍ତ୍ରୀ ଗୁରୁତର ହୋଇ କଟକ ବଡ଼ ମେଡ଼ିକାଲରେ ଚିକିତ୍ସିତ ହେଉଥିବା ଜଣାଯାଇଛି। ସୂଚନା ମୁତାବକ ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ ପତରାଜପୁର ଗ୍ରାମର ସୁନାକର ବେହେରାଙ୍କ ପୁତ୍ର ଭରତ କୁମାର ବେହେରା (୩୦) ଓ ପୁତ୍ରବଧୂ କନକଲତା ଦାସ (୨୫) ଆଜି ସକାଳେ କୌଣସି କାରଣରୁ ଘର ଭିତରେ ଉଭୟଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ତେବେ ଏହାକୁ ସହ୍ୟ କରିନପାରି ପ୍ରଥମେ ପତ୍ନୀ କନକଲତା ଘରେ ଥିବା ଏକ ବିଷ ବୋତଲକୁ ପିଇ ଦେଇଥିଲେ। ଏହା ଦେଖି ସ୍ୱାମୀ ଭରତ ସେହି ବୋତଲରେ ଥିବା ଅବଶିଷ୍ଟ ବିଷକୁ ପିଇ ଦେଇଥିଲେ। ଫଳରେ ଉଭୟ ପତି ପତ୍ନୀ ଗୁରୁତର ହୋଇ ପଡ଼ିଥିଲେ। ପରିବାର ଲୋକେ ଉଭୟଙ୍କର ଚିକିତ୍ସା ପାଇଁ ପ୍ରଥମେ ମାହାଙ୍ଗା ମେଡ଼ିକାଲରେ ଭର୍ତ୍ତି କରିଥିଲେ। ସେଠାରେ ଅବସ୍ଥା ସଂକଟାପନ୍ନ ହେବାରୁ ପ୍ରାଥମିକ ଚିକିତ୍ସା ପରେ ଡାକ୍ତର ଉଭୟଙ୍କୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରିଥିଲେ। ସୂଚନା ଅନୁଯାୟୀ ଉଭୟ ଭରତ ଓ କନକଲତା ଗତ ବର୍ଷକ ପୂର୍ବରୁ ପ୍ରେମ ବିବାହ କରିଥିଲେ।

## କୁଇଜ୍ ଓ ଦେଶାତ୍ମବୋଧକ ନୃତ୍ୟ ପ୍ରତିଯୋଗିତା



ଯାଜପୁର, ୧୦।୮ (ସମିସ): ଯାଜପୁର ଠାରେ ଜିଲ୍ଲାସ୍ତରୀୟ ୭୯ତମ ସ୍ୱାଧୀନତା ଦିବସ ପାଳନ ଉପଲକ୍ଷେ ଆଜି ସ୍ଥାନୀୟ ଗୌତମ ବୁଦ୍ଧ ସଂସ୍କୃତି ଭବନ ପରିସରରେ ଅଗ୍ରଣୀ ବ୍ୟାଙ୍କ ପରିଚାଳକ ଓ ଜିଲ୍ଲା ପ୍ରଶାସନ ମିଳିତ ଆନୁକୂଲ୍ୟରେ ଓପନ କୁଇଜ୍ ଓ ଦେଶାତ୍ମବୋଧକ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଓପନ କୁଇଜ୍ ପ୍ରତିଯୋଗିତାରେ ଶହେରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ୧ମରୁ ୭ମ ଶ୍ରେଣୀ, ୮ମରୁ ୧୦ମଶ୍ରେଣୀ, +୨ ଶ୍ରେଣୀ ଓ ଅଭିଭାବକମାନେ ଏହି ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିଲେ। କୁଇଜ୍ ମାଷ୍ଟର ଭାବେ ଶିକ୍ଷାବିତ୍ ସୁବାସ ଚନ୍ଦ୍ର ମହାପାତ୍ର ଓ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ନିରୁପମା ମହାନ୍ତି ପ୍ରତିଯୋଗିତା ପରିଚାଳନା କରିଥିଲେ। ଏଥିରେ ମୋଟ ୫୦ ଜଣ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ସେହିଭଳି ବିଦ୍ୟାଳୟ ସ୍ତରୀୟ ଦେଶାତ୍ମବୋଧକ ନୃତ୍ୟ ପ୍ରତିଯୋଗିତାରେ ଜିଲ୍ଲାର ବିଭିନ୍ନ ବିଦ୍ୟାଳୟରୁ ୮ଟି ଗ୍ରୁପ ଯୋଗ ଦେଇଥିଲେ। ସେମାନଙ୍କ ମଧ୍ୟରୁ ୪ଟି ଗ୍ରୁପ ମନୋନୀତ ହୋଇଥିଲେ। ସେମାନେ ସ୍ୱାଧୀନତା ଦିବସ ଦିନ ଜିଲ୍ଲାସ୍ତରୀୟ ଉତ୍ସବରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିବେ। ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଜିଲ୍ଲା ସଂସ୍କୃତି ବିଭାଗର କନିଷ୍ଠ ସହାୟକ ଜ୍ୟୋତିରଞ୍ଜନ କର, ଅଜିତ୍ କୁମାର ବେହେରା, ସୁଶାନ୍ତ ଗୋଛାୟତ, ପବିତ୍ର ମୋହନ ମଲ୍ଲିକ, ପ୍ରକାଶ କୁମାର ଜେନା, ରତିକାନ୍ତ ମହାନ୍ତି କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା କରିଥଲେ।

## ଘଣ୍ଟା ଘଣ୍ଟା ଧରି ଅଘୋଷିତ ବିଦ୍ୟୁତ୍ କାଟ୍

କାଳିଆପାଣି, ୧୦।୮ (ସମିସ): ସୁକିନ୍ଦା ବିଦ୍ୟୁତ ବିଭାଗର ମନମାନି ଯୋଗୁଁ ସୁକିନ୍ଦା ଅଞ୍ଚଳର ବିଦ୍ୟୁତ ଉପଭୋକ୍ତାମାନେ ଉପଯୁକ୍ତ ବିଦ୍ୟୁତ ସେବାରୁ ବଞ୍ଚିତ ହେଉଛନ୍ତି। ଫଳରେ ଉପଭୋକ୍ତାଙ୍କ ମଧ୍ୟରେ ଦିନକୁ ଦିନ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ଗତ କିଛି ଦିନ ଧରି ସକାଳ ୬ଟାରୁ ୭ଟା ପର୍ଯ୍ୟନ୍ତ ଅଘୋଷିତ ବିଦ୍ୟୁତ କାଟ ହେଉଥିବା ବେଳେ ଏ ସମ୍ପର୍କରେ ଉତ୍ତର ଦେବାକୁ କାର୍ଯ୍ୟାଳୟରେ କେହି ରହୁ ନ ଥିବାର ଦେଖିବାକୁ ମିଳୁଛି। ରାତିରେ କୌଣସି କର୍ମଚାରୀ ଅଫିସରେ ରହୁନାହାନ୍ତି କି କୌଣସି ଉପଭୋକ୍ତାଙ୍କ ଫୋନ ରିସିଭ କରୁନାହାନ୍ତି। ସୁକିନ୍ଦା ସେକ୍ସନ ଗତ ମେ’ ମାସରୁ ବିନା ଯନ୍ତ୍ରୀରେ ଚାଲୁଛି। ଗତ ମେ’ ୧୩ ତାରିଖ ବଦଳି ଆଦେଶ ଅନୁସାରେ ସୁକିନ୍ଦାରେ ଥିବା ଯନ୍ତ୍ରୀ ଅମୂଲ୍ୟ ବେହେରାଙ୍କ ବଦଳି ହେବା ପରେ ସେ ଏଠାରୁ ରିଲିଭ ହୋଇ ନୂତନ ସ୍ଥାନରେ ଯୋଗ ଦେଇଛନ୍ତି। କିନ୍ତୁ ତାଙ୍କ ବଦଳରେ ସୁକିନ୍ଦା କୁ ଆସିବାକୁ ଥିବା ସତ୍ୟଜିତ ପାଇକରାୟ ସୁକିନ୍ଦାରେ ଯୋଗ ଦେଉ ନାହାନ୍ତି। ଫଳରେ ସୁକିନ୍ଦାରେ ଥିବା ତିନି ଗୋଟି ଫିଡର ଅନ୍ତର୍ଗତ ଉପଭୋକ୍ତାମାନେ ଉପଯୁକ୍ତ ବିଦ୍ୟୁତ ସେବା ପାଇବାରୁ ବଞ୍ଚିତ ହେଉଛନ୍ତି। ବିନା ଯନ୍ତ୍ରୀରେ ଗତ ଅଢ଼େଇ ମାସ ଧରି ଅଫିସ ଚାଲୁଥିଲେ ହେଁ ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେଉନାହାନ୍ତି। ଅଫିସରେ ଥିବା କିଛି କର୍ମଚାରୀ ସବୁବେଳେ ଗ୍ରୀଡରୁ ବିଦ୍ୟୁତ ଯୋଗାଣରେ ସମସ୍ୟା ଅଛି। ଏଠି କିଛି ସମସ୍ୟା ନାହିଁ କହି ଉପଭୋକ୍ତାଙ୍କୁ ଭୁଆଁ ବୁଲାଇ ଠକି ଚାଲିଛନ୍ତି। ଫଳରେ ବିଦ୍ୟୁତ ବିଭାଗ ବିରୁଦ୍ଧରେ ଜନ ଅସନ୍ତୋଷ ବୃଦ୍ଧି ପାଉଛି। ଉଚ୍ଚ କର୍ତ୍ତୃପକ୍ଷ ତୁରନ୍ତ ଏହାର ସମାଧାନ ନ କଲେ ନିକଟ ଭବିଷ୍ୟତରେ ଏହି ଅସନ୍ତୋଷ ଜନ ଆନ୍ଦୋଳନ ର ରୂପ ନେଇପାରେ।

### ■ ଶିକ୍ଷାବିତ୍ ଉମାକାନ୍ତ ମହାପାତ୍ରଙ୍କ ଜୟନ୍ତୀ

## ‘ଶିକ୍ଷା ଏକ ବୃତ୍ତି ନୁହେଁ; ବ୍ରତ’

ବଡ଼ଚଣା, ୧୦।୮ (ସମିସ): ଚଣ୍ଡିଖୋଲସ୍ଥିତ ଡିୟୁ ପବ୍ଲିକ ସ୍କୁଲରେ ଶିକ୍ଷାବିତ୍ ଉମାକାନ୍ତ ମହାପାତ୍ରଙ୍କ ୮୬ତମ ଜୟନ୍ତୀ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଉମାକାନ୍ତ ସ୍ମୃତି ସଂସଦ ଆନୁକୂଲ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଧାୟକ ଅମର ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଡ. ସୁଧୀର ସାମଲଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟବକ୍ତା ଭାବେ ପ୍ରଫେସର ଡ. ସଂଘମିତ୍ରା ମିଶ୍ର ଯୋଗଦେଇ ମଣିଷ ଗଢ଼ା କାରଖାନାରେ ଦେଶର ଭବିଷ୍ୟତ ତିଆରି ହୁଏ ବୋଲି କହିଥିଲେ। ଶିକ୍ଷା ଏକ ବୃତ୍ତି ନୁହେଁ ଏକ ବ୍ରତ। ଶିକ୍ଷା କେବଳ ଅର୍ଥ ରୋଜଗାରର ମାଧ୍ୟମ ନ ହୋଇ ଏକ ସାଧନା ହେବା ଦରକାର ବୋଲି କହିଥିଲେ। ସ୍ମୃତି ସଂସଦର ସହସମ୍ପାଦକ ଡ. ବିଶ୍ୱଜିତ୍ ମହାପାତ୍ର ସ୍ୱାଗତ ଭାଷଣ ଦେଇଥିବା ବେଳେ ଡ. ତୁହିନାଂଶୁ ରଥ ଅତିଥି ପରିଚୟ ପ୍ରଦାନ କରିଥିଲେ। ସ୍ମୃତି ସଂସଦର ସମ୍ପାଦକ ଡ. ପ୍ରିୟନାଥ ମହାପାତ୍ର ବାର୍ଷିକ ବିବରଣୀ ପାଠ କରିଥିଲେ।



ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟର ପ୍ରତିଷ୍ଠାତା ନିର୍ଦ୍ଦେଶକ ଇଂ.ଧନେଶ୍ୱର ମହାପାତ୍ର, କଳିଙ୍ଗ କେଶରୀ ମହାନ୍ତି ଯୋଗ ଦେଇଥିଲେ। ଏହି ଅବସରରେ ସ୍ମୃତି ସଂସଦର ମୁଖପତ୍ର ‘ଅନ୍ୱେଷଣ ପଥେ ଉମାୟନ’କୁ ଅତିଥିମାନେ ଉନ୍ମୋଚନ କରିଥିଲେ। ଏଥି ସହିତ ବିଶିଷ୍ଟ ଶିକ୍ଷାବିତ୍ ଶୁକଦେବ ପତିଙ୍କୁ ଉମାକାନ୍ତ ସ୍ମୃତି ସମ୍ମାନ ଓ ବିଶିଷ୍ଟ ଚିକିତ୍ସକ ଡା. କୃଷ୍ଣଚନ୍ଦ୍ର ରାୟଙ୍କୁ ଉମାକାନ୍ତ ମହାପାତ୍ର ସେବା ସମ୍ମାନ ପ୍ରଦାନ କରାଯାଇଥିଲା। ଶେଷରେ ଅବସରପ୍ରାପ୍ତ ଅଧ୍ୟାପକ ପ୍ରଶାନ୍ତ କୁମାର ସାହୁ ଧନ୍ୟବାଦ୍ ଅର୍ପଣ କରିଥିଲେ। ଅଧ୍ୟକ୍ଷା ସୁଜାତା ମହପାତ୍ର, ନିର୍ଦ୍ଦେଶକ ରଣଜିତ୍ ମହାପାତ୍ର ସମେତ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ସହଯୋଗ କରିଥିଲେ।

## ଅଗଷ୍ଟ ୩୧ରେ ବଣମଲ୍ଲୀର ବୌଦ୍ଧିକ ବିକାଶ କାର୍ଯ୍ୟକ୍ରମ

କବାଟବନ୍ଧ, ୧୦।୮ (ସମିସ): ଧର୍ମଶାଳା ବ୍ଲକ ଜେନାପୁର ଥାନା ଅନ୍ତର୍ଗତ ବୃନ୍ଦାଦେଇପୁରର ବଣମଲ୍ଲୀ ସାହିତ୍ୟ ଓ ସେବା ସଂଗଠନ ପକ୍ଷରୁ ଚଳିତ ବର୍ଷ ୫ମ ବାର୍ଷିକ ବୌଦ୍ଧିକ ବିକାଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏହି କାର୍ଯ୍ୟକ୍ରମରେ ଯାଜପୁର ଜିଲ୍ଲାର ବିଭିନ୍ନ ବ୍ଲକରୁ ପାଖାପାଖି ୬୦ଟି ଉଚ୍ଚ ବିଦ୍ୟାଳୟରୁ ଛାତ୍ରଛାତ୍ରୀ ଯୋଗ ଦେଇ ବିଜ୍ଞାନ ପ୍ରକଳ୍ପ, ତର୍କ, ପ୍ରବନ୍ଧ ଲିଖନ, କବିତା ଲିଖନ ଓ ଚିତ୍ରାଙ୍କନ ପ୍ରତିଯୋଗିତାରେ ଭାଗ ନେବେ। ଏହା ସହ ସାଧାରଣ ଜ୍ଞାନ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରଭୃତି ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି। ଜେନାପୁର ସରକାରୀ ଉଚ୍ଚ ବିଦ୍ୟାଳୟରେ ଆୟୋଜିତ ହେବାକୁ ଥିବା ଏହି କାର୍ଯ୍ୟକ୍ରମରେ ବିଶିଷ୍ଟ ସମାଜସେବୀ ପଦ୍ମଶ୍ରୀ ତୁଳସୀ ମୁଣ୍ଡା ମୁଖ୍ୟଅତିଥି ଭାବେ ଯୋଗ ଦେବେ। ଅନୁଷ୍ଠାନ ପକ୍ଷରୁ ଉପଦେଷ୍ଟା ତଥା ବଡ଼ବିଲ ଥାନା ଅଧିକାରୀ ଅଶୋକ କୁମାର ନାୟକ, ଉପସଭାପତି ନିର୍ମାଲ୍ୟ କୁମାର ପ୍ରଧାନ, ସମ୍ପାଦକ ମାନସ ରଞ୍ଜନ ପ୍ରଧାନ, ସଦସ୍ୟ ଲାଲମୋହନ ଶତପଥୀ ଓ ଅନ୍ତର୍ଯ୍ୟାମୀ ବେହେରା ପ୍ରମୁଖ ତାଙ୍କୁ କେନ୍ଦୁଝର ଜିଲ୍ଲାର ବଡ଼ବିଲ ସେରେଣ୍ଡା ସ୍ଥିତ ଆଦିବାସୀ ବିକାଶ ସମିତି ଠାରେ ସାକ୍ଷାତ କରି ନିମନ୍ତ୍ରଣ କରିଥିଲେ।

## ଶାରୀରିକ ଶିକ୍ଷା ସଂଗଠନର ସାଧାରଣ ପରିଷଦ ବୈଠକ



ଯାଜପୁର, ୧୦।୮ (ସମିସ): ଯାଜପୁର ମଣ୍ଡଳର ବିଦ୍ୟାଳୟ ସମୂହ ଶାରୀରିକ ଶିକ୍ଷା ସଂଗଠନ ସାଧାରଣ ପରିଷଦ ବୈଠକ ଆଜି ପିଏମଶ୍ରୀ ଯାଜପୁର ଜିଲ୍ଲା ସ୍କୁଲ ପରିସରରେ ମଣ୍ଡଳ ଶିକ୍ଷାଧିକାରୀ ଦେବିଲାଲ୍ ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ମଣ୍ଡଳ ସମ୍ପାଦକ ଶଙ୍କର୍ଷଣ ବେହେରା ୨୦୨୪-୨୫ ମସିହାର ବିବରଣୀ ପାଠ କରିବା ସହିତ ୨୦୨୫-୨୬ ମସିହାର ଜିଲ୍ଲା କ୍ରୀଡା ନିମନ୍ତେ ବ୍ୟୟ ଅଟକଳ ବିଷୟରେ ଆଲୋକପାତ କରିଥିଲେ। ଏହି ବୈଠକରେ ସମ୍ମାନିତ ଅତିଥି ଭାବେ ଭାରପ୍ରାପ୍ତ ଜିଲ୍ଲା ଶାରୀରିକ ଶିକ୍ଷାଧିକାରୀ ରାଜେଶ କୁମାର ସେଠୀ, ସିଆର୍‌ସିସି ସଫିଉଦ୍ ଜମାନ୍, ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବାସୁଦେବ ସେନାପତି ଓ ବରଦାଇ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ମଧୁସ୍ମିତା ରାମ ଯୋଗଦାନ କରି ମଣ୍ଡଳ ସ୍ତରୀୟ ପ୍ରତିଯୋଗିତା ସୁଚାରୁ ରୁପେ ପରିଚାଳନା କରିବା ନିମନ୍ତେ ଆଲୋଚନା କରିଥିଲେ। ମଣ୍ଡଳ ଶିକ୍ଷାଧିକାରୀ ମଣ୍ଡଳ ସ୍ତରୀୟ ଖେଳକୁଦରେ କିପରି ତୃଣମୂଳସ୍ତରରୁ ବଛା ବଛା କ୍ରୀଡ଼ାବିତ୍ ଆସିପାରିବେ ସେ ବିଷୟରେ ଆଲୋଚନା କରିଥିଲେ। ଉକ୍ତ ବୈଠକରେ ମଣ୍ଡଳରୁ ଚାରୋଟି ସବ୍ ଜୋନର ସମ୍ପାଦକ ଓ ମଣ୍ଡଳର ସମସ୍ତ ଶାରୀରିକ ଶିକ୍ଷକ, ଶିକ୍ଷୟିତ୍ରୀ ଓ ସାମୂହିକ ଶାରୀରିକ ଶିକ୍ଷା ଶିକ୍ଷକ, ଶିକ୍ଷୟିତ୍ରୀ ଯୋଗଦାନ କରି ଖେଳକୁଦ ସୁଚାରୁରୂପେ ପରିଚାଳନା କରିବା ପାଇଁ ଆଲୋଚନା କରିଥିଲେ।

## ଖରସ୍ରୋତା ପୁସ୍ତକ ମେଳା ପ୍ରସ୍ତୁତି ବୈଠକ

ବିଞ୍ଝାରପୁର, ୧୦।୮ (ସମିସ): ବରୁଣେଇ ବାଳିକା ଉଚ୍ଚ ବିଦ୍ୟାଳୟ ବାଛୋଳଠାରେ ଖରସ୍ରୋତା ପୁସ୍ତକ ମେଳା କମିଟି ପକ୍ଷରୁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି ଆଗାମୀ ତୃତୀୟ ଖରସ୍ରୋତା ପୁସ୍ତକ ମେଳା ପୂର୍ବ ନିର୍ଦ୍ଧାରିତ ଅନୁଯାୟୀ ଆସନ୍ତା ଡିସେମ୍ବର ୧୬ରୁ ୨୨ ତାରିଖ ପର୍ଯ୍ୟନ୍ତ ଦୀର୍ଘ ୭ ଦିନ ଧରି ଅବିଭକ୍ତ ଫତେପୁର ଗ୍ରାମପଞ୍ଚାୟତର ମଲ୍ଲିଆ ଯଜ୍ଞ ପଡ଼ିଆରେ ଅନୁଷ୍ଠିତ ହେବ ବୋଲି ମେଳା କମିଟିର ପ୍ରତିଷ୍ଠାତା ତଥା ସଭାପତି ପଦ୍ମାକର ଗୁରୁ ଗଣମାଧ୍ୟମକୁ ସୂଚନା ଦିଆଯାଇଛି। ଆଜିର ଏହି ପ୍ରଥମ ପ୍ରସ୍ତୁତି ବୈଠକରେ ଅନୁଷ୍ଠାନର ମୁଖ୍ୟ ଉପଦେଷ୍ଟା ଗ୍ରନ୍ଥାଗାର ସୁଶାନ୍ତ କୁମାର ନାୟକ, ଅଭ୍ୟର୍ଥନା କମିଟିର ଅଧ୍ୟକ୍ଷ ପ୍ରଧାପକ ଅଜୟ କୁମାର ଓଝା, ବରିଷ୍ଠ ଉପଦେଷ୍ଟା ତଥା ସ୍ତମ୍ଭକାର ରବି ନାରାୟଣ ସାମଲ, କାର୍ଯ୍ୟକାରୀ ସଭାପତି ସୁବାସ ଚନ୍ଦ୍ର ପ୍ରଧାନ, ସାଧାରଣ ସମ୍ପାଦକ କବି ଜିତେନ୍ଦ୍ର କୁମାର ବେହେରା, ସାଙ୍ଗଠନିକ ସମ୍ପାଦକ ଶିକ୍ଷାବିତ୍ ନାରାୟଣ ଚନ୍ଦ୍ର ଦାସ, ଅନ୍ୟତମ ଉପଦେଷ୍ଟା ସନ୍ତୋଷ କୁମାର ବେଉରିଆ, ଅକ୍ଷୟ କୁମାର ସେଠୀ, ରମାକାନ୍ତ ନାୟକ, ଆଇନଜୀବୀ ଅମ୍ବିକା ପ୍ରସାଦ ସାମଲ, ଦଶରଥ ସାହୁ, ଅର୍ଜୁନ ଚରଣ ଦାଶ, କୃଷ୍ଣଚନ୍ଦ୍ର ଥାଟୋଇ, ପ୍ରମୋଦ ସାମଲ, ଖଗେଶ୍ୱର ସାହୁ, ଶିଶିର କୁମାର ଦାସ, ମଣ୍ଟୁ ବଳବନ୍ତରାୟ, ଦେବେନ୍ଦ୍ର ସାମଲ, ରତ୍ନାକର ସାହୁ, ଡା. ଭାଗ୍ୟରଥି ମଲ୍ଲିକ, ଆଲୋକ କୁମାର ଦାସ, ମହେନ୍ଦ୍ର କୁମାର ବାରିକ୍ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ।

## ଲଘୁ ଖଣିଜ ପରିବହନ ମାଲିକ ସଂଘର ନୂତନ କର୍ମକର୍ତ୍ତା

ବଡ଼ଚଣା, ୧୦।୮ (ସମିସ): ଆଜି ଚଣ୍ଡିଖୋଲ ଛକ ସ୍ଥିତ ସଂଘ କାର୍ଯ୍ୟାଳୟଠାରେ ମହା ବିନାୟକ ଲଘୁ ଖଣିଜ ପରିବହନ ମାଲିକ ସଂଘର ଏକ ସଧାରଣ ପରିଷଦ ବୈଠକ ସଭାପତି ଅଜାମ୍ବର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆଗମୀ ଦୁଇ ବର୍ଷ ପାଇଁ ସଙ୍ଘର ନୂତନ କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ଏଥିରେ ସଭାପତି ଭାବେ ଅଜାମ୍ବର ସାହୁ, ଉପସଭାପତି ସରୋଜ କୁମାର ରାଉତ ସମ୍ପାଦକ ଅମିତ କୁମାର ସାହୁ, ସହ ସମ୍ପାଦକ ଅଶୋକ କୁମାର ପରିଡ଼ା, ଯୁଗ୍ମସମ୍ପାଦକ ମହେନ୍ଦ୍ର ଦାସ, କୋଷାଧ୍ୟକ୍ଷ ରଜନୀକାନ୍ତ କର ପ୍ରମୁଖ ନିର୍ବାଚିତ ହୋଇଛନ୍ତି। ଅନ୍ୟ ମାନଙ୍କ ମଧ୍ୟରେ ଉପଦେଷ୍ଟା ଚନ୍ଦନ କୁମାର ନାୟକ, ପ୍ରମୋଦ କୁମାର ନାୟକ। ପ୍ରମୋଦ କୁମାର କବି, ପ୍ରଭାତ କୁମାର ରାଉତ, ସୋନା ବାବୁ, ପ୍ରଦୀପ କୁମାର ବେହେରା, ହିମାଂଶୁ କୁମାର ସାହୁ, ଅରୁଣ କୁମାର ମହାନ୍ତି, ସନ୍ତୋଷ କୁମାର ପୃଷ୍ଟି, ଗଙ୍ଗାଧର ଓଝା, ମୁଜିବର୍ ରହେମନ୍, ବିକ୍ରମ ବେହେରା, ପ୍ରକାଶ ମହାପାତ୍ର, ଜୟ ରାମ ସ୍ୱାଇଁ, ସୌଭାଗ୍ୟ ରଞ୍ଜନ କରଣ, ନଗେନ୍ଦ୍ର ନାୟକ୍, ସୁଧାଂଶୁ ବେହେରା, ରତିକାନ୍ତ ସାମଲ, ବୁନା ପରିଡ଼ା, ସରୋଜ ଧୀର, ସୁଧାଂଶୁ ଜେନା, ବିନୋଦ ନାୟକ, ସୁଧାଂଶୁ ସାହୁଙ୍କ ସମେତ ତିନି ଶହରୁ ଊର୍ଦ୍ଧ୍ୱ ସଭ୍ୟ ଉପସ୍ଥିତ ଥିଲେ।




## ଟାଟା ଷ୍ଟିଲ ଫାଉଣ୍ଡେସନ୍ ପକ୍ଷରୁ ଆଦିବାସୀ ଦିବସ

ଦାନଗଦି, ୧୦।୮ (ସମିସ)



ଟାଟା ଷ୍ଟିଲ ଫାଉଣ୍ଡେସନ୍ (ଟିଏସ୍‌ଏଫ୍) କଳିଙ୍ଗନଗର ପକ୍ଷରୁ ଶନିବାର ଯାଜପୁର ଜିଲ୍ଲା ସୁକିନ୍ଦା ବ୍ଲକ ଅନ୍ତର୍ଗତ ଗୋବରଘାଟିରେ ଥିବା ଟାଟା ଷ୍ଟିଲ ବୀର୍ସା ମୁଣ୍ଡା ପୁନର୍ବାସ କଲୋନୀରେ ଆଦିବାସୀ ଦିବସ ପାଳିତ ହୋଇଯାଇଛି। ୨୦୦୦ରୁ ଅଧିକ ସ୍ଥାନୀୟ ଆଦିବାସୀ ଲୋକଙ୍କ ସହିତ ‘ଆଦିବାସୀ ଜନଜାତି ଓ କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ଅଧିକାର ସୁରକ୍ଷା, ଭବିଷ୍ୟତ ଗଠନ’ସମ୍ପର୍କରେ ଏଥିରେ ଆଲୋଚନା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ପ୍ରସିଦ୍ଧ ସାନ୍ତାଳୀ ଲେଖିକା ଓ ଶିକ୍ଷାବିତ୍ ପଦ୍ମଶ୍ରୀ ଦମୟନ୍ତୀ ବେସ୍ରା ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଅନ୍ୟ ଅତିଥିମାନଙ୍କ ମଧ୍ୟରେ ସାଂସ୍କୃତିକ ପ୍ରଚାରକ ଗୁଞ୍ଜଲ ଇକିର ମୁଣ୍ଡା, ଆଦିବାସୀ ଭାଷା ଓ ଲୋକସାହିତ୍ୟ ବିଶେଷଜ୍ଞ କୃଷ୍ଣଚନ୍ଦ୍ର ବୋଦ୍ରା, , କର୍ପୋରେଟ୍ ସର୍ଭିସେସ୍ ଟାଟା ଷ୍ଟିଲ କଳିଙ୍ଗନଗର ମୁଖ୍ୟ ଦେବଦତ୍ତ ମହାନ୍ତି ଏବଂ ଟାଟା ଷ୍ଟିଲ ଫାଉଣ୍ଡେସନ୍ ଆଦିବାସୀ ସଂସ୍କୃତି ଓ କୋଲିଆରିଜ୍ ମୁଖ୍ୟ ଜିରେନ୍ ଜାଭିୟର୍ ଟପ୍ପୋ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଏହି ଉତ୍ସବରେ ଆଦିବାସୀ ସଂସ୍କୃତି, ପାରମ୍ପରିକ କଳା, ସଙ୍ଗୀତ ଓ ନୃତ୍ୟକୁ ପ୍ରଦର୍ଶିତ କରାଯାଇଥିଲା। ସେମାନଙ୍କ ଅଧିକାର ସୁରକ୍ଷା ଓ ଭବିଷ୍ୟତ ଗଠନରେ କୃତ୍ରିମ ବୁଦ୍ଧିମତ୍ତା (ଏଆଇ) କିପରି ସହାୟକ ହୋଇପାରିବ ସେନେଇ ଆଲୋଚନା ହୋଇଥିଲା। ଏହି ଅବସରରେ ଆଦିବାସୀ ଗ୍ରାମ ଏବଂ ମହାବିଦ୍ୟାଳୟଗୁଡ଼ିକରେ ଚଳଚ୍ଚିତ୍ର ପ୍ରଦର୍ଶନ, ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରଦର୍ଶନ, ପ୍ରତିଭାଶାଳୀ ଆଦିବାସୀ ଯୁବକ-ଯୁବତୀ ଓ ଟ୍ରାଇବାଲ୍ ଲିଡରସିପ୍ ପ୍ରୋଗ୍ରାମ୍ (ଟିଏଲପି) ର ପୂର୍ବତନ ଛାତ୍ରଛାତ୍ରୀଙ୍କୁ ସମ୍ମାନିତ କରାଯାଇଥିଲା। ପାରମ୍ପରିକ ଖାଦ୍ୟ, ପୋଷାକ, ବାଦ୍ୟଯନ୍ତ୍ର ଏବଂ ହସ୍ତଶିଳ୍ପ ପ୍ରଦର୍ଶିତ କରୁଥିବା ବିଭିନ୍ନ ଷ୍ଟଲ୍ ମାଧ୍ୟମରେ ଅଞ୍ଚଳର ସାଂସ୍କୃତିକ ବିବିଧତା ପ୍ରଦର୍ଶନ କରାଯାଇଥିଲା। ମିର୍ଗିଛରା ଆଦିବାସୀ ୟୁଥ କ୍ଲବ୍ ଦ୍ୱାରା ଏକ ସାମାଜ ସଚେତନତା ମୂଳକ ନାଟକ ମଞ୍ଚସ୍ଥ କରାଯାଇଥିଲା। ଆଦିବାସୀ-ପ୍ରାଧାନ୍ୟ ଅଞ୍ଚଳର ପାଞ୍ଚାୟତିରାଜ ଅନୁଷ୍ଠାନ ପ୍ରତିନିଧିମାନଙ୍କୁ ସମ୍ମାନିତ କରାଯାଇଥିଲା।

## ମହିଳାଙ୍କ ବେକରୁ ଝାମ୍ପି ନେଲେ ସୁନା ଚେନ୍

**ଧର୍ମଶାଳା, ୧୦।୮ (ସମିସ):** ଧର୍ମଶାଳା ଥାନା ଗୋକର୍ଣ୍ଣେଶ୍ୱର ମନ୍ଦିର ନିକଟରେ ଆଜି ସନ୍ଧ୍ୟା ସମୟରେ ଜଣେ ମହିଳାଙ୍କ ବେକରୁ ସୁନା ଚେନ ଲୁଟି ନେଇ ଫେରାର ହୋଇଯାଇଛନ୍ତି ଲୁଟେରା। ଏ ନେଇ ଧର୍ମଶାଳା ଥାନାରେ ଲିଖିତ ଅଭିଯୋଗ ହୋଇଥିଲେ ମଧ୍ୟ ଅଦ୍ୟବଧି କୌଣସି ଅଭିଯୁକ୍ତ ଧରାପଡ଼ିନାହାଁନ୍ତି। ସୂଚନା ମୁତାବକ ଧର୍ମଶାଳା ଥାନା କୋଡପୁର ଗ୍ରାମର ନୃସିଂହ ଚରଣ ସାହୁଙ୍କ ପତ୍ନୀ ଅନ୍ନପୂର୍ଣ୍ଣା ନିଜ ବାପ ଘରକୁ କୁଆଖିଆ ଥାନା ସୁଳିଆ ଗାଁରେ ଯାଇଥିଲେ। ଗତକାଲି ରାକ୍ଷୀ ବାନ୍ଧ? ସାରିବା ପରେ ଆଜି ନିଜ ଭାଇ ପ୍ରଦୀପଙ୍କ ସଂଗେ ଘରକୁ ସଂଧ୍ୟା ସମୟରେ ଫେରୁଥିଲେ। ସଂଧ୍ୟା ସାଢେ ଛଟା ସମୟରେ କେତେ ଜଣ ଦୁର୍ବୃତ୍ତ ଆସି ଅନ୍ନପୂର୍ଣ୍ଣାଙ୍କ ବେକରୁ ସୁନା ଚେନ ଲୁଟି ନେବାରେ ସଫଳ ହୋଇଛନ୍ତି। ଏ ନେଇ ପୋଲିସ ପକ୍ଷରୁ ଖୋଳତାଡ ହୋଇଥିଲେ ମଧ୍ୟ କୌଣସି ଅଭିଯୁକ୍ତଙ୍କ ପତ୍ତା ମିଳିପାରିନାହିଁ।

### ପ୍ଲାଷ୍ଟିକ୍ ବୋତଲରେ ପେଟ୍ରୋଲ ବିକ୍ରି କଟକଣା

## ସମସ୍ୟା ଭୋଗୁଛନ୍ତି ଗ୍ରାମାଞ୍ଚଳ ଗାଡ଼ି ଚାଳକ


**ଦଶରଥପୁର, ୧୦।୮ (ସମିସ):** ଦଶରଥପୁର ବ୍ଲକ ଅଞ୍ଚଳରେ କିଛି ବ୍ୟବସାୟୀ ଲୁଚା ଛପାରେ ପ୍ଲାଷ୍ଟିକ ବୋତଲରେ ପେଟ୍ରୋଲ ବିକ୍ରି କରୁଥିଲେ ମଧ୍ୟ କୌଣସି ଯାଞ୍ଚ ହେଉନାହିଁ। ଯାହା ଏବେ ସାଧାରଣ ଲୋକଙ୍କ ମଧ୍ୟରେ ଆଲୋଚନା ଯୋର ଧରିଛି। ସରକାର ପ୍ଲାଷ୍ଟିକ ବୋତଲରେ ଗ୍ରାହକଙ୍କୁ ପେଟ୍ରୋଲ ପ୍ରଦାନ କରାଯିବ ନାହିଁ ବୋଲି ନିର୍ଦ୍ଦେଶନାମା ଜାରି କରିଛନ୍ତି। ସରକାର ଏହା ଘୋଷଣା କରିବା ପରେ ମୁଖ୍ୟତଃ ବାଇକ୍ ଏବଂ କାର ଚାଳକ ବହୁ ମାତ୍ରାରେ ଅସୁବିଧାର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳୁଛି। କେବଳ ଅସୁବିଧାରେ ପଡୁନାହାନ୍ତି ବରଂ ଅନେକ ପେଟ୍ରୋଲ ପମ୍ପରେ ପେଟ୍ରୋଲ ଟାଙ୍କି କର୍ମଚାରୀ ଏବଂ ପ୍ଲାଷ୍ଟିକ ବୋତଲରେ ପେଟ୍ରୋଲ ନେବାକୁ ଆସୁଥିବା ଗ୍ରାହକଙ୍କ ମଧ୍ୟରେ କଥା କଟାକଟି ପର୍ଯ୍ୟନ୍ତ ଘଟଣା ଘଟୁଥିବା ପରିଲକ୍ଷିତ ହେଉଛି। ଦଶରଥପୁର ବ୍ଲକ ଅନ୍ତର୍ଗତ ଗାଁ ଗହଳିରେ ସରକାରଙ୍କ ପ୍ଲାଷ୍ଟିକ ବୋତଲରେ ପେଟ୍ରୋଲ ବିକ୍ରି ନିଷେଧ ନିୟମକୁ ନେଇ ଏତେଟା ସମସ୍ୟା ନଥିଲେ ମଧ୍ୟ ବ୍ଲକ ଅଧୀନ ପ୍ରମୁଖ ରାସ୍ତା ପାର୍ଶ୍ୱରେ ଯେଉଁ ବ୍ୟବସାୟୀ ଖୋଲାରେ ପେଟ୍ରୋଲ ବିକ୍ରି କରୁଥିଲେ ସରକାରଙ୍କ ନୂତନ ନିର୍ଦ୍ଦେଶନାମା ଯୋଗୁଁ ଭୟରେ ସେମାନେ ପେଟ୍ରୋଲ ବିକ୍ରି ବନ୍ଦ କରି ଥିବାରୁ ରାସ୍ତାରେ ଯାତାୟାତ କରୁଥିବା ବାଇକ ଓ କାର୍ ଚାଳକ ଯାନରେ ତେଲ ଶେଷ ହେବା ପରେ ନାହିଁ ନଥିବା ସମସ୍ୟାରେ ପଡୁଛନ୍ତି। କିଛି ବର୍ଷ ପୂର୍ବେ ହେଲମେଟ ପିନ୍ଧିବା ନିୟମକୁ ସରକାର କଡ଼ାକଡ଼ି କରିବା ସହିତ ହେଲମେଟ୍ ନ ପିନ୍ଧିଲେ ପେଟ୍ରୋଲ ଟାଙ୍କିରେ ପେଟ୍ରୋଲ ମିଳିବ ନାହିଁ ବୋଲି ନିୟମ ଧାର୍ଯ୍ୟ କରିଥିଲେ। ମାତ୍ର ଧୀରେ ଧୀରେ ଏହି ନିୟମ ହୁଗୁଳି ଗଲା। ତେଣୁ ସରକାର ଆଣିଥିବା ନୂଆ ନିୟମ ଯେପରି ସବୁଠି ପାଳନ ହେବ ସେଥିପ୍ରତି ସରକାର ଏବଂ ପ୍ରଶାସନ ନିଘା ରଖିବାକୁ ଦାବି ହୋଇଛି।

## ନିରଞ୍ଜନ ମହାନ୍ତି ସାଂସଦଙ୍କ ତହସିଲ ପ୍ରତିନିଧି



**ବାଲିଚନ୍ଦ୍ରପୁର, ୧୦।୮ (ସମିସ):** ବଡ଼ଚଣା ବ୍ଲକ ଅନ୍ତର୍ଗତ ଗୋପାଳପୁର ଗ୍ରାମର ନିରଞ୍ଜନ ମହାନ୍ତିଙ୍କୁ ଯାଜପୁର ଲୋକସଭା ସାଂସଦ ଡ. ରବୀନ୍ଦ୍ର ନାରାୟଣ ବେହେରା ଦର୍ପଣ ତହସିଲ କାର୍ଯ୍ୟାଳୟର ନିଜର ପ୍ରତିନିଧି ଭାବେ ନିଯୁକ୍ତି ଦେଇଛନ୍ତି। ସାଂସଦ ଡ. ବେହେରା ଏଥିନେଇ ଏକ ଚିଠି ମାଧ୍ୟମରେ ଦର୍ପଣ ତହସିଲଦାର ମାନସ କୁମାର ତ୍ରିପାଠୀଙ୍କୁ ଅବଗତ କରାଇଛନ୍ତି। ସାଧାରଣ ଲୋକଙ୍କ ରାଜସ୍ୱ ସମ୍ପର୍କିତ ବିଭିନ୍ନ ସମସ୍ୟାର ସମାଧାନ ପାଇଁ ନିସ୍ୱାର୍ଥ ସେବା ଯୋଗାଇବାକୁ ଉଦ୍ୟମ କରିବେ ବୋଲି ଶ୍ରୀ ମହାନ୍ତି 'ସକାଳ'କୁ ସୂଚନା ଦେଇଛନ୍ତି।

## ଶ୍ରୀରାଧାରାହାସ ବିହାରୀଜୀଉଙ୍କ ଝୁଲଣଯାତ୍ରା



**ଧର୍ମଶାଳା, ୧୦।୮ (ସମିସ):** ଧର୍ମଶାଳା ବ୍ଲକ ଚୋରମୁହାଁ ଗ୍ରାମର ଇଷ୍ଟଦେବ ତଥା ଧର୍ମଶାଳା ମୁନସୀ ମିଳନର ଆନପତି ଠାକୁର ଶ୍ରୀଶ୍ରୀ ରାହାସ ବିହାରୀଜିୟୁଙ୍କ ଝୁଲଣ ପର୍ବ ଅଜି ଉଦ୍‌ଯାପିତ ହୋଇଛି। ଗତ ୪ ତରିଖରୁ ଆରମ୍ଭ ହୋଇ ଏହି ଉତ୍ସବର ପ୍ରତ୍ୟେକ ସନ୍ଧ୍ୟାରେ ଘଣ୍ଟ କୀର୍ତ୍ତନ କରାଯାଇ ପ୍ରଭୁଙ୍କୁ ଶ୍ରୀମନ୍ଦିରରୁ ଝୁଲଣ ମଣ୍ଡପକୁ ବିଜେ କରାଯାଇଥାଏ। ସେଠାରେ ଠାକୁରଙ୍କୁ ଏକ ସୁସଜିତ ଦୋଳିରେ ବସାଯାଇ ଝୁଲାଯାଇଥାଏ। ସପ୍ତାହେ ବ୍ୟାପି ଏହି ଝୁଲଣଯାତ୍ରା ସମୟରେ ଗାଁରେ ରଙ୍ଗିନ ଆଲୋକମାଳା, ତୋରଣ ଓ ଫୁଲରେ ସଜାଯାଇଥାଏ। ଆଜି ଶେଷ ଦିନରେ ଠାକୁରଙ୍କୁ ଭଜନ କିର୍ତନ୍ନ କରାଯାଇ ଡୋଳିରେ ଝୁଲାଯାଇଥିଲା। ସପ୍ତାହେ ବ୍ୟାପୀ ଚାଲିଥିବା ଏହି କାର୍ଯ୍ୟକ୍ରମକୁ ଗ୍ରାମର ଆନନ୍ଦ ବିହାରୀ ନାୟକ, ରବୀନ୍ଦ୍ର କୁମାର ମହାନ୍ତି, ଇଶ୍ୱର ଚନ୍ଦ୍ର ବେହେରା, ଉଦୟମହାନ୍ତି, ପୀତବାସ ପାତ୍ର, ଗୁରୁଚରଣ ମହାନ୍ତି, ଦଶାରଥ ନାଥ, ମନୋରଞ୍ଜନ ଦାସ, ଶ୍ରୀକାନ୍ତ ବେହେରା, ଚନ୍ଦ୍ରମଣି ଓଝା, ଅନିଲ ପରିଡ଼ା, ରତ୍ନାକର ମହାନ୍ତି, ସୁବାସ ରାଉତ, ନାରାୟଣ ମହାରଣା, ରିଟୁ ବାରିକ ପ୍ରମୁଖ ପରିଚାଳନାରେ ସହାୟତା କରିଥିଲେ।

### ରକ୍ଷଣା ବେକ୍ଷଣ ଅଭାବ

# ସୋନ୍ଦର୍ଯ୍ୟ ହରାଇଛି ଗ୍ରାମାଞ୍ଚଳ ପାର୍କ

କୟାଁଗୋଲା, ୧୦।୮ (ସମିସ)



ରାଜ୍ୟ ସରକାର ଗ୍ରାମାଞ୍ଚଳର ବିକାଶ ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରି ଆସୁଛନ୍ତି। ପ୍ରାୟ ୧ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ବ୍ୟୟରେ ନିର୍ମିତ ହୋଇଥିବା ଦଶରଥପୁର ବ୍ଲକ କମାଡ଼ିଅ ପଞ୍ଚାୟତ ଜୟଚଣ୍ଡୀ ନୋଡାଲ ସ୍କୁଲ ପାର୍କ ରକ୍ଷଣାବେକ୍ଷଣ ଅଭାବରୁ ପ୍ରାୟ ୧ ବର୍ଷ ହେଲା ଶ୍ରୀହୀନ ହୋଇପଡ଼ିଛି। କମାଡ଼ିହ ପଞ୍ଚାୟତ ଯାଜପୁରରୁ କୟାଁଗୋଲା ମୁଖ୍ୟରାସ୍ତା କଡ଼ରେ ଗତ ୨୦୨୦-୨୧ ଆର୍ଥିକ ବର୍ଷରେ ନିର୍ମିତ ହୋଇଥିବା ରୁରାଲ ପାର୍କ ବର୍ତ୍ତମାନ ତାର ସୋନ୍ଦର୍ଯ୍ୟ ହରାଇଛି। ସୁନ୍ଦର ପରିବେଶରେ ସୁସଜ୍ଜିତ ଓ ଆଲୋକ ସଂଯୋଗୀକରଣରେ ପରିବେଷ୍ଟିତ ପାର୍କରେ ବିଦ୍ୟୁତ ସଂଯୋଗ ବିଚ୍ଛିନ୍ନ ହୋଇଥିବାରୁ ସନ୍ଧ୍ୟା ହେଲେ ଅନ୍ଧକାର ମାଡ଼ି ଆସୁଛି। ଏଥିସହ ଜନସାଧାରଣଙ୍କୁ ଆକର୍ଷିତ କରୁଥିବା ପାର୍କର ସୌନ୍ଦର୍ଯ୍ୟମୟ ସାମଗ୍ରୀ ଗୁଡିକ ଭାଙ୍ଗିରୁଜି ସମ୍ପୂର୍ଣ୍ଣ ରୂପେ ନଷ୍ଟ ହେବାକୁ ବସିଲାଣି। ଫଳରେ ତାହା ବର୍ତ୍ତମାନ ଆସାମଜିକ ସ୍ଥଳୀ ପାଲଟିଛି। ସନ୍ଧ୍ୟା ହେବା ମାତ୍ରେ ସେଠାରେ ମଦ୍ୟପଙ୍କ ରାଜୁତି ଚାଲୁଛି। ସେହିପରି ସକାଳୁ ସନ୍ଧ୍ୟା ଯାଏଁ ପାର୍କ ପରିସର ଗାଇ, ଛେଳିଙ୍କ ଚରାଭୂମି ପାଲଟିଯାଇଛି। ଏପରିକି ଗାଇ ଓ ଛେଳି ଧରି ଯାଉଥିବା ଚରାଳି ମାନେ ନିର୍ଭୟରେ ପାର୍କ ମଧ୍ୟକୁ ଛେଳି ଓ ଗାଇ ପଲ ଛାଡି ଦେଉଥିଲେ ମଧ୍ୟ ସେମାନଙ୍କୁ ଆକଟ କରିବାକୁ ସେଠାରେ କାହାର ଦେଖାନାହିଁ। ୨୦୧୯ ମସିହାରେ ପାର୍କ ନିର୍ମାଣ ସକାଶେ ମନରେଗା ଯୋଜନା, ପଞ୍ଚାୟତ ସମିତି ପାଣ୍ଠି ଏବଂ ପଞ୍ଚାୟତ ପାଣ୍ଠିରୁ ୧କୋଟିରୁ ଉର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ ହୋଇ ପାର୍କଟି ଖୁବ୍ ଆକର୍ଷଣୀୟ ହୋଇପାରିଥିଲା। ଅତି ସୁନ୍ଦରମୟ ପରିବେଶରେ ପାର୍କଟି ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲା। ଏପରିକି ରାଜ୍ୟ ତଥା ବିଭିନ୍ନ ଜିଲ୍ଲାର ଯଥା ଭଦ୍ରକ ଜିଲ୍ଲାର ପ୍ରସିଦ୍ଧ ଶୈବ କ୍ଷେତ୍ର ଆଖଣ୍ଡଳମଣି ଯାଉଥିବା ଯାତ୍ରୀମାନେ ଓ ପ୍ରଶାସନିକ ଅଧିକାରୀମାନେ ବ୍ଲକ ଗସ୍ତରେ ଆସି ଏହି ପାର୍କ ପରିଦର୍ଶନ କରିବା ସମୟରେ ମନୋରମ ପାର୍କର ନିର୍ମାଣ କାର୍ଯ୍ୟକୁ ପ୍ରଶଂସା କରିଥିଲେ। ଉଦଘାଟନ ପରେ ପାର୍କରେ ଲୋକଙ୍କ ଭିଡ ଦେଖିବାକୁ ମିଳୁଥିଲା। ଏପରିକି ମା' ଜୟଚଣ୍ଡୀ ପୀଠକୁ ଦର୍ଶନ ନିମନ୍ତେ ଦୂରଦୂରାନ୍ତରୁ ଆସୁଥିବା ପର୍ଯ୍ୟଟକମାନେ ଉକ୍ତ ପାର୍କରେ ପରିଭ୍ରମଣ କରି ମଜା ନେଉଥିଲେ। ହେଲେ ଆଜି ତାହା ଜରାଜୀର୍ଣ୍ଣ ଅବସ୍ଥାରେ ପଡ଼ିରହିଛି। ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ପଞ୍ଚାୟତବାସି ଦାବି କରିଛନ୍ତି। ଏନେଇ ପୂର୍ବତନ ସରପଞ୍ଚଙ୍କ ପ୍ରତିନିଧି ପ୍ରିୟବ୍ରତ ବିଶ୍ୱାଳଙ୍କୁ ପଚାରିବାରୁ ବ୍ଲକ ପ୍ରଶାସନର ଅବହେଳା ଏବଂ ପଞ୍ଚାୟତର ନିର୍ବାଚିତ ପ୍ରତିନିଧିଙ୍କ ଦାୟିତ୍ୱହୀନତକୁ ଦାୟି କରିଛନ୍ତି। ସେହିପରି କମାଡ଼ିହ ପଞ୍ଚାୟତ ସ୍ଥାନୀୟ ସରପଞ୍ଚ ଚିତ୍ତରଞ୍ଜନ ନାୟକ ପଚାରିବାରୁ ସେ କହିଥିଲେ ଏହିଥର ୨୦୨୫ -୨୬ ମସିହା ଫାଇଲ ଖୋଲାଯାଇଛି। ଦଶରଥପୁର ବ୍ଲକ ବିଡିଓ ଆକାଶ ପଟ୍ଟନାୟକ ନିକଟରେ ସରପଞ୍ଚ ଦାବି କରିଛନ୍ତି। ଏହା ଯଥାଶୀଘ୍ର ରିପାରିଂ କାର୍ଯ୍ୟ କରିବାକୁ ଦାବି କରିଛନ୍ତି।

### ବରୀ ବିଜେପିରେ ଗୋଷ୍ଠୀ କନ୍ଦଳ

## ଦୁଇ ଗୋଷ୍ଠୀ ହାତାହାତି



**ଯାଜପୁର, ୧୦।୮ (ସମିସ):** ରାଜ୍ୟରେ ବିଜେପି କ୍ଷମତାକୁ ଆସିବା ପରେ ବିଭିନ୍ନ ସ୍ଥାନରେ ବିଜେପି ସଂଗଠନ ମଧ୍ୟରେ ଗୋଷ୍ଠୀ କନ୍ଦଳ ଦେଖିବାକୁ ମିଳିଛି। ଦଳ ଭିତରେ ନୂଆ ପୁରୁଣା ଭେଦଭାବ ଅତ୍ୟନ୍ତ ଗୁରୁତର ରହିଥିବା ଅଭିଯୋଗ ହୁଏ। ଖୋଲାଖୋଲି ସାମାଜିକ ଗଣମାଧ୍ୟମରେ ମଧ୍ୟ ଚର୍ଚ୍ଚା ହୁଏ। ଯାଜପୁର ଜିଲ୍ଲାର ପ୍ରାୟସମସ୍ତ ୭ଟି ନିର୍ବାଚନ ମଣ୍ଡଳୀରେ ଏହି ଗୋଷ୍ଠୀ କନ୍ଦଳ ଦେଖାଦେଇଛି। ଏହି କ୍ରମରେ ଆଜି ରସୁଲପୁର ବ୍ଲକ ରାଜେନ୍ଦ୍ରପୁର ପଞ୍ଚାୟତରେ ଗୋଷ୍ଠୀ କନ୍ଦଳ ଦେଖାଦେଇ ଦୁଇ ଗୋଷ୍ଠୀ ହାତାହାତି ହୋଇଛନ୍ତି। ସକାଳ ୧୧ ଘଟିକା ସମୟରେ ରାଜେନ୍ଦ୍ରପୁର ପଞ୍ଚାୟତ କରଜଙ୍ଗାଠାରେ ମଙ୍ଗଳା ମନ୍ଦିର ଭୂମି ପୂଜା ଉତ୍ସବ ଥିଲା। ଏଥିରେ ଯାଜପୁର ସାଂସଦ ରବୀନ୍ଦ୍ର ନାରାୟଣ ବେହେରା ଓ ବରୀର ପୂର୍ବତନ ବିଧାୟିକା ସୁନନ୍ଦା ଦାସ ଯୋଗ ଦେଇଥିଲେ। ଗହଳି ଚହଳି ସମୟରେ ଅର୍ଥଙ୍ଗା ପଞ୍ଚାୟତର ବିଜେପି କର୍ମୀ ବିଦ୍ୟାଧର କରଣ ଗାଡ଼ି ନେଇ ଯିବା ସମୟରେ ଆଗରେ ଛିଡା ହୋଇଥିବା ଆଶୁ ବାରିକଙ୍କ ଗୋଡ଼ରେ ଧକ୍କା ଲାଗିଥିଲା। ଯାହାକୁ ନେଇ ଆଶୁ ଉତ୍ୟକ୍ତ ହୋଇ ବିଦ୍ୟାଧର କରଣଙ୍କୁ ମାଡ଼ ମାରିଥିଲେ। ତେବେ ସେଠାରୁ ବିଦ୍ୟାଧର ଫେରି ଆସିଥିଲେ। ପରେ ଉଭୟଙ୍କ ମଧ୍ୟରେ ପୁନର୍ବାର ଉକ୍ତ ଘଟଣାକୁ ନେଇ ବଚସା ହୋଇ ଘଟଣା ଉଗ୍ରରୂପ ନେଇଥିଲା। ଏହି ହାତାହାତି ଘଟଣାକୁ ଦେଖି ଦଳୀୟ କର୍ମୀ ଉଭୟଙ୍କୁ ଛଡାଛଡି କରିବା ପରେ ଘଟଣା ଶାନ୍ତ ପଡ଼ିଥିଲା। ତେବେ ଏଭଳି ଘଟଣାକୁ ନେଇ ଦଳୀୟ କନ୍ଦଳ ହାଟରେ ପଡ଼ି ଦାଣ୍ଡରେ ଗଡୁଥିବା ନେଇ ସାଧାରଣରେ ଆଲୋଚନା ହେଉଛି। ବରୀ ନିର୍ବାଚନ ମଣ୍ଡଳୀରେ ଗତ ସାଧାରଣ ନିର୍ବାଚନରେ ଦଳ ତରଫରୁ ଉମେଶ ଜେନା ପ୍ରାର୍ଥୀ ହୋଇଥିବା ବେଳେ ନିର୍ବାଚନ ପରେ ପୂର୍ବତନ ବିଧାୟିକା ସୁନନ୍ଦା ଦାସ ବିଜେପିରେ ସାମିଲ ହେବା ପରେ ଏହି ଗୋଷ୍ଠୀ କନ୍ଦଳ ତୀବ୍ର ହେବାରେ ଲାଗିଛି। ଅନ୍ୟପକ୍ଷରେ ଯାଜପୁର ସାଂସଦ ରବିନାରାୟଣ ବେହେରା ଉମେଶଙ୍କୁ ବାଦ ଦେଇ ସୁନନ୍ଦାଙ୍କୁ ସାଂଗରେ ଧରି ବୁଲୁଥିବାରୁ ଏଭଳି ଗୋଷ୍ଠୀ କନ୍ଦଳ ତୀବ୍ର ହେବାରେ ଲାଗିଥିବା ଚର୍ଚ୍ଚା ହେଉଛି। ଉମେଶ ବିଜେପିର ନେତୃତ୍ୱ ନେଉଥିବା ବେଳେ ରବୀନ୍ଦ୍ର ଲବି କରି ସୁନନ୍ଦାଙ୍କୁ ଦଳରେ ସାମିଲ କରିଥିଲେ। ଏଥିସହିତ ଦଳର ଅନେକ ପୁରୁଖା କ୍ୟାଡର ଏବେ ଅନ୍ୟ ଏକ ଭିନ୍ନ ଗୋଷ୍ଠୀ କରି ବିରୋଧୀ ଦଳରେ ସାମିଲ ହେବା ପାଇଁ ରଣନୀତି କରୁଥିବା ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି।

## ଜାରକା ବୁଦ୍ଧ ଛକ-ଧର୍ମଶାଳା ରାସ୍ତା ପାଲଟିଛି ମୃତ୍ୟୁର ଯନ୍ତା

**ଧର୍ମଶାଳା, ୧୦।୮ (ସମିସ):** ଧର୍ମଶାଳା ବ୍ଲକ ଜାରକା ବୁଦ୍ଧ ଛକ ଠାରୁ ଧର୍ମଶାଳା ବ୍ରାହ୍ମଣୀ ନଦୀକୁ ସଂଯୋଗ କରୁଥିବା ଜଗନ୍ନାଥ ସଡ଼କ ଏବେ ମରଣଯନ୍ତାରେ ପରିଣତ ହୋଇଛି। ଏହି ରାସ୍ତାର ପ୍ରଶସ୍ତୀକରଣ ପାଇଁ ପୂର୍ତ୍ତ ବିଭାଗ ପକ୍ଷରୁ ୧୪କୋଟି ୬୪ ଲକ୍ଷ ଟଙ୍କାର ଟେଣ୍ଡର ଆହ୍ୱାନ କରାଯାଇ ଠିକାଦାରଙ୍କୁ କାର୍ଯ୍ୟାଦେଶ ଦିଆଯାଇଛି। ଡିସେମ୍ବର ୨୦୨୩ ମସିହାରେ ଏହି ରାସ୍ତାର ଶିଳାନ୍ୟାସ କରାଯାଇଥିଲେ ହେଁ ବହୁ ବିଳମ୍ବରେ ଏହି କାର୍ଯ୍ୟ ଆରମ୍ଭ ହୋଇଥିଲା। ତେବେ ରାସ୍ତାର ପ୍ରଶସ୍ତୀକରଣ ସହିତ ରାସ୍ତାର ୩ ଗୋଟି ସ୍ଥାନରେ ଛୋଟ ଛୋଟ ପୋଲ ନିର୍ମାଣ କରିବା ଲାଗି ଠିକାଦାର ବିଭାଗ ସହିତ ଚୁକ୍ତି ମଧ୍ୟ କରିଥିଲା। ତେବେ ଅବଧି ସରିବାର ୯ ମାସ ପରେ ମଧ୍ୟ ଏହି ରାସ୍ତା ନିର୍ମାଣ କାମ ସମ୍ପୂର୍ଣ୍ଣ ହୋଇପାରୁ ନାହିଁ। ଏହି ରାସ୍ତାର ଶାନ୍ତିବଜାର ନିକଟରେ ଦୁଇ ଗୋଟି ଛୋଟ ଛୋଟ ପୋଲ ନିର୍ମାଣ କରାଯାଇଥିଲେ ମଧ୍ୟ ଏହା ସମ୍ପୂର୍ଣ୍ଣ ହୋଇ ନଥିବାରୁ ଅନେକ ସମୟରେ ବାଇକ ଓ କାରବାଲା ଜାଣି ନପାରି ପୋଲ ଉପରୁ ତଳକୁ ଖସିପଡୁଛନ୍ତି। ଏବେ ବର୍ଷା ଦିନ ହୋଇଥିବାରୁ ଲୋକେ ତଳେ ପାଣିରେ ପଡ଼ିବା ଫଳରେ ବର୍ତ୍ତୀ ଯାଉଛନ୍ତି। ଏହି ପୋଲ କାମ ସମାପ୍ତ ହୋଇ ନଥିବାରୁ ଏହି ରାସ୍ତାରେ ନଯିବା ଲାଗି ବାରା କରିବା ଆବଶ୍ୟକ ରହିଛି। ହେଲେ ବିଭାଗୀୟ ଅଧିକାରୀଙ୍କ ଖାମଖିଆଲ ମନୋଭାବ ଯୋଗୁଁ ଏହା ସମ୍ଭବପର ହୋଇପାରୁ ନାହିଁ। ଗତ କିଛି ଦିନ ତଳେ ଏକ ବାଇକ୍ ଆରୋହୀ ଉକ୍ତ ରାସ୍ତାରେ ଯାଉଥିବା ବେଳେ ହଠାତ ୨୦ ଫୁଟ ତଳକୁ ବାଇକ ସହ ଖସିପଡ଼ିଥିଲା। ତେବେ ତଳେ ପାଣି ରହିଥିବାରୁ ଯୁବକ ଜଣକ ଅଳ୍ପକେ ବର୍ତ୍ତୀ ଯାଇଥିଲେ। ପରେ ସ୍ଥାନୀୟ ଲୋକମାନଙ୍କ ସହଯୋଗରେ ବାଇକଟି ଉଦ୍ଧାର କରାଯାଇଥିଲା। ଅନେକ ସମୟରେ ଧର୍ମଶାଳା ଆଡୁ ଆସୁଥିବା ଅଜଣା ଲୋକମାନେ ସିଦ୍ଧା ରାସ୍ତା ଭାବି ନୂତନ ପୋଲ ରାସ୍ତା ଦେଇ ଯିବା ସମୟରେ ଏଭଳି ଅସୁବିଧାର ସମ୍ମୁଖିନ ହେଉଛନ୍ତି। ତେବେ ବଡଧରଣର କୌଣସି ଅଘଟଣ ଘଟିବା ପୂର୍ବରୁ ବିଭାଗୀୟ ଅଧିକାରୀମାନେ ଏଥିପ୍ରତି ଦୃଷ୍ଟି ନଦେଲେ ଆଗକୁ ବଡଧରଣର ଅଘଟଣ ଘଟିବା ନେଇ ଆଶଙ୍କା କରାଯାଇଛି। ଯଥାଶିଘ୍ର ଏହି ଅଧା ନିର୍ମାଣ ରାସ୍ତାକୁ ସିଲ କରିବାକୁ ସାଧାରଣରେ ଦାବି ହୋଇଛି।

## ଶାରୀରିକ ଶିକ୍ଷା ସଂଗଠନ କାର୍ଯ୍ୟକାରିଣୀ ବୈଠକ

**ଯାଜପୁର, ୧୦।୮ (ସମିସ):** ଯାଜପୁର ଜିଲ୍ଲା ବିଦ୍ୟାଳୟସମୂହ ଶାରୀରିକ ଶିକ୍ଷା ସଂଗଠନ କାର୍ଯ୍ୟକାରିଣୀ ବୈଠକ ଯାଜପୁର ଇଣ୍ଡୋର୍ ଷ୍ଟାଡିୟମରେ ଜିଲ୍ଲା ଶିକ୍ଷାଧିକାରୀ ମହେଶ୍ୱର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ଭାରପ୍ରାପ୍ତ ଶାରୀରିକ ଶିକ୍ଷା ଅଧିକାରୀ ରାଜେଶ୍ କୁମାର ସେଠୀ ୨୦୨୪-୨୫ ମସିହାର ବିବରଣୀ ପାଠ କରିବା ସହିତ ୨୦୨୫-୨୬ ମସିହାର ଜିଲ୍ଲା କ୍ରୀଡା ନିମନ୍ତେ ବ୍ୟୟ ଅଟକଳ ବିଷୟରେ ଆଲୋକପାତ କରିଥିଲେ। ଏହି ବୈଠକରେ ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲା ଶିକ୍ଷଧିକାରୀ ସୁରମା ମହାପାତ୍ର ଓ ସବିତା ସାହୁ, ଅବସରପ୍ରାପ୍ତ ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ଶମ୍ଭୁନାଥ ଦଶ ଯୋଗଦାନ କରି ଜିଲ୍ଲା ସ୍ତରୀୟ ପ୍ରତିଯୋଗିତା ସୁଚାରୁ ରୂପେ ପରିଚାଳନା କରିବା ନିମନ୍ତେ ଆଲୋଚନା କରିଥିଲେ। ଜିଲ୍ଲା ଶିକ୍ଷାଧିକାରୀ ଶ୍ରୀଯୁକ୍ତ ସାହୁ ଜିଲ୍ଲାସ୍ତରୀୟ ଖେଳକୁଦ ରେ କିପରି ଗ୍ରାସ ରୁଟରୁ ବଛା ବଛା କ୍ରୀଡାବିତ୍ ଆସିପାରିବେ ସେ ବିଷୟରେ ଆଲୋଚନା କରିଥିଲେ। ଉକ୍ତ ବୈଠକରେ ଦଶ ଗୋଟି ମଣ୍ଡଳରୁ ମଣ୍ଡଳ ଶିକ୍ଷାଧିକାରୀ ସୁଦର୍ଶନ ମଲ୍ଲିକ, ଦେବୀଲାଲ ମଲ୍ଲିକ ଓ ଅତିରିକ୍ତ ମଣ୍ଡଳ ଶିକ୍ଷାଧିକାରୀ, ମଣ୍ଡଳ ପ୍ରଧାନ ଶିକ୍ଷକ, ମଣ୍ଡଳ ସମ୍ପାଦକ ଶଙ୍କର୍ଷଣ ବେହେରା, ଗଗନ ବାରିକ, ହରିହର ଜେନା, ସେଖ ସମିମ୍, ସତ୍ୟସୁନ୍ଦର ମହାପାତ୍ର, କାଳନ୍ଦୀ ସାହୁ, ଅବିନାଶ ପାଣିଗ୍ରାହୀ, ରବୀନ୍ଦ୍ର କୁମାର ମହାନ୍ତି, ସୁବାସ ବିଶ୍ୱାଳ, ସୁବାସ ବାରିକ, ବିନୋଦ ଦଳାଇ, ଅରୁଣ କୁମାର ଜେନା, ସୋନାଲି ସାହୁ ଯୋଗଦାନ କରିଥିଲେ। ଉକ୍ତ ବୈଠକକୁ ବିକାଶ କୁମାର ସାହୁ ଓ ନିରଞ୍ଜନ ଶତପଥୀ ପରିଚାଳନା କରିଥିଲେ।

## କୋତପୁର ପଞ୍ଚାୟତରେ ସମ୍ବର୍ଦ୍ଧନା ଉତ୍ସବ

**ଧର୍ମଶାଳା, ୧୦।୮ (ସମିସ):** ଧର୍ମଶାଳା ବ୍ଲକ କୋତପୁର କଲ୍ୟାଣ ମଣ୍ଡପଠାରେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ପାଇଁ ମନୋନୀତ ଶିଶୁ ସାହିତ୍ୟିକ ଡ. ରାଜକିଶୋର ପାଢ଼ୀଙ୍କୁ ପଞ୍ଚାୟତ ତରଫରୁ ଆଜି ସମ୍ବର୍ଦ୍ଧିତ କରାଯାଇଛି। ଅବସରପ୍ରାପ୍ତ ଶିକ୍ଷକ ନିର୍ମଳ ରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମ୍ବର୍ଦ୍ଧନା ଉତ୍ସବରେ ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ତାଙ୍କୁ ବିଧାୟକ ଶ୍ରୀ ସାହୁ ମାନପତ୍ର ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିବା ବେଳେ ଗ୍ରାମବାସୀଙ୍କ ତରଫରୁ ବିଧାୟକ ଶ୍ରୀ ସାହୁଙ୍କୁ ପୁଷ୍ପଗୁଚ୍ଛ ଓ ଉପଢୌକନ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ବାମଦେବ ପାଢ଼ୀ, ସରପଞ୍ଚ ସୁନାକର ବେହେରା, ସମିତି ସଭ୍ୟା ଝୁଲିରାଣୀ ମଲିକ, ୧୫ ନଂ ଜୋନ ମଣ୍ଡଳ ସଭାପତି ପ୍ରଶାନ୍ତ ନାୟକ ଓ ପ୍ରଭାରୀ ଅମିତ ପ୍ରଧାନ ପ୍ରମୁଖ ମାଞ୍ଚାସୀନ ହୋଇଥିଲେ। ବିଜେପି ନେତା ତପନ କୁମାର ମାହୁନ୍ତ, ନିଗମାନନ୍ଦ ଦାସ, ଦିବଜ୍ୟୋତି ପରିଡ଼ା, ଦିଲିପ ବେହେରା ପ୍ରମୁଖ ପରିଚାଳନାରେ ସହାୟତା କରିଥିଲେ।

## ଗଙ୍ଗାଧର ମେହେର ଜୟନ୍ତୀ



**ଧର୍ମଶାଳା, ୧୦।୮ (ସମିସ):** ଧର୍ମଶାଳା ସାହିତ୍ୟ ସମାଜ ପକ୍ଷରୁ ରକ୍ଷାବନ୍ଧନ ଓ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଜୟନ୍ତୀ ଉତ୍ସବ ଜାରକା ସ୍ଥିତ ଆମ ପାଠାଗାର ପରିସରରେ ପାଳିତ ହୋଇଯାଇଛି। କାର୍ଯ୍ୟକାରୀ ସଭାପତି ବେଣୁଧର ନାୟକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉତ୍ସବରେ ବ୍ରହ୍ମବାରଦା ଡିଗ୍ରୀ କଲେଜ ଅଧ୍ୟକ୍ଷ ମହେଶ୍ୱର ପାଢ଼ୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଉତ୍ସବକୁ ଉଦଘାଟନ କରିବା ସହ ମେହେରଙ୍କ ସାହିତ୍ୟ କୃତିର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ବିଶିଷ୍ଟ ପାଲାକାର ରଜନୀକାନ୍ତ ପୃଷ୍ଟି ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ସାଧାରଣ ସମ୍ପାଦକ ଡ. ପ୍ରଶାନ୍ତ କୁମାର ସ୍ୱାଇଁ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। କବି ବିଜୟ କୁମାର ଦେବତା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଶିକ୍ଷକ ଗଣେଶ୍ୱର ବେହେରା ସ୍ୱାଗତ ଭାଷଣ ଦେଇଥିଲେ। ସଦସ୍ୟ ବେଣୁଧର ଦାସ ଓ ସରୋଜିନୀ ପଣ୍ଡା ପ୍ରାରମ୍ଭିକ ସଙ୍ଗୀତ ପରିବେଷଣ କରିଥିଲେ। ଦ୍ୱିତୀୟ ଅଧିବେଶନରେ ଗଙ୍ଗାଧରଙ୍କ କବିତା ପାଠ କରାଯାଇଥିଲା। ସର୍ବଶ୍ରୀ କବି ଶଶିଭୂଷଣ ଦ୍ୱାରୀ, ଅବସରପ୍ରାପ୍ତ ପ୍ରାଧ୍ୟାପକ ରାଧାଶ୍ୟାମ ସାହୁ, ପ୍ରଫୁଲ୍ଲ କୁମାର ସ୍ୱାଇଁ, ଯୁଧିଷ୍ଠିର ସ୍ୱାଇଁ, ଧ୍ରୁବଚରଣ ବିଶ୍ୱାଳ, ପ୍ରଭାତ ମଲ୍ଲିକ, ସନ୍ତୋଷ କୁମାର ବେହେରା, ଯୁଗଳ କିଶୋର ଦାସ, ଗୋବିନ୍ଦ ଚନ୍ଦ୍ର ସାହୁ, ବ୍ରଜକିଶୋର ଦାଶ, ଗୋଲକ ଚନ୍ଦ୍ର ପଲେଇ ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ। କବି ଦୀନବନ୍ଧୁ ତ୍ରିପାଠୀ ଧନ୍ୟବାଦ ଦେଇଥିଲେ।

# ସାମୂହିକ ଔଷଧ ସେବନ କାର୍ଯ୍ୟକ୍ରମ ଶୁଭାରମ୍ଭ

ଯାଜପୁର, ୧୦।୮ (ସମିସ)




ଫାଇଲେରିଆ ନିରାକରଣ ପାଇଁ ସାମୂହିକ ଔଷଧ ସେବନ କାର୍ଯ୍ୟକ୍ରମର ଜିଲ୍ଲାସ୍ତରୀୟ ଶୁଭାରମ୍ଭ ବଡ଼ଚଣା ବିଧାୟକ ଅମର କୁମାର ନାୟକଙ୍କ ଦ୍ୱାରା ବଡ଼ଚଣା ବ୍ଲକ ମହାଖଳା ଗ୍ରାମପଞ୍ଚାୟତ ଅନ୍ତର୍ଗତ ମହାଖଳା ଆୟୁଷ୍ମାନ ଆରୋଗ୍ୟ ମନ୍ଦିରରେ ଅନୁଷ୍ଠିତ ହୋଇଯାଇଛି। ଆଜି ଅପରାହ୍ନ ରେ ଏହି ଉଦ୍‌ଘାଟନୀ ସଭାରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଶ୍ରୀ ନାୟକ ସାମୂହିକ ଔଷଧ ସେବନ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଜିଲ୍ଲା ମୁଖ୍ୟ ଚିକିତ୍ସା ଏବଂ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ବିଜୟ କୁମାର ମିଶ୍ର ସମସ୍ତ ଅତିଥିଙ୍କୁ ସ୍ୱାଗତ କରିବା ସହିତ ସାମୂହିକ ଔଷଧ ସେବନ କାର୍ଯ୍ୟକ୍ରମର ଗୁରୁତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ଜିଲ୍ଲାପାଳ ଅମ୍ବର କୁମାର କର ଫାଇଲେରିଆ ରୋଗର ଭୟାଭୟତା ସମ୍ପର୍କରେ ଆଲୋଚନା କରିଥିଲେ। ରାଜ୍ୟ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶାଳୟର ଅତିରିକ୍ତ ନିର୍ଦ୍ଦେଶକ (ଭିବିଡି) ଡା. ପ୍ରଭାକର ସାହୁ ସାମୂହିକ ଔଷଧ ସେବନ କାର୍ଯ୍ୟକ୍ରମର ବିଭିନ୍ନ ଦିଗ ତଥା ଏହାର ସଫଳ ରୂପାୟନ ପାଇଁ ଅନୁରୋଧ କରିଥିଲେ। ଜିଲ୍ଲା ଅତିରିକ୍ତ ନିର୍ଦ୍ଦେଶକ (ଭିବିଡି) ଡା. ରଶ୍ମି ରଞ୍ଜନ ସାହୁ ଧନ୍ୟବାଦ୍ ଅର୍ପଣ କରିଥିଲେ। ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଅଧିକ୍ଷକ ଡା. ଶ୍ରୀକାନ୍ତ ଜେନା ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବଡ଼ଚଣା ବ୍ଲକ ଉନ୍ନୟନ ଅଧିକାରୀ ରବୀନ୍ଦ୍ର ନାଥ ବେହେରା, ଜିଲ୍ଲା କାର୍ଯ୍ୟକ୍ରମ ପ୍ରବନ୍ଧକ ବିଶ୍ୱରଞ୍ଜନ ରଥ, ଜିଲ୍ଲା ଭିବିଡି ପରାମର୍ଶଦାତା ବଳଦେବ ନନ୍ଦ, ଭିବିଡିଟିଏସ୍ ସୌମ୍ୟରଞ୍ଜନ ନନ୍ଦ, ଜିଲ୍ଲା ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ମନୋରମା ସ୍ୱାଇଁ, ବ୍ଲକ କାର୍ଯ୍ୟକ୍ରମ ପ୍ରବନ୍ଧକ ବିଶ୍ୱଜିତ ସ୍ୱାଇଁ, ସ୍ଥାନୀୟ ସରପଞ୍ଚ ଏବଂ ସମିତି ସଭ୍ୟମାନେ ଉପସ୍ଥିତ ଥିଲେ।

**ପାଣିକୋଇଲି:** କୋରେଇ ବ୍ଲକ ବଡବିରୁଆଁ ପଞ୍ଚାୟତରେ ଆଜି କୋରେଇ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀଙ୍କ ଉପସ୍ଥିତିରେ ଫାଇଲେରିଆ ନିରାକରଣ ଓ ଔଷଧ ବଣ୍ଟନ ସହ ସ୍ୱାସ୍ଥ୍ୟଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ସ୍ୱାସ୍ଥ୍ୟଶିବିରରେ ପାଖାପାଖି ୫୦ରୁ ଉର୍ଦ୍ଧ୍ୱ ଲୋକଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ଫାଇଲେରିଆ ଔଷଧ ପ୍ରଦାନ କରାଯାଇଛି। ଉକ୍ତ କାର୍ଯ୍ୟକ୍ରମରେ କୋରେଇ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ସ୍ୱାସ୍ଥ୍ୟ ଅଧିକାରୀ ଡା. ଭବାନୀଶଙ୍କର ଦାସ୍ ନିଜେ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ। ଏଥିସହିତ ଡା. ଶୁଭ୍ରାଂଶୁ ଶେଖର ମହାନ୍ତି, ଡା. ବିଶ୍ୱରଞ୍ଜନ ପ୍ରଧାନ, ଡା. ନିବେଦିତା ମହାନ୍ତିଙ୍କ ସମେତ ଜନସ୍ୱାସ୍ଥ୍ୟ ଅଧିକାରୀ ପ୍ରସନ୍ନ କୁମାର ଜେନା ବ୍ଲକ ପ୍ରୋଗ୍ରାମିଂ ମ୍ୟାନେଜର ବିନୋଦ ବିହାରୀ ସାହୁ, ସ୍ୱାସ୍ଥ୍ୟକର୍ମୀ ଧର୍ମେନ୍ଦ୍ର ଓଝା, ଗାୟନୀ ସାହୁ, ଶୁଭଶ୍ରୀ ରଥ, ମନୋରଞ୍ଜନ ଗୋଛାୟତ ଓ ଡବ୍ଲୁଏଚଓ ମନିଟର ରଶ୍ମିରଞ୍ଜନ ଓ ସ୍ଥାନୀୟ ସମାଜସେବୀ ଜଗନାଥ ପଣ୍ଡାଙ୍କ ଭଳି ଓ ଅନେକ ସ୍ୱାସ୍ଥ୍ୟ କର୍ମୀ ଯୋଗ ଦେଇ କାର୍ଯ୍ୟକ୍ରମଟିକୁ ସମ୍ପାଦନ କରିଥିଲ। କାର୍ଯ୍ୟକ୍ରମରେ ପାଖାପାଖି ଗ୍ରାମର ବହୁ ସଂଖ୍ୟାରେ ବୟସ୍କ ଲୋକ ଯୋଗ ଦେଇ ସେମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିଲେ। ଡା. ଭବାନୀଶଙ୍କର ଦାସ ରୋଗୀମାନଙ୍କୁ ଚିହ୍ନଟ କରି ଉପଯୁକ୍ତ ଔଷଧ ସେବନ କରିବାକୁ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମ ଆଜିଠାରୁ ଆରମ୍ଭ ହୋଇ ୧୯ ତାରିଖ ପର୍ଯ୍ୟନ୍ତ ଜାରି ରହିବ ବୋଲି ସୁଚନା ଦିଆଯାଇଛି। ସେଇଭଳି ବ୍ଲକର ବିଭିନ୍ନ ପଞ୍ଚାୟତରେ ଆଶା ମାନଙ୍କୁ ଉକ୍ତ କାର୍ଯ୍ୟକ୍ରମ ଜାରି ରଖିବାକୁ ପରାମର୍ଶ ଦିଆଯାଇଛି।

## ସବୁଜ ବନାନୀ କାର୍ଯ୍ୟକ୍ରମ



**ହାତୀବାରି, ୧୦।୮ (ସମିସ):** ଓଡ଼ିଶା କୃଷକ ବିକାଶ ପରିଷଦ ତରଫରୁ ସୁକିନ୍ଦା ବ୍ଲକର ଭାଇ ଓ ଭଉଣୀମାନେ ସବୁଜ ବନାନୀ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିଚାଲିଛନ୍ତି। ଆଜି ସୁକିନ୍ଦାର ବୟେଜ୍ ସ୍କୁଲ ଆମ୍ରୋଳବାର ସରକାରୀ ସ୍କୁଲରେ କର୍ମୀମାନେ ବୃକ୍ଷ ରୋପଣ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ରାଜ୍ୟକମିଟି ସମସ୍ୟା ସବିତା ଭୂୟାଁ, ସୁକିନ୍ଦା ବ୍ଲକ କମିଟି ସଦସ୍ୟ ବିଶ୍ୱଜିତ୍ ପାତ୍ର, ପବିତ୍ର ରାଉତ, ପୁଷ୍ପାଞ୍ଜଳି ବେହୁରା, ବିନୋଦିନୀ ମଲ୍ଲିକ, ଭାଗ୍ୟଶ୍ରୀ ମଲ୍ଲିକ, ରେଣୁବାଳା ପୁହାଣ ଉପସ୍ଥିତ ରହି ସବୁଜ ବନାନୀ କାର୍ଯ୍ୟକ୍ରମକୁ ସଫଳ କରିଥିଲେ।

ସକାଳ
THE SAKALA

# ସମ୍ପାଦକୀୟ



ଯେତେବେଳ ପର୍ଯ୍ୟନ୍ତ ତୁମ ନିଜ ଉପରେ ବିଶ୍ୱାସ ଆସିନାହିଁ ତୁମେ ଈଶ୍ୱରଙ୍କ ସତ୍ତା ଅନୁଭବ କରିପାରିବ ନାହିଁ।
-ବିବେକାନନ୍ଦ

## ନିମିଷକେ ନିଶ୍ଚିହ୍ନ

ସମୟର ଆବଶ୍ୟକତା ଦୃଷ୍ଟିରୁ ସରକାର ବାଧ୍ୟ ହୋଇଥା'ନ୍ତି ନିର୍ମାଣକାର୍ଯ୍ୟ ହାତକୁ ନେବା ପାଇଁ। କିନ୍ତୁ ଏହାର ଅର୍ଥ ନୁହେଁ ସମସ୍ତ ଶୃଙ୍ଖଳା ଓ କଟକଣାକୁ ଆଖିବୁଜି ଦେବା। ୨୦୧୩ରେ ଅନୁରୂପ ବିପର୍ଯ୍ୟୟ ଘଟିଥିଲା ଉତ୍ତରକାଶୀରେ। ବିଭିନ୍ନ ପର୍ଯ୍ୟଟନ ସ୍ଥଳକୁ ସଂଯୋଗ ଓ ବର୍ଦ୍ଧିତ ତୀର୍ଥଯାତ୍ରୀଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ସଂରଚନା କ୍ଷେତ୍ରରେ ବିକାଶ, ବିଶେଷକରି ହୋଟେଲ ଓ ବିପଣନ କେନ୍ଦ୍ର ନିର୍ମାଣ ସକାଶେ ଆଖିବୁଜା ଅନୁମତି ଦେବାର ଯଥାର୍ଥତା ନଥିଲା। ତତ୍କାଳୀନ ପରିସ୍ଥିତିକୁ ବିଚାର କରି ଯେଉଁ କଟକଣା ପ୍ରୟୋଗ କରାଯାଇଥିଲା ପରବର୍ତ୍ତୀ ସମୟରେ ତାହାର ଆଖିବୁଜା ଉଲ୍ଲଂଘନ କରାଗଲା। ପ୍ରକୃତି ଓ ପରିବେଶ ଅସୁରକ୍ଷିତ ହୋଇଗଲେ କେତେବେଳେ କ'ଣ ପ୍ରାକୃତିକ ବିପର୍ଯ୍ୟୟ ଉପୁଜିବ ତାହାର ଆକଳନ କରିହେବ ନାହିଁ। ଏହାର ଅର୍ଥ ନୁହେଁ ଯେ ଆଦୌ ପ୍ରାକୃତିକ ବିପର୍ଯ୍ୟୟ ଘଟିବ ନାହିଁ, କିନ୍ତୁ କ୍ରମାଗତ ଭାବେ ଏହା ଉପୁଜିଲେ କେବଳ ଜନଜୀବନ ହାନି ଘଟିବନି, ବ୍ୟବସ୍ଥିତ ସଂରଚନା ମଧ୍ୟ ଭୁଶୁଡ଼ି ପଡ଼ିବ। ଏଠାରେ ବିଚାର୍ଯ୍ୟ. ଯେ କଟକଣା ନମାନି ଆମର କେତେ ଲାଭ ଓ କ୍ଷତି ହୋଇଛି। ବରଂ ପାରିବେଶିକ ସନ୍ତୁଳନ ବିଗିଡ଼ି ଯାଇଥିବାରୁ ବଡ଼ଧରଣର ବିପର୍ଯ୍ୟୟକୁ ଆମେ ଡାକି ଆଣୁଛୁ।

ଗତ ମଙ୍ଗଳବାର ଉତ୍ତରକାଶୀରେ ଆଖିପିଛୁଳାକେ ଖିରଗଙ୍ଗା ନଦୀର ବନ୍ୟାଜଳ ଓ ସ୍ଖଳିତ ମୃତ୍ତିକା ମାଡ଼ି ଆସିବାରୁ ଧରାଲି ଗ୍ରାମ ସଂପୂର୍ଣ୍ଣ ରୂପେ ପୋଛି ହୋଇଗଲା। ହର୍ସିଲ ଓ ସୁକି ଗ୍ରାମରେ ମଧ୍ୟ ଅନୁରୂପ ବିପର୍ଯ୍ୟୟ ଉପୁଜିଥିଲା। ଏବେ ମଧ୍ୟ ଏହାପଛର କାରଣ ରୂପେ ବାଦଲ ଫଟା ବର୍ଷା ଦର୍ଶାଯାଇଥିବା ବେଳେ ତାହାକୁ ଭାରତୀୟ ପାଣିପାଗ ନିର୍ଦ୍ଦେଶାଳୟ ଅସ୍ୱୀକାର କରୁଛି। ବିଭାଗୀୟ ବିଶେଷଜ୍ଞଙ୍କ କହିବା କଥା ହେଲା, ଘଣ୍ଟାକ ମଧ୍ୟରେ ୧୦୦ ମିଲିମିଟର ବା ତଦୁର୍ଦ୍ଧ୍ୱ ବର୍ଷା ହେଲେ ତାହାକୁ ବାଦଲଫଟା ବର୍ଷା କୁହାଯାଇପାରିବ। କିନ୍ତୁ ରେକର୍ଡ କରାଯାଇଥିବା ତଥ୍ୟ ଅନୁଯାୟୀ ସେଠାରେ ଏତେ ବର୍ଷା ହୋଇନାହିଁ। ଯେଉଁ ବର୍ଷା ହୋଇଛି ସେଥିରେ କୌଣସି ଅସ୍ୱାଭାବିକ ଲକ୍ଷଣ ପରିଲକ୍ଷିତ ହୋଇନାହିଁ। ତେବେ କାରଣକୁ ନେଇ ତର୍ଜମା ଚାଲିଥିବା ବେଳେ ଉପର ମୁଣ୍ଡରେ ଥିବା ତୁଷାର ହ୍ରଦ ଜଳବାୟୁର ପ୍ରଭାବରେ ତରଳି ହଠାତ୍ ଉଛୁଳି ବା ଭୁଶୁଡ଼ି ପଡ଼ିବାର ସମ୍ଭାବନା ସପକ୍ଷରେ ମତ ପ୍ରକାଶ ପାଇଥିଲା। ଖିରଗଙ୍ଗାରେ ପ୍ରଳୟକାରୀ ବନ୍ୟାର ଏହା ଅନ୍ୟତମ କାରଣ ହୋଇପାରେ। କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ସଠିକ୍ ଓ ନିର୍ଦ୍ଦିଷ୍ଟ ତଥ୍ୟ ସଂଗ୍ରହ ପାଇଁ ଉପଗ୍ରହ ସୂତ୍ରରୁ ଆଧାରିତ ତଥ୍ୟ ବିଶ୍ଳେଷଣ କରିବାକୁ ଇସ୍ରୋକୁ ନିର୍ଦ୍ଦେଶ ଦେଇଛନ୍ତି। ଆମକୁ ଏଠାରେ ବିସ୍ମିତ ହେବାକୁ ପଡୁଛି ଯେ ଏହି ଆଲେଖ୍ୟ ଲେଖା ହେବା ସୁଦ୍ଧା ଘଟଣାର ଏତେବଡ଼ ବିପର୍ଯ୍ୟୟର କାରଣ ଜାଣିବା ସମ୍ଭବ ହୋଇପାରିନାହିଁ।

ଭାଗିରଥୀ ନଦୀର ଖିରଗଙ୍ଗା ଅନ୍ୟତମ ଉପନଦୀ। କ୍ରମାଗତ ବିପର୍ଯ୍ୟୟ ସୃଷ୍ଟି କରିବାର ତାହାର ପୁରୁଣା ରେକର୍ଡ ଅଛି। ଶ୍ରୀକାନ୍ତ ଗିରିଶୃଙ୍ଗରୁ ଏହା ବାହାରିଛି। ଊନବିଂଶ ଶତାବ୍ଦୀରେ ତାହାର ପ୍ରଳୟକାରୀ ବନ୍ୟାରେ କଳ୍ପକେଦାରର କିଛିଅଂଶ ସମେତ ୨୪୦ ମନ୍ଦିର ଧ୍ୱଂସ ହୋଇଥିଲା। ଏହା ସୌଭାଗ୍ୟର ବିଷୟ ଯେ ମଙ୍ଗଳବାର ୨୩୦ ପରିବାରକୁ ନେଇ ଗଠିତ ଧରାଲି ଗ୍ରାମର ଅଧିକାଂଶ ଲୋକ 'ହରଦୁଧ ମେଳା' ଦେଖିବାକୁ ଯାଇଥିଲେ। ନହେଲେ କେତେ କିଏ ମରିହଜି ଯାଇଥା'ନ୍ତେ ତାହାର କୌଣସି ଇୟତ୍ତା ନଥା'ନ୍ତା। ସେ ଯାହା ହେଉ ଉଦ୍ଧାର କାର୍ଯ୍ୟକୁ ତ୍ୱରାନ୍ୱିତ କରାଯାଇଛି। ଉଦ୍ଧାରକାରୀ ଦଳର ତଥ୍ୟ ଅନୁଯାୟୀ ସଂପୂର୍ଣ୍ଣ ଧରାଲି ଗାଁ, ବଜାର, ୨୪ ହୋଟେଲ ଭାସିଯାଇଛି। ଗଙ୍ଗୋତ୍ରୀ ଧାମ ଦର୍ଶନାର୍ଥୀ ଦୀର୍ଘଯାତ୍ରା କ୍ଳାନ୍ତି ଦୂର ସକାଶେ ଏଠାରେ ଅବସ୍ଥାନ କରୁଥିବାରୁ ବ୍ୟାପକ ସୁବିଧା ସୁଯୋଗ ସୃଷ୍ଟି କରାଯାଇଥିଲା। ପର୍ଯ୍ୟଟକଙ୍କ ଏହି ନିରାପଦ ଆଶ୍ରୟସ୍ଥଳ ସଂପୂର୍ଣ୍ଣ ରୂପେ ଭାସିଯାଇଥିବାରୁ କ୍ଷୟକ୍ଷତି ପରିମାଣ କେତେ ବିପୁଳ ହେବ ତାହା ସହଜରେ ଅନୁମାନ କରାଯାଇପାରେ।

ଏନ୍‌ଡିଆରଏଫ, ଏସ୍‌ଡିଆରଏଫ, ଆଇଟିବିପି ଓ ସେନାବାହିନୀର ସମ୍ମିଳିତ ଉଦ୍ଧାର କାର୍ଯ୍ୟରେ ପ୍ରତିକୂଳ ପାଣିପାଗ ବାଧକ ହୋଇଛି। ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଜାରି ରହିଛି। ଉଦ୍ଧାରକାରୀ ଦଳ ବିଭିନ୍ନ ସ୍ଥାନରୁ ୪ଟି ମୃତଦେହ ଉଦ୍ଧାର କରିଛନ୍ତି। ମୃତ୍ୟୁ ସଂଖ୍ୟା ୫ ଦର୍ଶାଯାଇଥିଲେ ମଧ୍ୟ ଶତାଧିକ ନିଖୋଜ ଥିବାର ଜଣାପଡ଼ିଛି। ସେମାନଙ୍କ ମଧ୍ୟରେ ଅଛନ୍ତି ୧୧ ଯବାନ ଓ ୨୮ ପର୍ଯ୍ୟଟକ। ୧୫୦ରୁ ଊର୍ଦ୍ଧ୍ୱଙ୍କୁ ବିଭିନ୍ନ ସ୍ଥାନରୁ ଉଦ୍ଧାର କରାଯାଇଛି। ଉତ୍ତରକାଶୀରୁ ଗଙ୍ଗୋତ୍ରୀ ଅଭିମୁଖେ ଯାତ୍ରା କରୁଥିବା ବେଳେ ହଠାତ୍ ଭୂସ୍ଖଳନ ଘଟିବାରୁ ପର୍ଯ୍ୟଟକଙ୍କ ସହ ସେମାନଙ୍କ ସହାୟକଙ୍କ କୌଣସି ପତ୍ତା ମିଳୁନି। ଏହି ବନ୍ୟା ବିପର୍ଯ୍ୟୟରେ କେତେ କିଏ ମରିଥିବେ ଏତେ ଶୀଘ୍ର ଆକଳନ କରିବା ସହଜ ନୁହେଁ। ଭାଗିରଥୀ, ଅଳକାନନ୍ଦା, ମନ୍ଦାକିନୀ, ଧଉଳି ଗଙ୍ଗା ଓ ଯମୁନା ନଦୀର ଉତ୍ପତ୍ତିସ୍ଥଳ ଉତ୍ତରାଖଣ୍ଡ। ହିମପ୍ରବାହ ସାଙ୍ଗକୁ ବର୍ଷା ଜଳ ମିଶିଗଲେ ଏମାନେ ରାଜ୍ୟରେ ବନ୍ୟାର ଖଣ୍ଡପ୍ରଳୟ ସୃଷ୍ଟି କରିଥା'ନ୍ତି। ପର୍ଯ୍ୟଟନ ଶିଳ୍ପର ବିକାଶ ନାମରେ ବ୍ୟାପକ ଜଙ୍ଗଲ କଟାଯିବା, ରାସ୍ତାନିର୍ମାଣ ଓ ଯୋଗାଯୋଗ ସୁବିଧା ସୁଯୋଗ ସୃଷ୍ଟିରୁ ଭୌଗୋଳିକ ସ୍ଥିତିରେ ଯେ ଅସନ୍ତୁଳନ ପରିଲକ୍ଷିତ ହେଉଛି ତାହା ପ୍ରାକୃତିକ ବିପର୍ଯ୍ୟୟ ସୃଷ୍ଟି ସକାଶେ ଅନେକାଂଶରେ ଦାୟୀ। ପରିସ୍ଥିତି ଏପରି ହୋଇଛି ଯେ ସରକାରୀ ଉଦ୍ୟମରେ ଗଢ଼ି ଉଠିଥିବା ବିକାଶର ମାନଚିତ୍ରକୁ ପ୍ରକୃତି ମୁହୂର୍ତ୍ତକରେ ଧୂଳିସାତ କରିଦେଉଛି।

ଉତ୍ତରାଖଣ୍ଡରେ ୨୦୧୩, ୨୦୨୧ ଏବେ ୨୦୨୫ରେ କ୍ରମାଗତ ଭାବେ ପ୍ରଳୟକାରୀ ବନ୍ୟା ଆସି ରାଜ୍ୟ ଅର୍ଥନୀତିରେ ବଡ଼ ଧରଣର ବିପର୍ଯ୍ୟୟ ସୃଷ୍ଟି କରିଛି। କେବଳ ମୃତାହତଙ୍କ ସଂଖ୍ୟା ଆକଳନ ଯଥେଷ୍ଟ ନୁହେଁ। ବିକଶିତ ପର୍ଯ୍ୟଟନ ଭିତ୍ତିଭୂମିକୁ ମଧ୍ୟ ଧୂଳିସାତ କରିଛି। ୨୦୧୩ କେଦାରନାଥ ବନ୍ୟାରେ ୬୦୦୦ ଲୋକଙ୍କ ମୃତ୍ୟୁ ଘଟିଥିଲା। ୨୦୨୧ରେ ହିମପ୍ରବାହ. ଓ ବାଦଲଫଟା ବର୍ଷା ପ୍ରଭାବରେ ନନ୍ଦାଦେବୀରେ ବନ୍ୟା ବିପର୍ଯ୍ୟୟ ସୀମା ଲଙ୍ଘିଥିଲା। ସେହି ବନ୍ୟାରେ ମୃତ୍ୟୁସଂଖ୍ୟା ୨୦୦ ଅତିକ୍ରମ କରିଥିଲା। ଏହି ପରିସଂଖ୍ୟାନ ଉପସ୍ଥାପନ କରିବାର ଉଦ୍ଦେଶ୍ୟ ହେଲା, ପ୍ରାକୃତିକ ବିପର୍ଯ୍ୟୟର ବ୍ୟବଧାନ କିଭଳି ସଂକୁଚିତ ହେଉଛି ତାହା ଦର୍ଶାଇବା। ଏହାର ପୃଷ୍ଠଭାଗରେ ଅଛି ସମତୁଲ ବିକାଶର ଗତି ନିୟନ୍ତ୍ରଣ ହରାଇବା ସାଙ୍ଗକୁ ଲୋଭ ଓ ଲାଭ ପ୍ରତି ଆକର୍ଷଣ ବୃଦ୍ଧି।

## ପାଞ୍ଚବର୍ଷରେ ଜାତୀୟ ଶିକ୍ଷାନୀତି

ହୃଷିକେଶ ପ୍ରଧାନ

ଜାତୀୟ ଶିକ୍ଷାନୀତି(ଏନ୍‌ଇପି) ୨୦୨୦ ସ୍ୱାଧୀନତା ପରେ ଦେଶର ତୃତୀୟ ଶିକ୍ଷାନୀତି ଭାବେ କେନ୍ଦ୍ର କ୍ୟାବିନେଟ ଦ୍ୱାରା ମଞ୍ଜୁରୀ ପାଇବାର ଇତିମଧ୍ୟରେ ପାଞ୍ଚ ବର୍ଷ ବିତିଯାଇଛି। ଏନ୍‌ଇପି ବିଦ୍ୟାଳୟ ଶିକ୍ଷା ଓ ଉଚ୍ଚଶିକ୍ଷା ଉଭୟର ବ୍ୟାପକ ପୁନଃ ସଂଯୋଗର ପ୍ରତିଶ୍ରୁତି ଦେଇଛି। ଏହି ଦୃଷ୍ଟିକୋଣର କିଛିଅଂଶ ଶ୍ରେଣୀଗୃହରେ ପ୍ରବେଶ କରିଛି। କିନ୍ତୁ ଅନେକକିଛି କେବଳ କାଗଜପତ୍ରରେ ସୀମିତ ରହିଛି। ରାଜ୍ୟ ଓ କେନ୍ଦ୍ର ମଧ୍ୟରେ ସମନ୍ୱୟର ଅଭାବ ଯୋଗୁଁ କାର୍ଯ୍ୟକାରିତା ଗତିରେ ମନ୍ଥର ଘଟିଛି।

ନୂତନ ଶିକ୍ଷାନୀତିରେ ପୂର୍ବର ୧୦+୨ ଶୈକ୍ଷିକ ଢାଞ୍ଚାକୁ ଏକ ନୂତନ ଶୈକ୍ଷିକ ଓ ପାଠ୍ୟକ୍ରମ ଢାଞ୍ଚାରେ ପରିବର୍ତ୍ତନ କରାଯାଇଛି। ମୌଳିକ (ଅଙ୍ଗନବାଡ଼ି/ଶିଶୁବାଟିକାରୁ ଶ୍ରେଣୀ ୨), ପ୍ରସ୍ତୁତି (ଶ୍ରେଣୀ ୩ ରୁ ୫), ମଧ୍ୟମା (ଶ୍ରେଣୀ ୬ ରୁ ୮) ଏବଂ ମାଧ୍ୟମିକ (ଶ୍ରେଣୀ ୯ ରୁ ୧୨)। ୨୦୨୩ରେ ବିଦ୍ୟାଳୟ ଶିକ୍ଷା ପାଇଁ ପ୍ରଣୀତ ଜାତୀୟ ପାଠ୍ୟକ୍ରମ ଢାଞ୍ଚା(ଏନସିଏଫ୍‌ଏସ୍‌ଇ) ପ୍ରତ୍ୟେକ ପର୍ଯ୍ୟାୟ ପାଇଁ ଉତ୍ତମ ଶିକ୍ଷଣ ଫଳାଫଳ ଓ ଦକ୍ଷତା ପ୍ରଦାନର ଲକ୍ଷ୍ୟ ରଖିଛି। ଏନସିଇଆରଟି ଏହି ଢାଞ୍ଚାକୁ ଆଧାର କରି ଶ୍ରେଣୀ (୧ ରୁ ୮) ପାଇଁ ନୂତନ ପାଠ୍ୟପୁସ୍ତକ ପ୍ରସ୍ତୁତ କରିଛି। ଉଦାହରଣ ସ୍ୱରୂପ, ପୂର୍ବର ଇତିହାସ, ଭୂଗୋଳ, ରାଜନୀତି ବିଜ୍ଞାନ ଓ ଅର୍ଥନୀତି ଭଳି ପ୍ରତ୍ୟେକ ବିଷୟ ପାଇଁ ଥିବା ପୃଥକ୍ ପାଠ୍ୟପୁସ୍ତକ ପରିବର୍ତ୍ତେ ବର୍ତ୍ତମାନ ସାମାଜିକ ବିଜ୍ଞାନକୁ ଏକକ ପୁସ୍ତକ ଭାବରେ ପଢ଼ାଯାଉଛି। ପରବର୍ତ୍ତୀ ସମୟରେ ଶ୍ରେଣୀ (୯ ରୁ ୧୨) ପାଇଁ ନୂତନ ପୁସ୍ତକ ଆସିବାର ସମ୍ଭାବନା ରହିଛି। ୨୦୩୦ ସୁଦ୍ଧା ଏନ୍‌ଇପି ପ୍ରାକ୍-ପ୍ରାଥମିକ ଶିକ୍ଷାକୁ ସାର୍ବଜନୀନ କରିବାର ଲକ୍ଷ୍ୟ ରଖିଛି। ଏନସିଇଆରଟିର ଜାଦୁଇ ପିଟାରା ଶୈକ୍ଷିକ ଉପକରଣ ରୂପେ ବ୍ୟବହୃତ ହେଉଛି ଏବଂ ମହିଳା ଓ ଶିଶୁ ବିକାଶ ମନ୍ତ୍ରଣାଳୟ ଦ୍ୱାରା ଏକ ଜାତୀୟ ଆଦ୍ୟ ଶୈଶବ ଯତ୍ନ ଓ ଶିକ୍ଷା ପାଠ୍ୟକ୍ରମ ଜାରି ହୋଇଛି।

ଦିଲ୍ଲୀ, କର୍ଣ୍ଣାଟକ ଓ କେରଳ ଖୁବ୍‌ଶୀଘ୍ର ପ୍ରଥମ ଶ୍ରେଣୀରେ ପ୍ରବେଶ ପାଇଁ ସର୍ବନିମ୍ନ ଛଅ ବର୍ଷ ବୟସସୀମା ଲାଗୁ କରିବେ। ୨୦୨୩-୨୪ ତଥ୍ୟ ଦର୍ଶାଉଛି ଯେ, ସମ୍ଭବତଃ ଏହି ବୟସ କଟକଣା ଯୋଗୁଁ ପ୍ରଥମ ଶ୍ରେଣୀ ନାମଲେଖା ହାର ପୂର୍ବ ବର୍ଷର ୨.୧୬କୋଟିରୁ ୧.୮୭ କୋଟିକୁ ହ୍ରାସ ପାଇଛି। ପଞ୍ଜୀକୃତ କରାଇଥିବା ଶିଶୁଙ୍କ ମଧ୍ୟରୁ ପ୍ରାୟ ୭୩% ଔପଚାରିକ ଭାବେ କୌଣସି ପ୍ରାକ୍ ବିଦ୍ୟାଳୟରେ ଯୋଗ ଦେଇଛନ୍ତି। ଅଙ୍ଗନବାଡ଼ି କର୍ମୀଙ୍କ ପାଇଁ ଉତ୍ତମ ତାଲିମ ଏବଂ ପ୍ରାରମ୍ଭିକ ଶିକ୍ଷାକେନ୍ଦ୍ରଗୁଡ଼ିକରେ ଭିତ୍ତିଭୂମି ଓ ଶିକ୍ଷାଦାନ ଗୁଣବତ୍ତାରେ ଅଭାବ ହେଉଛି ସବୁଠୁ ବଡ଼ ପ୍ରତିବନ୍ଧକ।

୨୦୨୧ ମସିହାରେ ଆରମ୍ଭ ହୋଇଥିବା ନିପୁଣ ଭାରତ, ତୃତୀୟ ଶ୍ରେଣୀ ଶେଷ ସୁଦ୍ଧା ପ୍ରତ୍ୟେକ ଶିଶୁର ମୌଳିକ ଗଣିତ ଶିକ୍ଷାକୁ ସୁନିଶ୍ଚିତ କରିବାର ଲକ୍ଷ୍ୟ ରଖିଛି। ଏହାର ହାରାହାରି ମୂଲ୍ୟାଙ୍କ ଭାଷା ଓ ଗଣିତ ପାଇଁ ଯଥାକ୍ରମେ ୬୪% ଓ ୬୦%। ପ୍ରାରମ୍ଭିକ ପରୀକ୍ଷଣର ଫଳାଫଳ ସାର୍ବଜନୀନ ଦକ୍ଷତାଠାରୁ ବହୁତ କମ୍। ଏନ୍‌ଇପି ଏକାଡେମିକ୍ ବ୍ୟାଙ୍କ୍ ଅଫ୍ କ୍ରେଡିଟ୍ସ (ଏବିସି) ପାଇଁ ପରାମର୍ଶ ଦେଇଛି ଏବଂ ଏଥିପାଇଁ ଏକ ଜାତୀୟ କ୍ରେଡିଟ୍ ଫ୍ରେମୱାର୍କ (ଏନସିଆରଏଫ୍) ବିକଶିତ ହୋଇଛି। ୨୦୨୧ରେ ପ୍ରକାଶିତ ୟୁଜିସି ନିୟମ ଛାତ୍ରଛାତ୍ରୀମାନଙ୍କୁ ସଞ୍ଚାର ମାଧ୍ୟମରେ କ୍ରେଡିଟ୍ ଅର୍ଜନ ଓ ସଂରକ୍ଷଣର ସୁଯୋଗ ଦେଇଛି। ଏପରିକି ବିଭିନ୍ନ ଶିକ୍ଷାନୁଷ୍ଠାନରେ, ପାଠ୍ୟକ୍ରମ ମଧ୍ୟରେ ସ୍ଥାନାନ୍ତର, ପ୍ରସ୍ଥାନ ଓ ପୁନଃ ପ୍ରବେଶ ସମ୍ଭବ ହୋଇପାରିଛି। ଏହି ବ୍ୟବସ୍ଥା ଛାତ୍ରଛାତ୍ରୀମାନଙ୍କୁ ଗୋଟିଏ ବର୍ଷ ପରେ ସାର୍ଟିଫିକେଟ୍, ଦୁଇ ବର୍ଷ ପରେ ଡିପ୍ଲୋମା ଓ ଚାରି ବର୍ଷର ବହୁବିଧ ଡିଗ୍ରୀ ସମାପନ କରିବାର ସୁଯୋଗ ଦେଇଛି। ଏନସିଆରଏଫରେ ବିଦ୍ୟାର୍ଥୀମାନଙ୍କ ପାଇଁ ଉଦ୍ଦିଷ୍ଟ ସମଯୋଜିତ ବ୍ୟବସ୍ଥାରେ ଦକ୍ଷତା-ଆଧାରିତ ଶୈକ୍ଷିକ ସମୟ କ୍ରେଡିଟ୍‌ରେ ପରିଣତ ହୋଇପାରୁଛି। ସିବିଏସସିଇ ଗତବର୍ଷ ବିଦ୍ୟାଳୟଗୁଡ଼ିକୁ ଏନସିଆରଏଫ୍ ପ୍ରୋତ୍ସାହନର ଅଂଶୀଦାର ହେବାକୁ ଆମନ୍ତ୍ରଣ କରିଥିଲା। ୨୦୨୨ରେ ପ୍ରଚଳିତ ସାଧାରଣ ବିଶ୍ୱବିଦ୍ୟାଳୟ ପ୍ରବେଶ ପରୀକ୍ଷା (ସିୟୁଇଟି), ବର୍ତ୍ତମାନ ସ୍ନାତକ ଓ ସ୍ନାତକୋତ୍ତର ପ୍ରବେଶ ପାଇଁ ଏକ ପ୍ରମୁଖ ପଥ। ଏନ୍‌ଇପି ଏକାଧିକ କଲେଜ ପ୍ରବେଶ ପରୀକ୍ଷାକୁ ଏକକ ଜାତୀୟ ପରୀକ୍ଷାରେ ପରିବର୍ତ୍ତନ କରିବାର ପରାମର୍ଶ ଦେଇଛି।

ଆଇଆଇଟି ମାଡ୍ରାସ, ଆଇଆଇଟି ଦିଲ୍ଲୀ ଓ ଆଇଆଇଏମ୍ ଅହମ୍ମଦାବାଦ ଯଥାକ୍ରମେ ଜାଞ୍ଜିବର, ଆବୁଧାବି ଓ ଦୁବାଇରେ ଅନ୍ତର୍ଜାତୀୟ କ୍ୟାମ୍ପସମାନ ସ୍ଥାପନ କରିଛି। ଗୁଜରାଟର ଗିଫ୍ଟ ସିଟିରେ ଅନ୍ୟ ଦୁଇଟି ବିଦେଶୀ ବିଶ୍ୱବିଦ୍ୟାଳୟ ପରେ ସାଉଥାମ୍ପଟନ୍ ବିଶ୍ୱବିଦ୍ୟାଳୟ ସମ୍ପ୍ରତି ଭାରତରେ ଖୋଲିଛି। ଜୁଲାଇ ମାସ ଆରମ୍ଭରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ କହିଛନ୍ତି, ୟୁଜିସି ନିୟମ ଅନୁଯାୟୀ ଅନ୍ୟ ୧୨ଟି ବିଦେଶୀ ବିଶ୍ୱବିଦ୍ୟାଳୟ ଓ ଗିଫ୍ଟ ସିଟିରେ ଆଉ ଦୁଇଟି ବିଶ୍ୱବିଦ୍ୟାଳୟ ଅନୁମୋଦନ ହେବା ପ୍ରକ୍ରିୟାରେ ଅଛି। ଏନ୍‌ଇପି କମ୍ ଉଚ୍ଚ-ପାଣ୍ଠିରେ ବୋର୍ଡ ପରୀକ୍ଷାର କଳ୍ପନା କରିଛି। ୨୦୨୬ରୁ ସିବିଏସସିଇ ଦଶମ ଶ୍ରେଣୀର ଛାତ୍ରଛାତ୍ରୀଙ୍କ ପାଇଁ ବର୍ଷକୁ ଦୁଇଥର ବୋର୍ଡ ପରୀକ୍ଷା ବ୍ୟବସ୍ଥାର ଯୋଜନା କରିଛି। କର୍ଣ୍ଣାଟକ ଏହାକୁ ପରୀକ୍ଷାମୂଳକ ଭାବେ ବ୍ୟବହାର କରିଛି। ଅନ୍ୟ ବୋର୍ଡଗୁଡ଼ିକ ଏହାର ସଫଳତା ଦେଖିବାକୁ ଅପେକ୍ଷା କରିଛନ୍ତି। ସିବିଏସସିଇ (୨୦୧୯-୨୦) ଶିକ୍ଷାବର୍ଷରେ ଦୁଇଟି ସ୍ତର(ମାନକ ଓ ଉଚ୍ଚତର)ରେ ସମସ୍ତ ବିଷୟ ପାଇଁ ପ୍ରବର୍ତ୍ତନ କରିଥିବା ଏନ୍‌ଇପି ଧାରଣା କେବଳ ଦଶମ ଶ୍ରେଣୀ ଗଣିତରେ ହିଁ ସୀମିତ ରହିଯାଇଛି। ଏନସିଇଆରଟି ଅଧୀନସ୍ଥ ଏକ ୟୁନିଟ୍ 'ପରଖ' ଦ୍ୱାରା ବିକଶିତ ହୋଇଥିବା ପ୍ରଗତି ପତ୍ର ମୂଲ୍ୟାଙ୍କ ପରିବର୍ତ୍ତେ ସହପାଠୀ ଓ ସ୍ୱମୂଲ୍ୟାୟନକୁ ଅନ୍ତର୍ଭୁକ୍ତ କରିଛି। କିନ୍ତୁ କିଛି ବିଦ୍ୟାଳୟ ବୋର୍ଡ ଏପର୍ଯ୍ୟନ୍ତ ଏହାକୁ ପରିବର୍ତ୍ତନ କରିନାହାନ୍ତି। କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟଗୁଡ଼ିକ ବହୁବିଧ ପ୍ରସ୍ଥାନ ବିକଳ୍ପ ସହିତ ଏନ୍‌ଇପିର ଚାରି ବର୍ଷର ସ୍ନାତକ ଡିଗ୍ରୀର ଧାରଣାକୁ କାର୍ଯ୍ୟକାରୀ କରିଛନ୍ତି। କେରଳ ଏହାକୁ ଅନୁସରଣ କରିଛି। କିନ୍ତୁ ଅନେକ ସ୍ଥାନରେ କଲେଜଗୁଡ଼ିକରେ ଏପର୍ଯ୍ୟନ୍ତ ପର୍ଯ୍ୟାପ୍ତ ଅଧ୍ୟାପକ/ଅଧ୍ୟାପିକା ଓ ଭିତ୍ତିଭୂମିର ଅଭାବ ରହିଛି। ଏନ୍‌ଇପି ଅତି କମରେ ଶ୍ରେଣୀ ୫ ପର୍ଯ୍ୟନ୍ତ ଶିକ୍ଷାର ମାଧ୍ୟମ ଭାବରେ ମାତୃଭାଷାର ବ୍ୟବହାରକୁ ପ୍ରୋତ୍ସାହିତ କରିଛି। ସିବିଏସସିଇ ବିଦ୍ୟାଳୟଗୁଡ଼ିକୁ ପ୍ରାକ୍-ବିଦ୍ୟାଳୟରୁ ଶ୍ରେଣୀ ୨ ପର୍ଯ୍ୟନ୍ତ, ଶ୍ରେଣୀ(୩-୫)ରେ ରହିବା ବା ପରିବର୍ତ୍ତନ କରିବାର ବିକଳ୍ପ ବଜାୟ ରଖିବାର ବ୍ୟବସ୍ଥା ଆରମ୍ଭ କରିବାକୁ ନିର୍ଦ୍ଦେଶ ଦେଇଛି। ଏନସିଇଆରଟି ଏବେ ଏକାଧିକ ଭାରତୀୟ ଭାଷାରେ ପାଠ୍ୟପୁସ୍ତକ ଉପରେ କାମ କରୁଛି।

ଏନ୍‌ଇପି ଅନ୍ତର୍ଗତ ତ୍ରି-ଭାଷା ପ୍ରସ୍ତାବ ଅନୁଯାୟୀ, ଅତିକମରେ ଦୁଇଟି ଭାରତୀୟ ଭାଷାର ଅନ୍ତର୍ଭୁକ୍ତୀକରଣ ଆବଶ୍ୟକ। କିନ୍ତୁ ତାମିଲ-ଇଂରାଜୀ ମଡେଲ ଅନୁସରଣ କରୁଥିବା ତାମିଲନାଡୁ ଏହାକୁ ହିନ୍ଦୀ ଭାଷା ଲାଗୁ କରିବାର ପ୍ରୟାସ ଭାବରେ ଦେଖୁଛି। ୨୦୨୧ରେ ହେବାକୁ ଥିବା ଶିକ୍ଷକ ଶିକ୍ଷା ପାଇଁ ଜାତୀୟ ପାଠ୍ୟକ୍ରମ ଢାଞ୍ଚା ଏପର୍ଯ୍ୟନ୍ତ ପ୍ରକାଶିତ ହୋଇନାହିଁ। ସମନ୍ୱିତ ଶିକ୍ଷକ ଶିକ୍ଷା କାର୍ଯ୍ୟକ୍ରମ ଅଧୀନରେ ଚାରିବର୍ଷିଆ ସମନ୍ୱିତ ବି.ଏଡ୍ ପାଠ୍ୟକ୍ରମ ଘୋଷଣା କରାଯାଇଥିଲେ ସୁଦ୍ଧା ପ୍ରାଥମିକ ଶିକ୍ଷା ସ୍ନାତକ (ବିଏଲ୍‌ଏଡ) ପରି ବିଦ୍ୟମାନ କାର୍ଯ୍ୟକ୍ରମ ପ୍ରଦାନ କରୁଥିବା କଲେଜଗୁଡ଼ିକ ଏହାକୁ ପଛକୁ ଠେଲି ଦେଇଛନ୍ତି। ୨୦୧୮ର ଏକ ଡ୍ରାଫ୍ଟ ବିଲ୍ ୟୁଜିସିକୁ ଭାରତୀୟ ଉଚ୍ଚଶିକ୍ଷା ଆୟୋଗରେ ପରିବର୍ତ୍ତନ କରିବାର ପ୍ରସ୍ତାବ ଦେଇଥିଲା। ଏନ୍‌ଇପି ଏହି ଧାରଣାକୁ ଆନୁଷ୍ଠାନିକ କରିଛି। ଚିକିତ୍ସା ଓ ଆଇନଶିକ୍ଷା ବ୍ୟତୀତ ଭାରତୀୟ ଉଚ୍ଚଶିକ୍ଷା ଆୟୋଗ ଉଚ୍ଚଶିକ୍ଷାରେ ନିୟନ୍ତ୍ରଣ, ପାଣ୍ଠି, ମାନ୍ୟତା ଏବଂ ଶୈକ୍ଷିକ ମାନଦଣ୍ଡକୁ ପରିଚାଳନା କରିବ। କିନ୍ତୁ ଶିକ୍ଷା ମନ୍ତ୍ରଣାଳୟ ଏବେ ବି ବିଲ୍ ପ୍ରସ୍ତୁତ କରିବା ପର୍ଯ୍ୟାୟରେ ଅଛି।

ଏନ୍‌ଇପି ମଧ୍ୟାହ୍ନ ଭୋଜନ ସହିତ ଜଳଖିଆର ବ୍ୟବସ୍ଥା ପାଇଁ ସୁପାରିସ କରିଥିଲା। କିନ୍ତୁ ୨୦୨୧ ମସିହାରେ ଅର୍ଥ ମନ୍ତ୍ରଣାଳୟ ପ୍ରାକ୍-ପ୍ରାଥମିକ ଓ ପ୍ରାଥମିକ ଶ୍ରେଣୀରେ ଶିକ୍ଷା ମନ୍ତ୍ରଣାଳୟର ଜଳଖିଆ ଅନ୍ତର୍ଭୁକ୍ତୀକରଣ ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କରିଥିଲା। କିଛି ରାଜ୍ୟ ଏନ୍‌ଇପିର ପ୍ରମୁଖ ବ୍ୟବସ୍ଥା ବିରୁଦ୍ଧରେ ପଛଘୁଞ୍ଚା ଦେଇଛନ୍ତି। କେରଳ, ତାମିଲନାଡୁ ଓ ପଶ୍ଚିମବଙ୍ଗ ଭଳି ରାଜ୍ୟ ଏନ୍‌ଇପିକୁ ସମ୍ପୂର୍ଣ୍ଣ ଗ୍ରହଣ କରିବା ପାଇଁ ଆବଶ୍ୟକ ଉପଖଣ୍ଡ ବିବୃତି ଦେଇ ପିଏମ୍ ଶ୍ରୀ ବିଦ୍ୟାଳୟ ସ୍ଥାପନ ପାଇଁ କେନ୍ଦ୍ର ସହିତ ବୁଝାମଣାପତ୍ର ସ୍ୱାକ୍ଷର କରିବାକୁ ମନା କରିଦେଇଛନ୍ତି। ତାମିଲନାଡୁ ତ୍ରି-ଭାଷା ନିୟମ ଓ ଚାରି ବର୍ଷିଆ ୟୁଜି ଢାଞ୍ଚା ଉଭୟକୁ ବିରୋଧ କରୁଛି। ଶିକ୍ଷା ସମବର୍ତ୍ତୀ ସଂଘୀୟ ତାଲିକାରେ ଥିବାରୁ କେନ୍ଦ୍ର ଏକପାଖିଆ ଭାବରେ ଏହି ପରିବର୍ତ୍ତନଗୁଡ଼ିକୁ ବାଧ୍ୟତାମୂଳକ କରିପାରିବ ନାହିଁ ବୋଲି କେରଳ ଓ ତାମିଲନାଡୁ ଭଳି ରାଜ୍ୟ ଯୁକ୍ତି କରିଛନ୍ତି। କେନ୍ଦ୍ର ଏହି ଅର୍ଥକୁ ଏନ୍‌ଇପି ସଂଲଗ୍ନ ସଂସ୍କାର ସହିତ ଜଡ଼ିତ ଦର୍ଶାଇ ଏହି ରାଜ୍ୟଗୁଡ଼ିକର ସମଗ୍ର ଶିକ୍ଷା ପାଣ୍ଠିକୁ ସ୍ଥଗିତ ରଖିଛି। ତାମିଲନାଡୁ ଏହି କଟକଣା ବିରୁଦ୍ଧରେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛି। ଚାରିବର୍ଷିଆ ୟୁଜି ପାଠ୍ୟକ୍ରମ ପ୍ରଚଳନ ଏବଂ ପରେ ବାତିଲ କରିଥିବା କର୍ଣ୍ଣାଟକ ୨୦୨୩ରେ କଂଗ୍ରେସ ଦ୍ୱାରା ଦିଆଯାଇଥିବା ଏକ ନିର୍ବାଚନୀ ପ୍ରତିଶ୍ରୁତି, ନିଜସ୍ୱ ରାଜ୍ୟ ଶିକ୍ଷା ନୀତି ଉପରେ କାମ କରୁଛି।

(ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନ)
ଭୁବନେଶ୍ୱର, ମୋ:୮୦୧୮୧୭୨୩୦୧ଆବଶ୍ୟକ।

## ଓଡ଼ିଶାରେ ଗ୍ରନ୍ଥାଗାର ଆନ୍ଦୋଳନ

ନିରଞ୍ଜନ ମହାପାତ୍ର

ଓଡ଼ିଶା ସର୍ବସାଧାରଣ ଗ୍ରନ୍ଥାଗାର ଆଇନ-୨୦୦୧ ଏବଂ ଗ୍ରନ୍ଥାଗାର ନିୟମାବଳୀ-୨୦୧୬ରେ ପରାମର୍ଶ ପରିଷଦ, ଅଧିକାରୀ, ତହବିଲ, ଜିଲ୍ଲା ସ୍ତରର କମିଟିର ବ୍ୟବସ୍ଥା ରହିଛି। କିନ୍ତୁ ଦୁଇଦଶକ ପରେ ବି ଏହି ବ୍ୟବସ୍ଥାଗୁଡ଼ିକ କେବଳ କାଗଜରେ ସୀମିତ ରହିଯାଇଥିବା ଅଭିଯୋଗ ହୋଇଛି। ୨୪ ମାର୍ଚ୍ଚ ୨୦୨୫ରେ ଦାଖଲ ହୋଇଥିବା ଏକ ଜନସ୍ୱାର୍ଥ ମାମଲାରେ ଉଲ୍ଲେଖ କରାଯାଇଛି ଯେ ହରେକୃଷ୍ଣ ମହତାବ ରାଜ୍ୟ ଗ୍ରନ୍ଥାଗାରରେ ୫୮ ଟି ଅନୁମୋଦିତ ପଦବୀ ମଧ୍ୟରୁ ୪୮ ଟି ଖାଲି ଅଛି। ୨୦୨୨ରେ କେବଳ ୬୦ ଜଣ ଗ୍ରନ୍ଥାଗାରିକ/କନିଷ୍ଠ ଗ୍ରନ୍ଥାଗାରିକଙ୍କ ନିଯୁକ୍ତି ହୋଇଛି ଏବଂ ଅବଶିଷ୍ଟ ପଦବୀଗୁଡ଼ିକ ଖାଲି ଅଛି। ଓଡ଼ିଶା ଆଦର୍ଶ ବିଦ୍ୟାଳୟଗୁଡ଼ିକରେ ୩୧୫ଟି ଗ୍ରନ୍ଥାଗାରିକ ପଦ ଥିଲେ ମଧ୍ୟ କେବଳ ଜଣେ ନିଯୁକ୍ତ ହୋଇଛନ୍ତି। ବାକିଗୁଡ଼ିକୁ ଶିକ୍ଷକ ଓ ଅନ୍ୟ କର୍ମଚାରୀଙ୍କ ଦ୍ୱାରା ଚାଲୁଛି, ଯାହା ସିବିଏସଇ ନିୟମ ଭଙ୍ଗ କରୁଛି।

ଓଡ଼ିଶା ସରକାରଙ୍କ ଅଧୀନରେ ୧୨୫ଟି ସର୍ବସାଧାରଣ ଗ୍ରନ୍ଥାଗାର ଭିନ୍ନ ଭିନ୍ନ ବିଭାଗ ଅଧୀନରେ ଅଛି। ସେଥିମଧ୍ୟରୁ ୩୦ଟି ସଂସ୍କୃତି ବିଭାଗ, ୮୩ ଟି ସୂଚନା ଓ ଜନସମ୍ପର୍କ ବିଭାଗ ଏବଂ ୧୨ ଟି ଗୃହ ଓ ନଗର ଉନ୍ନୟନ ବିଭାଗ ଅଧୀନରେ ଅଛି। ଭିତ୍ତିଭୂମି ଓ ଗ୍ରନ୍ଥାଗାର କର୍ମଚାରୀ ଅଭାବରୁ ତାହା ଉପଯୋଗୀ ହୋଇପାରୁନାହିଁ। ସଂସ୍କୃତି ବିଭାଗର ୧୬ଟି ଜିଲ୍ଲା ଗ୍ରନ୍ଥାଗାରରେ କେବଳ ୩ଜଣ ଗ୍ରନ୍ଥାଗାରିକ କାର୍ଯ୍ୟରତ। ବାକି ୧୩ ଟି କେମିତି ପରିଚାଳିତ ହେଉଛି, ତାହା ଅନୁମାନ କରାଯାଇପାରେ! ଓଡ଼ିଶାରେ ପ୍ରାୟ ୨୦ଟି ପ୍ରତିଷ୍ଠାନ ଗ୍ରନ୍ଥାଗାର ବିଜ୍ଞାନ ଶିକ୍ଷା ଦେଉଛି। ତଥାପି ଅଧିକାଂଶ ଅନୁଷ୍ଠାନ ଶିକ୍ଷକ ଅଭାବରେ ଚାଲିଛି। ରାଜ୍ୟରୁ ପ୍ରତିବର୍ଷ ୭୦୦ରୁ ଅଧିକ ଗ୍ରନ୍ଥାଗାରିକ ପ୍ରସ୍ତୁତ ହେଉଛନ୍ତି। କିନ୍ତୁ ଗତ ୧୦ ବର୍ଷ ଧରି ଓଡ଼ିଶାରେ ଗ୍ରନ୍ଥାଗାରିକ ନିଯୁକ୍ତିକୁ ହିସାବ କଲେ ୧୦୦ ରୁ ଅଧିକ କଦାପି ହୋଇ ନ ଥିବ। ବାକି ଥିବା ଗ୍ରନ୍ଥାଗାରିକ ଆଶାୟୀ ସବୁ କରିବେ କ'ଣ? ଇ-ଗ୍ରାମ ସ୍ୱରାଜର ରିପୋର୍ଟ ଅନୁଯାୟୀ, ଓଡ଼ିଶାର ୧୦୬୮ଟି ଗ୍ରାମ ପଞ୍ଚାୟତରେ ପଞ୍ଚାୟତସ୍ତରୀୟ ଗ୍ରନ୍ଥାଗାର ଅଛି। କିନ୍ତୁ ସେଗୁଡ଼ିକ ଯୋଜନା ଲକ୍ଷ୍ୟଠାରୁ ବହୁତ ପଛରେ ପଡ଼ିଯାଇଛି।

ଏହି ପରିସ୍ଥିତିରେ ବିଭିନ୍ନ ସାମାଜିକ ସଂଗଠନ, ଗ୍ରନ୍ଥାଗାର ମଞ୍ଚ, ଗ୍ରନ୍ଥାଗାରିକ ସଂଘ ଆଦି ସହଯୋଗର ହାତ ବଢ଼େଇବାକୁ ପଡ଼ିବ। ସୂଚନା ମୁତାବକ ଓଡ଼ିଶା ସୋସାଇଟି ଅଫ୍ ଆମେରିକା (ଓଏସଏ), ବକୁଳ ଫାଉଣ୍ଡେସନ୍, ଓଡ଼ିଶା ଲାଇବ୍ରେରୀ ଏକାଡେମି, ଲାଇବ୍ରେରୀ ମୁଭମେଣ୍ଟ ଓଡ଼ିଶା, ଓଡ଼ିଶା ଗ୍ରନ୍ଥାଗାର ମହାମଞ୍ଚ, ଯୁବ ଓ ସାମାଜିକ ବିକାଶ କେନ୍ଦ୍ର (ସିୱାଇଏସଡି) ପ୍ରମୁଖ ଓଡ଼ିଶାରେ ପାଠାଗାର ଆନ୍ଦୋଳନ ସହିତ ଜଡ଼ିତ ଅଛନ୍ତି। ଓଏସ୍‌ଏ ଦ୍ୱାରା ପ୍ରତିବର୍ଷ ଓଡ଼ିଶା ସର୍ବସାଧାରଣ ଗ୍ରନ୍ଥାଗାର ଅଧିବେଶନର ଆୟୋଜନ କରିବା ସହିତ ସରକାରଙ୍କୁ ଦାବିପତ୍ର ଦେଇ ଆସୁଛି। ରାଜ୍ୟର ବିଭିନ୍ନ ସ୍ଥାନରେ ସାର୍ବଜନୀନ ଗ୍ରନ୍ଥାଗାର ସ୍ଥାପନ ପାଇଁ ଆର୍ଥିକ ସହଯୋଗ ସହିତ ପଞ୍ଚାୟତ ଓ ବ୍ଲକସ୍ତରର ଗ୍ରନ୍ଥାଗାର ପାଇଁ ସରକାରଙ୍କୁ ପ୍ରସ୍ତାବ ଇତ୍ୟାଦି ଚର୍ଚ୍ଚାରେ ଅଛି। ବକୁଳ ଫାଉଣ୍ଡେସନ୍ ତୃଣମୂଳ ସ୍ତରରେ ଗ୍ରନ୍ଥାଗାର ସଂସ୍କୃତିକୁ ଉନ୍ନତ କରିବା ପାଇଁ ଦୃଢ଼ ପଦକ୍ଷେପ ନେଉଛି। ଓଡ଼ିଶା ଲାଇବ୍ରେରୀ ଏକାଡେମି ପ୍ରତିବର୍ଷ ବିଭିନ୍ନ ସେମିନାର ଓ ସମ୍ମିଳନୀ ଆୟୋଜନ କରି ଆସୁଛି। ଓଡ଼ିଶା ମହାବିଦ୍ୟାଳୟ ଗ୍ରନ୍ଥାଗାରିକ ସଂଘ ମଧ୍ୟ ବର୍ଷ ବର୍ଷ ଧରି ମହାବିଦ୍ୟାଳୟରେ ଗ୍ରନ୍ଥାଗାରମାନଙ୍କ କ୍ୟାଡର ରୁଲ ପାଇଁ ସଂଘର୍ଷ କରି ଆସିଛି। ଗତବର୍ଷ ବକୁଳ ଫାଉଣ୍ଡେସନ ଓ ସିୱାଇଏସଡି ଦ୍ୱାରା ଆୟୋଜିତ 'ଓଡ଼ିଶାର ଗ୍ରାମୀଣ ଗ୍ରନ୍ଥାଗାର ଓ ସୂଚନା ସମ୍ବଳ କେନ୍ଦ୍ର ଆନ୍ଦୋଳନ' ଉପରେ ଆଲୋଚନାଚକ୍ର ଉଲ୍ଲେଖଯୋଗ୍ୟ।

ଏତଦ୍‌ବ୍ୟତୀତ ସାମାଜିକ ଗଣମାଧ୍ୟମ ମଧ୍ୟ ପାଠାଗାର ଆନ୍ଦୋଳନରେ ଏକ ଶକ୍ତିଶାଳୀ ଉତ୍ପ୍ରେରକ ପାଲଟିଛି। ଫେସବୁକ୍ ଏବଂ ଏକ୍ସ (ପୂର୍ବରୁ ଟ୍ୱିଟର)ରେ 'ଗ୍ରନ୍ଥାଗାର ଆନ୍ଦୋଳନ ଓଡ଼ିଶା' ଗୋଷ୍ଠୀଗୁଡ଼ିକ ଗ୍ରନ୍ଥାଗାର ବୃତ୍ତିଗତ, ଶିକ୍ଷକ, ଛାତ୍ର ଓ ନାଗରିକଙ୍କୁ ଏକତ୍ରିତ କରୁଥିବା ଗତିଶୀଳ ପ୍ଲାଟଫର୍ମ ଭାବରେ ଉଭା ହୋଇଛି। ସେମାନଙ୍କର ତୃଣମୂଳ ସ୍ତରର ଡିଜିଟାଲ୍ ସକ୍ରିୟତା ଓଡ଼ିଶାର ଗ୍ରନ୍ଥାଗାର ଓ ଗ୍ରନ୍ଥାଗାରିକଙ୍କ ଜରୁରୀ ଆବଶ୍ୟକତା ପ୍ରତି ଜନସାଧାରଣ ଓ ପ୍ରଶାସନିକ ଦୃଷ୍ଟି ଆକର୍ଷଣ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛି।

ଓଡ଼ିଶା ଏକ ସମୃଦ୍ଧ ଐତିହ୍ୟର ରାଜ୍ୟ। ତଥାପି ସାଂଗଠନିକ ଜଡ଼ତା ଅର୍ଥପୂର୍ଣ୍ଣ ସଂସ୍କାରକୁ ବାଧା ଦେଇଛି। ଯଦି ଆଜିର ଦିନରେ ଗ୍ରନ୍ଥାଗାର ଆନ୍ଦୋଳନ କଥା ଉଠିବ ନାହିଁ, ତେବେ ଓଡ଼ିଶାର ବିକାଶ ପଛରେ ପଡ଼ିଯିବ। ସରକାର, ନାଗରିକ ଓ ଗ୍ରନ୍ଥାଗାରିକମାନଙ୍କ ପ୍ରତିଶ୍ରୁତିବଦ୍ଧତା ରାଜ୍ୟର ଗ୍ରନ୍ଥାଗାରଗୁଡ଼ିକୁ ଜ୍ଞାନ, ସମାନତା ଓ ସାମାଜିକ ପ୍ରଗତିରେ ପରିଣତ କରିପାରିବ। ଗ୍ରନ୍ଥାଗାର ଆଇନର ପୂର୍ଣ୍ଣ କାର୍ଯ୍ୟାନ୍ୱୟନ, ଗ୍ରନ୍ଥାଗାରିକ ପଦବୀ ତୁରନ୍ତ ପୂରଣ, ଆଧୁନିକ ଭିତ୍ତିଭୂମି, ଭ୍ରାମ୍ୟମାଣ ଗ୍ରନ୍ଥାଗାର ଏବଂ ପଞ୍ଚାୟତ ଗ୍ରନ୍ଥାଗାର ସ୍ଥାପନ ଭଳି ତୃଣମୂଳ ସ୍ତରରୁ ଏହି ଆନ୍ଦୋଳନକୁ ସମର୍ଥନ ପାଇଁ ଜନସଚେତନତା ଆବଶ୍ୟକ। ଗ୍ରନ୍ଥାଗାରଗୁଡ଼ିକୁ ଜୀବନ୍ତ ଜ୍ଞାନକେନ୍ଦ୍ର ରୂପରେ ଗଢ଼ିତୋଳିବା ପାଇଁ ସମସ୍ତଙ୍କ ସହଯୋଗ ନିତାନ୍ତ ଆବଶ୍ୟକ।

(ବିଶ୍ୱ ଦକ୍ଷତା କେନ୍ଦ୍ର)
ଭୁବନେଶ୍ୱର, ମୋ: ୮୮୮୨୩୧୨୩୪୪ପ୍ରଶ୍ନ।

## ଆମ ବୃକ୍ଷଲତା ଆମ ଜୀବନ

ପ୍ରକୃତି-ପରିବେଶ

### ଶତାବରୀ

ସୌଭାଗ୍ୟସୁନ୍ଦର

ଶତାବରୀ ମୂଳତଃ ଏକ ଔଷଧୀୟ ଉଦ୍ଭିଦ, ଯାହା ସାଧାରଣତଃ ଏସିଆ, ଅଷ୍ଟ୍ରେଲିଆ, ଆଫ୍ରିକାରେ ଦେଖିବାକୁ ମିଳେ। ଭାରତରେ ଏହା ମୁଖ୍ୟତଃ କେରଳ, ତାମିଲନାଡୁ, ଆନ୍ଧ୍ରପ୍ରଦେଶ, କର୍ଣ୍ଣାଟକ, ଗୁଜରାଟ, ଓଡ଼ିଶା ଓ ପଶ୍ଚିମବଙ୍ଗରେ ଦେଖାଯାଏ। ଏହାର ଅନନ୍ୟ ଔଷଧୀୟ ଗୁଣ ଯୋଗୁଁ ଏହାକୁ ପ୍ରକୃତିର ଉପହାର ଭାବରେ ବର୍ଣ୍ଣନା କରାଯାଇଛି।

ଶତାବରୀ ଏକ ବହୁବର୍ଷୀୟ ତୃଣଜାତୀୟ ଉଦ୍ଭିଦ। ଏହା ପ୍ରଥମେ ସିଧା ବଢ଼େ। ଦୁର୍ବଳ କାଣ୍ଡ ହେତୁ ପରେ ନିକଟବର୍ତ୍ତୀ ଉଦ୍ଭିଦର ଆଶ୍ରୟ ନିଏ। ୧-୨ ମିଟର ଲମ୍ବ ପର୍ଯ୍ୟନ୍ତ ବିସ୍ତାରିତ ହୁଏ। ଏହାର ପତ୍ର ପତଳା ଏବଂ ପାଇନ ପତ୍ର ପରି ଛୁଞ୍ଚି ଭଳି ଦେଖାଯାଏ। ଏହାର ମୂଳ ଏକାଧିକ ସଂଖ୍ୟାରେ ଗୁଚ୍ଛ ହୋଇ ରହିଥିବା କନ୍ଦମୟ, ଧଳା ଓ ମୂଳା ଆକୃତିର। ପୁଷ୍ପଦଗମ ଅନେକ ଛୋଟ ଛୋଟ ଧଳା ସୁଗନ୍ଧିତ ଫୁଲ ଧାରଣ କରିଥାଏ। ଫଳଗୁଡ଼ିକ ଛୋଟ ବେରି ଆକାରରେ ଥାଏ, ଯାହାର ରଙ୍ଗ ଦେଖିବାକୁ ବାଇଗଣୀରୁ କଳା।

ଆୟୁର୍ବେଦ ଶାସ୍ତ୍ରରେ ଶତାବରୀକୁ ଔଷଧି ଉଦ୍ଭିଦ ଜଗତର ରାଣୀ ଭାବରେ ବର୍ଣ୍ଣନା କରାଯାଇଛି। ଏହା ଏକ ମିଠା ଓ ତିକ୍ତଯୁକ୍ତ ପ୍ରାକୃତିକ ଔଷଧି, ଯାହା ପୁଷ୍ଟିକର ଟନିକ୍, ଆଣ୍ଟାସିଡ୍ ବା ଅମ୍ଳରୋଧକ, ମୂତ୍ରବର୍ଦ୍ଧକ, ନବଯୌବନ ପ୍ରାପ୍ତି, କାମୋଦ୍ଦୀପକ, ରେଚକ, ମାଂସପେଶୀ ସଙ୍କୋଚ ନିରୋଧକ, ଆଣ୍ଟିଟ୍ୟୁମର, ଜ୍ୱଳନ ନିରୋଧୀ, ଆଣ୍ଟି-ଡିପ୍ରେସାଣ୍ଟ ବା ଅବସାଦ ନିରୋଧକ, ଆଣ୍ଟି-ମାଇକ୍ରୋବାୟଲ୍, ଆଣ୍ଟି-ଅକ୍ସିଡାଣ୍ଟ, ଆଡାପ୍ଟୋଜେନିକ୍ ଏବଂ ଇମ୍ୟୁନୋମୋଡ୍ୟୁଲେଟର ଭାବରେ ଅନେକ ଔଷଧୀୟ ଗୁଣ ସହିତ ଆଶୀର୍ବାଦପ୍ରାପ୍ତ। ଶତାବରୀ ପିତ୍ତଦୋଷକୁ ସନ୍ତୁଳିତ କରିବା, ଧଳା ରକ୍ତକୋଷର ସ୍ତର ବୃଦ୍ଧି, ପ୍ରତିରୋଧ ଶକ୍ତିକୁ ଉତ୍ତେଜିତ କରିବା, କ୍ୟାଣ୍ଡିଡା ଭଳି ଫୁରଫୁରି ବା ଫଙ୍ଗସର ମୁକାବିଲାରେ ଫଳପ୍ରଦ ପ୍ରୟୋଗ। ଏହା ମଧ୍ୟ ଜ୍ୱର, ପ୍ରଦାହ, ପେଟ ଅଲସର, ହଇଜା, ଟାଇଫଏଡ୍ ପତାଳା ଝାଡ଼ା, ଚର୍ମରୋଗର ଚିକିତ୍ସା ପାଇଁ ଏହା ଏକ ମହୌଷଧୀ।

ଶତାବରୀ ମୂଳରେ ସାର୍ସାପୋଜେନିନ୍, ସ୍ମାଇରୋଷ୍ଟାନୋଲିକ୍ ଏବଂ ଫୁରୋଷ୍ଟାନୋଲିକ୍ ସ୍ପୋନିନ୍, ସିଟୋଷ୍ଟେରୋଲ୍, ଆସ୍ପାରାଗାମିନ୍ ଏ ପ୍ରଚୁର ପରିମାଣରେ ଥାଏ। ଫଳଗୁଡ଼ିକରେ ବି-ସିଟୋଷ୍ଟେରୋଲ୍, ସାର୍ସାପୋଜେନିନ୍, ଡାୟୋସେନିନ୍, ଆସ୍ପାରାମିନ୍ ଏ ଏବଂ ବି ଥାଏ। ପତ୍ରଗୁଡ଼ିକ ଫ୍ଲାଭୋନଏଡ୍ସ, ରୁଟିନ୍ର ଏକ ପ୍ରଚୁର ଉତ୍ସ, ଯାହା ଇ.କୋଲି ଏବଂ ଷ୍ଟାଫିଲୋକୋକସ୍ ଭଳି ବ୍ୟାକ୍ଟେରିଆ ସହିତ ମୁକାବିଲା ଶକ୍ତି ରହିଛି। 'ଶତବରୀ'ନାମଟି 'ଯାହାର ୧୦୦ ସ୍ୱାମୀ ଅଛନ୍ତି' ବୋଲି ବ୍ୟାଖ୍ୟା କରେ, ଯାହା ମହିଳା ପ୍ରଜନନ କ୍ଷମତା ଏବଂ ଋତୁସ୍ରାବକୁ ନିୟମିତ କରିବା ଏବଂ ମାତୃକ୍ଷୀର ବୃଦ୍ଧି ପାଇଁ ଉପାଦେୟ। ଏହା ଆମେନୋରିଆ, ଡିସମେନୋରିଆ, ଲ୍ୟୁକୋରିଆ ଏବଂ ଅନ୍ୟାନ୍ୟ ପେଲଭିକ୍ ପ୍ରଦାହ ରୋଗରେ ଅତ୍ୟନ୍ତ ଲାଭଦାୟକ ଔଷଧି। କୋଭିଡ୍ ସମୟରେ ଲୋକମାନେ ଶତାବରୀର ଲାଭ ପାଇଛନ୍ତି ଏବଂ ତା'ପରେ ଏହି ଔଷଧିର ପ୍ରତିରୋଧକ ଶକ୍ତି ବୃଦ୍ଧିକାରୀ ଭାବରେ ବ୍ୟବହାର ବୃଦ୍ଧି ପାଇଛି। ଏହା ପୁରୁଷମାନଙ୍କ ମଧ୍ୟରେ ଷ୍ଟାମିନା ବୃଦ୍ଧି, ଇରେକ୍ଟାଇଲ୍ ଡିସଫଙ୍କସନ୍ ଏବଂ ଅକାଳ ବୀର୍ଯ୍ୟପାତ ପରିଚାଳନା ପାଇଁ ଉପଯୋଗୀ। ଶତାବରୀ ମୂଳ ଏବଂ ପତ୍ର ମୁଖ୍ୟତଃ ଔଷଧୀୟ ଉଦ୍ଦେଶ୍ୟରେ ବ୍ୟବହୃତ ହୁଏ। ଶତାବରୀ କିଛି ଲୋକଙ୍କଠାରେ ଫୁସଫୁସ କିମ୍ବା ଚର୍ମର ଆଲର୍ଜିକ ପ୍ରତିକ୍ରିୟା ସୃଷ୍ଟି କରିପାରେ। ବୃକକ୍ ବିକାର କିମ୍ବା ହୃଦୟର ଅସମ୍ପୂର୍ଣ୍ଣ କାର୍ଯ୍ୟକାରିତା ଯୋଗୁଁ ଆଜ୍‌ମା ଥିବା ଲୋକଙ୍କଠାରେ ଏହାର ବ୍ୟବହାର ଏଡ଼ାଇବା ଉଚିତ।

ଶତାବରୀର ମୂଳ ବା ଚେର ହେଉଛି ଅଧିକ ମୂଲ୍ୟଯୁକ୍ତ। ତେବେ ଏହାର କାଣ୍ଡ ଓ ପତ୍ରର ନିଜସ୍ୱ ମୂଲ୍ୟ ଓ ଚାହିଦା ରହିଛି। ଅଧିକ ଉପାଦେୟ ଅମଳ ପାଇଁ ଆର୍ଦ୍ରତା ସ୍ତର ପହଞ୍ଚିବା ପର୍ଯ୍ୟନ୍ତ ଏହାକୁ କାଟି ଭଲ ଭାବରେ ଶୁଖାଯାଇପାରିବ। ଚେର ଗୁଡ଼ିକୁ ମାଟି ଏବଂ କାଦୁଅ କଣିକା ଗୁଡ଼ିକୁ ଅପସାରଣ କରିବା ପାଇଁ ଧୋଇ ଦିଆଯାଏ। ଧୋଇବା ପରେ ଲମ୍ବା ମୂଳଗୁଡ଼ିକୁ ଫୁଟା ଯାଏ ଏବଂ ଛଡ଼ା ଯାଏ (ଆଳୁର ଚୋପା ପରି ମୂଳର ଛେଦା ବାହାର କରି)। ପୂର୍ବରୁ ଏହି ଔଷଧି ତୃଣ ଜଙ୍ଗଲରୁ ସଂଗ୍ରହ କରାଯାଉଥିଲା ଏବଂ ଏହାର ବିପୁଳ ଚାହିଦା ଏବଂ ଔଷଧୀୟ ମୂଲ୍ୟ ହେତୁ ସ୍ଥାୟୀତ୍ୱ ବଜାୟ ନ ରଖି ଏହାକୁ ଶୋଷଣ କରାଯାଉଥିଲା। ଏବେ ଏହାକୁ ବିଭିନ୍ନ ଆୟୁର୍ବେଦ ଔଷଧ କମ୍ପାନୀମାନେ ବ୍ୟବସାୟ ପାଇଁ ଚାଷ କରୁଛନ୍ତି।

ଭୁବନେଶ୍ୱର, ମୋ: ୯୪୩୭୧୯୦୪୨୦

ସକାଳ
THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com


CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।



# ଦେଶ ବିଦେଶ





# ତେଜସ୍ୱୀ ଯାଦବଙ୍କ ଅଭିଯୋଗ: ୨ଟି ଭୋଟର କାର୍ଡ ରଖିଛନ୍ତି ଉପମୁଖ୍ୟମନ୍ତ୍ରୀ

ପାଟନା, ୧୦।୮ (ଏଜେନ୍ସି): ବିହାର ବିଧାନସଭା ନିର୍ବାଚନ ପୂର୍ବରୁ ରାଜନୀତି ସରଗରମ ହୋଇ ଉଠିଛି। ଦୁଇଟି ଭୋଟର କାର୍ଡକୁ ନେଇ ଆର୍‌ଜେଡି ନେତା ତେଜସ୍ୱୀ ଯାଦବଙ୍କୁ ନିର୍ବାଚନ କମିଶନ ନୋଟିସ ଜାରି କରି ଜବାବ ମାଗିଛନ୍ତି। ଏବେ ତେଜସ୍ୱୀ ନିଜେ ବଡ଼ ଦାବି କରିଛନ୍ତି। ବିହାର ଉପ-ମୁଖ୍ୟମନ୍ତ୍ରୀ ବିଜୟ କୁମାର ସିହ୍ନାଙ୍କ ପାଖରେ ୨ଟି ଭୋଟର କାର୍ଡ ରହିଛି ବୋଲି ସେ କହିଛନ୍ତି। ଭୋଟର ତାଲିକାରେ ଲଖିସରାୟ ଏବଂ ପାଟନାର ବାଙ୍କିପୁର ବିଧାନସଭା କ୍ଷେତ୍ରରେ ଶ୍ରୀ ସିହ୍ନାଙ୍କ ନାମରେ ଏପିକ ନମ୍ବର ରହିଛି ବୋଲି ବିରୋଧୀ ଦଳନେତା ତେଜସ୍ୱୀ ଯାଦବ ଅଭିଯୋଗ କରିଛନ୍ତି। ଉଭୟରେ ବୟସ ଏବଂ ଠିକଣା ଅଲଗା ଅଲଗା ରହିଛି। ତେବେ ମାତାପିତାଙ୍କ ନାମ ସମାନ ରହିଛି। କିନ୍ତୁ ଗୋଟିଏ ଭୋଟର ଆଇକାର୍ଡରେ ପିତାଙ୍କ ନାମରେ ସ୍ୱର୍ଗତ ଶାରଦା ରମଣ ସିଂହ ଲେଖା ହୋଇଛି। ୨୦୨୦ରେ ଉପ-ମୁଖ୍ୟମନ୍ତ୍ରୀ ଦାଖଲ କରିଥିବା ସତ୍ୟପାଠରେ ବୟସ ୫୪ ଏବଂ ଠିକଣାରେ ପାଟନାର ଏକ୍‌ଜିବେସନ ରୋଡ ସ୍ଥିତ ଘର ଉଲ୍ଲେଖ କରାଯାଇଥିଲା। ଏହି ଠିକଣା ଉଭୟ ଭୋଟର କାର୍ଡରେ ନ ଥିବା ଜଣାପଡ଼ିଛି। ଏହାକୁ ନେଇ ତେଡସ୍ୱୀ ଯାଦବ ରବିବାର ସାମ୍ବାଦିକ ସମ୍ମିଳନୀ କରିଛନ୍ତି।

ତେଜସ୍ୱୀ କହିଛନ୍ତି ଯେ ସିହ୍ନାଙ୍କ ଦୁଇଟି ଭୋଟର କାର୍ଡରେ ବୟସ ଅଲଗା ଅଲଗା ରହିଛି। ସେ ଉପ-ମୁଖ୍ୟମନ୍ତ୍ରୀଙ୍କ ଏପିକ ନମ୍ବରକୁ ଅନ୍‌ଲାଇନରେ ଯାଞ୍ଚ କରି ଦେଖାଇ ଥିଲେ। ମାତ୍ର ଏହି ସମୟରେ ହଠାତ୍ ବିଦ୍ୟୁତ କଟି ଯାଇଥିଲା। ଏହା ମୁଖ୍ୟମନ୍ତ୍ରୀଙ୍କ ମାଗଣା ବିଜୁଳି କି ବୋଲି ତେଜସ୍ୱୀ ପ୍ରଶ୍ନ କରିଥିଲେ। ସେ ଏହି ଅଭିଯୋଗ ଲଗାଇ ସ୍ପେସିଆଲ ଇଣ୍ଟେନସିଭ ରିଭିଜନ (ଏସଆଇଆର) ଉପରେ ପ୍ରଶ୍ନ ଉଠାଇଛନ୍ତି। ବିଜୟ ସିହ୍ନା ଉଭୟ ସ୍ଥାନକୁ ଯାଇ ସ୍ୱାକ୍ଷର କରିଛନ୍ତି କିମ୍ବା ନିର୍ବାଚନ କମିଶନ ଜାଲିଆତି କରିଛନ୍ତି। ବିହାର ଉପ-ମୁଖ୍ୟମନ୍ତ୍ରୀ ଜାଲ୍ କି ବୋଲି ସେ ପଚାରିଛନ୍ତି। ଇସିଙ୍କୁ ନିରପେକ୍ଷ ଏବଂ ସ୍ୱଚ୍ଛତା କଥା କୁହାଯାଉଛି। ନିଜ ଉପରେ ମିଡିଆ ଟ୍ରାଏଲ ହେଉଥିବା ତେଜସ୍ୱୀ ଅଭିଯୋଗ କରିଛନ୍ତି। ଦିଲ୍ଲୀରେ ବସି କିଛି ଲୋକ ଜେଲ୍ ପଠାଇବାକୁ ଚାହୁଁଥିଲେ। ଗତ ୭ ତାରିଖ ସନ୍ଧ୍ୟାରେ ଇସି ତାଙ୍କୁ ନୋଟିସ ଜାରି କରିଥିଲେ। ପରଦିନ ସକାଳେ ସ୍ୱିଡ୍ ପୋଷ୍ଟରେ ଏହାର ଜବାବ ଦିଆଯାଇଥିଲା। ଏପରି ଭାବେ ଜିଲ୍ଲା ପ୍ରଶାସନ ଉପମୁଖ୍ୟମନ୍ତ୍ରୀଙ୍କୁ ନୋଟିସ୍ ପଠାଇବ କି? ବିଜେପିର ଦୁଇ ଉପ-ମୁଖ୍ୟମନ୍ତ୍ରୀ ଅଜବ ଲୋକ। ସମ୍ରାଟ ଚୌଧୁରୀ ପ୍ରଥମେ ବୟସ ଜାଲିଆତି କରିଥିଲେ। ଏବେ ବିଜୟ ସିହ୍ନା ମଧ୍ୟ ଏପରି କରିଛନ୍ତି। ସେ ଜାଲିଆତି କରିଥିବା ଜଣାପଡ଼ିଲେ ଇସ୍ତଫା ଦେବା ଉଚିତ। ଯଦି ଇସି ଭୁଲ୍ ତେବେ ଏସଆଇଆର ପ୍ରତ୍ୟାହାର କରାଯିବା ଉଚିତ।





ମୁଖ୍ୟ ନିର୍ବାଚନ କମିଶନଙ୍କୁ ତେଜସ୍ୱୀ ଆହ୍ୱାନ ଦେଇଛନ୍ତି। ବିଧାନସଭା କ୍ଷେତ୍ରକୁ ଆସି ବନ୍ୟା ସ୍ଥିତି ଦେଖିବାକୁ କହିଛନ୍ତି। ଦିଲ୍ଲୀରେ ବସି ବିଜେପି କଥାରେ ସବୁ କିଛି ହେବନାହିଁ। ପୋଷ୍ଟ ଅଫିସ ହୋଇ ରହିଲେ ଚଳିବ ନାହିଁ। ଏସଆଇଆରରେ ୬୫ ଲକ୍ଷ ଲୋକଙ୍କ ନାମ କଟାଯାଇଛି। ଏହାର ବିସ୍ତୃତ ତଥ୍ୟ ଲୋକଙ୍କ ସାମ୍‌ନାରେ ରଖନ୍ତୁ। ୨୨ ଲକ୍ଷଙ୍କ ମୃତ୍ୟୁ ହୋଇଥିବା କୁହାଯାଉଛି। ସମସ୍ତଙ୍କ ମୃତ୍ୟୁ ପ୍ରମାଣପତ୍ର ନିଆଯାଇଛି କି? ଏହି ପ୍ରମାଣପତ୍ର ବି ଦେଖାଇବାକୁ ହେବ।

### ଟ୍ରମ୍ପଙ୍କୁ ଜବାବ୍ ଦେଲେ ମୋଦୀ ଓ ରାଜନାଥ

# ତୃତୀୟ ବୃହତ୍ତ ଅର୍ଥ ବ୍ୟବସ୍ଥା ହେବ ଭାରତ: ମୋଦୀ

ବେଙ୍ଗାଲୁରୁ, ୧୦।୮ (ଏଜେନ୍ସି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ରବିବାର ବେଙ୍ଗାଲୁରୁରୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ 'ମୃତ ଅର୍ଥନୀତି' ମନ୍ତବ୍ୟର ଜବାବ ଦେଇଛନ୍ତି। ସେ ଟ୍ରମ୍ପଙ୍କ ନାମ ନ ନେଇ କହିଛନ୍ତି ଯେ ଭାରତ ବିଶ୍ୱର ଦ୍ରୁତ ଅଭିବୃଦ୍ଧିଶୀଳ ଅର୍ଥନୀତି। ଭାରତ ଦଶ ନମ୍ବରରୁ ୫ ନମ୍ବରକୁ ଆସିଯାଇଛି। ଖୁବଶୀଘ୍ର ଦେଶ ବିଶ୍ୱର ତୃତୀୟ ବୃହତ୍ତ ଅର୍ଥନୀତି ହେବାକୁ ଯାଉଛି। ଏହା ସଂସ୍କାର, ପ୍ରଦର୍ଶନ ଏବଂ ରୂପାନ୍ତରଣ ଯୋଗୁଁ ଏହା ସମ୍ଭବ ହୋଇପାରିଛି। ଦେଶ ସଫଳତାର ପତାକା ଉଡ଼ାଉଛି। ସୂଚନାଯୋଗ୍ୟ ଯେ ଗତ ୩୧ ତାରିଖରେ ଟ୍ରମ୍ପ ଭାରତ ଉପରେ ୨୫ ପ୍ରତିଶତ ଶୁଳ୍କ ଲଗାଇ ଥିଲେ। ଭାରତ ଏବଂ ରୁଷ୍‌କୁ ମୃତ ଅର୍ଥନୀତି କହିଥିଲେ। ଆଜି ବେଙ୍ଗାଲୁରୁରେ ମେଟ୍ରୋ ରେଳର ୟେଲୋ ଲାଇନ ଏବଂ ତିନୋଟି ବନ୍ଦେ ଭାରତ ଏକ୍ସପ୍ରେସ ଚଳାଚଳର ଶୁଭାରମ୍ଭ ଅବସରରେ ଆୟୋଜିତ କାର୍ଯ୍ୟକ୍ରମକୁ ସମ୍ବୋଧନ କରି ମୋଦୀ ଏହି ଟିପ୍ପଣୀ ଦେଇଛନ୍ତି।







- ଟ୍ରମ୍ପଙ୍କ ଉପରେ ବର୍ଷିଲେ ରାଜନାଥ
- ଭାରତର ଦ୍ରୁତ ବିକାଶକୁ ସହି ପାରୁନାହାନ୍ତି ସମସ୍ତଙ୍କ ବସ୍

ମୋଦୀ 'ଅପରେସନ ସିନ୍ଦୂର'କୁ ନେଇ କହିଛନ୍ତି ଯେ ଆତଙ୍କବାଦୀ ଏବଂ ପାକିସ୍ତାନକୁ ଦୃଢ଼ ଜବାବ ଦେଇଥିବା ଭାରତୀୟ ସେନାର କ୍ଷମତା ସାରା ବିଶ୍ୱ ଦେଖିଛି। ଏହି ସଫଳତା ପଛରେ ଭାରତୀୟ ପ୍ରଯୁକ୍ତିବିଦ୍ୟା ଏବଂ 'ମେକ୍ ଇନ୍ ଇଣ୍ଡିଆ'ର ଶକ୍ତି ରହିଛି। ଏଥିରେ ବେଙ୍ଗାଲୁରୁର ବହୁତ ଯୋଗଦାନ ରହିଛି।

ଅନ୍ୟପକ୍ଷରେ ଡୋନାଲ୍ଡ ଟ୍ରମ୍ପଙ୍କ ଉପରେ ବର୍ଷିଛନ୍ତି ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ। ସେ ଟ୍ରମ୍ପଙ୍କ ନାମ ନ ନେଇ ପରୋକ୍ଷରେ ତାଙ୍କ ଜବାବୀ ଶୁଳ୍କକୁ ତୀବ୍ର ସମାଲୋଚନା କରିଛନ୍ତି। ଭାରତର ଦ୍ରୁତ ବିକାଶକୁ ସମସ୍ତଙ୍କ ବସ୍ ସହିପାରୁ ନାହାନ୍ତି। ନୂଆଦିଲ୍ଲୀକୁ ଇର୍ଷା କରୁଛନ୍ତି। ତେଣୁ ଭାରତରେ ନିର୍ମିତ ଉତ୍ପାଦର ମୂଲ୍ୟ ବଢ଼ାଇବାକୁ ଚାହୁଁଛନ୍ତି। କିନ୍ତୁ ଭାରତକୁ ସୁପର୍‌ପାୱାର ହେବାକୁ କେହି ରୋକିପାରିବେ ନାହିଁ ବୋଲି ରାଜନାଥ ସ୍ପଷ୍ଟ ବାର୍ତ୍ତା ଦେଇଛନ୍ତି। ମଧ୍ୟପ୍ରଦେଶ ରାୟସେନରେ ରେଳ ବଗି କାରଖାନାର ଶିଳାନ୍ୟାସ କରି ରାଜନାଥ ଏହି ଟିପ୍ପଣୀ ଦେଇଛନ୍ତି।

ରାଜନାଥ କହିଛନ୍ତି ଯେ କିଛି ଲୋକ ନିଜକୁ ଦୁନିଆର ବସ ଭାବୁଛନ୍ତି, କିନ୍ତୁ ତାଙ୍କୁ ଜଣା ନାହିଁ ଆମେ ସମସ୍ତଙ୍କ ବସ୍। କିଛି ଲୋକଙ୍କ ପାଇଁ ଭାରତର ଦ୍ରୁତ ଅଭିବୃଦ୍ଧି ଅସହ୍ୟ ହୋଇଛି। ତେଣୁ ଭାରତରେ ନିର୍ମିତ ସାମଗ୍ରୀକୁ ଅଧିକ ମହଙ୍ଗା କରିବାକୁ ପ୍ରୟାସ ହେଉଛି। ମାତ୍ର ଭାରତର ଆଭିମୁଖ୍ୟ ଭିନ୍ନ ରହିଛି। ଭାରତ କେବଳ ନିଜର ନୁହେଁ, ସାରା ବିଶ୍ୱର ମଙ୍ଗଳ ଚାହୁଁଛି। କିନ୍ତୁ ଯିଏ ଆକ୍ରମଣ କରୁଛି ତାହାକୁ ଛଡ଼ାଯିବ ନାହିଁ। ଧର୍ମ ଦେଖି ନୁହେଁ, କର୍ମ ଦେଖି ମାରିବୁ। ପୂର୍ବରୁ ଭାରତ ପ୍ରତିରକ୍ଷା ସାମଗ୍ରୀ ଆମଦାନୀ କରୁଥିଲା, ଏବେ ୨୪ ହଜାର କୋଟିରୁ ଅଧିକ ରପ୍ତାନୀ କରୁଛି।

### ସେନାମୁଖ୍ୟଙ୍କ ସତର୍କବାଣୀ

## ଖୁବଶୀଘ୍ର ହୋଇପାରେ ଆଗାମୀ ଯୁଦ୍ଧ

ଚେନ୍ନାଇ, ୧୦।୯: ଖୁବଶୀଘ୍ର ପାକିସ୍ତାନ ସହ ପୁଣି ଯୁଦ୍ଧ ହୋଇପାରେ ବୋଲି ସ୍ଥଳ ସେନାଧ୍ୟକ୍ଷ ଜେନେରାଲ ଉପେନ୍ଦ୍ର ଦ୍ୱିବେଦୀ ଆଶଙ୍କା କରିଛନ୍ତି। ସେହି ଅନୁସାରେ ଦେଶକୁ ପ୍ରସ୍ତୁତି କରିବାକୁ ପଡ଼ିବ ବୋଲି ସେ କହିଛନ୍ତି। ଚଳିତ ଥର ସମସ୍ତଙ୍କୁ ମିଶି ଲଢେଇ ଲଢିବାକୁ ପଡ଼ିବ ବୋଲି ସେ ଉଲ୍ଲେଖ କରିଛନ୍ତି। ବାୟୁସେନା ମୁଖ୍ୟଙ୍କ ପରେ 'ଅପରେସନ ସିନ୍ଦୂର'କୁ ନେଇ ସେ ମଧ୍ୟ ମୁହଁ ଖୋଲିଛନ୍ତି। ସେ ସମୟରେ ସରକାର ଆମକୁ ସମ୍ପୂର୍ଣ୍ଣ ସ୍‌ବାଧୀନତା ଦେଇଥିଲେ ବୋଲି ସ୍ଥଳ ସେନାଧ୍ୟକ୍ଷ କହିଛନ୍ତି। ଏପ୍ରିଲ ୨୨ର ପହଲଗାମ ଆକ୍ରମଣ ସାରା ଦେଶକୁ ବଡ଼ ଆଘାତ ଦେଇଥିଲା। ଏପ୍ରିଲ ୨୩ରେ ପ୍ରତିରକ୍ଷାମନ୍ତ୍ରୀ କହିଥିଲେ ଯେ ଏବେ ବହୁତ ହୋଇଗଲା। କିଛି ଗୋଟେ କରିବାକୁ ପଡ଼ିବ ବୋଲି ତିନି ସେନାମୁଖ୍ୟ ଜାଣିଥିଲେ। କ'ଣ କରିବାକୁ ପଡ଼ିବ ସେଥିପାଇଁ ସେନାକୁ ସମ୍ପୂର୍ଣ୍ଣ ସ୍ୱାଧୀନତା ଦିଆଯାଇଥିଲା। ଏଭଳି ଆତ୍ମବିଶ୍ୱାସ, ରାଜନୈତିକ ସ୍ପଷ୍ଟତା ଆମେ ପ୍ରଥମ ଥର ପାଇଁ ଦେଖିଥିଲୁ। ଏପରି ସ୍ପଷ୍ଟ ରାଜନୈତିକ ସମର୍ଥନ ସୈନିକଙ୍କ ମନୋବଳକୁ ବୃଦ୍ଧି କରେ। ଜେନେରାଲ ଦ୍ୱିବେଦୀଙ୍କ ଅନୁଯାୟୀ ଏପ୍ରିଲ ୨୫ରେ ଆମେ ଉତ୍ତର କମାଣ୍ଡରେ ପହଞ୍ଚି ଥିଲୁ। ଏଠାରେ ସବୁ ଯୋଜନା କରି ତାହାକୁ କାର୍ଯ୍ୟକାରୀ କରାଯାଇଥିଲା। ୯ରୁ ୭ଟି ଆତଙ୍କବାଦୀ ଆଡ୍ଡାକୁ ଧ୍ୱଂସ କରାଯାଇଥିଲା। ଏଥିରେ ଅନେକ ଆତଙ୍କବାଦୀ ନିହତ ହୋଇଥିଲେ। ଏପ୍ରିଲ ୨୯ରେ ନରେନ୍ଦ୍ର ମୋଦୀଙ୍କ ସହ ସାକ୍ଷାତ ହୋଇଥିଲା। 'ଅପରେସନ୍ ସିନ୍ଦୂର' ଏକ ଛୋଟ ନାମ ହୋଇଥିଲେ ବି ସାରାଦେଶକୁ ଏକତ୍ର କରିଥିଲା। 'ସିନ୍ଧୁରୁ ସିନ୍ଦୂର' ଆମେ ସବୁକିଛିର ଯତ୍ନ ନେଇଛୁ। ଏବେ କାହିଁକି ଅପରେସନ ବନ୍ଦ କରାଗଲା ବୋଲି ସାରା ଦେଶ ପଚାରୁଛି। ଏହାର ଉତ୍ତର ମଧ୍ୟ ଦିଆଯାଇ ସାରିଛି। ଏହି ଅଭିଯାନରେ ଆମେ ଚେସ ଖେଳୁ ଥିଲୁ। ଶତ୍ରୁର ଆଗାମୀ ଚାଲ କଣ ହେବ ଏବଂ କି ପଦକ୍ଷେପ ନେବ ତାହା ଆମକୁ ଜଣା ନ ଥିଲା। ଆମେ ଗୋଟି ଚାଳନା କରି ଚାଲିଥିଲୁ। ଶତ୍ରୁ ମଧ୍ୟ ଚେସ ଖେଳୁ ଥିଲା। ଭାରତ ଶତ୍ରୁକୁ ମାତ୍ ଦେଉଥିଲା। ଆଉ କେତେବେଳେ ଜୀବନ ହରାଇବା ଭୟରେ ହାର ମାନି ଯାଉଥିଲୁ। ଏହା ହିଁ ତ୍ ଜୀବନ। ଏହାକୁ ଗ୍ରେ ଜୋନ କୁହାଯାଏ। ଅର୍ଥାତ୍ ଏହା ପାରମ୍ପରିକ ଅଭିଯାନ ନ ଥିଲା। ଗତ ୪ ତାରିଖରେ ଆଇଆଇଟି ମାଡ୍ରାସରେ ‹ଅଗ୍ନିଶୋଧ- ଭାରତୀୟ ସେନା ରିସର୍ଚ୍ଚ ସେଲର ଉଦ୍‌ଘାଟନ କରି ସେନା ମୁଖ୍ୟ ଏହି ଟିପ୍ପଣୀ ଦେଇଥିଲେ। ସେ ଅପରେସନ ସିନ୍ଦୂରକୁ ସୁନିୟୋଜିତ, ଗୁଇନ୍ଦା ଆଧାରିତ ଅଭିଯାନ କହିଥିଲେ।

## ପ୍ରଶ୍ନପତ୍ର ପ୍ରଘଟ ମାମଲା; ଗେହଲଟଙ୍କ ପିଏସ୍‌ଓ ଗିରଫ

ଜୟପୁର, ୧୦।୮ (ଏଜେନ୍ସି): ରାଜସ୍ଥାନର ସବ-ଇନସ୍ପେକ୍ଟର ପ୍ରଶ୍ନପତ୍ର ପ୍ରଘଟ ମାମଲାରେ ପୂର୍ବତନ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟଙ୍କ ସମସ୍ୟା ବଢ଼ିପାରେ। ଏହି ମାମଲାରେ ତାଙ୍କ ବ୍ୟକ୍ତିଗତ ସୁରକ୍ଷା ଅଧିକାରୀ (ପିଏସ୍‌ଓ) ତଥା ହେଡ୍ କନଷ୍ଟେବଲ ରାଜକୁମାର ଯାଦବ ଏବଂ ତାଙ୍କ ପୁଅ ଭରତ ଯାଦବଙ୍କୁ ଗିରଫ କରିଛି। ଉଭୟଙ୍କୁ ଶନିବାର ଗିରଫ କରାଯାଇ ୧୨ ତାରିଖ ପର୍ଯ୍ୟନ୍ତ ହେପାଜତକୁ ନିଆଯାଇଛି। ରାଜକୁମାରଙ୍କ ଗିରଫ ରାଜସ୍ଥାନ ରାଜନୀତିରେ ହଇଚଇ ସୃଷ୍ଟି କରିଛି। ସେ ସବୁବେଳେ ଛାଇ ପରି ଗେହଲଟଙ୍କ ସାଙ୍ଗରେ ରହୁଥିଲେ। ମୁଖ୍ୟମନ୍ତ୍ରୀ ଥିବାବେଳେ ମଧ୍ୟ ସେ ତାଙ୍କର ପିଏସଓ ଥିଲେ । ଗେହଲଟ ସରକାରରେ ମନ୍ତ୍ରୀ ଥିବା ଜଣେ କଂଗ୍ରେସ ନେତାଙ୍କଠାରୁ ସେ ପ୍ରଶ୍ନପତ୍ର ନେଇଥିଲେ ବୋଲି କୁହାଯାଉଛି। ଏଡିଜି ଭିକେ ସିଂହ କହିଛନ୍ତି ଯେ ୨୦୨୧ରେ ଏହି ପ୍ରଶ୍ନପତ୍ର ପ୍ରଘଟ ମାମଲାରେ ପ୍ରବୋସନାରୀ ଏସ୍‌ଆଇ ସତ୍ୟେନ୍ଦ୍ର ସିଂହ ଯାଦବଙ୍କୁ ଗିରଫ କରାଯାଇଥିଲା। ତାଙ୍କଠୁ ହିଁ ରାଜକୁମାର ପ୍ରଶ୍ନପତ୍ର ନେଇ ନିଜ ପୁଅ ଏବଂ ସମ୍ପର୍କୀୟ ରବୀନ୍ଦ୍ର ସାଇନିଙ୍କୁ ଦେଇଥିଲେ। ଏହା ଫଳରେ ସତ୍ୟେନ୍ଦ୍ର ଏବଂ ରବୀନ୍ଦ୍ର ଏସଆଇଏସ ନିଯୁକ୍ତ ହୋଇଥିଲେ। ତେବେ ଭରତ କେବଳ ଲିଖିତ ପରୀକ୍ଷା ପାସ୍ କରିପାରି ଥିଲା। ଏ ପର୍ଯ୍ୟନ୍ତ ଏହି ମାମଲାରେ ୧୨୦ ଜଣଙ୍କୁ ଗିରଫ କରାଗଲାଣି। ଏମାନଙ୍କ ମଧ୍ୟରେ ୫୪ ଟ୍ରେନି ଏସ୍‌ଆଇ ସାମିଲ ହୋଇଛନ୍ତି।

### ଅନଲାଇନ୍ ପ୍ରେମ ଜାଲରେ ଫସିଲେ ୮୦ ବର୍ଷୀୟ ବୃଦ୍ଧ

## ୯ କୋଟି ଟଙ୍କା ଠକିନେଲେ ୪ ଯୁବତୀ

ମୁମ୍ବାଇ, ୧୦।୮ (ଏଜେନ୍ସି): ମୁମ୍ବାଇରୁ ବିଚଳିତ କରିବା ଭଳି ଏକ ମାମଲା ସାମ୍‌ନାକୁ ଆସିଛି। ୮୦ ବର୍ଷରେ ପ୍ରେମ ନିଶା ଜଣେ ବୃଦ୍ଧଙ୍କ ପାଇଁ ଦିବାସ୍ୱପ୍ନ ପାଲଟି ଯାଇଛି। ସାମାଜିକ ଗଣମାଧ୍ୟମରେ ବନ୍ଧୁତାର ହାତ ବଢ଼ାଇ, ପ୍ରେମ ଜାଲରେ ଫସାଇ ବୃଦ୍ଧଙ୍କ ଜୀବନ ଯାକର ସଞ୍ଚିତ ସମ୍ପତ୍ତିକୁ ଲୁଟ୍ କରି ନେଇଛନ୍ତି। ଖାଲି ସେତିକି ନୁହେଁ, ଋଣ କରିବାକୁ ବି ବାଧ୍ୟ କରିଛନ୍ତି। ସ୍ଥିତି ଏଭଳି ହୋଇଛି ଯେ ବୃଦ୍ଧି ଏବେ ମେଡିକାଲରେ ଭର୍ତ୍ତି ହୋଇଛନ୍ତି। ୪ ଯୁବତୀ ବୃଦ୍ଧଙ୍କଠାରୁ ୭୩୪ ଥରରେ ୮.୭ କୋଟି ଟଙ୍କା ନେଇଛନ୍ତି। ଏହି ମାମଲା ଅନ୍‌ଲାଇନର କଳା ରୂପକୁ ପୁଣିଥରେ ସର୍ବ ସମ୍ମୁଖକୁ ପକାଇ ଦେଇଛି। ଏହି ଅନ୍‌ଲାଇନ ଠକେଇର ୨୦୨୩ ଏପ୍ରିଲରେ ଆରମ୍ଭ ହୋଇଥିଲା। ପ୍ରଥମେ ଏହି ବୃଦ୍ଧ ଫେସ୍‌ବୁକରେ ଶାରଭି ନାମକ ଯୁବତୀଙ୍କୁ ବନ୍ଧୁତା ଅନୁରୋଧ ପଠାଇଥିଲେ। ପ୍ରଥମେ ଯୁବତୀ ଏହାକୁ ପ୍ରତ୍ୟାଖ୍ୟାନ କରିଥିଲେ। କିନ୍ତୁ କିଛି ଦିନ ପରେ ନିଜ ଆଡୁ ବନ୍ଧୁତା ଅନୁରୋଧ ପଠାଇଥିଲେ। ଧୀରେ ଧୀରେ ଉଭୟଙ୍କ ମଧ୍ୟରେ କଥାବାର୍ତ୍ତା ଆରମ୍ଭ ହେଲା। ପ୍ରେମ ସମ୍ପର୍କ ଫେସ୍‌ବୁକ୍‌ରୁ ଯାଇ ହ୍ୱାଟସ୍‌ଆପରେ ପହଞ୍ଚି ଯାଇଥିଲା।



ଶାରଭି ନିଜକୁ ଛାଡ଼ପତ୍ର ପାଇଥିବା ଏବଂ ଦୁଇଟି ସନ୍ତାନର ଜନନୀ ଥିବା କହିଥିଲେ। ସେ ଅନେକ ସମସ୍ୟାର ସମ୍ମୁଖୀନ ହେଉଥିବା ଦର୍ଶାଇ ଥିଲେ। ବିଭିନ୍ନ ସମସ୍ୟା ଆଳରେ ବୃଦ୍ଧଙ୍କୁ ବାରମ୍ବାର ଟଙ୍କା ମାଗୁଥିଲେ। ପ୍ରତ୍ୟେକ ଥର ବୃଦ୍ଧ ତାଙ୍କୁ ଟଙ୍କା ପଠାଉଥିଲେ। କିଛି ଦିନ ପରେ ଆଉ ଜଣେ ଯୁବତୀ କବିତା ବୃଦ୍ଧଙ୍କ ସହିତ ଯୋଗାଯୋଗ କରିଥିଲେ। ସେ ଅଶ୍ଳୀଳ ମେସେଜ୍ ପଠାଇ ଅସୁସ୍ଥ ପିଲାର ଚିକିତ୍ସା ନାମରେ ଟଙ୍କା ମାଗିଥିଲେ। ଏଇଠି ଠକେଇର ଖେଳ ଅଟକି ନ ଥିଲା। କିଛି ଦିନ ପରେ ନିଜକୁ ଶାରଭିଙ୍କ ଭଉଣୀ ପରିଚୟ ଦେଇ ଦିନାଜ ତାଙ୍କୁ ଯୋଗାଯୋଗ କରିଥିଲେ। ଶାରଭିଙ୍କ ମୃତ୍ୟୁ ହୋଇ ସାରିଛି। ମରିବା ପୂର୍ବରୁ ହସ୍ପିଟାଲ ବିଲ୍ ଦେବା ପାଇଁ ବୃଦ୍ଧଙ୍କୁ କହିଯାଇଥିବା ଉଲ୍ଲେଖ କରିଥିଲେ। ଦିନାଜ୍ ହ୍ୱାଟ୍ସଆପ୍ ଚାଟ୍‌ର ସ୍କ୍ରିନସଟ୍ ପଠାଇ ବୃଦ୍ଧଙ୍କ ଠାରୁ ଟଙ୍କା ନେଇଥିଲେ। ଟଙ୍କା ଫେରସ୍ତ ମାଗିବାରୁ ଦିନାଜ ଆତ୍ମହତ୍ୟା କରିବାକୁ ଧମକ ଦେଇଥିଲେ।

ଏଇଠି ସମସ୍ୟା ସରି ନ ଥିଲା। ଜସ୍ମିନ୍ ନାମକ ଜଣେ ଯୁବତୀ ନିଜକୁ ଦିନାଜ୍‌ଙ୍କ ବନ୍ଧୁ ଦର୍ଶାଇ ଦେଇ ସାହାଯ୍ୟ ପାଇଁ ନିବେଦନ କରିଥିଲେ। ବୃଦ୍ଧ ତାଙ୍କୁ ମଧ୍ୟ ଟଙ୍କା ଦେଇଥିଲେ।

ବୃଦ୍ଧ ବ୍ୟକ୍ତି ତାଙ୍କୁ ଟଙ୍କା ମଧ୍ୟ ପଠାଇଥିଲେ। ଗୋଟିଏ ପରେ ଗୋଟିଏ ନୂଆ ଚରିତ୍ର ଆସିବା ଆରମ୍ଭ କରିଥିଲେ। ବୃଦ୍ଧ ଠକେଇର ଜାଲରେ ଫସି ଗଲେ। ୨୦୨୩ ଏପ୍ରିଲ ୨୦୨୫ ଜାନୁଆରୀ ମଧ୍ୟରେ ବୃଦ୍ଧ ୪ ଯୁବତୀଙ୍କ ପାଖକୁ ୮.୭ କୋଟି ଟଙ୍କା ଟ୍ରାନ୍ସଫର କରିଥିଲେ। ନିଜର ସଞ୍ଚିତ ଅର୍ଥ ହରାଇବା ପରେ ସେ ବୋହୂଙ୍କଠାରୁ ୨ ଲକ୍ଷ ଟଙ୍କା ଧାର ନେଇଥିଲେ ଏବଂ ପୁଅକୁ ମଧ୍ୟ ୫ ଲକ୍ଷ ଟଙ୍କା ମାଗିଥିଲେ। ପୁଅ ସନ୍ଦେହ କରି ପଚରାଉଚୁରା କରିବାର ସତ୍ୟ ସାମ୍‌ନାକୁ ଆସିଥିଲା। ସତ ଜାଣିବା ପରେ ବୃଦ୍ଧ ଅବସାଦଗ୍ରସ୍ତ ହୋଇଥିଲେ ଏବଂ ତାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରିବାକୁ ପଡ଼ିଥିଲା। ସେ ଭୁଲା ରୋଗରେ ପୀଡ଼ିତ ଥିବା ଡାକ୍ତର କହିଥିଲେ। ଜୁଲାଇ ୨୨ ରେ ବୃଦ୍ଧ ସାଇବର କ୍ରାଇମ୍ ସହାୟତା ନମ୍ବରରେ ଅଭିଯୋଗ କରିଥିଲେ। ଗତ ୬ ତାରିଖରେ ଏ ନେଇ ଏତଲା ଦେଇଥିଲେ। ଏବେ ପୁଲିସ ମାମଲାର ତଦନ୍ତ କରୁଛି। ମାମଲାରେ ୪ ଜଣ ଯୁବତୀଙ୍କ ନାମ ସାମ୍‌ନାକୁ ଆସିଥିବାବେଳେ ଜଣେ ଯୁବତୀ ଏପରି କରିଥିବା ପୁଲିସ ସନ୍ଦେହ କରୁଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ସୁପ୍ରିମ କୋର୍ଟ-ନିର୍ବାଚନ

ସହିତ କେଉଁମାନେ ମୃତ, କେଉଁମାନେ ଅନ୍ୟ ରାଜ୍ୟକୁ ପଳାଇଛନ୍ତି ଏବଂ କେଉଁମାନଙ୍କ ନାମ ଭୋଟର ତାଲିକାରେ ସାମିଲ ପାଇଁ ବିଚାର କରାଯାଇ ନାହିଁ ଏବଂ କାହିଁକି ବିଚାର କରାଯାଇ ନାହିଁ, ସେସଂପର୍କରେ କମିସନ ସଂପୂର୍ଣ୍ଣ ତଥ୍ୟ ଦିଅନ୍ତୁ। କୋର୍ଟ ଆଦେଶ ମୁତାବକ ଗତକାଲି ନିର୍ବାଚନ କମିସନ ସଂପୂର୍ଣ୍ଣ ତଥ୍ୟ ଦେବାକୁ ମନା କରିବାକୁ ଯାଇ ଏଭଳି ଯୁକ୍ତି ଉପସ୍ଥାପନ କରିଛନ୍ତି।

### ଆମେରିକା ଉପରେ...

ଆଲୋଚନା କରିବାକୁ ମନା କରିଦେଇଥିଲା, ଯାହାପରେ ଭାରତ ଡବ୍ଲ୍ୟୁଟିଓ ନିୟମ ଅନୁଯାୟୀ ପ୍ରତିଶୋଧ ପାଇଁ ଆଇନଗତ ପ୍ରସ୍ତୁତି ଆରମ୍ଭ କରିଥିଲା।

ସରକାରୀ ସୂତ୍ର ଅନୁଯାୟୀ, ସୀମିତ ଆମେରିକୀୟ ସାମଗ୍ରୀ ଉପରେ ଭାରତ ଏହି ପ୍ରତିଶୋଧମୂଳକ ଶୁଳ୍କ ଲଗାଇବ। ଏହି ସାମଗ୍ରୀଗୁଡ଼ିକୁ ଏପରି ଭାବରେ ଚୟନ କରାଯିବ, ଯେପରି ଶୁଳ୍କରୁ ସୃଷ୍ଟି ହେଉଥିବା ରାଜସ୍ୱ ଆମେରିକାର ପଦକ୍ଷେପ ଦ୍ୱାରା ଭାରତୀୟ ରପ୍ତାନିକାରୀଙ୍କ କ୍ଷତି ସହିତ ସମାନ ହେବ। ଅଧିକାରୀମାନେ କହିଛନ୍ତି ଯେ ଗୋଟିଏ ପଟେ ଆମେରିକା ଏକ ଦ୍ୱିପାକ୍ଷିକ ବାଣିଜ୍ୟ ଚୁକ୍ତି ବିଷୟରେ କଥା ହେଉଛି, କିନ୍ତୁ ଅନ୍ୟପଟେ ଏହା ଭାରତୀୟ ଅର୍ଥନୈତିକ ସ୍ୱାର୍ଥ ବିରୁଦ୍ଧରେ ଏକପାଖିଆ ପଦକ୍ଷେପ ନେଉଛି, ଯାହାର ଜବାବ ଦେବାର ଅଧିକାର ଭାରତ ରଖିଛି।

ଆମେରିକା ପ୍ରତିବର୍ଷ ଭାରତକୁ ୪୫ ବିଲିୟନ ଡଲାରରୁ ଅଧିକ ମୂଲ୍ୟର ସାମଗ୍ରୀ ବିକ୍ରି କରେ, ଯେତେବେଳେ ସାମ୍ପ୍ରତିକ ଶୁଳ୍କ ଲାଗୁ ହେବା ପୂର୍ବରୁ ଭାରତର ଆମେରିକାକୁ ରପ୍ତାନି ୮୬ ବିଲିୟନ ଡଲାର ପର୍ଯ୍ୟନ୍ତ ଥିଲା। ବୃଦ୍ଧି ପାଉଥିବା ଶୁଳ୍କ ଯୁଦ୍ଧ ବାଣିଜ୍ୟ ନିଅଣ୍ଟକୁ ପରିବର୍ତ୍ତନ କରିପାରେ ଏବଂ ଦ୍ୱିପାକ୍ଷିକ ଅର୍ଥନୈତିକ ସମ୍ପର୍କକୁ ପ୍ରଭାବିତ କରିପାରେ। ଫେବୃଆରୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ରାଷ୍ଟ୍ରପତି ଟ୍ରମ୍ପ୍ ଦ୍ୱିପାକ୍ଷିକ ବାଣିଜ୍ୟକୁ କାରବାର ୫୦୦ ବିଲିୟନ ଡଲାରକୁ ବୃଦ୍ଧି କରିବାକୁ ଲକ୍ଷ୍ୟ ରଖିଥିଲେ, କିନ୍ତୁ ଭାରତ ଏହାର କୃଷି ଏବଂ ଅନ୍ୟ କେତେକ ସମ୍ବେଦନଶୀଳ କ୍ଷେତ୍ର ଉପରେ ଆମେରିକୀୟ କମ୍ପାନୀଙ୍କ ପ୍ରବେଶ ଦାବିକୁ ପ୍ରତ୍ୟାଖ୍ୟାନ କରିଦେଇଥିଲା, ଯାହା ଫଳରେ ଆଲୋଚନା ସ୍ଥଗିତ ରହିଥିଲା।

### ଭାରତ ଉପରେ ସର୍ବାଧିକ ଶୁଳ୍କ, ଚୀନକୁ ୯୦ ଦିନର ଆଶ୍ୱସ୍ତି

ନୂଆଦିଲ୍ଲୀ,୧୦।୮ (ଏଜେନ୍ସି): ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଚୀନରୁ ଆମଦାନି ହେଉଥିବା ସାମଗ୍ରୀ ଉପରେ ନୂତନ ଶୁଳ୍କ ହାର ଲାଗୁ କରିବାକୁ ୯୦ ଦିନ ସମୟସୀମା ଧାର୍ଯ୍ୟ କରିଛନ୍ତି। ଭାରତରୁ ଆସୁଥିବା ଉତ୍ପାଦ ଉପରେ ୨୫% ଆମଦାନୀ ଶୁଳ୍କ ଶୁଳ୍କ ଲାଗୁ ହୋଇସାରିଛି। କୌଣସି ଚୁକ୍ତି ନ ହେଲେ, ୨୭ ଅଗଷ୍ଟରୁ ତୁରନ୍ତ ପ୍ରଭାବରେ ଭାରତ ଉପରେ ୫୦% ଶୁଳ୍କ ଲାଗୁ କରାଯିବ, ଯାହା ସମଗ୍ର ବିଶ୍ୱରେ ସର୍ବାଧିକ ହେବ। ଏପରିସ୍ଥଳେ ଟ୍ରମ୍ପ୍ ଚୀନକୁ ୯୦ ଦିନର ଆଶ୍ୱସ୍ତି ପ୍ରଦାନ କରିଛନ୍ତି। ଆମେରିକୀୟ ଗଣମାଧ୍ୟମ ଏବଂ ରଣନୈତିକ ବିଶେଷଜ୍ଞଙ୍କ ଅନୁଯାୟୀ, ଏହି ପଦକ୍ଷେପ କେବଳ ଅର୍ଥନୈତିକ ନୁହେଁ ବରଂ ରାଜନୈତିକ ଏବଂ କୂଟନୈତିକ ସନ୍ତୁଳନ ପାଇଁ ଏକ ପ୍ରୟାସ। ଆମେରିକା ବାଣିଜ୍ୟ ପ୍ରତିନିଧି କାର୍ଯ୍ୟାଳୟ (ୟୁଏସ୍ଟିଆର୍)ର ଜଣେ ବରିଷ୍ଠ ଅଧିକାରୀଙ୍କ କହିବାନୁଯାୟୀ, ଚୀନ୍ ସହିତ ବାଣିଜ୍ୟ ଆଲୋଚନା ଶେଷ ପର୍ଯ୍ୟାୟରେ ଅଛି ଏବଂ ଉଭୟ ପକ୍ଷକୁ ଏକ ପାରସ୍ପରିକ ଚୁକ୍ତିରେ ପହଞ୍ଚିବା ପାଇଁ ୯୦ ଦିନ ସମୟ ଦିଆଯାଇଛି। ଆମେରିକା ଚାହୁଁଛି ଯେ ଚୀନ୍ ବୌଦ୍ଧିକ ସମ୍ପତ୍ତି, ପ୍ରଯୁକ୍ତିବିଦ୍ୟା ସ୍ଥାନାନ୍ତର ଏବଂ କୃଷି ଆମଦାନିରେ ରିଆତି ଦେଉ। ଏହାର ଅର୍ଥ ହେଉଛି ଟ୍ରମ୍ପ ପ୍ରଶାସନ ଚୀନ୍ ସହିତ ଏକ ଚୁକ୍ତିର ସମ୍ଭାବନାକୁ ଖୋଲା ରଖିବାକୁ ଚାହୁଁଛି, ଯାହା ଦ୍‌ବାରା ମୁକାବିଲା ବଦଳରେ, ରାଜନୈତିକ ଲାଭ ନିଆଯାଇପାରିବ। ୱାଲ୍ ଷ୍ଟ୍ରିଟ୍ ଜର୍ଣ୍ଣାଲରେ ପ୍ରକାଶିତ ଏକ ରିପୋର୍ଟ ଅନୁଯାୟୀ, ଭାରତ ସହିତ ଆମେରିକାର ବାଣିଜ୍ୟ ନିଅଣ୍ଟ ଚୀନ୍ ପରି ବଡ଼ ନୁହେଁ, କିନ୍ତୁ ଟ୍ରମ୍ପ୍ ପ୍ରଶାସନ ଏହାକୁ କମ୍ ରାଜନୈତିକ ବିପଦ ସହିତ ଏକ ପଦକ୍ଷେପ ବୋଲି ବିବେଚନା କରୁଛି।

### ପୀଡ଼ିତଙ୍କୁ ୫ଲକ୍ଷ ଟଙ୍କା...

ପୁଲିସ ପକ୍ଷରୁ ହାବିଲଦାର ଚିତ୍ତ ରଞ୍ଜନ ସିଂ ଓ ନୀଳଗିରି ଥାନାର ତତ୍କାଳୀନ ଏସ୍ ଆଇ ତଥା ଆଇଓ ସୁବର୍ଣ୍ଣା ବେହେରାଙ୍କୁ ଦୋଷୀ କହିବା ସହିତ ୨ମାସ ଅର୍ଥାତ ୧୮/୯/୨୫ତାରିଖ ସୁଦ୍ଧା ଗୃହ ବିଭାଗ ସାମ୍ବାଦିକ ଲୋକନାଥ ଦଳେଇଙ୍କୁ ୫ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି। ଉକ୍ତ ଅର୍ଥ ପରବର୍ତ୍ତୀ ସମୟରେ ହାବିଲଦାର ଚିତ୍ତରଞ୍ଜନ ସିଂ ଓ ଆଇଓ ସୁବର୍ଣ୍ଣା ବେହେରାଙ୍କ ଠାରୁ ରାଜକୋଷକୁ ଭରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏ ନେଇ ସାମ୍ବାଦିକ ଲୋକନାଥ ଦଳେଇ ସତ୍ୟର ଜୟ ହୋଇଥିବା କହିଛନ୍ତି।

### ୧୨ରୁ ରାଜ୍ୟରେ...

ଗଜପତି, କୋରାପୁଟ ଆଦି ଜିଲ୍ଲାର କିଛି ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହୋଇପାରେ। ସେହିପରି ମାଲକାନଗିରି, ନବରଙ୍ଗପୁର, କଳାହାଣ୍ଡି, ଗଞ୍ଜାମ, ନୟାଗଡ଼, ଖୋର୍ଦ୍ଧା, ପୁରୀ, ମୟୂରଭଞ୍ଜ, କେନ୍ଦୁଝର ଆଦିରେ ମଧ୍ୟ ବର୍ଷା ହୋଇପାରେ। ତେବେ ୧୩ ଓ ୧୪ରେ ବର୍ଷାର ପ୍ରଭାବ ସବୁଠୁ ଅଧିକ ରହିବାକୁ ଥିବା ବେଳେ ସ୍ୱାଧୀନତା ଦିବସରେ ପାଗ ଅନୁକୂଳ ରହିବାର ସମ୍ଭାବନା ରହିଛି। ସମ୍ଭାବ୍ୟ ଲଘୁଚାପ ଯୋଗୁଁ ସମୁଦ୍ର ମଧ୍ୟରେ ପବନର ବେଗ ଅଧିକ ରହିବା ସହ ସମୁଦ୍ର ଅଶାନ୍ତ ରହିବ। ଏହାକୁ ଦୃଷ୍ଟିରେ ରଖି ଆସନ୍ତା ୧୨ ଓ ୧୩ ତାରିଖ ଦୁଇ ଦିନ ଯାଏ ସମୁଦ୍ର ମଧ୍ୟକୁ ନ ଯିବା ପାଇଁ ମତ୍ସ୍ୟଜୀବୀ ମାନଙ୍କୁ ବାରଣ କରାଯାଇଛି। ଏହା ପରେ ଅର୍ଥାତ ୨୦ କିମ୍ବା ୨୧ ତାରିଖ ବେଳକୁ ଉତ୍ତର ବଙ୍ଗୋପସାଗରର ପଶ୍ଚିମ ବଙ୍ଗ-ଓଡିଶା ଉପକୂଳ ନିକଟରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହେବା ସହ ପରବର୍ତ୍ତୀ ସମୟରେ ଲଘୁଚାପ ସୃଷ୍ଟି ହେବାର ସମ୍ଭାବନା ରହିଛି। ଏହା ପ୍ରଭାବରେ ଉତ୍ତର ଓଡ଼ିଶାର ଅଧିକାଂଶ ସ୍ଥାନରେ ବର୍ଷା ଆଶଙ୍କା ରହିଛି। ଅନ୍ୟପଟେ ଜୁନ ୧ରୁ ଆଜି ଯାଏଁ ରାଜ୍ୟରେ ୬୪୭.୨ ମିମି ବର୍ଷା ରେକର୍ଡ ହୋଇଛି। ସ୍ୱାଭାବିକ ୬୭୭.୦ ମିଲିମିଟର ବର୍ଷା ତୁଳନାରେ ରାଜ୍ୟରେ ସ୍ୱାଭାବିକ ତୁଳନାରେ ୪ ପ୍ରତିଶତ କମ୍ ବର୍ଷା ହୋଇଛି। ଏହି ସମୟରେ ମୋଟ୍ ୯ ଜିଲ୍ଲାରେ ବର୍ଷା ସ୍ଥିତି ନିଅଣ୍ଟିଆ ରହିଛି।

### ଚିକିତ୍ସା ନ କରି ଘରକୁ...

ଓ ଆତ୍ମହତ୍ୟା ଉଦ୍ୟମ ଭଳି ଘଟଣା ବୃଦ୍ଧି ପାଇବାରେ ଲାଗିଛି। ଯାହାକୁ ନେଇ ଅଭିଭାବକ ମହଲରେ ଅସନ୍ତୋଷ ତେଜିବାରେ ଲାଗିଥିବା ବେଳେ ବିଭାଗୀୟ କାର୍ଯ୍ୟକଳାପକୁ ନେଇ ଉଦ୍‌ବେଗ ପ୍ରକାଶ ପାଉଛି।

ସୂଚନାନୁଯାୟୀ, ରୀନାଙ୍କୁ କିଛି ଦିନ ତଳେ ଜ୍ୱର ହୋଇଥିଲା। ଏ ସଂପର୍କରେ ଜାଣିବା ପରେ ସ୍କୁଲ କର୍ତ୍ତୃପକ୍ଷ ତାଙ୍କ ଚିକିତ୍ସା କରିବା ପରିବର୍ତ୍ତେ ଜୁଲାଇ ୨୬ରେ ଘରକୁ ପଠାଇ ଦେଇଥିଲେ। ଏହା ବିଭାଗୀୟ ନିୟମର ଉଲ୍ଲଂଘନ। ଅଧ୍ୟୟନରତ ହଷ୍ଟେଲ ଛାତ୍ରଛାତ୍ରୀଙ୍କ ଶରୀର ଅସୁସ୍ଥ ହେଲେ ସ୍କୁଲ କର୍ତ୍ତୃପକ୍ଷ ଶେଷ ଚିକିତ୍ସା ପର୍ଯ୍ୟନ୍ତ ଦାୟିତ୍ୱବହନ କରିବା କଥା। କିନ୍ତୁ, ଅସୁସ୍ଥ ଛାତ୍ରୀଙ୍କୁ ଘରକୁ ପଠାଇଦେବାରୁ ଗରିବ ବାପାମାଆ ସଠିକ ଭାବରେ ଚିକିତ୍ସା କରିନଥିଲେ। ଫଳରେ ଗୁରୁତର ଅସୁସ୍ଥ ହେବାରୁ ତାଙ୍କୁ ବାରିପଦା ପିଆରଏମ ମେଡିକାଲରେ ଭର୍ତ୍ତି କରିଥିଲେ। ମାତ୍ର ଚିକିତ୍ସାଧୀନ ଅବସ୍ଥାରେ ସେଠାରେ ଗତ ୮ ତାରିଖରେ ଛାତ୍ରୀଙ୍କ ମୃତ୍ୟୁ ଘଟିଥିଲା।

ଗୁରୁତ୍ୱପୂର୍ଣ୍ଣ ବିଷୟ ହେଲା, ଛାତ୍ରୀଜଣଙ୍କ ଘରକୁ ଯିବା ପରେ ମଧ୍ୟ ହଷ୍ଟେଲ ଉପସ୍ଥାନ ଖାତାରେ ତାଙ୍କର ଉପସ୍ଥିତି ଦର୍ଶାଯାଇଥିଲା। ଏହି ସମୟ ମଧ୍ୟରେ ଛାତ୍ରୀଙ୍କ ଛାତ୍ରବୃତ୍ତି ଅର୍ଥ ମଧ୍ୟ ସମ୍ପୂର୍ଣ୍ଣ ଉପସ୍ଥାନ ଦେଖାଇ ବ୍ୟାଙ୍କରୁ ଟଙ୍କା ଉଠାଣ କରାଯାଇଛି। ମୃତ୍ୟୁ ଘଟିବା ପରେ ଦୋଷ ଲୁଚାଇବାକୁ ଯାଇ ଉପସ୍ଥାନ ଖାତାରେ ଇରେଜର୍ ଦ୍ୱାରା ଲିଭାଯାଇଛି। ଗୋଟିଏପଟେ ଅସୁସ୍ଥ ଛାତ୍ରୀଙ୍କ ପାଇଁ ଉଦ୍ଦିଷ୍ଟ ସେବା ନଯୋଗାଇ ତାଙ୍କ ପାଇଁ ମିଳୁଥିବା ସୁବିଧା ସୁଯୋଗର ଅନିୟମିତତା ପାଇଁ ଏପରି ଘୃଣ୍ୟ କାର୍ଯ୍ୟ କରାଯିବାକୁ ନେଇ ଭଞ୍ଜସେନାର ଅଧ୍ୟକ୍ଷ ସଞ୍ଜୀବ ରାଉତ ତୀବ୍ର ଉଦ୍‌ବେଗ ପ୍ରକାଶ କରିଛନ୍ତି। ଏହାର ଏକ ଉଚ୍ଚସ୍ତରୀୟ ତଦନ୍ତ ପାଇଁ ସେ ଦାବି କରିଛନ୍ତି। ଏ ସମ୍ପର୍କରେ ଶ୍ରୀ ମଲ୍ଲିକଙ୍କ ପ୍ରତିକ୍ରିୟା ନେବା ପାଇଁ ଯୋଗାଯୋଗ କରିଥିଲେ ହେଁ ସେ ଫୋନ୍ ଉଠାଇନଥିଲେ।

### ବୁଡ଼ିଯିବ ବେଲଗୁଣ୍ଠାର...

ରାସ୍ତା ଆପଣାଉଛନ୍ତି। ପ୍ରଦୀପ କହିଛନ୍ତି, ପୁରୁଷପୁରୁଷ ଧରି ତାଙ୍କ ପରିବାର ପିତ୍ତଳ ମାଛ ପ୍ରସ୍ତୁତ କରି ଆସୁଥିବା ବେଳେ ତାଙ୍କ ଉତ୍ତରପିଢ଼ି ଏଥିରୁ ମୁହଁ ଫେରାଇ ନେଇଛନ୍ତି। ତେଣୁ ଏହି ଶିଳ୍ପକୁ ବଞ୍ଚାଇ ରଖିବାକୁ ହେଲେ ଯୁବ କାରିଗର ଗୋଷ୍ଠୀଙ୍କୁ ନିୟମିତ ତାଲିମ୍, ଉପଯୁକ୍ତ ପାରିଶ୍ରମିକ, ବିନା ଜିଏସ୍‌ଟିରେ ଋଣ, ଷ୍ଟାଇପେଣ୍ଡ ବୃଦ୍ଧି, କର୍ମଶାଳା ନିର୍ମାଣ ଏବଂ କାରିଗର ଭତ୍ତା ପ୍ରଦାନର ଆବଶ୍ୟକ ରହିଛି।

ଏହି ଶିଳ୍ପ ବିଶ୍ୱର ଏକମାତ୍ର ସ୍ଥାନ ବେଲଗୁଣ୍ଠାରେ ଥିବା ବେଳେ ଏଠାକୁ ନ୍ୟାସନାଲ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ ଡିଜାଇନ୍ ସମେତ ବେଙ୍ଗାଲୁରୁ, ହାଇଦ୍ରାବାଦ୍‌ର ବିଭିନ୍ନ କଳା କାରିଗରୀ ଅନୁଷ୍ଠାନର ଛାତ୍ରଛାତ୍ରୀ ଆସି ପନ୍ଦର କୋଡ଼ିଏ ଦିନ ରହି ସେମାନଙ୍କର ପ୍ରକଳ୍ପ କାର୍ଯ୍ୟ କରିଥାନ୍ତି। ଉତ୍କଳ ବିଶ୍ୱବିଦ୍ୟାଳୟର ପ୍ରାଧ୍ୟାପକ ପିତ୍ତଳ ମାଛ ଉପରେ ଗବେଷଣା କରିବା ସହିତ ସ୍ନାତକୋତ୍ତର ଡିଗ୍ରୀ ମଧ୍ୟ ହାସଲ କରିଛନ୍ତି। କିନ୍ତୁ ବିଡ଼ମ୍ବନାର ବିଷୟ, ଏତେ ସବୁ ତଥ୍ୟ ଥିଲେ ମଧ୍ୟ ବେଲଗୁଣ୍ଠାର ପିତ୍ତଳ ମାଛକୁ ଜିଆଇ ଟ୍ୟାଗ୍ ଦେବା ପାଇଁ ପ୍ରୟାସ କରାନଯିବା ଦୁର୍ଭାଗ୍ୟଜନକ ବୋଲି ଅଞ୍ଚଳବାସୀ ପ୍ରକାଶ କରିଛନ୍ତି। ତେଣୁ, ଏ ଦିଗରେ ସ୍ଥାନୀୟ ପ୍ରଶାସନଠାରୁ ଆରମ୍ଭ କରି କେନ୍ଦ୍ର ସରକାର ସ୍ୱତନ୍ତ୍ର ଦୃଷ୍ଟି ଦେଇ ଜିଆଇ ଟ୍ୟାଗ୍ ମାନ୍ୟତା ଦେବା ପାଇଁ ସାଧାରଣରେ ଦାବି ହୋଇଛି।

## ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀକ୍ଷକଙ୍କ ବିରୋଧରେ ସିଏଚ୍‌ଓଙ୍କ ଅଭିଯୋଗ ଘଟଣା

# ଆଜି ଆଭ୍ୟନ୍ତରୀଣ କମିଟିର ତଦନ୍ତ!

ଭଦ୍ରକ/ଭଣ୍ଡାରିପୋଖରୀ,୧୦।୮ (ସମିସ): ଭଣ୍ଡାରିପୋଖରୀ ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ର ଅଧିକ୍ଷକ କମଳାକାନ୍ତ ସ୍ୱାଇଁଙ୍କ ବିରୋଧରେ ୧୩ ଜଣ ମହିଳା ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରିଣୀଙ୍କ ମିଳିତ ଅଭିଯୋଗର ତଦନ୍ତ ସୋମବାର ଅପରାହ୍ନରେ ହେବ ବୋଲି ଜଣାଯାଇଛି। ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ନିର୍ଦ୍ଦେଶ କ୍ରମେ ମେଡିକାଲର ଜିଲ୍ଲାସ୍ତରୀୟ ଆଭ୍ୟନ୍ତରୀଣ ଅଭିଯୋଗ କମିଟି ତଦନ୍ତ ଆରମ୍ଭ କରିବ ବୋଲି କମିଟି ଅଧ୍ୟକ୍ଷା ଡା. କନକଲତା ସାହୁ ସୂଚନା ଦେଇଛନ୍ତି। ମାତ୍ର ଏହି ତଦନ୍ତର ସ୍ଥାନ, ତାରିଖ ଓ ସମୟ ସମ୍ପର୍କରେ ଅଭିଯୋଗକାରୀଙ୍କୁ ସରକାରୀ କିମ୍ବା ବେସରକାରୀ ଭାବେ ସୂଚନା ଦିଆଯାଇ ନାହିଁ ବୋଲି ଅଭିଯୋଗକାରୀମାନେ ପ୍ରକାଶ କରି ତଦନ୍ତର ସ୍ୱଚ୍ଛତା ପ୍ରତି ସନ୍ଦେହ ବ୍ୟକ୍ତ କରିଛନ୍ତି। ରବିବାର ଛୁଟି ଦିବସରେ ଗୋଷ୍ଠୀସ୍ୱାସ୍ଥ୍ୟକେନ୍ଦ୍ର କାର୍ଯ୍ୟାଳୟ ସହାୟକ ପ୍ରଦୀପ୍ତ ପଣ୍ଡାଙ୍କ ସହ ତଦନ୍ତ ସମ୍ପର୍କରେ ଅବଗତ ହେବା ଲକ୍ଷ୍ୟରେ ଅଭିଯୋଗକାରୀମାନେ ଯୋଗଯୋଗ କରିଥିଲେ ହେଁ ସେ କିଛି ଜାଣିନଥିବା ପ୍ରକାଶ କରିଥିଲେ। ଯାହାକୁ ନେଇ ଅଭିଯୋଗକାରୀମାନେ କ୍ଷୋଭ ପ୍ରକାଶ କରିଛନ୍ତି। ଅଧିକ୍ଷକଙ୍କ ଦ୍ୱାରା ମାନସିକ ନିର୍ଯାତନା, ବ୍ୟକ୍ତିଗତ ମର୍ଯ୍ୟାଦାହାନୀ

### ଅଭିଯୋଗକାରୀଙ୍କୁ ସୂଚନା ନାହିଁ

ଟୀକା ଟିପ୍ପଣୀ ପ୍ରଦାନ, କାର୍ଯ୍ୟାଳୟରେ ମନ୍ଦ ଉଦ୍ଦେଶ୍ୟ ସୂଚକ ଆକ୍ରୋଶମୂଳକ ପଦକ୍ଷେପ ଗ୍ରହଣ, ଧାର୍ମିକ ଆକ୍ଷେପ, ଋତୁସ୍ରାବ ଛୁଟି ପ୍ରଦାନରେ ପରୀକ୍ଷା ସର୍ତ୍ତ ଆରୋପ, ଲିଙ୍ଗଗତ ଭେଦଭାବପୂର୍ଣ୍ଣ ପ୍ରଶ୍ନ ପଚାରିବା ଭଳି ଗୁରୁତର ଅଭିଯୋଗ ଆଣି ଗତ ଜୁଲାଇ ୮ ତାରିଖରେ ପ୍ରଥମେ ଜିଲ୍ଲା ମୁଖ୍ୟଚିକିତ୍ସାଧିକାରୀଙ୍କୁ ମେଲ ଯୋଗେ ଜଣାଇଥିଲେ ଅଭିଯୋଗକାରୀ। ପୁନଶ୍ଚ ଜୁଲାଇ ୧୫ ତାରିଖରେ ସିଡିଏମ୍‌ଓଙ୍କୁ ସାକ୍ଷାତ କରି ଲିଖିତ ଅଭିଯୋଗ ପ୍ରଦାନ କରିଥିଲେ। କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଯିବାରୁ ଗତ ଜୁଲାଇ ୨୮ ତାରିଖରେ ମେଡିକାଲର ଜିଲ୍ଲା ଆଭ୍ୟନ୍ତରୀଣ ଅଭିଯୋଗ କମିଟି ନିକଟରେ ଉପସ୍ଥିତ ହୋଇ ଅଭିଯୋଗ ପ୍ରଦାନ କରିଥିଲେ। ମାତ୍ର ମେଡିକାଲର ଜିଲ୍ଲା ଆଭ୍ୟନ୍ତରୀଣ ଅଭିଯୋଗ କମିଟି ଅଭିଯୋଗ ଗ୍ରହଣ କରିନଥିଲା ବୋଲି ଅଭିଯୋଗକାରୀମାନେ ପ୍ରକାଶ କରିଛନ୍ତି। ବାରମ୍ବାର ନିରାଶ ହେବା ପରେ ଅଭିଯୋଗକାରୀମାନେ ଗତ ଜୁଲାଇ ୨୮ ତାରିଖରେ ଜିଲ୍ଲାପାଳଙ୍କୁ ସାକ୍ଷାତ କରି ଅଭିଯୋଗ ପ୍ରଦାନ କରିଥିଲେ। ପୁନଶ୍ଚ ଅଭିଯୋଗକାରୀମାନେ ଗତ ୭ ତାରିଖରେ ସିଡିଏମ୍‌ଓଙ୍କୁ ସାକ୍ଷାତ କରି ଅଭିଯୋଗ ପ୍ରଦାନ କରିଥିଲେ। ଜିଲ୍ଲାପାଳଙ୍କ ଠାରୁ ନିର୍ଦ୍ଦେଶ ପାଇବା ପରେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ କୁନ୍ଥୁ କୁନ୍ଥୁ ହୋଇ ମେଡିକାଲ ଆଭ୍ୟନ୍ତରୀଣ ଅଭିଯୋଗ କମିଟିକୁ ତଦନ୍ତ ନିର୍ଦ୍ଦେଶ ଦେଇଥିବା ଜଣାଯାଇଛି। ତଦନ୍ତ କାର୍ଯ୍ୟସୂଚୀ ସମ୍ପର୍କରେ ଅଭିଯୋଗକାରୀଙ୍କୁ କାହିଁକି ଅନ୍ଧାରରେ ରଖାଯାଇଛି ତାହାକୁ ନେଇ ଏବେ ପ୍ରଶ୍ନ ଉଠିଛି। ଏଠାରେ ପ୍ରକାଶଯୋଗ୍ୟ, ସ୍ୱାସ୍ଥ୍ୟକେନ୍ଦ୍ର ଅନ୍ତର୍ଗତ ୧୩ଜଣ ମହିଳା ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରିଣୀମାନେ ଡା. ସ୍ୱାଇଁଙ୍କ ବିରୋଧରେ ନାନା ଗୁରୁତର ଅଭିଯୋଗ ଆଣି ପ୍ରତିକାର ପାଇଁ ବିଭିନ୍ନ କାର୍ଯ୍ୟାଳୟରେ ଗୁହାରି କରିଆସୁଛନ୍ତି। ତଦନ୍ତ ରିପୋର୍ଟ ମିଳିବା ପରେ ପରବର୍ତ୍ତି ପଦକ୍ଷେପ ଗ୍ରହଣ କରାଯିବ ବୋଲି ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ଉମାଚରଣ ବିଶ୍ୱାଳ ପ୍ରକାଶ କରିଛନ୍ତି।

## ଦଶମଶ୍ରେଣୀ ଛାତ୍ର ନିଖୋଜ



ଭଣ୍ଡାରିପୋଖରୀ,୧୦।୮ (ସମିସ): ମଞ୍ଜୁରୀରୋଡ ଫାଣ୍ଡି ଅନ୍ତର୍ଗତ ସାତଶୋଳା ଗ୍ରାମର ଦଶମ ଶ୍ରେଣୀର ଛାତ୍ର ଗୁରୁଶେଖର ଆଲଦା(୧୫) ଗତ ଜୁଲାଇ ୧୭ ତାରିଖରେ ଘରୁ ନିଖୋଜ ହୋଇଯାଇଥିବା ଅଭିଯୋଗ ହୋଇଛି। ଓଡିଆ ଓ କୁହ୍ଲ ଭାଷାରେ କହୁଥିବା ଛାତ୍ରର କକା ରଘୁନାଥ ଆଲଦା ଏ ସମ୍ପର୍କରେ ଫାଣ୍ଡିରେ ଅଭିଯୋଗ କରିଥିବା ଜଣାଯାଇଛି। ଛାତ୍ରର ଉଚ୍ଚତା ୪ ଫୁଟ ୪ ଇଞ୍ଚ ଓ ନୀଳ ରଙ୍ଗର ଟି ସାର୍ଟ ସହ ଟ୍ରାକ ପ୍ୟାଣ୍ଟ ପିନ୍ଧିଥିଲେ। ଏ ସମ୍ପର୍କରେ ସୂଚନା ମିଳିଲେ ମଞ୍ଜୁରୀରୋଡ ଫାଣ୍ଡି କିମ୍ବା ନିକଟସ୍ଥ ପୁଲିସକୁ ଜଣାଇବାକୁ ପୁଲିସ ପକ୍ଷରୁ ଅନୁରୋଧ କରାଯାଇଛି।

## ଗାନ୍ଧୀ ବାଳାଶ୍ରମରେ ରକ୍ଷା ବନ୍ଧନ ଉତ୍ସବ



ଭଦ୍ରକ,୧୦।୮ (ସମିସ): ଭଦ୍ରକ ଗରଦପୁରସ୍ଥ ଗାନ୍ଧୀ ଓଡ଼ିଶା ବାଳାଶ୍ରମ ପରିସରେର ପବିତ୍ର ରକ୍ଷା ବନ୍ଧନ ଉତ୍ସବ ନିଆରା ଢ଼ଙ୍ଗରେ ପାଳିତ ହୋଇଛି। ତିହିଡ଼ି ସ୍ଥିତ ଅଗ୍ରଣୀ ଶିଶୁ ଯତ୍ନ ଅନୁଷ୍ଠାନ ଶାନ୍ତି ଆଶ୍ରମର ଶିଶୁମାନେ ଗାନ୍ଧୀ ବାଳାଶ୍ରମର ଅନ୍ତେବାସୀଙ୍କ ହାତରେ ରାକ୍ଷୀ ବାନ୍ଧି ମିଠା ଖୁଆଇଥିଲେ। ଏହି ଅବସରରେ ବାଳାଶ୍ରମ ସମ୍ପାଦକ ଅଶୋକ ଦାସଙ୍କ ଅଧ୍ୟକ୍ଷତାରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏହି ସଭାରେ ମୁଖ୍ୟ ଅତିଥି ଭାବରେ ଶାନ୍ତି ଆଶ୍ରମର ସମ୍ପାଦକ ତଥା ବରିଷ୍ଠ ଅଧିବକ୍ତା ଅପୂର୍ବ ଦାସ, ଅଧିକ୍ଷକ ସରିତା ସାମଲ ପ୍ରମୁଖ ଯୋଗଦେଇଥିଲେ। ଅଧିକ୍ଷକ ସସ୍ମିତା ନାୟକ ଧନ୍ୟବାଦ ଦେଇଥିଲେ।

## ଧାମନଗରରେ ରକ୍ଷାବନ୍ଧନ ମହୋତ୍ସବ

ଧାମନଗର,୯।୮ (ସମିସ): ଧାମନଗର ବ୍ଲକ୍ ଓ ଏନ୍‌ଏସି ଅଞ୍ଚଳରେ ପବିତ୍ର ରକ୍ଷାବନ୍ଧନ ମହୋତ୍ସବ ମହାଆଡମ୍ବରରେ ପାଳିତ ହୋଇଯାଇଛି। ବିଜେଡି, ବିଜେପି, କଂଗ୍ରେସ ନେତା ଓ ନେତ୍ରୀମାନଙ୍କ ସହ ଅଫିସ ଦପ୍ତରରେ ପହଞ୍ଚି ବହୁ ଅଧିକାରୀମାନଙ୍କ ହାତରେ ବିଭିନ୍ନ ସଂଗଠନର କର୍ମକର୍ତ୍ତା ରାକ୍ଷୀ ବାନ୍ଧିଥିବା ଦେଖିବାକୁ ମିଳିଛି। ଏଥିସହ ଭଗବାନ ବଳଭଦ୍ରଙ୍କ ଜନ୍ମୋତ୍ସବ ଓ ଗହ୍ମା ପୂର୍ଣ୍ଣିମା ଅବସରରେ ଗୃହପାଳିତ ପଶୁ ମୁଖ୍ୟତଃ ବଳଦ ଏବଂ ଗାଈଗୋରୁଙ୍କ ବନ୍ଦାପନା ସହ ସେମାନଙ୍କୁ ପିଠାପଣା ଭୋଜନ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ଏନଏସି ଅନ୍ତର୍ଗତ ଧାମନଗର ରାପିତା ଗୌର ଗୋପୀନାଥ ଆଶ୍ରମରେ ଗହ୍ମା ପୂର୍ଣ୍ଣିମା ଓ ଝୁଲଣ ଯାତ୍ରା ଅନୁଷ୍ଠିତ ହୋଇଥିଲା। ସେଠାରେ ଠାକୁର ଶ୍ରୀରାଧା କୃଷ୍ଣଙ୍କ ଆଶୀଷ ପାଇବାକୁ ଭକ୍ତ ଓ ଶ୍ରଦ୍ଧାଳୁ ମାନେ ଭୋଗରାଗ ସହ ମଠ ମନ୍ଦିରକୁ ଯାଇ ଝୁଲଣ ବିମାନରେ ଭଗବାନଙ୍କୁ ଦର୍ଶନ କରିଥିଲେ। ତେବେ ଧାମନଗର ଅଞ୍ଚଳର ପୁର ପଲ୍ଲୀରେ ଗହ୍ମା ପୂର୍ଣ୍ଣିମା (ରକ୍ଷା ବନ୍ଧନ) ପର୍ବ ଭାବ ଓ ଭକ୍ତିର ସହ ସମାପନ ହୋଇଛି।

## ଅନ୍ଧାରରେ ଦୋଳସାହି ଓ ଗୁଆମାଳ ପଞ୍ଚାୟତ

ଦୋବଲ,୧୦।୮ (ସମିସ): ତିହିଡି ବ୍ଲକ୍‌ର ୩୧ ପଞ୍ଚାୟତରେ ସରକାରଙ୍କ ତରଫରୁ ପ୍ରତି ପଞ୍ଚାୟତର କୋଣ ଅନୁକୋଣକୁ ଆଲୋକିତ କରିବା ପାଇଁ ଆଲୋକୀକରଣ ବ୍ୟବସ୍ଥା କରାଯାଇଥିଲା ବେଳେ ଅଧିକାଂଶ ପଞ୍ଚାୟତରେ ଷ୍ଟ୍ରିଟ୍‌ଲାଇଟ୍ ଅଚଳ ହୋଇପଡ଼ିଛି। ଏପରିସ୍ଥଳେ ଏହାର ମରାମତି ହେଉନଥିବା ନେଇ ଅଧିକାଂଶ ପଞ୍ଚାୟତର ଅନେକ ୱାର୍ଡ ଅନ୍ଧାର ରହୁଥିବା ନେଇ ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ବିଶେଷ କରି ଏହି ବ୍ଲକ ଅଧୀନ ଦୋଳସାଜି ଓ ଗୁଆମାଳ ମୁଖ୍ୟ ରାସ୍ତା ଅନ୍ଧାର ରହୁଥିବା ବେଳେ ଏହି ୨ ପଞ୍ଚାୟତର ବିଭିନ୍ନ ୱାର୍ଡରେ ଷ୍ଟ୍ରୀଟ ଲାଇଟ୍ ଦୀର୍ଘ ୨ବର୍ଷ ଧରି ଅଚଳ ହୋଇଥିବା ନେଇ ଅଧୀକାଂଶ ୱାର୍ଡ ଅନ୍ଧାର ରହୁଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ସେହିପରି ଅଚଳ ହୋଇପଡ଼ିଥିବା ଷ୍ଟ୍ରୀଟଲାଇଟ୍ ମରାମତି ପାଇଁ ଲକ୍ଷ୍ୟାଧିକ ଟଙ୍କା ଖର୍ଚ୍ଚ ହୋଇଥିବା ସୂଚନା ମିଳିଛି।

## ବଳଭଦ୍ର ପୂଜା ଓ ରକ୍ଷା ବନ୍ଧନ

ବନ୍ତ/ଆଗରପଡ଼ା,୧୦।୮ (ସମିସ): ବନ୍ତ ବ୍ଲକ୍ ଗଣିଜାଙ୍ଗ ଶାସନରେ ବଳଭଦ୍ର ପୂଜା ଓ ରକ୍ଷା ବନ୍ଧନ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ଶାସନ ନିକଟସ୍ଥ ମହାଦେବ ପୁଷ୍କରିଣୀରୁ ୨୧ ଗୋଟି କଳସରେ ଜଳ ଅଣାଯାଇ ଗ୍ରାମ ବଜାର ପରିକ୍ରମା କରାଯିବା ପରେ ଶାସନ ସ୍ଥିତ ମନ୍ଦିରରେ ସ୍ଥାପନ କରାଯାଇଥିଲା। ପୂଜକ ରାମ ଚନ୍ଦ୍ର ପାଣିଗ୍ରାହୀ, ଗୋବିନ୍ଦ ମିଶ୍ର ପୂଜା କାର୍ଯ୍ୟ ତୁଲାଇଥିବା ବେଳେ ଚିନ୍ତାମଣି ପଣ୍ଡା, ପ୍ରଶାନ୍ତ ମିଶ୍ର, ମନୋଜ ପଣ୍ଡା, ଜିତେନ୍ଦ୍ର ମିଶ୍ର, ହରେକୃଷ୍ଣ ମିଶ୍ର, ବିଷ୍ଣୁ ପତି, ଜଗନ୍ନାଥ ପତି, ରବିନ୍ଦ୍ର ପତି, ପଦ୍ମନାଭ ପତି ପ୍ରମୁଖ ଏହା ସହିତ ଆଜି ଭାଇ ଭଉଣୀଙ୍କ ପର୍ବ ରକ୍ଷା ବନ୍ଧନ ଉତ୍ସବ ବିଭିନ୍ନ ସ୍ଥାନରେ ଅନୁଷ୍ଠିତ ହୋଇଯାଇଛି।

### ● ଅଧାରେ ଅଟକିଛି ଠିକା ଉଚ୍ଛେଦ

## ଚିନ୍ତାରେ ପ୍ରାଥମିକ ଶିକ୍ଷକ

ଭଦ୍ରକ,୧୦।୮ (ସମିସ): ପ୍ରାଥମିକ ଶିକ୍ଷାରୁ ଠିକା ନିଯୁକ୍ତି ଉଚ୍ଛେଦ ଅଧାରେ ଅଟକି ଯାଇଛି। ଯାହାକୁ ପ୍ରାଥମିକ ଶିକ୍ଷମାନେ ଚିନ୍ତାରେ ପଡିଛନ୍ତି। ଦୀର୍ଘ ୨୫ ବର୍ଷ ହେବ ପ୍ରାଥମିକ ଶିକ୍ଷାରେ ଠିକା ନିଯୁକ୍ତି ଚାଲୁ ରହିଛି। ଚଳିତ ବର୍ଷ ଏପ୍ରିଲ ୨ରେ ଶିକ୍ଷା ବିଭାଗ ତରଫରୁ ପ୍ରାଥମିକ ଶିକ୍ଷାରୁ ଠିକା ନିଯୁକ୍ତି ଉଠାଯାଇ ସ୍ଥାୟୀ ନିଯୁକ୍ତି ଦେବା ନେଇ ଏକ ପ୍ରସ୍ତାବ ଅନୁମୋଦନ କରାଯାଇ ସରକାରଙ୍କୁ ଆଗତ କରାଯାଇଥିଲା। ଏହି ପଲିସିରେ ପୂର୍ବ ନିଯୁକ୍ତ ଶିକ୍ଷକମାନଙ୍କର ୬ ବର୍ଷ ଚାକିରି କାର୍ଯ୍ୟକାଳକୁ ଗଣନା କରାଯିବ ବୋଲି ସୂଚନା ଦିଆଯାଇଥିଲା। ଏହି ପ୍ରସ୍ତାବକୁ ଭଦ୍ରକ ଜିଲ୍ଲା ପ୍ରାଥମିକ ଶିକ୍ଷକ ସଂଘ ସ୍ୱାଗତ ଜଣାଇଲା। କିନ୍ତୁ ଏହି ପ୍ରସ୍ତାବ ବିଭାଗ ତରଫରୁ ପ୍ରକାଶ ପାଇବା ପରେ ହଠାତ ଏହାକୁ ୱେବସାଇଟରୁ ଉଠାଇ ନିଆଯାଇଛି। ଯାହାଫଳରେ ଶିକ୍ଷକମାନେ ଏବେ ଦ୍ୱିଧାରେ ଅଛନ୍ତି। ଏହି ଯୁଗାନ୍ତକାରୀ ନିଷ୍ପତ୍ତିକୁ ଆଇନ୍‌ରେ ପରିଣତ କରି ପ୍ରାଥମିକ ଶିକ୍ଷାରେ ଅଢେଇ ଦଶନ୍ଧି ଧରି ପ୍ରଚଳିତ ଥିବା କୁତ୍ସିତ ଠିକା ପ୍ରଥାକୁ ଉଚ୍ଛେଦ କରିବା ଲାଗି ସଂଘ ଦାବି କରିଛି। ବର୍ତ୍ତମାନ ଆସୁଥିବା ନୂତନ ଯୁବକମାନଙ୍କୁ ସିଧସଳଖ ସ୍ଥାୟୀ ନିଯୁକ୍ତି ଦେବା ଏବଂ କନିଷ୍ଠ ଶିକ୍ଷକମାନଙ୍କୁ ନିୟମିତ କରିବା ସହିତ ପ୍ରାଥମିକ ଶିକ୍ଷକମାନଙ୍କର ମୂଳ ଦରମାରେ ପରିବର୍ତ୍ତନ କରି ଅବିକଳ କେନ୍ଦ୍ରୀୟ ହାରରେ ଦରମା ଦେବା ଏବଂ ପୁରୁଣା ୬ ବର୍ଷ ନିମନ୍ତେ ଇନ୍‌କ୍ରିମେଣ୍ଟ ପ୍ରଦାନ କରିବାକୁ ସଂଘ ସଭାପତି ଅରବିନ୍ଦ ଦିକ୍ଷୀତ, ସମ୍ପାଦକ ପ୍ରଣୟ ମହାପାତ୍ର, କାର୍ଯ୍ୟକାରୀ ସଭାପତି ସତ୍ୟବ୍ରତ ରାଉତ୍, ରାଜ୍ୟ ସଂଗଠନ ସମ୍ପାଦକ ତବରେଜ୍ ଖାନ ଶିକ୍ଷକ ନେତା ଗୟାଧର ଦାସ, ରୂପକ ମିଶ୍ର, ପ୍ରଶାନ୍ତ ବେହେରା, ସୁକାନ୍ତ ନାୟକ, ନିଳାଦ୍ରୀ ତ୍ରିପାଠୀ, ବିମଳ ଦାସ, ସଞ୍ଜୟ ନନ୍ଦ, ସୁକାନ୍ତ ବେହେରା, ସନାତନ ଦାସ, ନରେନ୍ଦ୍ର ସାହୁ, ପର୍ଶୁରାମ ନାୟକ, ପ୍ରକାଶ ନାୟକ, ଅନୁପ ସାହୁ, ପ୍ରମୋଦ କର ପ୍ରଭାସ ପଣ୍ଡା, ପରମେଶ୍ୱର ମଳିକ, ଆନନ୍ଦ ଦାସ ଚନ୍ଦ୍ରକାନ୍ତ ଶୁକ୍ଳ ପ୍ରଶାନ୍ତ ବାରିକ, ହେମନ୍ତ ମଲ୍ଲିକ, କମଳ ପାଇକରାୟ, ଶରତ ଥାଟୋଇ, ସନ୍ତୋଷ ପାଣିଗ୍ରାହୀ, ପୁଷ୍ପ ମଞ୍ଜରୀ ସାହୁ, ଝାନ୍‌ସିରାଣୀ ରାଉତ୍ ପ୍ରମୁଖ ଦୃଢ଼ ଦାବି ଜଣାଇଛନ୍ତି।

## ଚିନ୍ତା ଚେତନା ସାହିତ୍ୟ ସଂସଦର ମୌସୁମୀ ଆସର


ବନ୍ତ/ଆଗରପଡ଼ା,୧୦।୮ (ସମିସ): ଆଗରପଡ଼ା ଇଲେଭେନ ଷ୍ଟାର କ୍ଲବ୍ ପରିସରରେ ଚିନ୍ତା ଚେତନା ସାହିତ୍ୟ ସଂସଦ ପକ୍ଷରୁ ମୌସୁମୀ ଆସର ଅନୁଷ୍ଠିତ ହୋଇଯାଇଛି। ସଂସଦ ସଭାପତି ବାଞ୍ଛାନିଧି ରାଉଳଙ୍କ ସଭାପତିତ୍ୱରେ ଆୟୋଜିତ ଆସରରେ ଶିକ୍ଷାବିତ ପ୍ରଭାସ ମହାପାତ୍ର, ସୁସାହିତ୍ୟିକ କୃଷ୍ଣଚନ୍ଦ୍ର ଜେନା ଯୋଗଦେଇଥିଲେ। ସଂସଦ ସଂପାଦକ ପ୍ରଣୟ ସିଂହଙ୍କ ସଂଯୋଜନାରେ ଅନୁଷ୍ଠିତ କବିତା ପାଠୋତ୍ସବରେ ଚିତ୍ତରଂଜନ ସାମନ୍ତରାୟ, କୁଳମଣୀ ସାହୁ, ବାଙ୍କବିହାରୀ ସାହୁ, କାବୁଲା ବେହେରା, ମନୋଜ ବେହେରା, କୃପାସିନ୍ଧୁ ମୁଦୁଲି, ସରୋଜ ବେହେରା, ତପନ ସାହୁ, ସୁରେଶ ଜେନା, କୁଞ୍ଜବିହାରୀ ବିଶ୍ୱାଳ, ନୃସିଂହ କର ପ୍ରମୁଖ କବିତା ପାଠ କରିଥିଲେ।

## ନବନିର୍ମାଣ ଯୁବଛାତ୍ର ସଙ୍ଗଠନର ଛାତ୍ରଜାଗୃତୀ ଅଭିଯାନ




ଭଣ୍ଡାରିପୋଖରୀ,୧୦।୮ (ସମିସ): ସୌମ୍ୟାଶ୍ରୀ ସ୍ମୃତିରେ ନାରୀ ସୁରକ୍ଷା ଦାବିରେ ନବନିର୍ମାଣ ଯୁବଛାତ୍ର ସଙ୍ଗଠନ ପକ୍ଷରୁ ଛାତ୍ର ଜାଗୃତୀ ଅଭିଯାନ ନାମରେ ବାଲେଶ୍ୱର ଠାରୁ ଭୁବନେଶ୍ୱର ପଦଯାତ୍ରା ଆରମ୍ଭ ହୋଇଛି। ଚଳିତ ମାସ ୪ ତାରିଖରୁ ଆରମ୍ଭ ହୋଇଥିବା ଏହି ପଦଯାତ୍ରା ଭଣ୍ଡାରିପୋଖରୀରେ ରବିବାର ଅନୁଷ୍ଠିତ ହୋଇଥିଲା। ସଙ୍ଗଠନ ଆବାହକ ଅକ୍ଷୟ କୁମାରଙ୍କ ସମତେ ସଦସ୍ୟମାନେ ପଦଯାତ୍ରାରେ ଯୋଗଦେଇଥିଲେ। ଏଥିରେ ବିଜୁ ଜନତା ଦଳ ଶ୍ରମିକ ସଙ୍ଗଠନ ମୁଖ୍ୟ ତଥା ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ ଯୋଗଦେଇ ସୌମ୍ୟାଶ୍ରୀଙ୍କୁ ନ୍ୟାୟ ପ୍ରଦାନ ପାଇଁ ସବୁସ୍ତରରେ ଆନ୍ଦୋଳନ ହୋଇଛି। ଏହା ହାସଲ ନହେବା ଯାଏ ଓ ରାଜ୍ୟରେ ନାରୀ ସୁରକ୍ଷା ନିଶ୍ଚିତ ହେବା ପାଇଁ ଆନ୍ଦୋଳନ ଅବ୍ୟାହତ ରହିବ ବୋଲି ପ୍ରକାଶ କରିଥିଲେ।

## ଶବ ବୁହା ଗାଡ଼ି କିଣାରେ ଅନିୟମିତତା



ଧାମନଗର,୧୦।୮ (ସମିସ): ଧାମନଗର ଏନ୍‌ଏସିରେ ଶବବୁହା ଗାଡି କିଣାରେ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି। ଧାମନଗର ଏନ୍‌ଏସି ତରଫରୁ ସ୍ୱର୍ଗରଥ ନାମରେ ଏକ ଶବବୁହା ଗାଡି କିଣିବା ପାଇଁ ୨୦୧୪ରେ ଟେଣ୍ଡର ପ୍ରକାଶ ପାଇଥିଲା। ଏହି ଟେଣ୍ଡରଟିକୁ ଭୁବନେଶ୍ୱର ସ୍ଥିତ ଏକ ଠିକା ସଂସ୍ଥା ୨୪ ଲକ୍ଷ ୭୦ ହଜାର ଟଙ୍କାରେ ହାତେଇଥିଲା। ତେବେ ଉକ୍ତ ସଂସ୍ଥା ପକ୍ଷରୁ ପ୍ରଦତ୍ତ ବୋଲୋରୋ ପିକ୍‌ଅପ୍ ଭ୍ୟାନ୍‌କୁ ଅନ୍ ରୋଡ ମୁଲ୍ୟ ପ୍ରାୟ ୧୦ ରୁ ୧୨ ଲକ୍ଷ

### ଭିଜିଲାନ୍ସ ତଦନ୍ତ ଦାବି

ଟଙ୍କା ହେଉଥିବା ବେଳେ କିପରି ଏନ୍‌ଏସି ଅଧିକାରୀ ଏହାକୁ ୨୪ଲକ୍ଷ ୭୦ହଜାର ଟଙ୍କାରେ ଟେଣ୍ଡର ପାସ କରିଛନ୍ତି ବୋଲି ସାଧାରଣରେ ପ୍ରଶ୍ନ ଉଠିଛି। ଏହି ସମ୍ପର୍କରେ ଏନଏସି ଅଧିକାରୀଙ୍କୁ ତଥ୍ୟ ମାଗିବାରୁ, ତଥ୍ୟ ନେବାର ଥିଲେ ସୂଚନା ଅଧିକାର ଆଇନ ବଳରେ ମାଗି ନିଅନ୍ତୁ ବୋଲି କହି ତଥ୍ୟ ଦେବାକୁ ମାନ କରିଥିଲେ। ଏହାର ଭିଜିଲାନ୍ସ ତଦନ୍ତ ପାଇଁ ସହରବାସୀ ଦାବି କରିଛନ୍ତି।




## ପ୍ରଧାନ ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



ଧାମନଗର,୧୦।୮ (ସମିସ): ଧାମନଗର ସରକାରୀ ଫିଡର ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରାଜେନ୍ଦ୍ର କୁମାର ଖୁଣ୍ଟିଆଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ବିଦ୍ୟାଳୟର ପରିସରରେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ସାହିସ୍ତା ବେଗମଙ୍କ ସଭାପତିତ୍ୱରେ ଆୟୋଜିତ ସମ୍ବର୍ଦ୍ଧନା ସଭାକୁ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଅଭିମନ୍ୟୁ ମଲ୍ଲିକ ପରିଚାଳନା କରିଥିଲେ। ମୁଖ୍ୟଅତିଥି ଭାବେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ସମୀର ଗୋସ୍ୱାମୀ ଯୋଗଦେଇଥିଲେ। ବରେଣ୍ୟ ଅତିଥି ଭାବେ ପ୍ରଧାନ ଶିକ୍ଷକ ସୁରେନ୍ଦ୍ର ଯସେଠୀ, ଭାବଗ୍ରାହୀ ଖୁଣ୍ଟିଆ, ସନ୍ଧ୍ୟାକାମିନୀ ବିଶ୍ୱାଳ, ଏମ୍‌ଡି ମୁଜାଫର ହୋସେନ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଶୋଭାରାଣୀ ପଣ୍ଡା, ଶିକ୍ଷକ ଅରୁଣ ଜେନା, ପରିଚାଳନା କମିଟିର ସଭାପତି ଅଭିମନ୍ୟୁ ସେଠୀ, ପୂର୍ବତନ ସଭାପତି ତଥା ସାମ୍ବାଦିକ ସେକ୍ ଜାଫର ଅଲ୍ଲୀ, ବିଜୟ ବେହେରା ପ୍ରମୁଖ ମଞ୍ଚାସୀନ ଥିଲେ। ପ୍ରଧାନ ଶିକ୍ଷକ ଶ୍ରୀ ଖୁଣ୍ଟିଆଙ୍କୁ ମାନପତ୍ର, ଉତ୍ତରୀୟ, ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ବର୍ଦ୍ଧନା ଦିଆଯାଇଥିଲା। ସହକାରୀ ଶିକ୍ଷୟିତ୍ରୀ ଜ୍ୟୋସ୍ନାରାଣୀ ବେହେରା ଅତିଥି ପରିଚୟ ପ୍ରଦାନ କରିଥିଲେ। ଅବସର ଗ୍ରହଣ କରିଥିବା ପ୍ରଧାନ ଶିକ୍ଷକଙ୍କ ଧର୍ମପତ୍ନୀ ସତ୍ୟଭମା ଖୁଟିଂଆ, ବିଦ୍ୟାଳୟର ଛାତ୍ରଛାତ୍ରୀ, ଅଭିଭାବକ ଯୋଗଦେଇଥିଲେ। ସହକାରୀ ଶିକ୍ଷକ ଏମ୍‌ଡି ସାଜୁଦ୍ଦିନ ଅହେମ୍ମଦ, ବିଣାପାଣି ପଣ୍ଡା, ସୁଶାନ୍ତ ସେଠୀ, ରିଜୁଆନା ବେଗମ, ହଲିମା ନେସା ପ୍ରମୁଖ ଶିକ୍ଷକ ଶିକ୍ଷୟିତ୍ରୀ, ଏସ୍ ଏଚ୍‌ଜୀ ଗ୍ରୁପର ମହିଳାମାନେ ପରିଚାଳନାରେ ସହଯୋଗ କରିଥିଲେ।

## ସମବାୟ ସମିତି ନୂତନ ଗୃହ ଉଦ୍‌ଘାଟିତ

ବନ୍ତ/ଆଗରପଡ଼ା,୧୦।୮ (ସମିସ): ବନ୍ତ ବ୍ଲକ୍ ପୁରୁଷଣ୍ଡ ସେବା ସମବାୟ ସମିତି ନୂତନ କାର୍ଯ୍ୟାଳୟ ଗୃହକୁ ରବିବାର ସଭାପତି ପ୍ରଶାନ୍ତ ଦାଶ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ସଭାପତି ବୃକ୍ଷରୋପଣ କରିବା ସହିତ ବୋର୍ଡ଼ ସଦସ୍ୟ ଓ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ଉପଢ଼ୌକନ ଦେଇ ସମ୍ମାନିତ କରିଥିଲେ।



ସମିତି ସଂପାଦକ ରାଜେନ୍ଦ୍ର ବେଜ, ସରପଞ୍ଚ ପ୍ରକାଶ ବିଶ୍ୱାଳ, ବରିଷ୍ଠ ନାଗରିକ ରାମଚନ୍ଦ୍ର ନାୟକ, ଦିଲୀପ ପୁରାଣ, ଯୁବନେତା ଦୀପକ ମହାନ୍ତି, ଶେଖ ଇନୁସ, ଉପସଭାନେତ୍ରୀ ଫାତିମା ବିବି, ବାବୁରାମ ମଲ୍ଲିକ, ନୃସିଂହ ଖୁଣ୍ଟିଆ, ବିଷ୍ଣୁ ସାହୁ, ସନ୍ତୋଷ ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ସମବାୟ ବିଭାଗ ପକ୍ଷରୁ ମଂଜୁର ୫ ଲକ୍ଷ ଟଙ୍କା ବ୍ୟୟରେ ଏହି ଗୃହ ନିର୍ମାଣ ହୋଇଥିଲା।

## ବିଭିନ୍ନ ସ୍ଥାନରେ ଗଙ୍ଗାଧର ମେହେରଙ୍କ ଜୟନ୍ତୀ

### ଭଦ୍ରକ ସାହିତ୍ୟ ସଂସ୍କୃତି ପରିଷଦ



ଭଦ୍ରକ,୧୦।୮ (ସମିସ): ଭଦ୍ରକ ସାହିତ୍ୟ ସଂସ୍କୃତି ପରିଷଦ ଓ ରାନ୍ଦିଆ ରାମେଶ୍ୱର ସାହିତ୍ୟ ସଂସଦ ସହଯୋଗରେ ରକ୍ଷାବନ୍ଧନ ଓ ମେହେର ଜୟନ୍ତୀ ଉତ୍ସବ ପାଳିତ ହୋଇଯାଇଛି। ମହେନ୍ଦ୍ର ଭବନ ପରିସରରେ ଅନୁଷ୍ଠିତ ଭଦ୍ରକ ଜିଲ୍ଲାର ଏହି ପ୍ରାଚୀନ ସାହିତ୍ୟ ଅନୁଷ୍ଠାନରେ ସଂସଦର ସଭାପତି ଡ. ଦୁର୍ଯ୍ୟୋଧନ ଦାସ ପୌରୋହିତ୍ୟ କରିଥିଲେ। ମୁଖ୍ୟବକ୍ତା ଭାବେ ଭଦ୍ରକ କଲେଜର ଓଡ଼ିଆ ଅଧ୍ୟାପକ ଡ.ସମ୍ବିତ ଶୁଭଙ୍କର ଖୁଣ୍ଟିଆ, ଅନ୍ୟତମ ବକ୍ତା ଶିକ୍ଷାବିତ ଗୋବର୍ଦ୍ଧନ ସାମଲ ଯୋଗଦେଇଥିଲେ। କବୟିତ୍ରୀ ପ୍ରତିଭାମଂଜରୀ ଜେନାଙ୍କ ଦ୍ୱିତୀୟ କବିତା ସଙ୍କଳନ “ଶୂନ୍ୟ ଅଭିସାର’ ପୁସ୍ତକକୁ ବିଶିଷ୍ଟ ସାହିତ୍ୟିକା ପ୍ରଫେସର ଡ. ସୋମା ଚାନ୍ଦ ଉନ୍ମୋଚନ କରିଥିଲେ। ପରିଷଦର ସମ୍ପାଦକ ପ୍ରଫେସର ଡ. ଶଶଧର ଦାସ ଉନ୍ମୋଚିତ କବିତା ପୁସ୍ତକର ସମୀକ୍ଷା କରିଥିଲେ। କବି ଡ. ଭରତ ଚନ୍ଦ୍ର ଦାସ ଅତିଥି ପରିଚୟ ପ୍ରଦାନ କରିଥିଲେ। ଡ. ଶଶଧର ଦାସ ସମ୍ପାଦକୀୟ ବିବରଣୀ ପ୍ରଦାନ କରିଥିଲେ। ଦୁଃଶାସନ ଗାହାଣ ଧନ୍ୟବାଦ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରଫେସର ଡ. ଗୋଲୋକ ବିହାରୀ ସାହୁ, ହରିଶ ଚନ୍ଦ୍ର ଦାସ, ପବିତ୍ର ପାଣିଗ୍ରାହୀ, ଡ.କାମିନୀବାଳା ମିଶ୍ର, ଅଧ୍ୟାପକ ଚିନ୍ମୟ ଜେନା, ଉଷାରାଣୀ ଜେନା, ମଧୁସ୍ମିତା ନାୟକ, କବି ଚୈତାଳୀ ଖିଲାର, ରମେଶ ଚନ୍ଦ୍ର ଦାସ, ବିପ୍ଲବ ହୋତା, ରଶ୍ମିତା ନାଥ ପ୍ରମୁଖ ବହୁ କବି, ଲେଖକ ଯୋଗଦେଇଥିଲେ। ସଂସଦର ବରିଷ୍ଠ କର୍ମକର୍ତ୍ତା ପ୍ରଫେସର ଡ.ବଳରାମ ମିଶ୍ର ଓ ଡ. ପ୍ରହ୍ଲାଦ ପତି ସହଯୋଗ କରିଥିଲେ।

### ଜିଲ୍ଲା ସଂସ୍କୃତି ଭବନ

ଭଦ୍ରକ: ଜିଲ୍ଲା ସଂସ୍କୃତି ଭବନଠାରେ ନାଟ୍ୟଚାର୍ଯ୍ୟ ରଘୁନାଥ ପଣ୍ଡା ସଂଗୀତ ବିଦ୍ୟାଳୟ ଆନୁକୂଲ୍ୟରେ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଅନୁଷ୍ଠାନର ସଭାପତି କୃଷିକବି ଅରୁଣ କୁମାର ପାତ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉତ୍ସବରେ ଜିଲ୍ଲାପାଳ ଦିଲ୍ଲୀପ ରାଉତରାଏ ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଗଙ୍ଗାଧର ମେହେରଙ୍କ ସାହିତ୍ୟରେ ଥିବା ପ୍ରକୃତି ପ୍ରେମ, ବିଶ୍ୱପ୍ରିତୀ ଓ ସାବଲିଳତା ସମ୍ବନ୍ଧରେ ସେ ଆଲୋଚନା କରିଥିଲେ। ମୁଖ୍ୟବକ୍ତା ଭାବେ ପ୍ରଫେସର ହୃଦାନନ୍ଦ ପାଣିଗ୍ରାହୀ, ସମ୍ମାନିତ ଅତିଥି ଭାବରେ ପ୍ରାକ୍ତନ ଅଧକ୍ଷ ଡ. ରାମଚନ୍ଦ୍ର ପଣ୍ଡା, ପ୍ରାକ୍ତନ ପ୍ରାଧ୍ୟାପକ ରମେଶ ଚନ୍ଦ୍ର ଦାସ ଯୋଗଦେଇଥିଲେ। ସମାଜସେବୀ ଶ୍ରୀହର୍ଷ ସ୍ୱାଇଁ ଅତିଥି ପରିଚୟ ପ୍ରଦାନ କରିଥିଲେ। ସମ୍ପାଦକ ସମାଜସେବୀ ଜଗନ୍ନାଥ କର କାର୍ଯ୍ୟକ୍ରମର ଆଭିମୁଖ୍ୟ ପ୍ରଦାନ କରିଥିଲେ। କଳାକାର କାଳିନ୍ଦୀ ମଲ୍ଲିକ ମଞ୍ଚକୁ ଆହ୍ୱାନ ଓ କବି ମନୋଜ ପଣ୍ଡା ମଞ୍ଚ ସଂଚାଳନ ଦାୟିତ୍ୱ ନିର୍ବାହ କରିଥିଲେ। ଏହି ଅବସରରେ କନକଲତା ରାଉତଙ୍କ ରଚିତ ପୁସ୍ତକ ଭକ୍ତି ଗୀତିମାଳାକୁ ଲୋକାର୍ପଣ କରାଯାଇଥିଲା। ନାଟ୍ୟାଚାର୍ଯ୍ୟଙ୍କ କନ୍ୟା ଶଶୀପ୍ରଭା ପଣ୍ଡା ଓ ମଇତାପୁର ଆଦର୍ଶ କୃଷକ ଗଜେନ୍ଦ୍ର ପ୍ରସାଦ ବେହେରାଙ୍କୁ ଅନୁଷ୍ଠାନ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଭଦ୍ରକର ପ୍ରମୁଖ ନୃତ୍ୟ ଅନୁଷ୍ଠାନ ମନ୍ଦିରାର ଶିକ୍ଷୟିତ୍ରୀ ଶ୍ୱେତପଦ୍ମାଙ୍କ ନିର୍ଦ୍ଦେଶନାରେ ବିଦ୍ୟାର୍ଥୀମାନେ ମେହେରଙ୍କ ରଚିତ ଗୀତରେ ନୃତ୍ୟ ପରିବେଷଣ କରିଥିଲେ। ଯନ୍ତ୍ରାଂଶରେ ବିଭୁତି ଭୂଷଣ ପଣ୍ଡା ଓ ସୁକୁମାର ପାଣିଗ୍ରାହୀ ସହଯୋଗ କରିଥିଲେ। ଆଧ୍ୟାପିକା ଆରତୀ ଜେନା, ମାଷ୍ଟର ଟିଣ୍ଟୁ, ରମେଶ ବିଶ୍ୱାଳ, ପ୍ରିୟଂଶି ରାଉତ, ଜୟଶ୍ରୀ ବିଶ୍ୱାଳ, ବିନୀତା ନାୟକ, ସଂଗ୍ରାମକେଶରୀ ଦାସ, ସମୀକ୍ଷା ମହାନ୍ତି, ଶୁଭଲକ୍ଷ୍ମୀ ପଣ୍ଡା, ସନ୍ତୋଷି ମିଶ୍ର, ସନାତନ ଦାସ, କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ କବି ଅରୁପାନନ୍ଦ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।



## ବାଲେଶ୍ୱର ପାଇଁ ଗୌରବ ଆଣିଲେ ରବୀନ୍ଦ୍ର ପଟ୍ଟନାୟକ



**କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କଠାରୁ ପୁରସ୍କୃତ**

**ଯୁଗ୍ମ ସଚିବ ପାହ୍ୟାରୁ ଅତିରିକ୍ତ ଶାସନ ସଚିବ ପାହ୍ୟାକୁ ପଦୋନ୍ନତି**

ବାଲେଶ୍ୱର/ନୀଳଗିରି, (ସମିସ): ଗୁରୁତ୍ୱପୂର୍ଣ୍ଣ ପ୍ରତ୍ୟକ୍ଷ ଟିକସ ବିଲ୍, ୨୦୨୫କୁ ପ୍ରସ୍ତୁତି କରି କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କ ଠାରୁ ପୁରସ୍କୃତ ହୋଇଥିବା ବାଲେଶ୍ୱର ନୀଳଗିରି ଉପଖଣ୍ଡସ୍ଥ କାହ୍ନୁପୁର-ସନ୍ତରାଗଡିଆ ମାଟିର ପୁଅ ରବୀନ୍ଦ୍ର ପଟ୍ଟନାୟକ ଅଞ୍ଚଳ ପାଇଁ ଗୌରବ ଆଣିଛନ୍ତି। ଦିଲ୍ଲୀ ଦରବାରରେ ନିଜର କାର୍ଯ୍ୟଦକ୍ଷତା ପୁଣି ଥରେ ଶ୍ରୀ ପଟ୍ଟନାୟକ ପ୍ରମାଣିତ କରିଛନ୍ତି ଓ ଶ୍ରୀ ପଟ୍ଟନାୟକ ଭାରତ ସରକାରଙ୍କ ଆଇନ ମନ୍ତ୍ରଣାଳୟରେ ଯୁଗ୍ମ ସଚିବ ପାହ୍ୟାରୁ ଅତିରିକ୍ତ ଶାସନ ସଚିବ ପାହ୍ୟାକୁ ପଦୋନ୍ନତି ପାଇଛନ୍ତି । ଯାହାର ସ୍ୱୀକୃତି ସ୍ୱରୂପ ଭାରତ ସରକାର ତାଙ୍କୁ ପଦୋନ୍ନତି ଦେଇଛନ୍ତି । ସୂଚନାଯୋଗ୍ୟ, ରବୀନ୍ଦ୍ର ପୂର୍ବରୁ ଅନେକ ପ୍ରଶଂସନୀୟ ଆଇନଗତ ଖସଡାରେ କାର୍ଯ୍ୟ କରିଛନ୍ତି ଓ ସେଥିପାଇଁ ସେ ଅନେକ ବାର ପୁରସ୍କାର ବି ପାଇଛନ୍ତି। ଏହା ବ୍ୟତୀତ ସେ ଆଇନ ଏବଂ ନ୍ୟାୟ ମନ୍ତ୍ରଣାଳୟରେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଆଇନ ପ୍ରସ୍ତୁତ କରିବାରେ ଅବଦାନ ଦେଇ ଆସୁଛନ୍ତି। ଯେଉଁଥିରେ ତିନୋଟି ନୂତନ ଫୌଜଦାରୀ ଆଇନ ଏବଂ ଅନେକ ଆଇନ ଅନ୍ତର୍ଭୁକ୍ତ ରହିଛି। ଭାରତ ସରକାରଙ୍କ ଆଇନ ଏବଂ ନ୍ୟାୟ ମନ୍ତ୍ରଣାଳୟରେ ଭାରତୀୟ ଆଇନ ସେବାରେ ଯୋଗଦେବା ପୂର୍ବରୁ ସେ ବାଲେଶ୍ୱର ବାର୍‌ରେ ଜଣେ ଓକିଲ ଭାବରେ କାର୍ଯ୍ୟ କରିଥିଲେ। ପରେ ଆଇନ ବିଭାଗ ଅଧୀନରେ ବିଚାର ଅଧିକାରୀ ଭାବରେ ମଧ୍ୟ କାର୍ଯ୍ୟ କରିଥିଲେ। ବାଲେଶ୍ୱର ଜିଲ୍ଲାର ନୀଳଗିରି ତଥା ସନ୍ତରାଗଡ଼ିଆ(କାହ୍ନୁପୁର) ଅଞ୍ଚଳ ପାଇଁ ରବୀନ୍ଦ୍ର ଗର୍ବ ଓ ଗୌରବ ଆଣିଥିବାରୁ ସାଧାରଣରେ ଚର୍ଚ୍ଚା ହେଉଛି।

## ବନ୍ୟାର ସ୍ଥାୟୀ ପ୍ରତିକାର ଦାବି ଜୋର୍ ଧରିଲା

**ସୁବର୍ଣ୍ଣରେଖା ବନ୍ୟା ବିପନ୍ନ ମଞ୍ଚ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର**

ବାଲେଶ୍ୱର(ଉତ୍ତର),୧୦।୮ (ସମିସ)



ବର୍ଷ ବର୍ଷ ଧରି ସୁବର୍ଣ୍ଣରେଖା ନଦୀରେ ବନ୍ୟା ଆସି ନଦୀ ତଟବର୍ତ୍ତୀ ଗାଁ ସହିତ ଭୋଗରାଇର ୧୬ଟି ପଞ୍ଚାୟତରେ ବ୍ୟାପକ କ୍ଷୟକ୍ଷତି ହେଉଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ହେଉଛି ବନ୍ୟା ଜଳ ନିଷ୍କାସନରେ ବିଳମ୍ବ ଘଟୁଥିବାରୁ ଅନେକ ଗାଁ କୁ ମାସାଧିକ କାଳ ଜଳ ବନ୍ଦୀ କରି ରଖୁଛି। ଅଞ୍ଚଳବାସୀଙ୍କ ପକ୍ଷରୁ ଏହାର ସ୍ଥାୟୀ ପ୍ରତିକାର ଦାବି ହୋଇ ଆସୁଛି। ଏ ନେଇ ବର୍ତ୍ତମାନ ଅଣ୍ଟା ଭିଡ଼ିଛି ସୁବର୍ଣ୍ଣରେଖା ବନ୍ୟା ବିପନ୍ନ ମଞ୍ଚ। ମଞ୍ଚ ପକ୍ଷରୁ ବନ୍ୟାର ସ୍ଥାୟୀ ପ୍ରତିକାର ଓ ଚଳିତ ବର୍ଷ ବନ୍ୟା ଜନୀତ କ୍ଷୟକ୍ଷତି ପୂରଣ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ବାଲେଶ୍ୱର ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୁର ବିକାଶ ଙ୍କୁ ପ୍ରଦାନ କରାଯାଇଛି। ବନ୍ୟା ପରବର୍ତ୍ତୀ ସ୍ଥିତି ଅନୁଧ୍ୟାନ ପାଇଁ ଜିଲ୍ଲାପାଳ ଏଠାକୁ ଆସିଥିବା ଅବସରରେ ମଞ୍ଚ ପକ୍ଷରୁ ଏହି ସ୍ମାରକପତ୍ର ପ୍ରଦାନ କରାଯାଇଥିଲା।

ସୂଚନା ଯୋଗ୍ୟ ଯେ ଗତ ଶୁକ୍ରବାର ସନ୍ଧ୍ୟାରେ ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ସ୍ଥାନୀୟ ଭୋଗରାଇ ତହସିଲଦାର ସୂର୍ଯ୍ୟ କୁମାର ନାୟକ, ବିଡ଼ିଓ ପ୍ରଶାନ୍ତ କୁମାର ମହାରଣା ଓ ଅନ୍ୟାନ୍ୟ ପ୍ରଶାସନିକ ଅଧିକାରୀଙ୍କ ସହିତ ବ୍ଲକର ନଦୀ କୁଳିଆ ଅଞ୍ଚଳ କୁହାଯାଉଥିବା ଆରୁହାବୃତ୍ତି-୧, ଖରିଦପିପଳ, କୁମ୍ଭୀରଗଡ଼ି, ଗବଗାଁ ଓ ନାଚିନ୍ଦା ପ୍ରଭୃତି ପଞ୍ଚାୟତ ପରିଦର୍ଶନରେ ଆସିଥିଲେ। ଉଲୁଡାଠାରେ ପଞ୍ଚାୟତର ଜନପ୍ରତିନିଧି ମାନଙ୍କୁ ଡାକି ବନ୍ୟା ପରିସ୍ଥିତି ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ସୁବର୍ଣ୍ଣରେଖା ବନ୍ୟା ବିପନ୍ନ ମଞ୍ଚ ତରଫରୁ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ବନ୍ୟାର ସ୍ଥାୟୀ ପ୍ରତିକାର ପାଇଁ ଗୋଛିଦା ସ୍ଲୁଇସ୍ ଠାରୁ ଆରୁହାବୃତ୍ତି-୧ ଗ୍ରାମର ସନ୍ତୋଷପୁର ଛକ ପର୍ଯ୍ୟନ୍ତ ବନ୍ୟା ସୁରକ୍ଷା ବନ୍ଧ ନିର୍ମାଣ, ମନୁନଗର ଠାରେ ସୁବର୍ଣ୍ଣରେଖା ନଦୀରେ ସ୍ପର ନିର୍ମାଣ ଓ ପଥର ପେଚିଂ କରାଯିବା ସହିତ ପୁରୁଣା ସ୍ପୋର ମରାମତି, ଆରୁହାବୃତ୍ତି-୨ ଗ୍ରାମ ଠାରୁ ରସଲପୁର ପର୍ଯ୍ୟନ୍ତ ସୁବର୍ଣ୍ଣରେଖା ନଦୀ ପଟରେ ବନ୍ୟା ସୁରକ୍ଷା ବନ୍ଧ ନିର୍ମାଣ, ପୋତି ହୋଇଯାଇଥିବା ସମସ୍ତ ଖାଲ ଓ ନାଳ ଖନନ ଓ ପୁନରୁଦ୍ଧାର, ନଥିପୁର ବଜାର ଛକଠାରୁ ସରିସାଗଞ୍ଜ ଓ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ଦେଇ ବାରବାଟିଆ ବିଦ୍ୟାଧର ନୋଡାଲ ସ୍କୁଲ୍ ପର୍ଯ୍ୟନ୍ତ ସଡ଼କ ନିର୍ମାଣ ଓ ଜଳନିଷ୍କାସନ ବ୍ୟବସ୍ଥା, ଆରୁହାବୃତ୍ତି-୧ ପଞ୍ଚାୟତ କାର୍ଯ୍ୟାଳୟ ଛକଠାରୁ ସନ୍ତୋଷପୁର ପର୍ଯ୍ୟନ୍ତ ରାସ୍ତାରେ ଗାଡଓ୍ୱାଲ ନିର୍ମାଣ, ନଥିପୁର ଛକଠାରୁ ମନୁନଗର ବନ୍ୟା ବାତ୍ୟା ଆଶ୍ରୟସ୍ଥଳୀ ପର୍ଯ୍ୟନ୍ତ ଓଭର ବ୍ରିଜ୍ ନିର୍ମାଣ ଆଦି ଦାବି କରାଯିବା ସହିତ ବନ୍ୟା ଜନୀତ କ୍ଷୟକ୍ଷତିର ସଠିକ୍ ଆକଳନ କରାଯାଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ନିବେଦନ ରଖାଯାଇଛି। ମଞ୍ଚ ପକ୍ଷରୁ ଆବାହକ ତଥା ଆଇନଜୀବୀ ରାଜକିଶୋର ଜେନା, ଆରୁହାବୃତ୍ତି-୧ ପଞ୍ଚାୟତର ସରପଞ୍ଚ ଗୀତାରାଣୀ ଜେନା,ସୁବ୍ରତ ସାହୁ, ବ୍ରଜକିଶୋର ପାଳ ଏବଂ ସମିତି ସଦସ୍ୟା ଅଞ୍ଜଳି ଜେନା ପ୍ରମୁଖ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। ଅନ୍ୟପକ୍ଷରେ ଉକ୍ତ ସ୍ମାରକପତ୍ର ର ନକଲ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡଙ୍ଗୀ ଏବଂ ଭୋଗରାଇ ବିଧାୟକ ଗୌତମ ବୁଦ୍ଧ ଦାସ ଙ୍କୁ ପ୍ରଦାନ କରାଯିବ ବୋଲି ମଞ୍ଚ ପକ୍ଷରୁ ସୂଚନା ଦିଆଯାଇଛି।

**● ରାସ୍ତାକୁ ଆସିଗଲେ ହାତୀପଲ**

## ଗଛରେ ପିଟିହୋଇ ବାଇକ ଆରୋହୀ ମୃତ

ବସ୍ତା ବ୍ଲକ, ୧୦।୮ (ସମିସ): ବାଲେଶ୍ୱର ଜିଲ୍ଲା ବସ୍ତା ପଟୁ ରାସଗୋବିନ୍ଦପୁର ଅଭିମୁଖେ ଜନୈକ ବାଇକ ଆରୋହୀ ଯାଉଥିବା ବେଳେ ରାସ୍ତା ଉପରେ ହାତୀ ପଲ ଦେଖି ଭାରସ୍ୟାମ ହରାଇ ଗଛରେ ପିଟି ହୋଇ ଘଟଣା ସ୍ଥଳରେ ମୃତ୍ୟୁବରଣ କରିଥିବା ଜଣା ପଡିଛି। ସ୍ଥାନୀୟ ଲୋକଙ୍କ ଠାରୁ ମିଳିଥିବା ସୂଚନା ଅନୁସାରେ ଜନୈକ ଯୁବକ ଏକ ବାଇକରେ ରାସଗୋବିନ୍ଦପୁର ଅଭିମୁଖେ ଯାଉଥିବା ବେଳେ ରାସଗୋବିନ୍ଦପୁର ଥାନା ଅନ୍ତର୍ଗତ ବେତନାସିଆ ବଣ ଭିତରେ ହଠାତ ହାତୀ ପଲ ଦେଖି ଭୟରେ ଭାରସ୍ୟାମ ହରାଇ ରବିବାର ରାତିରେ ଏକ ଗଛ ରେ ପିଟି ହୋଇ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଛି। ମୃତକ ର ପରିଚୟ ମିଳିନଥିବା ବେଳେ ରାସଗୋବିନ୍ଦପୁର ପୁଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

## ମଦ ଜବତ, ଦୁଇ ବେପାରୀ ଗିରଫ

ଭୋଗରାଇ, ୧୦।୮ (ସମିସ) : ଭୋଗରାଇ ଅବକାରୀ ବିଭାଗ ପାଖରୁ ବିଭିନ୍ନ ସ୍ଥାନରୁ ଚଢ଼ଉ କରି ୨୨ ଲିଟର ଚୋରା ବେଙ୍ଗଲି ମାର୍କା ଚୋରା ମଦ ସହିତ ଦୁଇଜଣଙ୍କୁ ଗିରଫ କରିଛି। ଗିରଫ ମଦବେପାରୀ ହେଲେ ଚନ୍ଦେନେଶ୍ୱର ଅଞ୍ଚଳର ପୂର୍ଣ୍ଣଚନ୍ଦ୍ର ପ୍ରଧାନ ପାଖରୁ ୭ ଲିଟର ବେଙ୍ଗଲୀ ଚୋରା ମଦ ବିନ୍ଧାପଦ୍ମପୁର ଗ୍ରାମର ସାଧନ ସେଠୀ ପାଖରୁ ୧୫ ଲିଟର ଚୋର ବେଙ୍ଗଲୀ ମଦ ଜବତ କରିଛନ୍ତି। ସେମାନଙ୍କ ନାମରେ ପୃଥକ ପୃଥକ କେସ ରୁଜୁ ହୋଇଅଛି।


## ନବମଶ୍ରେଣୀ ଛାତ୍ରୀକୁ ଦୁଷ୍କର୍ମ, ଯୁବକ ଅଟକ

ସିମୁଳିଆ, ୧୦।୮ (ସମିସ): ବାଲେଶ୍ୱର ଜିଲ୍ଲା ସିମୁଳିଆ ଥାନା ଅଞ୍ଚଳର ଜନୈକା ନବମ ଶ୍ରେଣୀ ଛାତ୍ରୀ ଟିଉସନରୁ ଫେରୁଥିବାବେଳେ ତାଙ୍କୁ ଜଣେ ଯୁବକ ଦୁଷ୍କର୍ମ କରିଥିବା ଅଭିଯୋଗ ହୋଇଛି। ପୁଲିସ ଅଭିଯୁକ୍ତକୁ ଅଟକ ରଖିଛି। ସ୍ଥାନୀୟ ଅନ୍ତରା ଗ୍ରାମର ପ୍ରଶାନ୍ତ କୁମାର ସାମଲ ସମ୍ପୃକ୍ତା ଛାତ୍ରୀକୁ ଏକୁଟିଆ ଦେଖି କେନାଲ ବନ୍ଧ ପାର୍ଶ୍ୱର୍ରେ ଦୁଷ୍କର୍ମ କରିଥିଲା। ଅପରପକ୍ଷେ ଝିଅ ଘରକୁ ଫେରିବାରେ ବିଳମ୍ବ ହେବାରୁ ପରିବାର ଲୋକେ ଖୋଜାଖୋଜି କରିଥିଲେ। କେନାଲ ବନ୍ଧରେ ସନ୍ଦେହଜନକ ଭାବେ ଏକ ବାଇକ୍ ଥିବାର ଲୋକେ ଦେଖିବାକୁ ପାଇଥିଲେ। ସେହି ସମୟରେ ଅଭିଯୁକ୍ତ ଯୁବକ ଦୌଡ଼ିବାରୁ ଲୋକେ ତାକୁ କାବୁ

## ସାପ କାମୁଡ଼ାରେ ମହିଳାଙ୍କ ମୃତ୍ୟୁ

ରାଜଘାଟ, ୧୦।୮ (ସମିସ): ବସ୍ତା ଥାନା ଦାଣ୍ଡି ଗ୍ରାମର ମୃତ୍ୟୁଞ୍ଜୟ ମହାପାତ୍ରଙ୍କ ସ୍ତ୍ରୀ ଶାନ୍ତିଲତା (୫୭)ଙ୍କ ବିଷାକ୍ତ ସର୍ପ ଦଂଶନରେ ଆଜି ସନ୍ଧ୍ୟାରେ ବସ୍ତା ଡାକ୍ତରଖାନାରେ ମୃତ୍ୟୁ ଘଟିଛି। ଶାନ୍ତିଲତା ଗତ କାଲି ନିଜ ଭାଇକୁ ରାକ୍ଷୀ ବାନ୍ଧିବାକୁ ସିଂଳା ଥାନା ତ୍ରୈଲୋକ୍ୟ ଗ୍ରାମକୁ ଯାଇଥିଲେ। ସେଠାରେ ଆଜି ଅପରାହ୍ନ ତିନିଟା ସମୟରେ ଏକ ବିଷାକ୍ତ ସର୍ପ ଦଂଶନ କରିଥିଲା। ପରିବାର ଲୋକ ଜାଣି ତାଙ୍କୁ ସଙ୍ଗେ ସଙ୍ଗେ ବସ୍ତା ଡାକ୍ତରଖାନାକୁ ଆଣିଥିଲେ। ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ମୃତ ଶାନ୍ତିଲତାଙ୍କର ଦୁଇ ପୁଅ ଓ ଦୁଇ ଝିଅ ଥିବା ଜଣାଯାଇଛି।

## ଦୁଇ ଶିକାରୀ ଗିରଫ, ବନ୍ଧୁକ ଜବତ



ନୀଳଗିରି, ୧୦।୮ (ସମିସ): ନୀଳଗିରି ଉପଖଣ୍ଡ କୁଲଡିହା ଅଭୟାରଣ୍ୟରୁ ଆଜି ଦୁଇ ସଶସ୍ତ୍ର ଦୁଇ ଶିକାରୀକୁ ଗିରଫ କରାଯିବା ସହିତ ଏକ ବନ୍ଧୁକ ଜବତ କରାଯାଇଛି । ନୀଳଗିରି ବ୍ଲକ ସିଆଡ଼ିମାଳ ପଞ୍ଚାୟତ ଡେଉଁଚଖାଲ ଅଞ୍ଚଳର ସ୍ୱର୍ଗତ ବନମାଳୀ ସିଂର ପୁଅ ହଗୁରା ସିଂ, ଏବଂ ସିନ୍ଧୁରିଆ ଗ୍ରାମର ଶଙ୍କରା ସିଂର ପୁଅ ସନିଆ ସିଂ ଏକ ଦେଶୀ ବନ୍ଧୁକ ସହିତ ବାରୁଦ, ଛୁରୀ, ଫାସ,ନେଇ କୁଲଡିହା ଜଙ୍ଗଲରେ ଅବାଧ ପ୍ରବେଶ କରି ଶିକାର କରିବାକୁ ଯାଉଥିବା ବେଳେ ପାଟ୍ରୋଲିଂ ଟିମ ହାବୁଡ଼ରେ ପଡ଼ିଥିଲେ। ଦୁଇ ଅଭିଯୁକ୍ତଙ୍କୁ କାବୁ କରି ନୀଳଗିରି ସ୍ଥିତ କୁଲଡିହା ଅଫିସକୁ ଆଣିବା ପରେ ତାଙ୍କ ନାମରେ ମାମଲା ରୁଜୁ କରାଯାଇ କୋର୍ଟ ଚାଲାଣ କରାଯାଇଛି।

## ବାବା ଆଖଣ୍ଡଳେଶ୍ୱରଙ୍କ ମହାରୁଦ୍ରାଭିଷେକ

ଖଇରା,୧୦।୮ (ସମିସ): ଖଇରା ବଜାରବାସୀଙ୍କ ଆରାଧ୍ୟ ବାବା ଶ୍ରୀ ଆଖଣ୍ଡଳେଶ୍ୱରଙ୍କ ଆଶ୍ୱିନ ମହାରୁଦ୍ରାଭିଷେକ ରବିବାର ଦିନ ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ମନ୍ଦିର ପରିଚାଳକ ପଣ୍ଡିତ କୃଷ୍ଣଚନ୍ଦ୍ର ପତ୍ରୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇ ଯାଇଛି। ଜିଲା ବ୍ରାହ୍ମଣ ସମିତିର ସମ୍ପାଦକ ଗୌରଚନ୍ଦ୍ର ଦାସ,ବୈଦ୍ୟନାଥ ଆଚାର୍ଯ୍ୟ, ଗୌରଚନ୍ଦ୍ର ପାଠୀ, ପ୍ରଫୁଲ୍ଲ ଶତପଥି, ବେଣୁଧର ମିଶ୍ର,ଜନାର୍ଦ୍ଦନ ମିଶ୍ର,କ୍ଷେତ୍ରବାସୀ ପଣ୍ଡା, ବିରଞ୍ଚି ନାରାୟଣ ମିଶ୍ର, ଶରତ ପଣ୍ଡା, ଆକାଶ ପଣ୍ଡା ଓ ବୁଦ୍ଧିରାମ ପାଣିଗ୍ରାହୀ ପ୍ରମୁଖ ଯୋଗ ଦେଇ ପ୍ରଭୁଙ୍କ କାର୍ଯ୍ୟ ସମ୍ପାଦନରେ ସହଯୋଗ କରିଥିଲେ। ଖଇରା ବ୍ଲକ ସମେତ ବାଲେଶ୍ୱର, ବାହନଗା, ସୋର, ଔପଦା ଓ ସିମୁଳିଆ ବ୍ଲକରୁ ଆଚାର୍ଯ୍ୟ ଓ ପଣ୍ଡିତ ଗଣ ଯୋଗ ଦେଇଥିଲେ।

## ନିମ୍ନମାନର ଗାର୍ଡୱାଲ ଭାଙ୍ଗିଲେ ଗ୍ରାମବାସୀ



ଭୋଗରାଇ, ୧୦।୮ (ସମିସ) : ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ଦେଉଳା ପଞ୍ଚାୟତର ବିଭିନ୍ନ ଉନ୍ନୟନ ଯୋଜନାରେ ଆସୁଥିବା ଆର୍ଥିକ ଅନୁଦାନ ବ୍ୟାପକ ବାଟମାରଣା ହେଉଥିବାର ବାରମ୍ବାର ଅଭିଯୋଗ ହୋଇଛି । ଏଭଳି ସ୍ଥିତିରେ ଦେଉଳା ଗ୍ରାମର ୯ ନଂ ୱାର୍ଡର ଶ୍ୟାମ ପାତ୍ର ଘରଠାରୁ ଚଢେଇ ଗୁଡ଼ିଆ ପଡିଆ ପର୍ଯ୍ୟନ୍ତ ପଞ୍ଚମ ଏସ ଏଫ ସି ଅନୁମୋଦିତ ୨ ଲକ୍ଷ ଟଙ୍କା ବ୍ୟୟରେ ଗାଡ଼ୱାଲ କାର୍ଯ୍ୟ ନିମ୍ନମାନର ହେଉଥିବାରୁ ଗ୍ରାମବାସୀମାନେ ତୀବ୍ର ବିରୋଧ କରିଛନ୍ତି । ଏଥି ସହିତ ଉକ୍ତ ନିମ୍ନ ମାନର କାର୍ଯ୍ୟକୁ ପୁନଃ ନିର୍ମାଣ କରାଯିବାକୁ ଗ୍ରାମବାସୀ ଜିଦ୍ ଧରିଛନ୍ତି । କାର୍ଯ୍ୟ ହେଉଥିବା ସ୍ଥାନରେ ଗ୍ରାମବାସୀ ମାନେ ମିଳିତ ହୋଇ ଭାଙ୍ଗି ଦେଇଛନ୍ତି । କଂକ୍ରିଟ କାର୍ଯ୍ୟବେଳେ ବିଭାଗୀୟ ଜେଇ ଅନୁପସ୍ଥିତ ରହିବାରୁ ଗ୍ରାମବାସୀ କାର୍ଯ୍ୟକୁ ବନ୍ଦ କରି ଉଚ୍ଚସ୍ତରୀୟ ତଦନ୍ତ ଦାବିକରିଛନ୍ତି ।

**ଯାତ୍ରା କମିଟି ମହାସଂଘର କାର୍ଯ୍ୟକାରିଣୀ ବୈଠକ**

## ଯାତ୍ରା ପାର୍ଟି ମାଲିକ ଦର ନ କମାଇଲେ ଯାତ୍ରା ବନ୍ଦ ନିଷ୍ପତ୍ତି

ବାହାନଗା,୧୦।୮ (ସମିସ)




ଓଡିଶା ଯାତ୍ରା କମିଟି ମହାସଂଘର ବାହାନଗା ବ୍ଲକ ସ୍ତରୀୟ ଯାତ୍ରା କମିଟି କାର୍ଯ୍ୟକାରିଣୀ ବୈଠକ ଗୋପାଳପୁର ପଞ୍ଚାୟତ କଲ୍ୟାଣ ମଣ୍ଡପ ପରିସରରେ ଅନୁଷ୍ଠିତ ହୋଇଛି। ଓଡିଶା ଯାତ୍ରା କମିଟି ମହାସଂଘ ଦ୍ୱାରା ଗଠିତ ଏହି ବ୍ଲକସ୍ତରୀୟ କାର୍ଯ୍ୟକାରିଣୀ ବୈଠକରେ ବାହାନଗା ବ୍ଲକସ୍ତରୀୟ କମିଟି ସଭାପତି ରବୀନ୍ଦ୍ର ବେହେରା ସଭାପତିତ୍ୱ କରିଥିବାବେଳେ ମୁଖ୍ୟ ଅତିଥି ଭାବେ ଓଡ଼ିଶା ଯାତ୍ରା କମିଟି ମହାସଂଘର ରାଜ୍ୟ ସଂଯୋଜକ ତଥା କୋଷାଧ୍ୟକ୍ଷ ଇଂ ମାନସ ରଞ୍ଜନ ରାୟ ସାମନ୍ତ, ସମ୍ମାନିତ ଅତିଥି ଭାବେ ବାଲେଶ୍ୱର ଜିଲ୍ଲା ସଭାପତି ତଥା ରେମୁଣା ପଞ୍ଚାୟତ ସମିତି ଅଧକ୍ଷ ରାଜେନ୍ଦ୍ର ରାଉତ, ମୟୂରଭଞ୍ଜ ଜିଲ୍ଲା ସଭାପତି ବୀର କିଶୋର ମହାନ୍ତି, ରାଜ୍ୟ ସହ ସଂଯୋଜକ ଅଜିତ ମହାଳିକ, ମୟୂରଭଞ୍ଜ ଜିଲ୍ଲା କାର୍ଯ୍ୟକାରୀ ସଭ୍ୟ ଶଙ୍କର୍ଷଣ ଦାସ, ନୀଳଗିରି ବ୍ଲକ ସଭାପତି ଦିବ୍ୟରଞ୍ଜନ ମହାପାତ୍ର, ପଞ୍ଚସଖା ଯାତ୍ରା କମିଟି ର ସମ୍ପାଦକ ଅନିରୁଦ୍ଧ ବାରିକ ପ୍ରମୁଖ ଯୋଗଦେଇ ଯାତ୍ରା ମାଲିକ ଓ ଯାତ୍ରା କଳାକାର ମାନଙ୍କ ଶୋଷଣ ନୀତି ପାଇଁ ଯାତ୍ରା କମିଟି ବୁଡିଯିବାକୁ ବସିଲାଣି ବୋଲି ପ୍ରକାଶ କରିଥିଲେ। ଏଥିରେ ବାହାନଗା, ସୋର ଏବଂ ରେମୁଣା ବ୍ଲକର ୨୮ଟି ଯାତ୍ରା କମିଟି ର କର୍ମକର୍ତ୍ତା ଯୋଗ ଦେଇଥିଲେ। ଦିନକୁ ଦିନ ଯାତ୍ରା ପାର୍ଟି ମାଲିକ ମାନେ ଗୋଟିଏ ଗୋଟିଏ ରାତି ପିଛା ୨ ଲକ୍ଷରୁ ୪ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ନେଉଛନ୍ତି। ଯାହାଦ୍ୱାରା ଯାତ୍ରା କମିଟିକୁ ଟିକଟର ମୂଲ୍ୟ ବୃଦ୍ଧି କରିବାକୁ ପଡୁଛି। ଏହା ଫଳରେ ଅଧିକ ମୂଲ୍ୟର ଟିକଟ ଯୋଗୁଁ ଦର୍ଶକଙ୍କ ସଂଖ୍ୟା କମୁଛି। ଫଳରେ ପ୍ରତିବର୍ଷ ଯାତ୍ରା କମିଟି ଆର୍ଥିକ କ୍ଷତି ସହିବାକୁ ବାଧ୍ୟ ହେଉଛି। ଯାତ୍ରା ପାର୍ଟି ମାଲିକଙ୍କ ଲାଭଖୋର ମନୋବୃତ୍ତି ପାଇଁ ଆଗାମୀ ଦିନରେ ଯାତ୍ରା କଳା ଲୁପ୍ତ ହୋଇଯିବ। ଯାତ୍ରା କମିଟି ମହାସଂଘ ଯାତ୍ରା ପାର୍ଟି ମାଲିକ ମହାସଂଘକୁ ଆଲୋଚନା କରି ଦର ନିର୍ଦ୍ଧାରଣ କରିବାକୁ ଆହ୍ୱାନ କରିଛି। ତେବେ ମାଲିକ ମାନେ ଯଦି ରାତି ପିଛା ଦର ନ କମାଇବେ ତାହାଲେ କେହି ଯାତ୍ରା ପାଟି କୁ ନ ନେବା ପାଇଁ ଯାତ୍ରା କମିଟି ମହାସଂଘ ନିଷ୍ପତ୍ତି ନେଇଛି। କୌଣସି ଯାତ୍ରା କମିଟି କଣ୍ଟ୍ରାକ୍ଟ ମାଧ୍ୟମରେ ଯାତ୍ରା ନକରିବା ପାଇଁ ବୈଠକରେ ନିଷ୍ପତି ହୋଇଛି। ଏ ବାବଦରେ ଓଡିଶା ଯାତ୍ରା କମିଟି ମହାସଂଘର ବାଲେଶ୍ୱର ଜିଲ୍ଲା ସମ୍ପାଦକ ତଥା ରେମୁଣା ବ୍ଲକ ଅଧକ୍ଷ୍ୟ ରାଜେନ୍ଦ୍ର ରାଉତ କହନ୍ତି ବର୍ତ୍ତମାନ ଯାତ୍ରାର ମାଲିକ ମାନେ ଯେଉଁ ଭଳି ଦର ରଖୁଛନ୍ତି ସେହି ଦରରେ ଯାତ୍ରା କମିଟି ବଳି ପଡୁଛି। ତେଣୁ ଯାତ୍ରା ମାଲିକ ମାନେ ଏକଜୁଟ ହୋଇ ନିଜ ଭିତରେ କଥା ହୋଇ ରେଟ କମାନ୍ତୁ। କୌଣସି ଯାତ୍ରା କମିଟି କଣ୍ଟ୍ରାକ୍ଟ ମାଧ୍ୟମରେ ଯାତ୍ରା କରିବ ନାହିଁ ସମସ୍ତେ ପିସିରେ ଯାତ୍ରା କରିବେ ବୋଲି ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଦୁର୍ଯୋଧନ ବିଶ୍ୱାଳ, ଅନିରୁଦ୍ଧ ନାୟକ, ବିନୋଦ ବିଶ୍ୱାଳ, ଦୀପକ ମିଶ୍ର ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଶେଷରେ ରମେଶ ଚନ୍ଦ୍ର ବେହେରା ଧନ୍ୟବାଦ ଦେଇଥିଲେ।

## ବାଇକରୁ ପଡ଼ି ଯୁବକ ଗୁରୁତର

ରାଜଘାଟ, ୧୦।୮ (ସମିସ): ବସ୍ତା ଥାନା ଗାନ୍ଧିଛକ-ବାଲିଆପାଳ ମୁଖ୍ୟରାସ୍ତା କୁଡିଆ ନିକଟରେ ଭାରସାମ୍ୟ ହରାଇ ବାଇକରୁ ପଡ଼ି ଜଣେ ଯୁବକ ଗୁରୁତର ଆହତ ହୋଇଥିବା ଦେଖିବାକୁ ମିଳିଛି। ନିଜ ବନ୍ଧୁ ଘରୁ ବାଲିଆପାଳ ଥାନା ଅସ୍ଥି ପଞ୍ଚାୟତ ଡାଲୁଅ ଗ୍ରାମର ଉତ୍ତମ କୁମାର ପାତ୍ର ଘରକୁ ଫେରୁଥିବା ସମୟରେ ଭାରସାମ୍ୟ ହରାଇ ରାସ୍ତା କଡକୁ ଛିଟିକି ପଡ଼ି ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକ ତାଙ୍କୁ ଉଦ୍ଧାର କରି ବସ୍ତା ଡାକ୍ତରଖାନାକୁ ପଠାଇଥିଲେ। ଖବରପାଇ ଦୁର୍ଘଟଣା ଗ୍ରସ୍ତ ବାଇକକୁ ପୁଲିସ ଉଦ୍ଧାରକାରି ଘଟଣାର ତଦନ୍ତ ଜାରିରଖିଥିବା ଦେଖିବାକୁ ମିଳିଛି।

## ଇଂ.ଦେବଦତ୍ତ ଷଡ଼ଙ୍ଗୀଙ୍କ ସ୍ମୃତିସଭା

ଭଦ୍ରକ,୧୦।୮ (ସମିସ): ଦୁର୍ଘଟଣାରେ ପରଲୋକ ଘଟିଥିବା ଇଂ.ଦେବଦତ ଷଡଙ୍ଗୀଙ୍କ ଦ୍ୱାଦଶ ଅବସରରେ ସ୍ମୃତିସଭା ସ୍ଥାନୀୟ ବନ୍ତଛକ ସ୍ଥିତ ବାସଭବନ ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ସେ ଜଣେ ସ୍ୱାଭିମାନୀ, ପରୋପକାରୀ ମଣିଷ ଭାବେ ସର୍ବଦା ସମସ୍ତଙ୍କ ସ୍ମୃତିରେ ରହିବେ ବୋଲି ଅତିଥିମାନେ ସ୍ମୃତିଚାରଣ କରି ତାଙ୍କ ବକ୍ତବ୍ୟରେ କହିଥିଲେ। ଭଣ୍ଡାରିପୋଖରୀ ବିଧାୟକ ସଞ୍ଜୀବ ମଲ୍ଲିକ, ଧୂଷୁରୀ ଜିଲ୍ଲା ପରିଷଦ ଜୋନ ସଭ୍ୟ ପ୍ରଦୀପ ମଲ୍ଲିକ, ପୂର୍ବତନ ବ୍ଲକ୍ ଅଧ୍ୟକ୍ଷ ଆଶୋକ କୁମାର ନାୟକ, ଶ୍ରମିକନେତା ଦିବ୍ୟସିଂହ ନାୟକ, ସରକାରୀ ଓକିଲ ପ୍ରଦୀପ ମହାପାତ୍ର, କାଉନସିଲର ସାହିଦ ଖାଁ, ଯୁବନେତା ସୂର୍ଯ୍ୟକୁମାର ଦାସ, ସରୋଜ ନାୟକ, ତରୁଣ ରାୟ, ପ୍ରଶାନ୍ତ ମହାନ୍ତି, ସୁଶୀଲ ବେହେରା, ବିଜୟ ସେଠୀ ଓ ମାନସ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ସ୍ୱର୍ଗତ ଷଡ଼ଙ୍ଗୀଙ୍କ ୨ପୁଅ-ଚନ୍ଦନ ଓ ଚେତନ ସମସ୍ତଙ୍କୁ କୃତଜ୍ଞତା ଅର୍ପଣ କରିଥିଲେ।



**● ବାବା ଆଖଣ୍ଡଳମଣିଙ୍କ ମନ୍ଦିରରେ ଝୁଲଣ ଯାତ୍ରା**

## ବଡ଼ସିଂହାର ବେଶରେ ଦର୍ଶନ ଦେଲେ ବାବା



ଭଦ୍ରକ/ଆରଡି,୧୦।୮ (ସମିସ): ପ୍ରସିଦ୍ଧ ଶୈବପୀଠ ଆରଡିଧାମର ବାବା ଆଖଣ୍ଡଳମଣିଙ୍କ ମନ୍ଦିରରେ ପବିତ୍ର ରାକ୍ଷୀ ପୂର୍ଣ୍ଣିମା ଅବସରରେ ଝୁଲଣ ଯାତ୍ରା ରୀତିନୀତି ଅନୁଯାୟୀ ଅନୁଷ୍ଠିତ ହୋଇଯାଇଛି। ଭୋର ୪ଟାରେ ଦ୍ୱାରଫିଟା ନୀତି ସହ ମଙ୍ଗଳ ଆଳତୀ, ମହାସ୍ନାନ, ଘର୍ଷଣ ଲାଗି ସରିବା ପରେ ବାବାଙ୍କୁ ଦିଗମ୍ବର ବେଶରେ ସଜ୍ଜିତ କରାଯାଇ ପହିଲି ବାଲ୍ୟଭୋଗ ଲାଗି କରାଯାଇଥିଲା। ପରେ ସକାଳ ୫ଟାରୁ ଅପରାହ୍ଣ ଯାଏଁ ଅଗଣିତ ଶ୍ରଦ୍ଧାଭକ୍ତ ଧାଡ଼ି ଦର୍ଶନ କରିବା ସହ ପୂଜାର୍ଚ୍ଚନା କରିଥିଲେ। ପରେ ଅପରାହ୍ଣରେ ଝୁଲଣ ଯାତ୍ରା ନୀତି ନିମନ୍ତେ ବାବାମଣିଙ୍କୁ ବଡ଼ସିଂହାର ବେଶରେ ସଜ୍ଜିତ କରାଯିବା ସହ ଚଳନ୍ତି ପ୍ରତିମା ହରଗୌରୀ ଓ ମଦନମୋହନ ରାଧାକୃଷ୍ଣଙ୍କୁ ସୁସଜ୍ଜିତ ବିମାନରେ ବିଜେ କରାଯାଇ ନାଟମଣ୍ଡପରେ ପ୍ରସ୍ତୁତ ଝୁଲଣ ବେଦୀକୁ ଅଣାଯାଇ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା କରାଯିବା ସହ ସେବାୟତ ଓ ଭକ୍ତମାନଙ୍କ ଦ୍ୱାରା ଶ୍ରୀ ବିଗ୍ରହମାନଙ୍କୁ ଝୁଲା ଯାଇଥିଲା।

## ପୁରପଲ୍ଲୀରେ ଖୁଦୁରୁକୁଣୀ ଓଷା

ବାରିକପୁର,୧୦।୮ (ସମିସ): ଭଣ୍ଡାରିପୋଖରୀ ବ୍ଲକର ପୁରପଲ୍ଲୀରେ ଆଜି ପ୍ରସିଦ୍ଧ ଖୁଦୁରୁକୁଣୀ ଓଷା ଆରମ୍ଭ ହୋଇଛି। ବିଶେଷ କରି କୁମାରୀମାନେ ବୋଇତ ବାଣିଜ୍ୟର ଗାଥା ଗାରିମା ବହନ କରୁଥିବା ଭାଇ ମାନଙ୍କ ଶୁଭ ମନାସୀ ଏହି ବ୍ରତ ରଖିଥାନ୍ତି। ୫ଟି ରବିବାରରେ ମା' ମଙ୍ଗଳାଙ୍କୁ କୁମାରୀମାନେ ପୂଜାର୍ଚ୍ଚନା କରିଥାନ୍ତି। ଉପଲକ୍ଷେ ବ୍ଲକର ମଞ୍ଜୁରୀରୋଡ଼, ନାଆମୀ, ଝୁଟୁଣା, ଆଖୁଆପଦା, ମାଳଦା, ରହଣିଆ, ସରସଦା, ତେସିଙ୍ଗା, ବିଷ୍ଣୁପୁର ପ୍ରମୁଖ ଅଞ୍ଚଳରେ ଆଜି ପ୍ରଥମ ପାଳି ଓଷା ଆରମ୍ଭ ହୋଇଛି। ଗାଁର କିଶୋରୀ ବାଳିକା ଓ ଯୁବତୀମାନେ ମା' ମଙ୍ଗଳାଙ୍କୁ ଆବାହନ କରି ପ୍ରାତଃ ପୂଜାର୍ଚ୍ଚନା କରିଛନ୍ତି। ସନ୍ଧ୍ୟାରେ କୁମାରୀ ମାନେ ସମବେତ ହୋଇ କୋଠଘର ମାନଙ୍କରେ ଖୁଦୁରୁକୁଣୀ ଓଷା ବହି ପାଠ କରିଥିବା ବେଳେ ମା' ମଙ୍ଗଳାଙ୍କୁ ଧୂପ, ଦୀପ, ନୈବେଦ୍ୟ ପ୍ରଦାନ କରିଛନ୍ତି। ଶ୍ରାବଣ ଓ ଭାଦ୍ରବ ମାସର ୫ଟି ରବିବାର ପାଳିରେ ଏହି ବ୍ରତ ପାଳନ ହେଉଥିବା ବେଳେ ଅଧିଷ୍ଠାତ୍ରୀ ମା' ମଙ୍ଗଳାଙ୍କ ପୂଜାର୍ଚ୍ଚନା ହୋଇଥାଏ।



## ପୁରସ୍କାର ବିତରଣ ଉତ୍ସବ



ଭଦ୍ରକ ୧୦।୮ (ସମିସ): ସ୍ଥାନୀୟ ବାଇପାସ ଠାରେ ଦର୍ଶନ ଏକାଡେମୀ ପକ୍ଷରୁ ଚିତ୍ରକଳା, ନୃତ୍ୟ ଓ ସଙ୍ଗୀତ ପ୍ରତିଯୋଗିତା ଅନୁଷ୍ଠିତ ହୋଇ କୃତୀ ପ୍ରତିଭାଧାରୀଙ୍କୁ ପୁରସ୍କାର ବିତରଣ କରାଯାଇଛି। ଅନୁଷ୍ଠାନର ନିର୍ଦ୍ଦେଶକ ସୁଦର୍ଶନ ନାୟକଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ ଏବଂ ସମ୍ମାନିତ ଅତିଥି ଭାବେ ଜିଲ୍ଲା ସାମ୍ବାଦିକ ସଂଘ ସଭାପତି ରବିନାରାୟଣ ଖିଲାର, ନୃତ୍ୟ ନିର୍ଦ୍ଦେଶକା ଅର୍ଚ୍ଚନା ବଳ, ଦେବଜ୍ୟୋତି ବିଶ୍ୱାଳ, ହିମାଂଶୁ ପଣ୍ଡା ପ୍ରମୁଖ ଯୋଗଦେଇ ଭଦ୍ରକର ଐତିହ୍ୟ, କଳା ଓ ସଂସ୍କୃତି ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଭକ୍ତି, ନିଷ୍ଠା, କର୍ତ୍ତବ୍ୟ, ଉଦ୍ୟମ, ପରିଶ୍ରମ ଓ ଏକାଗ୍ରତା ଫଳରେ ଆମେ ଗନ୍ତବ୍ୟସ୍ଥଳରେ ପହଞ୍ଚି ପାରିବା ବୋଲି ମତ ଦେଇଥିଲେ। ଶେଷରେ ସଙ୍ଗୀତ ନିର୍ଦ୍ଦେଶକ ଭୋଳାନାଥ ନାୟକ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଲୁଚି ଗଲାଣି ମେଳଣ ମଞ୍ଚ

ବାରିକପୁର,୧୦।୮ (ସମିସ): ଭଣ୍ଡାରିପୋଖରୀ ଥାନା ପରିସରରେ ଥିବା ମେଳଣ ମଞ୍ଚଟି ଧୀରେ ଧୀରେ ଜରାଜୀର୍ଣ୍ଣ ପାଲଟି ଗଲାଣି। ପ୍ରତ୍ୟେକ ବର୍ଷ ଫଗୁଣ ମାସରେ ଥାନା ଓ ମେଳଣ କମିଟି ପକ୍ଷରୁ ଅଞ୍ଚଳର ଗଣପର୍ବ ମୁନସୀ ମେଳଣ ଏଠାରେ ଅନୁଷ୍ଠିତ ହୋଇଥାଏ। ତିନିଦିନ ଧରି ଉତ୍ସବ ଆୟୋଜନ ହୋଇଥିବା ବେଳେ ଏଥିରେ ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟ ହୋଇଥାଏ। ତେଣୁ ଗୁରୁତ୍ୱ ଦୃଷ୍ଟିରୁ ଥାନା ପରିସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ ଏକ ସ୍ଥାୟୀ ପେଣ୍ଡାଲ ନିର୍ମାଣ ପାଇଁ ତତ୍କାଳୀନ ଥାନା ଅଧିକାରୀ ତ୍ରିଲୋଚନ ସେଠୀ ୨୦୧୬-୧୭ ମସିହାରେ ଉଦ୍ୟମ ଆରମ୍ଭ କରିଥିଲେ। ତାଙ୍କ ପ୍ରଚେଷ୍ଟା ଯୋଗୁ ଏକ ୩୦ଫୁଟ ଲମ୍ବର ସ୍ଥାୟୀ ମେଳଣ ମଂଚ ନିର୍ମାଣ ହୋଇଥିଲା। ବର୍ଷରେ ତିନିଦିନ ଏହି ମଞ୍ଚଟିକୁ ଲୋକ ଦେଖୁଥିବା ବେଳେ ବାକି ୩୬୨ ଦିନ ରକ୍ଷଣାବେକ୍ଷଣ ଅଭାବରୁ ଏହା ଲତାଗୁଳ୍ମରେ ଆଚ୍ଛାଦିତ ହୋଇରହୁଛି। ବିଶେଷ କରି ଦୁର୍ଘଟଣାଗ୍ରସ୍ତ ଓ ଜବତ ଗାଡିଗୁଡ଼ିକ ମେଳଣ ମଞ୍ଚଟିକୁ ଏକ ପ୍ରକାର ଲୁଚେଇ ଦେଉଛି। ଫଳରେ ଗୌରବ ବହନ କରୁଥିବା ଉକ୍ତ ମେଳଣ ମଂଚ ଧୀରେଧୀରେ ଭଗ୍ନ ଆଡକୁ ଗତି କରୁଛି। ତେଣୁ ଏହା ଉପରେ ଦୃଷ୍ଟି ଦେବା ଜରୁରୀ ହୋଇପଡିଛି।



## ଆଚାର୍ଯ୍ୟ ଦେବବ୍ରତଙ୍କ ଶ୍ରଦ୍ଧାଞ୍ଜଳି ସଭା

ଦୋବଲ,୧୦।୮ (ସମିସ): ଦୋବଲ ବୈଦିକ ସତସଙ୍ଗ ସମିତି ପରିସରରେ ରବିବାର ଆଚାର୍ଯ୍ୟ ଡ. ଦେବବ୍ରତଙ୍କ ସ୍ମୃତିରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଛି। ସତସଙ୍ଗ ସମିତି ସଭାପତି କୃତିବାସ ତ୍ରିପାଠୀଙ୍କ ସଂଯୋଜନାରେ ସ୍ୱାମୀ ଆତ୍ମାନନ୍ଦ ସରସ୍ୱତୀ, ପଣ୍ଡିତ ନକୁଳଦେବ ଶାସ୍ତ୍ରୀ, ପଣ୍ଡିତ ସୁଧାକର ଶାସ୍ତ୍ରୀ, ସମିତି ସମ୍ପାଦକ ପ୍ରମୋଦ କୁମାର ନାୟକ, ଶିକ୍ଷାବିତ ହୃଦାନନ୍ଦ କର, ଘନଶ୍ୟାମ ଥାଟେଇ ପ୍ରମୁଖ ଯୋଗ ଦେଇଥିଲେ। ସ୍ୱର୍ଗତ ଦେବବ୍ରତ ଗଞ୍ଜାମ ଜିଲାର ଜଣେ ଜଣାଶୁଣା ବିଦ୍ୱାନ ଥିଲେ। ମୀମାଂସା ଦର୍ଶନର ସୁବେତା ସହିତ ଆଧ୍ୟାତ୍ମିକ ପ୍ରେରଣା ଓ ମାର୍ଗ ଦର୍ଶକ ପ୍ରଦାନ କରି ବେଶ ପରିଚିତ ଥିଲେ। ତାଙ୍କ ବିୟୋଗ ସମଗ୍ର ଆର୍ଯ୍ୟ ସମାଜ ପାଇଁ ଏକ ଅପୂରଣୀୟ କ୍ଷତି ହୋଇଛି ବୋଲି ବକ୍ତା ମାନେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସିଦ୍ଧେଶ୍ୱର ସାମଲ, ଦଶରଥ ଗାହଣ, ସାମ୍ବାଦିକ ପ୍ରଦୀପ କୁମାର ମହାପାତ୍ର ଓ ପ୍ରଶାନ୍ତ କୁମାର ସାହୁ, ପ୍ରଭାତ ସାମଲ, କମଳାକାନ୍ତ ଦାସ, ପଂଚାନନ ନାୟକ, ସୁଧାଂଶୁ ଶେଖର ବାରିକ,ଅକ୍ଷୟ କୁମାର ସାହୁ, କରୁଣାକର ସାହୁ ପ୍ରମୁଖ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।



# ବିବେକାନନ୍ଦ ପବ୍ଲିକ ସ୍କୁଲରେ ରକ୍ଷା ବନ୍ଧନ ଉତ୍ସବ



କରଞ୍ଜିଆ,୧୦।୮ (ସମିସ): କରଞ୍ଜିଆ ସ୍ଥିତ ବିବେକାନନ୍ଦ ପବ୍ଲିକ ସ୍କୁଲରେ ରକ୍ଷା ବନ୍ଧନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିସହିତ ନୂତନ ଶିକ୍ଷାନୀତି ଏନ୍‌ଇପି ମାଧ୍ୟମରେ ପ୍ରଥମ ବ୍ୟାଚ୍ ନବମ ଶ୍ରେଣୀର ଛାତ୍ରଛାତ୍ରୀଙ୍କୁ ପୁରୁଣା ଦଶମ ଓ ଏକାଦଶ ଛାତ୍ରଛାତ୍ରୀ ସେମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦେଇଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟର ଅଧ୍ୟକ୍ଷା ଇଲା ସାହୁ ଅଧ୍ୟକ୍ଷତା କରିଥିବା ବେଳେ ପ୍ରତିଷ୍ଠାତା ସଭାପତି ବିଷ୍ଣୁ କୁମାର ଅଗ୍ରୱାଲା ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ମାର୍ଗଦର୍ଶନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଦ୍ୟାଳୟର ସମ୍ପାଦକ ରେଖା ଅଗ୍ରୱାଲା, ଉପଦେଷ୍ଟା ବିପିନ ବିହାରୀ ବାରିକ ଯୋଗ ଦେଇ ଏନ୍‌ଇଟି ଶିକ୍ଷାନୀତିର ପ୍ରଥମ ବ୍ୟାଚ ନବମ ଶ୍ରେଣୀ ଛାତ୍ରଛାତ୍ରୀଙ୍କୁ ନୂତନ ଶିକ୍ଷାନୀତି ସମ୍ପର୍କରେ ଅବଗତ କରିଥିଲେ। ପରେ ଛାତ୍ରୀମାନେ ଭାଇମାନଙ୍କୁ ରକ୍ଷୀ ବାନ୍ଧି ଥିଲେ। ଏଥିରେ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ଓ ଅଭିଭାବକମାନେ ଉପସ୍ଥିତ ଥିଲେ।

# ନଦୀକୂଳରୁ ଅଚିହ୍ନା ବ୍ୟକ୍ତିଙ୍କ ଗଳିତ ମୃତଦେହ ଉଦ୍ଧାର

ଡୁରୁମୁଙ୍ଗା,୧୦।୮ (ସମିସ): କେନ୍ଦୁଝର ଜିଲ୍ଲା ପାଟଣା ଥାନା ସିଲିପଦା ପଞ୍ଚାୟତ ଅନ୍ତର୍ଗତ ଡିଗିଡିଗିଆ ସାହି ବୈତରଣୀ ନଦୀକୂଳରୁ ରବିବାର ଜଣେ ଅଚିହ୍ନା ଯୁବକଙ୍କ ଗଳିତ ମୃତଦେହ ଉଦ୍ଧାର ହୋଇଛି। ପୁଲିସ ପହଞ୍ଚି ମୃତଦେହକୁ ଉଦ୍ଧାର କରି ତଦନ୍ତ ଆରମ୍ଭ କରିଛି। ମୃତକଙ୍କ ପରିଚୟ ମିଳିପାରି ନାହିଁ। ମୃତ୍ୟୁ କାରଣ ଅସ୍ପଷ୍ଟ ରହିଛି। ଘଟଣା ସ୍ଥଳରେ ଘଟଗାଁ ଏସ୍‌ଡିପିଓ ବିଜୟ କୃଷ୍ଣ ମହାପାତ୍ର, ପାଟଣା ଥାନା ଅଧିକାରୀ ମାନସ କୁମାର ମହାକୁଡ଼, ଏଏସ୍‌ଆଇ ସରୋଜ କୁମାର ସେଠୀ, ଧନେଶ୍ୱର ପାତ୍ର ସାଇଣ୍ଟିଫିକ୍ ଟିମ୍ ସହ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଏନେଇ ପାଟଣା ଥାନାରେ ୨୧/୨୫ରେ ଏକ ମାମଲା ରୁଜୁ ହୋଇଛି।

# ଅବସରପ୍ରାପ୍ତ ଅଧ୍ୟକ୍ଷଙ୍କ ପରଲୋକ

ଆନନ୍ଦପୁର,୧୦।୮ (ସମିସ): ବିଶିଷ୍ଟ ଶିକ୍ଷାବିତ୍ ତଥା ଅବସରପ୍ରାପ୍ତ ଅଧ୍ୟକ୍ଷ ପ୍ରଭାକର ରାମଙ୍କର ୯୪ ବର୍ଷ ବୟସରେ ପରଲୋକ ଘଟିଛି। ସେ ସାମନ୍ତ ଚନ୍ଦ୍ରଶେଖର ମହାବିଦ୍ୟାଳୟ ପୁରୀଠାରେ ଦୀର୍ଘ ଦିନ ଶିକ୍ଷକତା କରିଥିଲେ। କଲେଜ ଅଫ ଟିଚର ଏଜୁକେସନ୍ ବଲାଙ୍ଗୀରରେ ସେ ଅଧ୍ୟକ୍ଷ ଭାବେ ଦାୟିତ୍ୱ ନିର୍ବାହ କରିଥିଲେ। ଆନନ୍ଦପୁର ଆଞ୍ଚଳିକ ଟ୍ରେନିଂ କଲେଜର ଶିକ୍ଷକ ଦୁର୍ଯ୍ୟୋଧନ ମହାକୁଡ, ରାଜେଶ କୁମାର ମହନ୍ତ, ରାଜକିଶୋର ସାମଲ, ପ୍ରଭାତ କୁମାର ସାହୁ, ସକ୍ରେଟିସ୍ ମହାପାତ୍ର, ସରୋଜ କୁମାର ପଣ୍ଡା, ବିଜୟ କୁମାର ନାଥ, ରଞ୍ଜନ କୁମାର ସାହୁ, ଅଭୟ ମୁଦୁଲିଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କ ବାସଭବନରେ ପହଞ୍ଚି ଶେଷଦର୍ଶନ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ପୁରୀ ସ୍ୱର୍ଗ ଦ୍ୱାରଠାରେ ତାଙ୍କର ଶେଷକୃତ୍ୟ ସମ୍ପର୍ଣ୍ଣ ହୋଇଥିଲା। ବଡପୁଅ ସତ୍ୟଶୋଭନ ରାମ ମୁଖାଗ୍ନି ଦେଇଥିଲେ। କନିଷ୍ଠ ପୁତ୍ର ସୌମ୍ୟଶୋଭନ ରାମ, ବଡଝିଅ ସୋମାନିଶୋଭ, ସାନଝିଅ କାମିନି କାଜଲ, ବୋହୁ ଲିଲି, ରୁନି, ନାତୀ ଗୁଡ୍ଡୁ, ନାତୁଣୀ ଙ୍କ ସମେତ ବନ୍ଧୁ ପରିଜନ ଉପସ୍ଥିତ ଥିଲେ।

# ବାଇକ୍ ଦୁର୍ଘଟଣାରେ ଜଣେ ମୃତ, ଦୁଇ ଗୁରୁତର

ରାଇରଙ୍ଗପୁର,୧୦।୮ (ସମିସ): ଗୋରୁମହିଷାଣୀ ଥାନା ଅଧୀନ ରାଇରଙ୍ଗପୁର-ବିଶୋଇ ରାଜ୍ୟ ରାଜପଥ କାଲାଝରି ପାଖରେ ବାଇକ ସହ ବାଇକ ମୁହାଁମୁହିଁ ଦୁର୍ଘଟଣା ଘଟି ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୨ ଜଣ ଗୁରୁତର ହୋଇଥିବା ଜଣାପଡ଼ିଛି। ରକ୍ତ ଜୁଡୁବୁଡୁ ଅବସ୍ଥାରେ ୩ ଜଣଙ୍କୁ ବିଜାତଳା ଅଗ୍ନିଶମ ବିଭାଗ ପକ୍ଷରୁ ଉଦ୍ଧାର କରାଯାଇ ରାଇରଙ୍ଗପୁର ଡାକ୍ତରଖାନାକୁ ପଠାଯାଇଥିଲା। ଡାକ୍ତର ଜଣେ ନାବାଳକୁ ମୃତ ଘୋଷଣା କରିଥିବାବେଳେ ଦୁଇଜଣଙ୍କୁ ଗୁରୁତର ଅବସ୍ଥାରେ ଚିକିତ୍ସିତ କରୁଛନ୍ତି। ରାଇରଙ୍ଗପୁର ଘଟଣାସ୍ଥଳରେ ପହଞ୍ଚି ଗାଡ଼ି ଜବତ ସହ ଘଟଣା ତଦନ୍ତ କରୁଛନ୍ତି। ସୂଚନାଯୋଗ୍ୟ ପବିତ୍ର ରକ୍ଷାବନ୍ଧନ ଅବସରରେ ବିଜାତଳା ବ୍ଲକର ବାଙ୍କବଲ ଡେମ ପାଖରେ ତ୍ରିଦୀବସୀୟ ବିରାଟ ଗହ୍ମାମେଳା ଅନୁଷ୍ଠିତ ହୁଏ ଏବଂ ସେଠାରେ ହଜାର ହଜାର ଲୋକଙ୍କ ସମାଗମ ହୁଏ। ମେଳା ଦେଖିବାକୁ ଯାଇ ଫେରିବା ବେଳେ ବାଟରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲେ। ଗୁରୁତର ହେଲେ କେନ୍ଦୁମୁଣ୍ଡି ଗ୍ରାମର ସୁଦର୍ଶନ ସିଂ (୨୫) ତାଙ୍କର ମୁଣ୍ଡରେ ଆଘାତ ଲାଗିଛି। ଅନ୍ୟ ବାଇକରେ ମାଣିକପୁର ପଞ୍ଚାୟତର କେନ୍ଦୁଆ ଗ୍ରାମର ବାପ ଗୁଲିଆ ମାରାଣ୍ଡି ଏବଂ ପୁଅ ବାରିକ ମାରାଣ୍ଡି(୧୨) ବାଇକରେ ଆସୁଥିଲେ। ଦୁର୍ଘଟଣାରେ ପୁଅର ମୃତ୍ୟୁ ହୋଇଥିବା ବେଳେ ବାପା ଗୁଲିଆର ଗୋଡ଼ ଭାଙ୍ଗିଯାଇଥିବା ବେଳେ ଛାତି ଓ ହାତରେ ଗୁରୁତର ଆଘାତ ଲାଗିଛି। ସେହିଭଳି ଅନ୍ୟ ଏକ ଦୁର୍ଘଟଣାରେ ଦୁଇଜଣ ଗୁରୁତର ହୋଇଛନ୍ତି। ସେମାନଙ୍କ ପରିଚୟ ମିଳି ନାହିଁ।

# ବାଜିରେ ଲାଗୁଛି ଶ୍ରମିକଙ୍କ ଜୀବନ

## ମାଲବୁହା ଯାନରେ ଯାଉଛନ୍ତି ଶ୍ରମିକ

କୁଆମରା,୧୦।୮ (ସମିସ)



ମାଲିକ ତଥା ଠିକାଦାରଙ୍କ ସ୍ୱାର୍ଥ ପାଇଁ ଶ୍ରମିକମାନଙ୍କ ଜୀବନ ବାଜିରେ ଲାଗୁଛି। ଏଭଳି ଅଭିଯୋଗ ଗୋପବନ୍ଧୁ ନଗର ବ୍ଲକର ବିଭିନ୍ନ ଅଞ୍ଚଳରୁ ଆସିଛି। ବ୍ଲକର ୮୦ ପ୍ରତିଶତ ଆଦିବାସୀ ଓ ଶ୍ରମିକ ଶ୍ରେଣୀର ଲୋକ ଅଛନ୍ତି। ଯାହା ସେମାନେ ପର ଘରେ ଖଟିଲେ ଚୁଲି ଜଳେ। ନିଜ ପରିବାରକୁ ଦାନା ଯୋଗାଇବା ପାଇଁ ଗାଁ ଛାଡ଼ି ବାହାରକୁ କାମ ପାଇଟି କରିବାକୁ ଚାଲିଯାଆନ୍ତି। ସକାଳେ ଯାଇ ସନ୍ଧ୍ୟାରେ ଫେରନ୍ତି। ଶ୍ରମିକମାନଙ୍କୁ ନେବା ଓ ଆଣିବା ଦାୟିତ୍ୱ ଠିକାଦାରମାନଙ୍କର ରହିଛି। ଠିକାଦାରମାନେ ପିକ୍‌ଅପ୍, ଅଟୋ ଏପରିକି ଟ୍ରାକ୍ଟର ଯୋଗେ ଶ୍ରମିକମାନଙ୍କୁ ଘରୁ ନେଇ ଯାଉଥିବାର ଦେଖିବାକୁ ମିଳୁଛି। ତେବେ ଯେଉଁ ଯାନବାହାନ ମାଧ୍ୟମରେ ଶ୍ରମିକ ମାନଙ୍କୁ ନେବା ଆଣିବା କରାଯାଉଛି ତାହା ଅତ୍ୟନ୍ତ ନିଷ୍ଠୁର ଭଳି ଆବଶ୍ୟକ ଠାରୁ ଅଧିକ ଲଦାଲଦି ହୋଇଯାଉଛନ୍ତି। ଏପରିକି ପିକ୍‌ଅପ୍ ମାନଙ୍କରେ ୫୦ରୁ ଅଧିକ, ଅଟୋ ମାନଙ୍କରେ ୨୦ରୁ ଅଧିକ ଶ୍ରମିକମାନଙ୍କୁ ନେଉଥିବାର ଦେଖିବାକୁ ମିଳୁଛି। ସ୍ଥାନ ଅଭାବରୁ କିଛି ଶ୍ରମିକ ଯାନବାହାନ ପଛପଟେ ଝୁଲି ଯାଉଥିବାର ଦେଖିବାକୁ ମିଳୁଛି। ବିପଦପୂର୍ଣ୍ଣ ଅବସ୍ଥାରେ ଶ୍ରମିକମାନଙ୍କୁ ନିଆ ଯାଉଥିବା ବେଳେ କାହାପାଇଁ କେତେ ବେଳେ ବିପଦ ଆସିବ ତାହା କିଏ କହିପାରିବ। ବିଗତ ୨୦୨୩ ମସିହାରେ କୁଆମରା-ଉଦଳା ରାସ୍ତାରେ ଦାମାସାହିଠାରେ ଓ ୨୦୨୪ ମସିହାରେ କୁଶଳଦା-ବଡ଼ସାହି ରାସ୍ତାର ତେନ୍ତୁଳିଆ ଠାରେ ଅଧିକ ବୋଝେଇ କରି ନେଉଥିବା ବେଳେ ଦୁର୍ଘଟଣା ଘଟିଥିବାର ନଜିର ରହିଛି। ପୁଣି ଦୁଇ ବର୍ଷରେ ଦୁଇ ଶ୍ରମିକଙ୍କର ମୃତ୍ୟୁ ମଧ୍ୟ ଘଟିଛି। ଏତେ ପରେ ବି ପ୍ରଶାସନ ପକ୍ଷରୁ ଦୃଷ୍ଟି ନପଡ଼ିବା ଓ କଡ଼ା ପଦକ୍ଷେପ ଗ୍ରହଣ ନକରିବା ପରିତାପର ବିଷୟ। ତେବେ ଆଗାମୀ ଦିନରେ ଶ୍ରମିକମାନଙ୍କ ଜୀବନ ବାଜି ନଲାଗୁ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି।

# ଜରିମାନା ଦେବା ପରେ ହେଲା ମହିଳାଙ୍କ ଶବ ସତ୍କାର

ରାଇରଙ୍ଗପୁର,୧୦।୮ (ସମିସ): ମୟୂରଭଞ୍ଜ ଜିଲ୍ଲା ବିଜାତଳା ବ୍ଲକ ଅଧୀନ ବାଗଡେଗା ଗ୍ରାମରେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ଜରିମାନା ଦେବାପରେ ଜଣେ ମହିଳାଙ୍କ ଶବ ସତ୍କାର ହୋଇଛି। ଗ୍ରାମର ସୁରାଇ ସୋରେନଙ୍କ ପତ୍ନୀ କାପୁରା ସୋରେନଙ୍କ ଶନିବାର ମଧ୍ୟରାତି ୨ଟା ବେଳେ ମୃତ୍ୟୁ ଘଟିଥିଲା। ସକାଳେ ଶବକୁ ସତ୍କାର କରିବାକୁ ବାହାରିବା ବେଳେ ଗ୍ରାମବାସୀ ମନା କରିଦେଇଥିଲେ। କାରଣ ତାଙ୍କ ପରିବାରକୁ ଗ୍ରାମରେ ପୂର୍ବରୁ ଏକଘରିଆ କରିଥିବା ଜଣାପଡ଼ିଥିଲା। ସ୍ଥାନୀୟ ପ୍ରଶାସନ ଓ ପୁଲିସ ପ୍ରଶାସନର ସହାୟତା ପରେ ତଥା ୧୮ଘଣ୍ଟାର ବିଚାର ବିମର୍ଶ ପରେ ବାସନ୍ଦ ପରିବାରୁ ଦଣ୍ଡିତ କରାଯାଇଥିବା ରାଶି ୮୭ ହଜାର ଟଙ୍କା ଜରିମାନା ଦେବାରୁ ଶବ ସତ୍କାର ପାଇଁ ଅନୁମତି ମିଳିଥିଲା। ସୂଚନାନୁଯାୟୀ, ଏହି ପ୍ରଥା କେଉଁ ଆବାହମାନକାଳରୁ ଚାଲି ଆସିଛି; ଯାହା ଆଜି ବି ଉଦ୍‌ଜୀବିତ ହୋଇରହିଛି। ବିଗତ ଦିନରେ ଯେଉଁ ଅଞ୍ଚଳଗୁଡ଼ିକରେ ଆଦିବାସୀ ସମ୍ପ୍ରଦାୟର ଲୋକେ ବେଶି ବସବାସ କରୁଛନ୍ତି। ଉକ୍ତ କେତେକ ଗ୍ରାମଗୁଡିକରେ ଏହି ପ୍ରଥା ଚଳିଆସୁଅଛି। ଏହିପ୍ରଥାକୁ ଉଚ୍ଛେଦ କରିବା ପାଇଁ ରାଇରଙ୍ଗପୁର 'ଆସେକା' ଦ୍ୱାରା ପ୍ରୟାସ ଜାରିରହିଛି। କେତେକ ସ୍ଥଳରେ 'ଆସେକା' ସଫଳ ହୋଇଥିବା ବେଳେ ଆଉ କେତେକ ସ୍ଥଳରେ ସଫଳ ହୋଇପାରି ନଥିବା ମଧ୍ୟ ଜଣାପଡିଛି। ସୂତରାଂ ତିରିଂ ବ୍ଲକର ପୋଖରିଆ ଗାଁ ରହିଛି। ଉକ୍ତ ଗ୍ରାମରେ ଏକ ପରିବାରବର୍ଗଙ୍କୁ ଏହି ସାମାଜିକ ବାସନ୍ଦ କରାଯାଇଥିଲା। ଉକ୍ତ ଆଦିବାସୀ ପରିବାର ବହୁବାର ପ୍ରଶାସନର ସହାୟତା ନେବା ପରେ ମଧ୍ୟ ସମାଧାନ ହୋଇପାରିନଥିଲା। ଦୀର୍ଘ ୧୯ ବର୍ଷ ପରେ 'ଆସେକା'ର ପ୍ରୟାସ ପରେ ୮ ଘଣ୍ଟା ବିଚାର ବିମଶ ପରେ ସମାଧାନର ବାଟ ଫିଟିଥିଲା। ଏହିଭଳି ବହଳଦା ବ୍ଲକ୍ ଅଶନା ପଞ୍ଚାୟତର ଭାଲୁଗଡା ଗ୍ରାମରେ ମଧ୍ୟ ୧୧ ଘଣ୍ଟା ଧରି ବିଚାର ବିମଶ ପରେ ଦୀର୍ଘ ୨୭ ବର୍ଷ ଧରି ବାସନ୍ଦ ପ୍ରଥାରେ ବୁଡିରହି ହୁକାପାନୀ ବାରଣରୁ ପ୍ରାୟ ୧୨ଟି ପରିବାରକୁ ନ୍ୟାୟ ଦେବାରେ 'ଆସେକା' ସଫଳ ହୋଇଥିଲା। ଠିକ୍ ସେହିପରି ବଡପଳସା ପଞ୍ଚାୟତର ସେଗେଘୁଟୁ ଗ୍ରାମରେ ମଧ୍ୟ ୮ଘଣ୍ଟା ଧରି ବିଚାରବିମର୍ଶ ପରେ ପରିବାର ବର୍ଗଙ୍କୁ ନ୍ୟାୟ ଦେବାରେ 'ଆସେକା' ସଫଳ ହୋଇଥିଲେ। ତେବେ ବିଜାତଳା ବ୍ଲକ୍‌ର ପିଟାକଟଣେ ଗ୍ରାମରେ ଯେଉଁ ବାସନ୍ଦ ପ୍ରଥାରେ ଯେଉଁ ପରିବାର ଘାଣ୍ଟି ହେଉଛନ୍ତି। ଉକ୍ତ ଗ୍ରାମରେ ବହୁବାର ସଭା ଆୟୋଜନ କରିବାପରେ ବି 'ଆସେକା' ସଫଳ ହୋଇ ପାରିନଥିଲା। ତେବେ 'ଆସେକା' ବା ଆଦିବାସୀ ସାମାଜିକ ସାଂସ୍କୃତିକ ଓ ଶିକ୍ଷା ପରିଷଦ ଆଜି ବି ପ୍ରୟାସ ଜାରି ରଖିଛି ଏହି ବାସନ୍ଦ ପ୍ରଥାକୁ ବିଲୋପ କରିବା ପାଇଁ। ଏହି ପ୍ରଥାର ପ୍ରଭାବ ପ୍ରଭାବିତ ଉଦାହରଣ ଏମିତିକି ବିଗତ ଦିନରେ ପୂର୍ବତନ ମୟୂରଭଞ୍ଜର ଜଣେ ସାଂସଦ ମଧ୍ୟ ନିଜ ମାଆଙ୍କ ମରଶରୀରକୁ ଶବ ସତ୍କାର କରିବାରୁ ବଞ୍ଚିତ ହୋଇଥିଲେ। ଯାହାଫଳରେ ବହଳଦା ବ୍ଲକ୍‌ର ଇଚାଘୁଟୁ ଗାଁରେ ଆସି ଶବସତ୍କାର କରିଥିବା ଜଣାଯାଏ।

# ପାଟଣା ରେଞ୍ଜ ଛାଡିଲେ ହାତୀପଲ

ଡୁରୁମୁଙ୍ଗା,୧୦।୮ (ସମିସ): କେନ୍ଦୁଝର ଜିଲ୍ଲା ପାଟଣା ରେଞ୍ଜ ଅଞ୍ଚଳରେ ଏକ ମାସ ଧରି ଆତଙ୍କ ଖେଳାଇଥିବା ୩୧ ଟିକିଆ ହାତୀପଲ ବିଳମ୍ବିତ ରାତିରେ ବାଇକଳା ନିକଟରେ ଦେଓ ନଦୀ ପାର ହୋଇ ମୟୁରଭଞ୍ଜ ଜିଲ୍ଲା କରଞ୍ଜିଆ ରେଞ୍ଜ ବଡଦେଉଳି ଜଙ୍ଗଲକୁ ପ୍ରବେଶ କରିଥିବା ବନ ବିଭାଗ ପକ୍ଷରୁ ସୂଚନା ମିଳିଛି। ଏହି ହାତୀପଲ ଶନିବାର ରାତିରେ ଗୋଜିଟାଙ୍ଗିରୀ ଏବଂ ଦାନୁଆ ଟାଙ୍ଗରପଡା ଗ୍ରାମରେ ୪ ଟି ଘର ଭାଙ୍ଗି ଘର ଭିତରୁ ଧାନ ଓ ଚାଉଳ ଖାଇ ନଷ୍ଟ କରିଦେଇଛନ୍ତି। ଏକ ମାସ ଭିତରେ ଏହି ହାତୀପଲ ପାଟଣା ରେଞ୍ଜ ଅଞ୍ଚଳରେ ୧୦୦ରୁ ଉର୍ଦ୍ଧ୍ୱ ଘର ଭାଙ୍ଗିବା ସହ ଏକର ଏକର ଧାନ ଫସଲ ନଷ୍ଟ କରିଦେଇଛନ୍ତି। ହାତୀପଲଙ୍କ ଉପଦ୍ରବରେ ଅଞ୍ଚଳବାସୀ ଭୟଭୀତ ଅବସ୍ଥାରେ ରହିଥିବା ବେଳେ ହାତୀପଲ ଏଅଞ୍ଚଳ ଛାଡି ଥିବାରୁ ଅଞ୍ଚଳବାସୀ ହାତୀପଲଙ୍କ ଉପଦ୍ରବରୁ ସାମାନ୍ୟ ଆଶ୍ୱସ୍ତି ପାଇଛନ୍ତି।



# ୧୨ରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର

ବେତନଟୀ,୧୦।୮ (ସମିସ): ବେତନଟୀ ଡାକ୍ତରଖାନାରେ ବିଶାଳ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆସନ୍ତା ଅଗଷ୍ଟ ୧୨ ତାରିଖ ମଙ୍ଗଳବାର ଦିନ ଅନୁଷ୍ଠିତ ହେବ। ବେତନଟୀ ରୋଗୀକଲ୍ୟାଣ ସମିତି ସହଯୋଗରେ ସକାଳ ୮ଟାରୁ ଦିନ ୩ଟା ପର୍ଯ୍ୟନ୍ତ ଏହି ଶିବିର ଅନୁଷ୍ଠିତ ହେବ ବୋଲି ନିଷ୍ପତ୍ତି ହୋଇଛି। ଶିବିର ସଫଳ ଆୟୋଜନ ପାଇଁ ବେତନଟୀ ଡାକ୍ତରଖାନାରେ ଆଜି ଭାରପ୍ରାପ୍ତ ଡାକ୍ତରଖାନା ଅଧିକାରୀ ସିପୁନ କୁମାର ପଣ୍ଡାଙ୍କ ସଭାପତିତ୍ୱରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ରକ୍ତଦାନ ଶିବିରରେ ମୁଖ୍ୟଅତିଥି ଭାବରେ ଯୋଗ ଦେବେ ବଡ଼ସାହି ବିଧାୟକ ସନାତନ ବିଜୁଳି ବୋଲି ସ୍ଥିର ହୋଇଛି।

## ଟେକ ରଖିଲେ ନୀଳଗିରି ମାଟିର ପୁଅ ରବୀନ୍ଦ୍ର

# କେନ୍ଦ୍ରୟ ଅତିରିକ୍ତ ଶାସନ ସଚିବ ପାହ୍ୟାକୁ ପଦୋନ୍ନତି

ନୀଳଗିରି, ୧୦।୮ (ସମିସ): ଗୁରୁତ୍ୱପୂର୍ଣ୍ଣ ପ୍ରତ୍ୟକ୍ଷ ଟିକସ ବିଲ୍-୨୦୨୫କୁ ପ୍ରସ୍ତୁତି କରି କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କ ଠାରୁ ପୁରସ୍କୃତ ହୋଇଥିବା ବାଲେଶ୍ୱର ନୀଳଗିରି ଉପଖଣ୍ଡସ୍ଥ କାହ୍ନୁପୁର-ସନ୍ତରାଗଡିଆ ମାଟିର ପୁଅ ରବୀନ୍ଦ୍ର କୁମାର ପଟ୍ଟନାୟକ ଟେକ ରଖିଛନ୍ତି। ଦିଲ୍ଲୀ ଦରବାରରେ ନିଜର କାର୍ଯ୍ୟ ଦକ୍ଷତା ପୁଣି ଥରେ ସେ ପ୍ରମାଣିତ କରିଛନ୍ତି। ସ୍ୱୀକୃତି ସ୍ୱରୂପ ଭାରତ ସରକାର ତାଙ୍କୁ ପଦୋନ୍ନତି ଦେଇଛନ୍ତି। ଶ୍ରୀ ପଟ୍ଟନାୟକ ଭାରତ ସରକାରଙ୍କ ଆଇନ ମନ୍ତ୍ରଣାଳୟରେ ଯୁଗ୍ମ ସଚିବ ପାହ୍ୟାରୁ ଅତିରିକ୍ତ ଶାସନ ସଚିବ ପାହ୍ୟାକୁ ପଦୋନ୍ନତି ପାଇଛନ୍ତି। ରବୀନ୍ଦ୍ର ଅନେକ ପ୍ରଶଂସନୀୟ ଆଇନଗତ ଖସଡ଼ା କାର୍ଯ୍ୟ କରିଛନ୍ତି ଓ ସେଥିପାଇଁ ସେ ଅନେକ ପୁରସ୍କାର ବି ପାଇଛନ୍ତି। ଏହା ବ୍ୟତୀତ ସେ ଆଇନ ଏବଂ ନ୍ୟାୟ ମନ୍ତ୍ରଣାଳୟରେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଆଇନ ପ୍ରସ୍ତୁତ କରିବାରେ ଅବଦାନ ଦେଇ ଆସୁଛନ୍ତି। ଯେଉଁଥିରେ ତିନୋଟି ନୂତନ ଫୌଜଦାରୀ ଆଇନ ଏବଂ ଅନେକ ଆଇନ ଅନ୍ତର୍ଭୁକ୍ତ। ଭାରତ ସରକାରଙ୍କ ଆଇନ ଏବଂ ନ୍ୟାୟ ମନ୍ତ୍ରଣାଳୟରେ ଭାରତୀୟ ଆଇନ ସେବାରେ ଯୋଗଦେବା ପୂର୍ବରୁ ସେ ବାଲେଶ୍ୱର ବାର୍‌ରେ ଜଣେ ଓକିଲ ଭାବରେ କାର୍ଯ୍ୟ କରିଥିଲେ। ପରେ ଆଇନ ବିଭାଗ ଅଧୀନରେ ବିଚାର ଅଧିକାରୀ ଭାବରେ ମଧ୍ୟ କାର୍ଯ୍ୟ କରିଥିଲେ। 'ଭାରତ ସରକାରଙ୍କ ଆଇନ ମନ୍ତ୍ରଣାଳୟ ପାଇଁ ନିଷ୍ଠାର ସହ କାର୍ଯ୍ୟ କରୁଛି ଓ ଆଗାମୀ ଦିନରେ ବି କରିବି। ତେବେ ନିଜ ଜନ୍ମମାଟି ପାଇଁ କିଛି ଭଲ କାମ କରିବାକୁ ମୁଁ ଚାହୁଁଛି ବୋଲି ରବୀନ୍ଦ୍ର କହିଛନ୍ତି।



## ସ୍କୁଲ ବାରଣ୍ଡାରେ ମଦ ପିଇ ଶୋଇବା ଘଟଣା

# ବିଜ୍ଞାନ ଶିକ୍ଷକ ନିଲମ୍ବିତ

ଡୁରୁମୁଙ୍ଗା,୧୦।୮ (ସମିସ): କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ବାଉଁଶୁଳି ପଞ୍ଚାୟତ ଭୁଲୁଦା ଦିଣ୍ଡାପାଟ ଉଚ୍ଚ ବିଦ୍ୟାଳୟରେ ମଦ ପିଇ ସ୍କୁଲ ବାରଣ୍ଡାରେ ପଡ଼ିଥିବା ଶିକ୍ଷକ ଜଗନ୍ନାଥ ମହାନ୍ତଙ୍କୁ ନିଲମ୍ବନ କରାଯଇଛି। ଜିଲ୍ଲା ଶିକ୍ଷାଧିକାରୀ ପୂର୍ଣ୍ଣଚନ୍ଦ୍ର ବରିହା ତାଙ୍କୁ ନିଲମ୍ବନ କରିଛନ୍ତି। ଗତ ଶୁକ୍ରବାର ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ସ୍କୁଲକୁ ପାଠ ପଢ଼ାଇବାକୁ ଆସି ବିଦ୍ୟାଳୟ ବାରଣ୍ଡାରେ ମଦ ନିଶାରେ ଶୋଇପଡ଼ିଥିଲେ। ଏନେଇ ଅଭିଭାବକ ଖବର ପାଇ ଆସି ସ୍କୁଲ ରେ ହୋ ହାଲ୍ଲା କରିବା ସହ ବିଦ୍ୟାଳୟ ପରିସରରେ ଉତ୍ତେଜନା ଦେଖା ଦେଇଥିଲା। ଏନେଇ ଖବର ପ୍ରକାଶ ପରେ ଜିଲ୍ଲା ଶିକ୍ଷା ଅଧିକାରୀ ତାଙ୍କୁ ନିଲମ୍ବନ କରିଥିବା ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ଅମାତ ସୂଚନା ଦେଇଛନ୍ତି।

## ଡକାୟତି ମାମଲାରେ ଅଭିଯୁକ୍ତ ଗିରଫ

ବୈଶିଙ୍ଗା,୧୦।୮ (ସମିସ): ବୈଶିଙ୍ଗା ଥାନା ଅଞ୍ଚଳରେ ହୋଇଥିବା ଏକ ଡକାୟତି ମାମଲାରେ ଫେରାର ଅଭିଯୁକ୍ତ ବାଲେଶ୍ୱର ସଦର ଥାନା ଅଧୀନ ବାଙ୍କତିରା ଗ୍ରାମର ସପନ ଦାସକୁ ଆଜି ଅପରାହ୍ନରେ ବୈଶିଙ୍ଗା ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଛି।

# ଲାକ ବଦରାଙ୍କ ପ୍ରତିମୂର୍ତ୍ତି ସ୍ଥାପନ ନେଇ ବୈଠକ

ରାଇରଙ୍ଗପୁର,୧୦।୮ (ସମିସ): ରାଇରଙ୍ଗପୁର ରାଜସ୍ୱ ବିଭାଗ ଡାକ ବଙ୍ଗଳାଠାରେ ବିଧାୟକ ଜଲେନ ନାଏକଙ୍କ ସହିତ ଫଟାଟାଙ୍ଗର ଗ୍ରାମର ଶୁଲେ ଶାଗେନ ମହାଦେବ କ୍ଲବର ବୈଠକ ହୋଇଯାଇଛି। ବୈଠକରେ ଆସନ୍ତା ସେପ୍ଟେମ୍ବର ୬ ତାରିଖ ଦିନ ବହଳଦା ବ୍ଲକ ଅସନା ପଞ୍ଚାୟତ ଫଟାଟାଙ୍ଗର ଗ୍ରାମରେ ଅରାଙ୍ଗ ଚିତି ଲିପି ସ୍ରଷ୍ଟା ଅତ୍ ଗୁରୁ କଲ୍ ଲାକ ବଦରାଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରିବା ନେଇ ଆଲୋଚନା ହୋଇଛି। ବୈଠକରେ ହୋ ସମାଜର ସମସ୍ତ ବିଶିଷ୍ଟ ଓ ମାନ୍ୟଗଣ୍ୟ ବ୍ୟକ୍ତି ବିଧାୟକଙ୍କ ସହିତ ବସି କିଭଳି ପ୍ରତିମୂର୍ତ୍ତୀ ସ୍ଥାପନ କରାଯାଇ ପାରିବ ସେ ସମ୍ପର୍କରେ କହିଥିଲେ। ବିଧାୟକ ମଧ୍ୟ ନିର୍ଦ୍ଧାରିତ ଦିନରେ ହୋ ସମ୍ପ୍ରଦାୟର ଲିପି ସ୍ରଷ୍ଟା ଅତ୍ ଗୁରୁ ଲାକ ବଦରାଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରିବା ନେଇ କଥା ଦେଇଛନ୍ତି। ତେବେ ଗ୍ରାମବାସୀ ଦୀର୍ଘ ତିନି ବର୍ଷ ହେଲା ଆଶାବାନ୍ଧି ବସିଥିବା ବେଳେ ତାହା ଆଗାମୀ ନିର୍ଦ୍ଧାରିତ ଦିନରେ ବିଧାୟକ ମାନ୍ୟବର ଜଲେନ ନାଏକ ପୂରଣ କରିବେ ବୋଲି ଗ୍ରାମବାସୀଙ୍କୁ ପ୍ରତିଶ୍ରୁତି ପ୍ରଦାନ ଦେଇଥିଲେ।

# ହୋ' ଭାଷା ପରୀକ୍ଷାଫଳ ପ୍ରକାଶିତ

ଶରତ,୧୦।୮ (ସମିସ): ହୋ' ଭାଷା ଶିକ୍ଷା ପରିଷଦ, ଠାକୁରମୁଣ୍ଡା ଦ୍ୱାରା ପରିଚାଳିତ ଓଡ଼ିଶାର ବିଭିନ୍ନ ହୋ' ଆଦିବାସୀ ବହୁଳ ଜିଲ୍ଲାଗୁଡିକରେ ଅନୁଷ୍ଠିତ ତ୍ରିସ୍ତରୀୟ ବାର୍ଷିକ ପରୀକ୍ଷା ଫଳ ପ୍ରକାଶିତ ହୋଇଯାଇଛି। ମୟୂରଭଞ୍ଜ ଜିଲ୍ଲାରେ ସର୍ବାଧିକ ୬ଟି ପରୀକ୍ଷା କେନ୍ଦ୍ରରେ ଉକ୍ତ ବାର୍ଷିକ ପରୀକ୍ଷା ଅନୁଷ୍ଠିତ ହୋଇଥିଲା। ବାଲେଶ୍ୱର, କେନ୍ଦୁଝର, ସୁନ୍ଦରଗଡ, ଢେଙ୍କାନାଳ ଏବଂ ଯାଜପୁର ଆଦି ଜିଲ୍ଲାଗୁଡିକର ବିଭିନ୍ନ ପରୀକ୍ଷା କେନ୍ଦ୍ରରେ ପ୍ରାଥମିକ, ମାଧ୍ୟମିକ ଓ ଉଚ୍ଚ ମାଧ୍ୟମିକସ୍ତରରେ ହୋ' ଭାଷାର ୱାରାଙ୍ଗଚିତି ଲିପି ସାମେତ ଓଡିଆ, ଇଂରାଜୀ, ଗଣିତ ଆଦି ବିଷୟ ଗୁଡ଼ିକରେ ପରୀକ୍ଷା ଅନୁଷ୍ଠିତ ହୋଇଛି। ଯାହା ଆଧୁନିକ ଶିକ୍ଷା ଢାଞ୍ଚାରେ ପ୍ରସ୍ତୁତି ପାଠ୍ୟକ୍ରମ ଅନୁସାରେ ପରିଚାଳିତ ହୋଇଛି। ସମୁଦାୟ ୧ ହଜାରରୁ ଅଧିକ ଛାତ୍ରଛାତ୍ରୀ ପରୀକ୍ଷା ଦେଉଥିଲେ ବେଳେ ମାତ୍ର ୪୧୭ ଜଣ କୃତକାର୍ଯ୍ୟ ହୋଇଛନ୍ତି। ପ୍ରାଥମିକ ଶ୍ରେଣୀରେ ୨୫୧ ଜଣ, ଦଶମ ଶ୍ରେଣୀରେ ୧୦୦ ଜଣ ଏବଂ ଦ୍ୱାଦଶ ଶ୍ରେଣୀରେ ୬୪ ଜଣ କୃତକାର୍ଯ୍ୟ ହୋଇଛନ୍ତି ବୋଲି ପରିଷଦର ଅଧ୍ୟକ୍ଷ ଦିବାକର ସୟ ମତପ୍ରକାଶ କରିବା ସହ କୃତକାର୍ଯ୍ୟ ହୋଇଥିବା ସମସ୍ତ ଛାତ୍ରଛାତ୍ରୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ସେମାନଙ୍କ ମଧ୍ୟରୁ ଦଶମ ଶ୍ରେଣୀରେ ବିଶୋଇ ସ୍ଥିତ ବାଙ୍କିପିଳ ୱାରଙ୍ଗଚିତି ମାର୍ଶାଲ ମଣ୍ଡ ପରୀକ୍ଷା କେନ୍ଦ୍ରର ମାଳତି ନାଏକ ପ୍ରଥମ ସ୍ଥାନ ଏବଂ ସୁନିତା ବଦ୍ରା ତୃତୀୟ ସ୍ଥାନ ଅଧିକାର କରିଥିବା ବେଳେ ଶରତସ୍ଥିତ ଦେୱନବାହାଲିର ଏଟେ ତୁର୍ତୁଙ୍ଗ ହୋ ହାୟମ ଇତୁନ ମଣ୍ଡର ଲକ୍ଷ୍ମୀ ସିଂ ଦ୍ୱିତୀୟ ସ୍ଥାନ ହାସଲ କରି ଟପ୍ପର ହୋଇଛନ୍ତି।

ସେହିପରି ଯୁକ୍ତଦୁଇ କଳା ଟପରଙ୍କ ମଧ୍ୟରେ ବାଙ୍କିପିଳ ୱାରଙ୍ଗଚିତି ମାର୍ଶାଲ ମଣ୍ଡର ହିରାମଣି ହେମ୍ବ୍ରମ ପ୍ରଥମ ସ୍ଥାନ ଲାଭ କରିଛନ୍ତି ଏବଂ କେନ୍ଦୁଝର ଜିଲ୍ଲାର ଜମିନାଲିଆ ବିର୍ସା ମୁଣ୍ଡା ହୋ' ଭାଷା ଉଚ୍ଚ ବିଦ୍ୟାଳୟର ମାମୁନି ମୁଣ୍ଡା ଏବଂ ଯମୁନା ମୁଣ୍ଡା ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନ ଲାଭ କରି ଟପ୍ପର ହୋଇଛନ୍ତି। ହୋ'ଭାଷା ଶିକ୍ଷା ପରିଷଦ ହୋ'ଭାଷା ସାହିତ୍ୟ ଓ ସଂସ୍କୃତିର ପ୍ରଚାର ପ୍ରସାର ପାଇଁ ଦେଶରେ ଗୋଟିଏ ମାତ୍ର ଅଗ୍ରଣୀ ଅନୁଷ୍ଠାନ। ୨୦୧୦ ସେପ୍ଟେମ୍ବର ୨୫ ତାରିଖରେ ପ୍ରତିଷ୍ଠା ହେଲା ପରେ ଅନବରତ ଭାବେ ସ୍ୱୟଂପ୍ରଚେଷ୍ଟାରେ ଏଥିପ୍ରତି କାର୍ଯ୍ୟକରି ଆସୁଛି।

● ବୟସ ୯୦ ଛୁଇଁଲାଣି

# ଏଯାଏଁ ମିଳିନି ବର୍ଦ୍ଧିତ ଭତ୍ତା



ରାମଚନ୍ଦ୍ରପୁର, ୧୦।୮ (ସମିସ): ପ୍ରଶାସନିକ ଅଧିକାରୀଙ୍କ ଅପାରଗତା ମନୋଭାବ ଯୋଗୁଁ ଅନେକ ଗରିବ ଅସହାୟ ଲୋକ ବିଭିନ୍ନ ସରକାରୀ ଜନକଲ୍ୟାଣ ସୁବିଧା ସୁଯୋଗ ପାଇବାରୁ ବଞ୍ଚିତ ରହୁଛନ୍ତି। ବାର୍ଦ୍ଧକ୍ୟ ଭତ୍ତା, ବିଧବା ଭତ୍ତା ଅବା ଭିନ୍ନକ୍ଷମ ଭତ୍ତା, ଆଜି ବି ପ୍ରକୃତ ହିତାଧିକାରୀ ବଞ୍ଚିତ ହେଉଛନ୍ତି। କେନ୍ଦୁଝର ଜିଲ୍ଲା ଘସିପୁରା ବ୍ଲକ ସାଇଁକୁଳ ଗାଁର ସ୍ୱର୍ଗର ଲକ୍ଷ୍ମଣ ପଟ୍ଟନାୟକଙ୍କ ପତ୍ନୀ ଦେବକୀ ପଟ୍ଟନାୟକ(୯୧) ବର୍ଷରେ ପଦାର୍ପଣ କରିଥିଲେ ସୁଦ୍ଧା ସେ ଆଜି ପଯ୍ୟନ୍ତ ବର୍ଦ୍ଧିତ ୩୫୦୦ଟଙ୍କା ଭତ୍ତା ପାଇବାରୁ ବଞ୍ଚିତ ହୋଇଥିବା ଅଭିଯୋଗ ଆସିଛି। ରାଜ୍ୟ ସରକାର ବାର୍ଦ୍ଧକ୍ୟ ଭତ୍ତା ବଢାଇଛନ୍ତି। ୮୦ରୁ ଉର୍ଦ୍ଧ ବର୍ଷ ହୋଇଥିବା ବୃଦ୍ଧବୃଦ୍ଧାଙ୍କୁ ମାସିକ ୩୫୦୦ଟଙ୍କା ଭତ୍ତା ମିଳିବା ଧାର୍ଯ୍ୟ କରିଛନ୍ତି। କିନ୍ତୁ ଏହି ବିଧବା ମହିଳାଙ୍କର ୯୧ ବର୍ଷ ହୋଇଥିଲେ ମଧ୍ୟ ବର୍ଦ୍ଧିତ ବାର୍ଦ୍ଧକ୍ୟ ଭତ୍ତା ମିଳୁନାହିଁ। ପରିବାର ଲୋକେ ଅନେକ ଥର ଗୁହାରୀ କରି ନିରାଶ ହୋଇଥିବା କହିଛନ୍ତି। ସରକାରଙ୍କ ସାମାଜିକ ସୁରକ୍ଷା ଯୋଜନାରୁ ବଞ୍ଚିତ ଦେବକୀ ବୃଦ୍ଧାବସ୍ଥା ଯୋଗୁ ବିଛଣାରେ ପଡି ରହିଛନ୍ତି। ବର୍ଦ୍ଧିତ ଭତ୍ତା ମିଳିଲେ ତାଙ୍କ ଚଳିବାରେ ଅଧିକ ସହଯୋଗ ହୋଇ ପାରନ୍ତା ବୋଲି ସେ ପ୍ରକାଶ କରିଛନ୍ତି।

# ଫୁଟବଲ୍ କୋଚିଂ ସେଣ୍ଟର ଉଦ୍‌ଘାଟିତ

ଝୁମ୍ପୁରା,୧୦।୮ (ସମିସ): ଫୁଟବଲ୍ ଆସୋସିଏସନ୍ ଅଫ୍ ଓଡ଼ିଶା ସହାୟତାରେ କାଠ ବାଉଁଶୁଳୀ ଗ୍ରାମର ନେତାଜୀ ୟୁଥ୍ ଆସୋସିଏସନ୍ ଦ୍ୱାରା ସ୍ଥାନୀୟ ବିବେକାନନ୍ଦ ଉଚ୍ଚ ବିଦ୍ୟାଳୟର ଖେଳ ପଡିଆରେ ରବିବାର କୋଚିଂ ସେଣ୍ଟର ଉଦ୍‌ଘାଟିତ ହୋଇଛି। ଏଥିରେ ୯ ବର୍ଷ ରୁ ୧୨ ବର୍ଷ ର ୫୦ ଜଣ ପୁଅ ଓ ଝିଅଙ୍କୁ ଖେଳ ଉପକରଣ ଦିଆଯିବା ସହ କୋଚିଂର ଶୁଭାରମ୍ଭ କରାଯାଇଥିଲା। ଜିଲ୍ଲାର ଫୁଟବଲ କୋଚ୍ ଓ ରେଫରୀ ବିରେନ୍ଦ୍ର କୁମାର ମହାନ୍ତ ଏବଂ କୃଷ୍ଣଚନ୍ଦ୍ର ମହାନ୍ତ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେରେ ସଭାପତି ଜଗନ୍ନାଥ ମୋଦୀ, ସଂପାଦକ କରୁଣା କର ମାଟିଆ, ବିଶ୍ୱାମିତ୍ର ମହାନ୍ତ କ୍ଲବ୍‌ର ଉପକରଣ ବଣ୍ଟନ କରି ଏହାକୁ ଶୁଭାରମ୍ଭ କରିଥିଲେ। କ୍ଲବ ସଦସ୍ୟ ପ୍ରସନ୍ନ ସର୍ଦ୍ଦାର , ଗୁରୁଚରଣ ମହାନ୍ତ, ମନୋଜ ମହାନ୍ତ, ସନ୍ତୋଷ ମହାନ୍ତ, ତ୍ରିନାଥ ମହାନ୍ତ, ବେଣୁଧର ମୋଦୀ, ବିଡ଼ିଓ ମହାନ୍ତ, କାଳପାଟାରୁ ଆରୁକ୍, କୃପାସିନ୍ଧୁ ସର୍ଦ୍ଦାର, ଡମ୍ବରୁ ଧର ସର୍ଦ୍ଦାର, କୃଷ୍ଣ ସର୍ଦ୍ଦାର, ଲକ୍ଷ୍ମଣ ବେହେରା, ଜଗବନ୍ଧୁ ମହନ୍ତ, ସୁଭାଷ ସର୍ଦ୍ଦାର, ଅଶୋକ ଲୋହର, ନାଳିଆ ସର୍ଦ୍ଦାର, ମଧୁସୂଦନ ସର୍ଦ୍ଦାର ତଥା କ୍ଲବ୍‌ର ଅନେକ ସଦସ୍ୟ ଉପସ୍ଥିତ ରହି ଉତ୍ସାହିତ କରିଥିଲେ। ସର୍ବଶେଷରେ ପ୍ରଧାନ ଶିକ୍ଷକ ତନୁରାମ ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ।



### ମୁଦ୍ରା ବିନିମୟ ମୂଲ୍ୟ



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୭.୬୬ ● ପାଉଣ୍ଡ ୧୧୭.୦୨
- ୟୁରୋ ୧୦୨.୩୫ ● ୟେନ୍ ୦.୫୮

### ସୁନା, ରୁପା ଦର (ଟଙ୍କାରେ)



୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୯୪,୪୫୦ (ଭୁବନେଶ୍ୱର)
- ରୁପା : ୧,୨୦,୦୦୦ (କେଜି)



### ଷ୍ଟକ୍ ମାର୍କେଟ୍

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ 	୭୯,୮୫୭.୦୦
- ନିଫ୍ଟି 	୨୪,୩୬୩.୦୦



### ପେଟ୍ରୋଲ-ଡିଜେଲ୍

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦



■ ଆଇସିଆଇସିଆଇ ବ୍ୟାଙ୍କର ନୂଆ ନିୟମ

## ସଞ୍ଚୟ ଖାତାରେ ୫୦ ହଜାର ରଖିବା ଜରୁରୀ

ନୂଆଦିଲ୍ଲୀ, ୧୦।୮ (ଏଜେନ୍ସି): ଆଇଆଇସିଆଇ ବ୍ୟାଙ୍କର ଖାତାଧାରକଙ୍କୁ ନିଜ ଖାତାରେ ଏଥର ୫୦ ହଜାର ଟଙ୍କା ଲେଖାଏଁ ରଖିବାକୁ ପଡ଼ିବ। ଏହାଠାରୁ କମ୍ ଟଙ୍କା ରହିଲେ ଗ୍ରାହକଙ୍କୁ ଜୋରିମାନା ଦେବାକୁ ପଡ଼ିବ। ତେବେ ଏହି ନିୟମ କେବଳ ଚଳିତ ମାସ ୧ ତାରିଖ ପରଠାରୁ ଖୋଲା ଯାଇଥିବା ଖାତା ପାଇଁ କାର୍ଯ୍ୟକାରୀ ହେବ। ଖାତାରେ ସର୍ବନିମ୍ନ ବାଲାନ୍ସ ରଖିବାର ନିୟମ ସହର, ଗାଁ ଏବଂ ମେଟ୍ରୋ ସିଟି ଗୁଡିକ ପାଇଁ ଅଲଗା ଅଲଗା ରହିଛି। ବ୍ୟାଙ୍କ ସବୁ କ୍ଷେତ୍ରର ଜମା ସୀମା ବୃଦ୍ଧି କରିଛି। ଏବେ ମେଟ୍ରୋ ସହରଗୁଡିକରେ ଅତିକମରେ ୫୦ ହଜାର ଟଙ୍କା, ସେମି-ଅର୍ବାନ (ଅର୍ଦ୍ଧ-ସହରୀ) ଅଞ୍ଚଳରେ ୨୫ ହଜାର ଲେଖାଏଁ ଏବଂ ଗ୍ରାମାଞ୍ଚଳରେ ଖୋଲା ଯାଇଥିବା ଖାତାରେ ୧୦ ହଜାର ଟଙ୍କା ରଖିବାକୁ ହେବ। ଏହା ପୂର୍ବରୁ ମେଟ୍ରୋ ଏବଂ ସହରରେ ଅତିକମ୍‌ରେ ୧୦ ହଜାର ଟଙ୍କା, ସେମି-ଅର୍ବାନରେ ୫ ହଜାର ଟଙ୍କା, ଗାଁ ପାଇଁ ୨୫୦୦ ଟଙ୍କା ରଖିବାର ବ୍ୟବସ୍ଥା ଥିଲା। ଏହି ନିୟମ ସହିତ ଘରୋଇ ବ୍ୟାଙ୍କରେ ସର୍ବାଧିକ ଟଙ୍କା ରଖିବାର ସୀମା ଆଇସିଆଇସିଆଇ ବ୍ୟାଙ୍କ ନାମରେ ହୋଇଛି। ଏହି ବ୍ୟାଙ୍କ ୧୦ ବର୍ଷ ପରେ ସର୍ବନିମ୍ନ ଟଙ୍କା ରଖିବା ନିୟମ ପରିବର୍ତ୍ତନ କରିଛି।

ଦିନ ଦ୍ୱିପହରେ ଲୁଟ୍‌ର ଖେଳ; ନିୟମ ପ୍ରତି ନିଘା ନାହିଁ

## ନର୍ମାଲ ନାହିଁ କହି ସ୍ପିଡ୍ ପେଟ୍ରୋଲରେ ୭ ଟଙ୍କା ଲୁଟ୍

ଭୁବନେଶ୍ୱର, ୧୦।୮ (ସମିସ)

ପ୍ରତ୍ୟେକ ଦିନ ଲୋକେ ତେଲ ଟାଙ୍କିକୁ ଯାଇ ପେଟ୍ରୋଲ ପକାଉଛନ୍ତି। କେଉଁ ପ୍ରକାରର ପେଟ୍ରୋଲ ଦିଆଯାଉଛି ତାହା ବି ଅନେକ ଦେଖନ୍ତି ନାହିଁ। ଜାଣିବାକୁ ବି ପ୍ରୟାସ କରନ୍ତି ନାହିଁ। ଲୋକଙ୍କ ଏହି ଅବହେଳା ସେମାନଙ୍କ ପକେଟକୁ ଖାଲି କରିଦେଉଛି। ଅଜାଣତରେ ଲୋକେ ପେଟ୍ରୋଲ ପିଛା ଅଧିକ ୭ ଟଙ୍କା ଦେଉଛନ୍ତି। ଆଉ ଏହା ଅସାଧୁ ମାଲିକ ତଥା କର୍ମଚାରୀଙ୍କୁ ସୁହାଉଛି। ସେମାନଙ୍କ ପକେଟ ଗରମ ହେଉଥିବାବେଳେ ଲୋକଙ୍କର ଖାଲି ହେବାରେ ଲାଗିଛି। ପେଟ୍ରୋଲ ଆଳରେ ଲୋକଙ୍କଠାରୁ ଲକ୍ଷାଧିକ ଟଙ୍କା ଲୁଟି ନିଆଯାଉଛି। ପ୍ଲାଷ୍ଟିକ ବୋତଲରେ ତେଲ ଦେବାକୁ ସରକାର ମନା କରିଦେଇଛନ୍ତି। ଏହି ଅଜବ ନିୟମକୁ ନେଇ ସଡ଼କଠାରୁ ସାମାଜିକ ଗଣମାଧ୍ୟମ ପର୍ଯ୍ୟନ୍ତ ଚର୍ଚ୍ଚା ଜାରି ରହିଥିବାବେଳେ ବଡ଼ ଠକେଇ ଦୃଷ୍ଟି ଆଢୁଆଳରେ ରହିଯାଉଛି। ଦିନେ ଅଧେ ପେଟ୍ରୋଲ ପକାଇବାକୁ ଟାଙ୍କି ଯାଉ ନ ଥିବା ଲୋକ ବି ଏବେ ଗାଡ଼ି ଲଦି ଧାଉଁଥିବା ଦେଖାଯାଉଛି। କିନ୍ତୁ ଏପରି ସମୟରେ ନିୟମ ବି ପାଳନ କରାଯାଉନାହିଁ।

ଖୋଦ୍ ରାଜ୍ୟର ରାଜଧାନୀ ଭୁବନେଶ୍ୱରର ଏହି ଠକେଇର ଖେଳ ବେଶି ଚାଲିଛି। ପେଟ୍ରୋଲ ପମ୍ପକୁ ପେଟ୍ରୋଲ ପକାଇବାକୁ ଯାଉଥିବା ଲୋକଙ୍କୁ ସ୍ପିଡ୍ କି ନର୍ମାଲ ପକାଇବେ ନ କହି ସିଧା ସ୍ପିଡ୍ ପକାଇ ଦିଆଯାଉଛି। ଅନେକ ଲୋକେ ଏହି ଲୁଟ୍ ପ୍ରତି ଦୃଷ୍ଟି ଦେଉନାହାନ୍ତି। କିନ୍ତୁ ଯିଏ ଟିକେ ସଚେତନ ହୁଅନ୍ତି ସେ ଅନ୍ୟ ଟାଙ୍କିରେ ପକାଇବାକୁ ପଳାନ୍ତି। ନର୍ମାଲ ପେଟ୍ରୋଲ କଥା ପଚାରିଲେ ସରି ଯାଇଛି ବୋଲି କହୁନ୍ତି। ଆଉ କିଛି ଲୋକେ ବାଧ୍ୟବାଧକତାରେ ଏହି ଲୁଟ୍‌ର ଖେଳର ଶିକାର ହେଉଛନ୍ତି। ଗାଡ଼ିରେ ପେଟ୍ରୋଲ ସରିଯିବା ସ୍ଥିତିରେ ଲୋକେ ସ୍ପିଡ୍ ପକାଉଛନ୍ତି। ଲୋକଙ୍କ ଏହି ପରିସ୍ଥିତିର ଫାଇଦା ନେଉଛନ୍ତି ପେଟ୍ରୋଲ ପମ୍ପ ମାଲିକମାନେ। ସିଧା ଲିଟର ପିଛା ୭ ଟଙ୍କା ଲେଖାଏଁ ଲୁଟି ନେଇଯାଉଛନ୍ତି। ଏବେ ଭୁବନେଶ୍ୱରରେ ନର୍ମାଲ ପେଟ୍ରୋଲ ଲିଟର ୧୦୧.୨୯ ଟଙ୍କା ଏବଂ ସ୍ପିଡ୍ ପେଟ୍ରୋଲ ୧୦୮.୩୦ ଟଙ୍କା ରହିଛି। ଏଭଳି ସ୍ଥିତିରେ ଜଣେ ବ୍ୟକ୍ତି ଗାଡ଼ିରେ ୧୦ ଲିଟର ସ୍ପିଡ୍ ପେଟ୍ରୋଲ ପକାଇଲେ ସିଧା ୭୦ ଟଙ୍କା କ୍ଷତି ସହୁଛି। ସେହିପରି ଭାବେ ଯଦି ଗୋଟିଏ ଦିନରେ ଲକ୍ଷେ ଲିଟର ପେଟ୍ରୋଲ ବିକ୍ରି




ହୁଏ ତେବେ ୭ ଲକ୍ଷ ଟଙ୍କା ଲୁଟ୍ ହେଲାଣି। ସରକାର ଯାଞ୍ଚକୁ ନେଇ ବଡ଼ ବଡ଼ କଥା କହୁଛନ୍ତି, କିନ୍ତୁ ଏଭଳି ଲୁଟ୍ ପ୍ରତି କାହାର ଦୃଷ୍ଟି ପଡୁନାହିଁ ତାହା ପ୍ରଶ୍ନବାଚୀ ପାଲିଟିଛି। ଭୁବନେଶ୍ୱରରେ ଥିବା ଅନେକ ପେଟ୍ରୋଲ ପମ୍ପରେ ଏଭଳି ଲୁଟ୍ ଖୁଲମ୍‌ଖୋଲା ଚାଲିଛି। ଗତ ୫ ତାରିଖରେ ଭୁବନେଶ୍ୱର ପାତ୍ରପଡ଼ା ସ୍ଥିତ ଏକ ପେଟ୍ରୋଲ ପମ୍ପରେ ଏଭଳି ସ୍ଥିତି ସୃଷ୍ଟି ହୋଇଥିଲା। କେହି କିଛି ନ ପଚାରିଲେ ସ୍ପିଡ୍ ପେଟ୍ରୋଲ ଦିଆଯାଉଥିଲା। ଆଉ ଯିଏ ନିଜ ଆଡୁ ପଚାରିଲା ନାହିଁ କହି ଦିଆଯାଉଥିଲା। ଯାହାର ଜରୁରୀ ହୋଇଥାଏ ସେ ଶେଷରେ ବାଧ୍ୟ ହୋଇ ସ୍ପିଡ୍ ପେଟ୍ରୋଲ ପକାଇ ଯାଇଥାନ୍ତି। ଏ ଦିଗରେ ପ୍ରଶାସନ ଏବଂ ପେଟ୍ରୋଲିୟମ ବିଭାଗ ଦୃଷ୍ଟି ଦେବ ବୋଲି ଆଶା।

## ଓଡ଼ିଶାର ବିକାଶ ପାଇଁ ଶିଳ୍ପ-ସଂସଦ ଆଲୋଚନା




ନୂଆଦିଲ୍ଲୀ, ୧୦।୮ (ସମିସ)

ଭାରତୀୟ ଶିଳ୍ପ ମହାସଂଘ (ସିଆଇଆଇ, ଓଡ଼ିଶା) ରାଜ୍ୟର ସାଂସଦଙ୍କ ସହିତ ଏକ ପାରସ୍ପରିକ ଆଲୋଚନା ଅଧିବେଶନ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସିଆଇଆଇ ଓଡ଼ିଶା ରାଜ୍ୟ ପରିଷଦର ସଦସ୍ୟଙ୍କ ସହିତ ରାଜ୍ୟର ବିଭିନ୍ନ ନିର୍ବାଚନମଣ୍ଡଳୀରୁ ପ୍ରତିନିଧିତ୍ୱ କରୁଥିବା ୧୪ ସାଂସଦ ଅଂଶଗ୍ରହଣ କରିଥିଲେ। ଏହି ଅଧିବେଶନରେ ଶିଳ୍ପ ଏବଂ ସରକାରୀ ସହଯୋଗ ମାଧ୍ୟମରେ ଓଡ଼ିଶାର ସାମାଜିକ-ଆର୍ଥିକ ଅଭିବୃଦ୍ଧିକୁ ଆଗକୁ ବଢ଼ାଇବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଆଲୋଚନାରେ ଚାରୋଟି ପ୍ରମୁଖ ପ୍ରାଥମିକତା ଉପରେ ଆଲୋକପାତ କରାଯାଇଥିଲା। ଐତିହ୍ୟ ଏବଂ ପ୍ରାକୃତିକ ସମ୍ପତ୍ତିର ଉପଯୋଗ କରି ପର୍ଯ୍ୟଟନକୁ ବୃଦ୍ଧି, ମୂଲ୍ୟ ଯୁକ୍ତ ଅଭିବୃଦ୍ଧି ଏବଂ ଗ୍ରାମୀଣ ଆୟ ବୃଦ୍ଧି ପାଇଁ କୃଷିଭିତ୍ତିକ ଶିଳ୍ପକୁ ପ୍ରୋତ୍ସାହନ, ଅର୍ଥ ଏବଂ ପ୍ରଯୁକ୍ତିବିଦ୍ୟା ପ୍ରବେଶ ମାଧ୍ୟମରେ ଏମଏସଏମଇ ଗୁଡ଼ିକୁ ସମର୍ଥନ, ନିବେଶ ସୁଯୋଗ ସୃଷ୍ଟି କରିବା ଏବଂ ସନ୍ତୁଳିତ ଆଞ୍ଚଳିକ ଅଭିବୃଦ୍ଧିକୁ ଆଗେଇ ନେବା ପାଇଁ ଜିଲ୍ଲାଭିତ୍ତିକ ଶିଳ୍ପ ସମ୍ଭାବନାର ନକ୍ସା ପ୍ରସ୍ତୁତ କରିବା।

ଆଲୋଚନାରେ ସରକାର, ଶିଳ୍ପ ଏବଂ ସ୍ଥାନୀୟ ସମ୍ପ୍ରଦାୟ ମଧ୍ୟରେ ସମନ୍ୱିତ ପ୍ରୟାସର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ବୈଠକରେ ସାଂସଦ, ସିଆଇଆଇ ଓଡ଼ିଶା ରାଜ୍ୟ ପରିଷଦ ସଦସ୍ୟ ଏବଂ ବରିଷ୍ଠ ଶିଳ୍ପ ମୁଖ୍ୟଙ୍କ ସକ୍ରିୟ ଯୋଗଦାନ ଦେଖିବାକୁ ମିଳିଥିଲା ଏବଂ ଅଧିବେଶନକୁ ସିଆଇଆଇ ଓଡ଼ିଶା ରାଜ୍ୟ ପରିଷଦର ଅଧ୍ୟକ୍ଷ ସୁନୀଲ ଗୁପ୍ତା ପରିଚାଳନା କରିଥିଲେ। ଓଡ଼ିଶାର ଅର୍ଥନୈତିକ ପ୍ରାଥମିକତାକୁ ତ୍ୱରାନ୍ୱିତ କରିବା ଏବଂ ଏକ ସହାୟକ ନିବେଶ ପରିବେଶକୁ ପ୍ରୋତ୍ସାହନ ପାଇଁ ନୀତି ନିର୍ଦ୍ଧାରକମାନଙ୍କ ସହିତ ଘନିଷ୍ଠ ଭାବରେ କାର୍ଯ୍ୟ କରିବାକୁ ସିଆଇଆଇ ଏହାର ପ୍ରତିବଦ୍ଧତାକୁ ପୁନଃ ଦୋହରାଇଛି।

ପ୍ରତିରକ୍ଷା ଉତ୍ପାଦନରେ ଭାରତର ରେକର୍ଡ

## ୧.୫ ଲକ୍ଷ କୋଟିର ସାମଗ୍ରୀ ପ୍ରସ୍ତୁତ

ନୂଆଦିଲ୍ଲୀ, ୧୦।୮ (ଏଜେନ୍ସି): ପ୍ରତିରକ୍ଷା ଉତ୍ପାଦନରେ ଭାରତ କ୍ରମାଗତ ଭାବେ ରେକର୍ଡ ସୃଷ୍ଟି କରିଚାଲିଛି। ୨୦୨୪- ୨୫ ଆର୍ଥିକ ବର୍ଷରେ ଭାରତର ଉତ୍ପାଦନ ୧, ୫୦, ୫୯୦ କୋଟି ଟଙ୍କା ରହିଛି। ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଶନିବାର ଏ ନେଇ ସୂଚନା ଦେଇଛନ୍ତି। ଗତ ଆର୍ଥିକ ବର୍ଷରେ ଏହା ୧.୨୭ ଲକ୍ଷ କୋଟି ଟଙ୍କା ଥିଲା। ଏବର୍ଷ ଏଥିରେ ୧୮ ପ୍ରତିଶତ ବୃଦ୍ଧି ହୋଇଛି। ୨୦୧୯-୨୦ରେ ଏହା ୭୯, ୦୭୧ କୋଟି ଟଙ୍କା ଥିଲା ଓ ଏଥର ୯୦ ପ୍ରତିଶତ ବୃଦ୍ଧି ହୋଇଛି। ସେହିପରି ପ୍ରତିରକ୍ଷା ରପ୍ତାନୀରେ ମଧ୍ୟ ଭାରତ ରେକର୍ଡ କରିଛି। ୨୦୨୪-୨୫ରେ ଏହା ରେକର୍ଡ ୨୩, ୬୨୨ କୋଟି ଟଙ୍କା ଥିଲା। କିନ୍ତୁ ଗତ ବର୍ଷ ଏହା ୨୧, ୦୮୩ କୋଟି ଟଙ୍କାରେ ପହଞ୍ଚିଛି। ଅର୍ଥାତ ଏଥିରେ ୧୨.୦୪ ପ୍ରତିଶତ ବୃଦ୍ଧି ହୋଇଛି। ପ୍ରତିରକ୍ଷା ରପ୍ତାନୀରେ ଭାରତ ସାରା ବିଶ୍ୱରେ ନୂଆ ସମ୍ଭାବନା ସୃଷ୍ଟି କରିଛି। ଏ କ୍ଷେତ୍ରରେ ଭାରତର ସ୍ଥିତି ଦିନକୁ ଦିନ ଦୃଢ ହେବାରେ ଲାଗିଛି। ଭାରତର ପ୍ରତିରକ୍ଷା ଉତ୍ପାଦନରେ ରେକର୍ଡ ବୃଦ୍ଧିକୁ ଦେଖି ଆମେରିକା ଓ ପାକିସ୍ତାନ ଭଳି ଦେଶ ଇର୍ଷାନ୍ୱିତ ହୋଇଛନ୍ତି। ଏବେ ବିଭିନ୍ନ ଦେଶ ଭାରତଠାରୁ ଅସ୍ତ୍ରଶସ୍ତ୍ର କ୍ରୟ କରୁଛନ୍ତି। ଏହା ନିଶ୍ଚିତ ଭାବେ ଭାରତ ପାଇଁ ଗର୍ବ ଓ ଗୌରବର ବିଷୟ ବୋଲି ଡିଆରଡିଓ ତରଫରୁ କୁହାଯାଇଛି।

## ୧୩ ରେ କଟକରେ ଖୋଲିବ ଜୟଆଲୁକ୍କାସର ପ୍ରଥମ ଶୋ'ରୁମ୍

କଟକ, ୧୦।୮ (ସମିସ): ବିଶ୍ୱର ପ୍ରସିଦ୍ଧ ଅଳଙ୍କାର ବିକ୍ରେତା ଜୟଆଲୁକ୍କାସ୍ କଟକରେ ପ୍ରଥମ ଶୋ'ରୁମ୍ ଖୋଲିବାକୁ ଯାଉଛି। ଆସନ୍ତା ୧୩ ତାରିଖ ସନ୍ଧ୍ୟା ୫ଟାରେ ଶୁଭାରମ୍ଭ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏହା ସମଗ୍ର ଅଞ୍ଚଳର କ୍ରେତାଙ୍କୁ ଆକୃଷ୍ଟ କରିବା ବୋଲି ଆଶା। ଏହି ବିଶେଷ ଅବସରରେ ଜୟଆଲୁକ୍କାସ୍ ଡାଇମଣ୍ଡ ଏବଂ ଅନ୍‌କଟ୍ ଡାଇମଣ୍ଡ ଅଳଙ୍କାର ଉପରେ ୨୫% ରିହାତି ଏବଂ ଲକ୍ଷେ ଟଙ୍କା ଓ ତାଠାରୁ ଅଧିକ ମୂଲ୍ୟର ସୁନା ଏବଂ ମୂଲ୍ୟବାନ ଷ୍ଟୋନ୍‌ର ଅଳଙ୍କାର ଉପରେ ୫ ଗ୍ରାମ ରୂପା ବିସ୍କୁଟ (ବାର) ପ୍ରଦାନ କରାଯାଉଛି। କେବଳ ସେତିକି ନୁହେଁ, ପ୍ରତ୍ୟେକ କ୍ରେତା ଅଫର ଅବଧି ମଧ୍ୟରେ ପ୍ରତି କ୍ରୟ ସହିତ ଏକ ସୁନିଶ୍ଚିତ ମାଗଣା ଉପହାର ପାଇବେ। ନୂତନ ଜୟଆଲୁକ୍କାସ୍ ଶୋ'ରୁମ ମିଲେନିୟମ୍ ସିଟିରେ ଏକ ବିଶ୍ୱସ୍ତରୀୟ ଏବଂ ବିଳାସପୂର୍ଣ୍ଣ ସପିଂ ଅଭିଜ୍ଞତା ଆଣିଛି। ବିସ୍ତୃତ ଆଭ୍ୟନ୍ତରୀଣ ସାଜସଜ୍ଜା ଏକ ସମସାମୟିକ ଲେଆଉଟ ଏବଂ ଆମର ବିଶ୍ୱସ୍ତରୀୟ ଆତିଥ୍ୟ ସହିତ କ୍ରେତାମାନେ ପାରମ୍ପରିକ ସୁନା ଏବଂ ବିବାହ ଅଳଙ୍କାରଠାରୁ ଆରମ୍ଭ କରି ଚମତ୍କାର ଡାଇମଣ୍ଡ ଏବଂ ମୂଲ୍ୟବାନ ଷ୍ଟୋନ୍ ଖଣ୍ଡ ପର୍ଯ୍ୟନ୍ତ ଚକ୍‌ମିକିଆ ସଂଗ୍ରହର ଏକ ବିସ୍ତୃତ ସମ୍ଭାର ରହିଛି। ଜୟଆଲୁକ୍କାସ୍ ଗ୍ରୁପ୍‌ର ଅଧ୍ୟକ୍ଷ ଡକ୍ଟର ଜୟ ଆଲୁକ୍କାସ୍ କହିଛନ୍ତି ଯେ ପରମ୍ପରାରେ ପରିପୂର୍ଣ୍ଣ, ସୂକ୍ଷ୍ମ କାରିଗରୀର ସହର କଟକରେ ନୂଆ ଶୋ'ରୁମ ଆଣି ଆମେ ବହୁତ ଖୁସି। ସମସ୍ତଙ୍କୁ ଜୟଆଲୁକ୍କାସକୁ ଆମେ ସ୍ୱାଗତ କରୁଛୁ।

ଆମେରିକାରେ ଟ୍ରମ୍ପଙ୍କ ଶୁଳ୍କର ପ୍ରଭାବ

## ସାମଗ୍ରୀ ମହଙ୍ଗା; ବାହାରେ ଖାଇବାପିଇବା ବନ୍ଦ

ୱାସିଂଟନ, ୧୦।୮ (ଏଜେନ୍ସି): ବିଶ୍ୱରେ ଶୁଳ୍କ ଯୁଦ୍ଧ ଆରମ୍ଭ କରିଥିବା ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ଅର୍ଥନୀତିଜ୍ଞମାନେ ଚେତାବନୀ ଦେଇଛନ୍ତି। ଟ୍ରମ୍ପ ନିଜେ ନିଜକୁ ଧ୍ୱଂସ କରୁଛନ୍ତି ବୋଲି ଆମେରିକା ଅର୍ଥଶାସ୍ତ୍ରୀ ତଥା ଜନ୍ ହପ୍‌କିନ୍ସ ୟୁନିଭର୍ସିଟିର ପ୍ରାଧ୍ୟାପକ ଷ୍ଟିଭେ ହାନ୍‌କେ କହିଛନ୍ତି। ତାଙ୍କ ମତରେ ଟ୍ରମ୍ପଙ୍କ ଶୁଳଅକ ନିଷ୍ପତ୍ତି ସବୁଠୁ ଖରାପ ଏବଂ ଏହା ସବୁ କିଛି ଧୂଳିସାତ କରିଦେବ। ଅର୍ଥନୀତି ହିଁ ଭୁଲ୍ ହୋଇଯାଇଛି। ଟ୍ରମ୍ପ ନିଜେ ନିଜକୁ ହିଁ ଧ୍ୱଂସ କରୁଛନ୍ତି। ନିଜେ ନିଜକୁ ଧ୍ୱଂସ କରୁଥିବା ଶତ୍ରୁର କାର୍ଯ୍ୟରେ ହସ୍ତକ୍ଷେପ କରିବା ଅନୁଚିତ। ଆମେରିକା ରାଷ୍ଟ୍ରପତି ଭାରତ ଉପରେ ୫୦ ପ୍ରତିଶତ ଶୁଳ୍କ ଲଗାଇଥିବାବେଳେ ହାନ୍‌କେ ଏଭଳି ମନ୍ତବ୍ୟ ଦେଇଛନ୍ତି। ହାନ୍‌କେ ଭାରତକୁ ନେଇ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ବିଦେଶମନ୍ତ୍ରୀ ଏସ୍ ଜୟଶଙ୍କର ଶୁଳ୍କ ଉପରେ ତୀକ୍ଷଣ ଦୃଷ୍ଟି ରଖି କିଛି ସମୟ ଅପେକ୍ଷା କରିବେ। କାରଣ ଟ୍ରମ୍ପଙ୍କ ତାସର ଘର ଭୁଶୁଡ଼ି ପଡ଼ିବ। ଶୁଳ୍କ ପାଇଁ ହେଉଥିବା ଆର୍ଥିକ କମ୍ପନ ବାଲିଘର ଉପରେ ଛିଡ଼ା ହୋଇଛି। ହାନକେ କହିଛନ୍ତି ଯେ ଆମେରିକାର ବାଣିଜ୍ୟ କ୍ଷତି ବହୁତ ଅଧିକ ରହିଛି। କାରଣ ଆମେରିକୀୟଙ୍କ ବ୍ୟୟ ମୋଟ ଜାତୀୟ ଉତ୍ପାଦଠାରୁ ଅଧିକ। ଏଥିପାଇଁ ଅର୍ଥଶାସ୍ତ୍ର ସମ୍ପୂର୍ଣ୍ଣ ଭୁଲ୍ ହୋଇଯାଇଛି। ଅନ୍ୟପକ୍ଷରେ ଟ୍ରମ୍ପଙ୍କ ନୀତିର ଖରାପ ପ୍ରଭାବ ଦେଶ ଉପରେ ପଡ଼ିବା ଆରମ୍ଭ ହୋଇଯାଇଛି।

ଦେଶରେ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀର ମୂଲ୍ୟ ବୃଦ୍ଧି ପାଉଛି। ଏଥିରେ ବିଚଳିତ ହୋଇ ଆମେରିକୀୟ ଲୋକମାନେ ସେମାନଙ୍କର କିଣାକିଣି ଅଭ୍ୟାସ ପରିବର୍ତ୍ତନ କରୁଛନ୍ତି। ସେମାନେ ଏବେ ଅର୍ଥନୀତିକୁ ନେଇ ଚିନ୍ତିତ। ଟ୍ରମ୍ପଙ୍କ ଶୁଳ୍କର ପ୍ରଭାବ ସାରା ବିଶ୍ୱରେ ଦେଖିବାକୁ ମିଳୁଛି। ଏହା ସହିତ ସେମାନଙ୍କ ନିଜ ଘର ମଧ୍ୟ ତାପ ଅନୁଭବ କରୁଛି। ରିପୋର୍ଟ ଅନୁଯାୟୀ, ଏକ ସାମ୍ପ୍ରତିକ ସର୍ଭେରୁ ଜଣାପଡିଛି ଯେ ଅଧାରୁ ଅଧିକ ଆମେରିକୀୟ ଖାଦ୍ୟ ସାମଗ୍ରୀର ମୂଲ୍ୟକୁ ନେଇ ଚିନ୍ତିତ। ୫୩% ଲୋକ କହିଛନ୍ତି ଯେ ଦୈନନ୍ଦିନ ସାମଗ୍ରୀର ମୂଲ୍ୟ ସେମାନଙ୍କର ସବୁଠାରୁ ବଡ଼ ଚିନ୍ତା। ସର୍ଭେରୁ ଜଣାପଡ଼ିଛି ଯେ ଆମେରିକୀୟ ଲୋକମାନେ ଖାଦ୍ୟ ସାମଗ୍ରୀର ଉଚ୍ଚ ମୂଲ୍ୟ ଏବଂ ଅର୍ଥନୀତିର ଅବସ୍ଥାକୁ ନେଇ ଚିନ୍ତିତ। ବିଶେଷକରି ଅଣ୍ଡା, ମାଂସ, କମଳା ରସ ଏବଂ ଅନ୍ୟାନ୍ୟ ଜିନିଷର ମୂଲ୍ୟ ବହୁତ ବୃଦ୍ଧି ପାଇଛି। ଟ୍ରମ୍ପଙ୍କ ଶୁଳ୍କ ଯୋଗୁଁ ବିଦେଶରୁ ଆସୁଥିବା ଫଳ, କ୍ୟାନ ସାମଗ୍ରୀ, କଫି ଏବଂ ଅନ୍ୟାନ୍ୟ ଜିନିଷର ମୂଲ୍ୟ ବୃଦ୍ଧି ପାଉଛି। ଲୋକେ ବାହାରେ ଖାଇବାପିଇବା ମଧ୍ୟ ବନ୍ଦ କରିଦେଇଛନ୍ତି।

## ଦିନରେ ବସ୍ କର୍ମଚାରୀ; ରାତିରେ ବାଇକ୍ ଚୋରି

ଭୁବନେଶ୍ୱର, ୧୦।୮ (ସମିସ): ଦିନରେ ବସ୍ କର୍ମଚାରୀ ଭାବେ କାମ କରନ୍ତି ଆଉ ରାତି ହେଲେ ଗାଡ଼ି ଚୋରି କରିବାକୁ ବାହାରି ଯାଆନ୍ତି। ଏଭଳି ଏକ ଗ୍ୟାଙ୍ଗର ପର୍ଦ୍ଦାଫାସ କରିଛି କମିସନରେଟ ପୁଲିସ। ସେମାନଙ୍କ ଠାରୁ ୧୧ ବାଇକ୍ ସମେତ ୧୫ଟି ଗାଡ଼ି ଜବତ କରିଛି। ଗିରଫ ଅଭିଯୁକ୍ତ ହେଉଛନ୍ତି ଲିଙ୍ଗରାଜ ବସ୍ ଡ୍ରାଇଭର ତଥା ବରମୁଣ୍ଡା ମହାବୀର ବସ୍ତିର ଆଶୁତୋଷ ବିଧାର ଓରଫ୍ ବୁବୁ (୩୬),

■ ୧୫ ଗାଡ଼ି ଜବତ; ୫ ଗିରଫ
■ ବରମୁଣ୍ଡା ବସଷ୍ଟାଣ୍ଡରେ ରଖୁଥିଲେ
■ ଗ୍ୟାରେଜ ମାଲିକଙ୍କୁ ବିକୁଥିଲେ

ଚାଣକ୍ୟ ବସର ହେଲପର ତଥା ଖୋର୍ଦ୍ଧା ବାସେଲୀ ସାହିର ଜଗନ୍ନାଥ ବେହେରା ଓରଫ୍ ହାପି, ପଟ୍ଟନାୟକ ବସ୍ କଣ୍ଡକ୍ଟର ତଥା ନିମାପଡ଼ା ଖେଲାରର ରାଜେନ୍ଦ୍ର ବେହେରା ଓରଫ୍ ରାଜା (୨୬), ଗ୍ୟାରେଜ ମେକାନିକ୍ ତଥା ବାଘମାରିର ପ୍ରତ୍ୟୁଷ କୁମାର ସିଂ ଓରଫ୍ ଜିତନ (୨୫) ଓ ଆଠଗଡ଼ର ରଞ୍ଜିତ କୁମାର ବେହେରା (୨୧)।

ପୁଲିସ ସୂଚନା ଅନୁସାରେ, ଗତମାସ ୨୪ ତାରିଖ ଦିନ ଆଇନଜୀବୀ ମନୋରଞ୍ଜନ ମିଶ୍ର ଭୁବନେଶ୍ୱର କୋର୍ଟରେ ଥିବା ପାର୍କିଂରେ ସ୍କୁଟି ପାର୍କ କରିଥିଲେ। କାମ ସାରି ଫେରିବା ବେଳକୁ ତାଙ୍କ ଗାଡ଼ି ଚୋରି ହୋଇଥିବା ଜାଣି ବଡ଼ଗଡ଼ ଥାନାରେ ଏତଲା ଦେଇଥିଲେ। ଅଭିଯୋଗ ଆଧାରରେ ପୁଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ସିସିଟିଭି ଫୁଟେଜ ଯାଞ୍ଚ କରି ବସ୍ ଡ୍ରାଇଭର ବୁବୁ ଓ ହେଲପର ହାପିକୁ ଚିହ୍ନଟ କରିଥିଲା। ବରମୁଣ୍ଡା ବସଷ୍ଟାଣ୍ଡରେ ଚଢ଼ଉ କରି ବୁବୁ, ହାପି ଓ ବସ୍ କଣ୍ଡକ୍ଟର ରାଜାକୁ ଗିରଫ କରି ତାଙ୍କ ଠାରୁ ଆଇନଜୀବୀଙ୍କ ସ୍କୁଟି ଜବତ କରିଥିଲା। ପଚରାଉଚରା ବେଳେ ସେମାନଙ୍କ ଗ୍ୟାଙ୍ଗ ବିଷୟରେ ତଥ୍ୟ ସାମ୍ନାକୁ ଆସିଥିଲା। ୩ ଜଣଙ୍କୁ ସାଙ୍ଗରେ ଧରି ବରମୁଣ୍ଡା ବସଷ୍ଟାଣ୍ଡ ଓ ସାରୁଆ ଅଞ୍ଚଳରେ ଚଢ଼ଉ କରି ଏକାଧିକ ଗାଡ଼ି ଜବତ କରିଥିଲା।

ସେମାନେ ବିଭିନ୍ନ ବସରେ କାମ କରୁଥିବା ବେଳେ ପରସ୍ପର ମଧ୍ୟରେ ପରିଚୟ ହୋଇଥିଲା। ଡ୍ୟୁଟିରୁ ଟିକେ ଫୁରସତ ମିଳିଲେ ମିଳିମିଶି ଗାଡ଼ି ଚୋରି କରୁଥିଲେ। ଭୁବନେଶ୍ୱର, ପୁରୀ ଓ ଖୋର୍ଦ୍ଧା ଅଞ୍ଚଳରେ ଏହି ଗ୍ୟାଙ୍ଗ ସକ୍ରିୟ ରହିଥିଲେ। ଗାଡ଼ି ଗୁଡ଼ିକୁ ଚୋରିକରି ଆଣିବା ପରେ ବରମୁଣ୍ଡା ବସଷ୍ଟାଣ୍ଡ ପାର୍କିଂରେ ଲୁଚାଇ ରଖୁଥିଲେ। ଗ୍ୟାରେଜ ମେକାନିକ୍ ଜିତନ ମାଧ୍ୟମରେ ଗାଡ଼ି ଗୁଡ଼ିକ ବିକ୍ରି କରୁଥିଲେ। ଏଭଳି ତଥ୍ୟ ମିଳିବା ପରେ ପୁଲିସ ଜିତନକୁ ଗିରଫ କରିବା ସହ ଗାଡ଼ି ଜବତ କରିଥିଲା। ୪ ଅଭିଯୁକ୍ତଙ୍କ ଠାରୁ ମୋଟ ୧୧ଟି ଗାଡ଼ି ଜବତ କରିଥିଲା



ପୁଲିସ। ଅଭିଯୁକ୍ତମାନେ ଭୁବନେଶ୍ୱର, ଖୋର୍ଦ୍ଧା ଓ ପୁରୀରେ ବହୁ ବାଇକ୍ ଚୋରି ମାମଲାରେ ସମ୍ପୃକ୍ତ ଥିବା ସନ୍ଦେହ ପୁଲିସ ଜାଣିବାକୁ ପାଇଛି। ସେହିପରି ଗତ ୨ ତାରିଖ ଦିନ ଦୁଷ୍ମନ୍ତ କୁମାର ସାହୁ ତାଙ୍କ ପୁଅର ଚିକିତ୍ସା ପାଇଁ କଳିଙ୍ଗନଗର ସ୍ଥିତ ଏକ ଘରୋଇ ହସପିଟାଲକୁ ଆସିଥିଲେ। ଡାକ୍ତରଖାନା ବେସମେଣ୍ଟରେ ଗାଡ଼ି ପାର୍କିଂ କରିଥିବା ବେଳେ ରଞ୍ଜିତ ତାଙ୍କ ଗାଡ଼ିକୁ ଚୋରିକରି ନେଇଥିଲା।

■ ବେଲଗାମ୍ ରେଡିମିକ୍ସ କମ୍ପାନୀ

## ବାହାରେ ଗଦାଉଛନ୍ତି କଂକ୍ରିଟ୍ ବର୍ଜ୍ୟ

ଭୁବନେଶ୍ୱର, ୧୦।୮ (ସମିସ): ଚାହିଦାକୁ ଦୃଷ୍ଟିରେ ରଖି ରାଜଧାନୀରେ ଶହ ଶହ କଙ୍କ୍ରିଟ୍ ରେଡିମିକ୍ସ କମ୍ପାନୀ ଖୋଲିଛି। ସମସ୍ତ ବ୍ୟବସାୟିକ ପ୍ରତିଷ୍ଠାନ, ବାସଗୃହ ପାଇଁ ବର୍ଜ୍ୟ ପରିଚାଳନା ନିୟମ ରହିଛି। ହେଲେ ରେଡିମିକ୍ସ କମ୍ପାନୀଗୁଡ଼ିକର କାର୍ଯ୍ୟକଳାପରୁ ଜଣାପଡୁଛି ଏମାନଙ୍କ ପାଇଁ ସେଭଳି କୌଣସି ନିୟମ ନାହିଁ। ମନଇଚ୍ଛା ବାହାରେ ବର୍ଜ୍ୟ ଗଦାଉଛନ୍ତି। ଜଳାଶୟ ବି ପୋତୁଛନ୍ତି। ହେଲେ କୌଣସି କମ୍ପାନୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେଉନାହିଁ। ବିଏମ୍‌ସି ଏସବୁକୁ ଦେଖି ଆଖିବୁଜି ଦେଉଛି। ସତେ ଯେପରି ଉପରୁ ନିର୍ଦ୍ଦେଶ ହୋଇଛି ଏମାନେ ଯାହା କଲେ ବି ଅଧିକାରୀ ଆଖି ବୁଜିବେ।

ରାଜଧାନୀର ଉପକଣ୍ଠ ହଂସପାଳ, ଭଗବାନପୁର, ପଟିଆ, ଭୁବନେଶ୍ୱରରୁ ପୁରୀ ରୋଡ୍ ପ୍ରଭୃତି ଅଞ୍ଚଳରେ ଏହି ରେଡିମିକ୍ସ କମ୍ପାନୀଗୁଡ଼ିକ ରହିଛି। ରେଡିମିକ୍ସ ପ୍ରସ୍ତୁତ କରୁଥିବା କମ୍ପାନୀ ଏବଂ ପରିବହନ କରୁଥିବା ଟ୍ରକ୍‌ଗୁଡ଼ିକରୁ ଗୋଡି, ବାଲି ଏବଂ ସିମେଣ୍ଟ ମିଶା କଂକ୍ରିଟ୍ ବର୍ଜ୍ୟ ନିର୍ଗତ କରୁଛନ୍ତି। ନିୟମିତ ଭାବେ ଟନ୍ ଟନ୍ ବର୍ଜ୍ୟ ବାହାରୁଛି। ଅଧିକାଂଶ କମ୍ପାନୀ କୌଣସି ଜଳାଶୟରେ ଏହି କଂକ୍ରିଟ ବର୍ଜ୍ୟକୁ ଫୋପାଡି ଦେଉଛନ୍ତି। କିଛି କମ୍ପାନୀ ବାହାରେ ଦିନ ଦିନ ଧରି ବର୍ଜ୍ୟ ଫୋପାଡୁଛନ୍ତି। ଜଳାଶୟରେ କଂକ୍ରିଟ୍ ବର୍ଜ୍ୟ ଫୋପାଡି ପୋତି ଦିଆଯାଉଛି। ଏହି ବର୍ଜ୍ୟକୁ କିଭଳି



ଭାବେ ସଫଳତାର ସହ ପରିଚାଳନା କରାଯାଇ ପାରିବ ସେନେଇ ରାଜ୍ୟ ପ୍ରଦୂଷଣ କଣ୍ଟ୍ରୋଲ ବୋର୍ଡ ଆଇନ୍ ପ୍ରସ୍ତୁତ କରିଛି। ହେଲେ ଏଭଳି କିଛି ଆଇନ୍ ରହିଛି ବୋଲି କିଛି ପୌରାଞ୍ଚଳ ଅଧିକାରୀ ଏପର୍ଯ୍ୟନ୍ତ ଜାଣି ନାହାନ୍ତି।

ସେହିପରି ପରିବହନ କରୁଥିବା ଟ୍ରକ୍‌ଗୁଡ଼ିକ ପରିବହନ ବେଳେ ରାସ୍ତା ସାରା କଙ୍କ୍ରିଟ୍ ମିକ୍ସର ଢାଳି ଢାଳି ଚାଲୁଛନ୍ତି। ଏହା ପରବର୍ତ୍ତୀ ସମୟରେ ରାସ୍ତାକୁ ଅପରିଷ୍କାର କରିବା ସହ ନଷ୍ଟ କରୁଛି। ଏଥିପାଇଁ ଦୁର୍ଘଟଣା ବି ଘଟୁଛି। ଅନ୍ୟପକ୍ଷରେ ଏହି ଟ୍ରକ୍‌ଗୁଡ଼ିକ ନାଳ ଏବଂ ଜଳଶୟ ଦେଖି ବର୍ଜ୍ୟ ନିଷ୍କାସନ କରି ଦେଉଛନ୍ତି। କିଛି ବର୍ଷ ପୂର୍ବେ ଏଭଳି କରୁଥିବା କିଛି ପରିବହନ ଟ୍ରକ୍‌ଠାରୁ ବିଏମ୍‌ସି ମୋଟା ଅଙ୍କର ଫାଇନ୍ ଅଦାୟ କରୁଥିଲା। ହେଲେ ଏବେ ସେମାନଙ୍କ ନାମରେ ଅଭିଯୋଗ କଲେ ବି କେହି ଶୁଣୁ ନାହାନ୍ତି।

ଓଡ଼ିଶା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ଓଏସପିସିବି)ର ଅଧିକାରୀମାନଙ୍କ ଅନୁଯାୟୀ, ପରିଚାଳନା ପାଇଁ ପରିବେଶ ନିର୍ଦ୍ଦେଶନାମା ପ୍ରସ୍ତୁତ କରାଯାଇଛି। ଏହି ପ୍ଲାଣ୍ଟଗୁଡ଼ିକ ଜାତୀୟ ରାଜପଥ, ରାଜ୍ୟ ରାଜପଥ ଏବଂ ପ୍ରମୁଖ ଜିଲ୍ଲା ରାସ୍ତାଗୁଡ଼ିକଠାରୁ ଅତି କମରେ ୧୦୦ ମିଟର ଦୂରତା ରଖି ସ୍ଥାପନ କରାଯିବ। ଏହା ସହିତ, ଏହି ପ୍ଲାଣ୍ଟଗୁଡ଼ିକ ଶିକ୍ଷାନୁଷ୍ଠାନ, ହସ୍ପିଟାଲ, ଅଦାଲତ ଏବଂ ମାନବ ବସତିଠାରୁ ୨୫୦ ମିଟର ଦୂରରେ ଅବସ୍ଥିତ ହେବା ଆବଶ୍ୟକ। ଜାତୀୟ ବାୟୁ ଗୁଣବତ୍ତା ମାନକ ଅନୁସାରେ ପ୍ଲାଣ୍ଟଗୁଡ଼ିକ ପର୍ଯ୍ୟାପ୍ତ ବାୟୁ ପ୍ରଦୂଷଣ ନିୟନ୍ତ୍ରଣ ବ୍ୟବସ୍ଥା ଗ୍ରହଣ କରିବ। ସିମେଣ୍ଟ, ଫ୍ଲାଇ ଆଶ୍ ଏବଂ ବାଲି ମିଶ୍ରଣ ପାଇଁ ଏକ ବନ୍ଦ ଯାନ୍ତ୍ରିକ ବ୍ୟବସ୍ଥା ବ୍ୟବହାର କରାଯିବ। ଧୂଳି ପ୍ରଦୂଷଣ ରୋକିବା ପାଇଁ ପ୍ଲାଣ୍ଟ ପରିସରରେ ଚାରିପାଖରେ ଅତି କମରେ ୭ ମିଟର ଉଚ୍ଚତା ବିଶିଷ୍ଟ ଧୂଳି ଅବରୋଧକ ସ୍ଥାପନ କରାଯିବ। ଯାହା ଇଟା କିମ୍ବା ଜିଆଇ ଶୀଟ ଜାତୀୟ ସାମଗ୍ରୀରେ ନିର୍ମିତ ହେବ।

ଏମାନେ ଜଳ ପ୍ରଦୂଷଣ ହ୍ରାସ କରିବା ପାଇଁ ପଦକ୍ଷେପ ନେବେ। ଜଳ ବ୍ୟବହାର ପାଇଁ ରାଜ୍ୟ ସରକାରଙ୍କ ବିଦ୍ୟମାନ ନିୟମ ଓ ଆଇନ ଅନୁଯାୟୀ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କଠାରୁ ଅନୁମତି ନେବେ। ସ୍ଥାନୀୟ ସଂସ୍ଥା ଦ୍ୱାରା ନିର୍ଦ୍ଦିଷ୍ଟ ସ୍ଥାନରେ ଉତ୍ପାଦିତ କଠିନ ବର୍ଜ୍ୟ ପୁନଃବ୍ୟବହାର କିମ୍ବା ନିଷ୍କାସନ କରିବେ। ହେଲେ ଅଧିକାଂଶ ସଂସ୍ଥା କୌଣସି ନିୟମ ମାନୁ ନାହାନ୍ତି।

ୱାର୍ଲ୍ଡ ଆଥଲେଟିକ୍ସ କଣ୍ଟିନେଣ୍ଟାଲ ଟୁର୍ କଳିଙ୍ଗରେ ବିଶ୍ୱ ଆଥଲେଟ୍‌ଙ୍କ ମେଳା


# ଓଡ଼ିଶାର ଟେକ ରଖିଲେ ପ୍ରଜ୍ଞା ଓ ଅନିମେଶ

ଭୁବନେଶ୍ୱର, ୧୦।୮ (ସମିସ)

ସ୍ଥାନୀୟ ଆଇକନିକ କଳିଙ୍ଗ ଷ୍ଟାଡିୟମରେ ରବିବାର ବିଶ୍ୱ ଆଥଲେଟିକ୍ସ କଣ୍ଟିନେଣ୍ଟାଲ ଟୁର୍ (ବ୍ରୋଞ୍ଜ ଲେଭଲ) ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ବିଶ୍ୱ ଆଥଲେଟିକ୍ସର ଏହି ଦୌଡ଼କୁଦ ଇଭେଣ୍ଟ ପ୍ରଥମଥର ଲାଗି ଭାରତ ମାଟିରେ ଆୟୋଜିତ ହୋଇଥିଲା। ଏଭଳି ଏକ ବିଶ୍ୱସ୍ତରୀୟ ପ୍ରତିଯୋଗିତାରେ ପୋଡିୟମର ପ୍ରଥମ ସ୍ଥାନରେ ରହି ରାଜ୍ୟର ଦୁଇ ଧାବକ ଅନିମେଶ କୁଜୁର ଓ ପ୍ରଜ୍ଞା ପ୍ରଶାନ୍ତି ସାହୁ ବିଶ୍ୱ ଦରବାରରେ ଓଡ଼ିଶାର ଟେକ ରଖିଛନ୍ତି। ଅନିମେଶ ପୁରୁଷ ୨୦୦ ମିଟର ରେସରେ ପ୍ରଥମ ସ୍ଥାନ ହାସଲ କରିଥିଲେ। ସେହିଭଳି ପ୍ରଜ୍ଞା ପ୍ରଶାନ୍ତି ମହିଳା ୧୦୦ ମିଟର ହର୍ଡଲ୍ସରେ ପ୍ରଥମ ସ୍ଥାନ ହାସଲ କରି ଓଡ଼ିଶା ତଥା ଦେଶର ଗୌରବ ବଢ଼ାଇଛନ୍ତି।

ରବିବାର ଅପରାହ୍ଣ ୭ଟାରେ ଏହି ପ୍ରତିଯୋଗିତା ଆରମ୍ଭ ହୋଇଥିଲା। ସମସ୍ତଙ୍କ ନଜର କିନ୍ତୁ ରହିଥିଲା ଘରୋଇ ତାରକା ଅନିମେଶ ଅଂଶଗ୍ରହଣ କରୁଥିବା ୨୦୦ ମିଟର ଉପରେ। ରାତି ୭ଟା ୩୦ରେ ଏହି ଇଭେଣ୍ଟ ଆରମ୍ଭ ହୋଇଥିବାବେଳେ ଅନିମେଶ ମଧ ଘରୋଇ ଦର୍ଶକଙ୍କୁ ନିରାଶ କରି ନ ଥିଲେ। ଜାତୀୟ ରେକର୍ଡ ଅଧିକାରୀ ରହିଥିବା ଓଡ଼ିଶାର ଏହି ଉଦୀୟମାନ ଧାବକ ରେସରେ ଗ୍ରେଟ ବ୍ରିଟେନ, କୋରିଆ।। ଦକ୍ଷିଣ ଆଫ୍ରିକା ଭଳି ଦେଶର ଧାବକଙ୍କୁ ପଛରେ ପକାଇ ପ୍ରଥମ ସ୍ଥାନରେ ରହିଥିଲେ। ସେ ୨୦.୭୭ ସେକେଣ୍ଡ ସମୟ ନେଇ ରେସ ଫିନିଶ କରିଥିଲେ। ଅନିମେଶଙ୍କ ଶ୍ରେଷ୍ଠ ପ୍ରଦର୍ଶନ ୨୦.୩୨ସେକେଣ୍ଡ ରହିଥିବାବେଳେ ଅବଶ୍ୟ ସେ ଏହାକୁ କଳିଙ୍ଗରେ ଦୋହରାଇ ପାରି ନଥିଲେ। ସେହିଭଳି ଟୋକିଓରେ ହେବାକୁ ଥିବା ବିଶ୍ୱ ଚାମ୍ପିଅନସିପ ଲାଗି ଯୋଗ୍ୟତା ଟାଇମିଂ ୨୦.୧୬ ସେକେଣ୍ଡ ରହିଥିବାବେଳେ ଅନମେଶ ଏହି ଟାଇମିଂରୁ ବେଶ ପଛରେ ରହିଯାଇଥିଲେ। ମହିଳା ୨୦୦ ମିଟରରେ ବେଙ୍ଗାଲୁରୁର ଆଞ୍ଜେଲ ସିଲଭିଆ ୨୩.୪୫ ସେକେଣ୍ଡ ସହ ପ୍ରଥମ ହୋଇଥିଲେ।




ଅପରପକ୍ଷରେ ମହିଳା ୧୦୦ ମିଟର ହର୍ଡଲ୍ସର ପ୍ରଥମ ୩ଟି ସ୍ଥାନରେ ଭାରତୀୟ ଧାବିକା ରହି ପଦକ ପୋଛିନେଇଥିଲା। ଓଡ଼ିଶାର ପ୍ରଜ୍ଞା ୧୩.୭୪ ସେକେଣ୍ଡରେ ରେସ ଶେଷ କରି ପ୍ରଥମ ସ୍ଥାନରେ ରହିଥିଲେ। ତାଙ୍କ ପଛକୁ ନନ୍ଦିନୀ କୋଙ୍ଗାନ (୧୩.୮୦) ଓ କେରଳର ସି. ଅଞ୍ଜଳି (୧୪.୦୦) ରହିଥିଲେ। ଅନ୍ୟାନ୍ୟ ଇଭେଣ୍ଟରେ ଭାରତୀୟ ଆଥଲେଟଙ୍କ ଦବ୍‌ଦବା ଦେଖିବାକୁ ମିଳିଥିଲା। ପୁରୁଷ ୪୦୦ ମିଟରରେ ଭାରତର ଟିକେ ବିଶାଲ (୪୫.୭୨ ସେକେଣ୍ଡ), ଅମୋଜ ଜ୍ୟାକବ (୪୫.୮୬) ଓ ସନ୍ତୋଷ କୁମାର (୪୬.୮୯) ପ୍ରଥମ ୩ଟି ସ୍ଥାନରେ ରହି ଏଥିରେ ମଧ କ୍ଲିନ ସୁଇପ କରିଥିଲେ। ଅପରପକ୍ଷରେ ମହିଳା ଜାଭେଲିନ ଥ୍ରୋରେ ଅନୁରାଣୀ ବାଜିମାତ୍ କରିନେଇଛନ୍ତି। ଉତ୍ତର ପ୍ରଦେଶର ଅନୁରାଣୀ ୬୨.୦୧ ମିଟର ଜାଭେଲିନ ଫିଙ୍ଗି ପୋଡିୟମର ପ୍ରଥମ ସ୍ଥାନରେ ରହିଥିଲେ। ଶ୍ରୀଲଙ୍କାର ହତାରାବାଗ ଲେକା (୫୬.୨୭ମି) ଓ ଭାରତର ଦୀପିକା (୫୪.୨୦) ଯଥାକ୍ରମେ ୨ୟ ଓ ୩ୟ ହୋଇଥିଲେ। ସେହିଭଳି ପୁରୁଷ ଜାଭେଲିନରେ କିନ୍ତୁ ଶ୍ରୀଲଙ୍କା ପ୍ରଥମ ସ୍ଥାନ ବାଜିମାତ ଅକ୍ତିଆର କରିଥିଲା। ରୁମେଶ ଥରଙ୍ଗା ୮୬.୫୦ ମିଟର ଫିଙ୍ଗି ପୋଡିୟମର ଶୀର୍ଷ ସ୍ଥାନରେ ରହିଥିଲେ। ୮୦.୭୩ ମିଟର ସହ ଭାରତର ଶିଭମ ଲୋହାକାରେ ୨ୟ ସ୍ଥାନ ଲାଭ କରିଥିଲେ। ଭାରତର ରୋହିତ ଓ ସଚିନ ଯାଦବ ଯଥାକ୍ରମେ ୪ର୍ଥ ଓ ୫ମ ସ୍ଥାନରେ ରହିଥିଲେ।



### ମହମ୍ମଦ ଓ ଅବିନାୟା ଦ୍ରୁତତମ ଧାବକ-ଧାବିକା

ଏହି ବିଶ୍ୱସ୍ତରୀୟ ପ୍ରତିଯୋଗିତାର ସବୁଠୁ ଆକର୍ଷଣୀୟ ଇଭେଣ୍ଟ ପୁରୁଷ ୧୦୦ ଓ ୨୦୦ ମିଟର ରହିଥିଲା। ଏଥିରେ ମାଲେସିଆର ମହମ୍ମଦ ଆଜିମ ଓ ଭାରତର ଅବିନାୟା ରାଜାରାଜନ ସବୁଠୁ ଦ୍ରୁତତମ ଧାବକ ଓ ଧାବିକା ରହିଥିଲେ। ପୁରୁଷ ୧୦୦ ମିଟରକୁ ଆଜିମ ୧୦.୩୫ ସେକେଣ୍ଡରେ ଫିନିଶ କରି ପ୍ରଥମ ସ୍ଥାନରେ ରହିଥିଲେ। ଓଡ଼ିଶାର ଲାଲୁ ପ୍ରସାଦ ଭୋଇ (୧୦.୫୪)ଙ୍କୁ ୪ର୍ଥ ସ୍ଥାନରେ ସନ୍ତୁଷ୍ଟ ହେବାକୁ ପଡ଼ିଥିଲା। ତେବେ ମହିଳା ୧୦୦ ମିଟରରେ ଭାରତ କ୍ଲିନ ସୁଇପ କରିଥିଲା। ଅବିନାୟା ୧୧.୫୭ ସେକେଣ୍ଡ ସମୟ ନେଇ ପ୍ରଥମ ସ୍ଥାନ ଅକ୍ତିଆର କରିଥିଲେ। ସେହିଭଳି ଭାରତର ଅନ୍ୟ ଦୁଇ ଧାବିକା ସ୍ନେହା ଓ ନିତ୍ୟା ଗାନ୍ଧେ ଯଥାକ୍ରମେ ୨ୟ ଓ ୩ୟ ହୋଇଥିଲେ।

### ପ୍ରଥମ ୪ ଜଣଙ୍କୁ ପୁରସ୍କାର

ଏହି ପ୍ରତିଯୋଗିତାରେ କୌଣସି ପଦକ ପ୍ରଦାନ କରାଯାଇ ନ ଥିଲା। ପୋଡିୟମର ପ୍ରଥମ ୪ଟି ସ୍ଥାନରେ ରହିଥିବା ଖେଳାଳିଙ୍କୁ ଆର୍ଥିକ ପୁରସ୍କାର ପ୍ରଦାନ କରାଯାଇଥିଲା। ପ୍ରଥମ ସ୍ଥାନ ଅକ୍ତିଆର କରିଥିବା ଆଥଲେଟଙ୍କୁ ୮୦୦ ଡଲାର ଦିଆଯାଇଥିଲା। ସେହିଭଳି ୨ୟ, ୩ୟ ଓ ୪ର୍ଥ ସ୍ଥାନରେ ରହିଥିବା ଆଥଲେଟ ଯଥାକ୍ରମେ ୪୦୦, ୩୦୦ ଓ ୨୦୦ ଡଲାର ପୁରସ୍କାର ପାଇଥିଲେ।

● ଦ.ଆଫ୍ରିକା ବିପକ୍ଷ ପ୍ରଥମ ଟି-୨୦

## ଅଷ୍ଟ୍ରେଲିଆର ସହଜ ବିଜୟ

ଡାରୱିନ୍,୧୦।୮ (ଏଜେନ୍ସି): ଯୁବ ଖେଳାଳି ଟିମ୍ ଡେଭିଡ୍‌ଙ୍କ ବିସ୍ଫୋରକ ଅର୍ଦ୍ଧଶତକ ଓ ପେସ ବୋଲରଙ୍କ ସଫଳତା ବଳରେ ଏଠାରେ ରବିବାର ଖେଳାଯାଇଥିବା ଦକ୍ଷିଣ ଆଫ୍ରିକା ବିପକ୍ଷ ପ୍ରଥମ ଟି-୨୦କୁ ଅଷ୍ଟ୍ରେଲିଆ ମାତ୍ର ୧୭ ରନ୍‌ରେ ଜିତିନେଇଛି। ଏହା ଫଳରେ ୩ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍‌ରେ ଅଷ୍ଟ୍ରେଲିଆ ୧-୦ରେ ଆଗୁଆ ରହିଛି। ସିରିଜ୍‌ର ଦ୍ୱିତୀୟ ମ୍ୟାଚ୍ ଏଠାରେ ଅଗଷ୍ଟ ୧୨ ତାରିଖ ମଙ୍ଗଳବାର ଖେଳାଯିବ। ଏଠାରେ ୫୨ ବଲ୍‌ର ସାମ୍ନା କରି ୪ ଚୌକା ଓ ୮ ଛକା ସହ ୮୩ ରନ୍ କରିଥିବା ଡେଭିଡ୍ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଛନ୍ତି। ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ଅଷ୍ଟ୍ରେଲିଆ ନିର୍ଦ୍ଧାରିତ ୨୦ ଓଭରରେ ୧୭୮ ରନ୍ କରି ଅଲଆଉଟ ହୋଇଥିଲା। ଦଳ ପକ୍ଷରୁ ଡେଭିଡ୍‌ଙ୍କ ପରେ କାମେରନ ଗ୍ରୀନ୍ ୩୫ ଓ ବେନ୍ ଡ୍ୱାରାଶୁଇସ୍ ତୃତୀୟ ସର୍ବାଧିକ ୧୭ ରନ୍ କରିଥିଲେ। ଭ୍ରମଣକାରୀ ଦଳ ପକ୍ଷରୁ ବାମହାତୀ ଯୁବ ପେସ୍ ବୋଲର କ୍ୱେନା ମାଫକା ସର୍ବାଧିକ ୪ଟି ଓ କାଗିସୋ ରାବାଡା ୨ଟି ୱିକେଟ ପାଇଥିଲେ। ଜବାବରେ ଦକ୍ଷିଣ ଆଫ୍ରିକା ସମାନ ସଂଖ୍ୟକ ଓଭର ଖେଳି ୯/୧୬୧ ରନ୍‌ରେ ସୀମିତ ରହିଥିଲା। ଦଳ ପକ୍ଷରୁ ୱିକେଟ ରକ୍ଷକ ରିୟାନ ରିକେଲଟନ ୫୫ ବଲ୍‌ରେ ୭୧ ଓ ଟ୍ରିଷ୍ଟାନ ଷ୍ଟବ୍ସ ୨୭ ବଲ୍‌ରେ ୩୭ ରନ୍ କରିଥିଲେ ମଧ ଅନ୍ୟ କାହାଠାରୁ ଉପଯୁକ୍ତ ସମର୍ଥନ ମିଳି ନ ଥିଲା। ଅଷ୍ଟ୍ରେଲିଆ ପକ୍ଷରୁ ଜୋଶ ହାଜ୍‌ଲେଉଡ୍ ଓ ବେନ୍ ଡ୍ୱାରାଶୁଇସ ୩ଟି ଲେଖାଏଁ, ଲେଗ୍ ସ୍ପିନର ଆଦାମ ଜାମ୍ପା ୨ଟି ୱିକେଟ ପାଇଥିଲେ।

● ମହିଳା ଟି-୨୦ ସିରିଜ୍

## ସବୁ ମ୍ୟାଚ୍‌ରେ ହାରିଲା ଭାରତ

ମ୍ୟାକୟ,୧୦।୮ (ଏଜେନ୍ସି): ଏଠାରେ ରବିବାର ଖେଳାଯାଇଥିବା ତୃତୀୟ ତଥା ଶେଷ ଟି-୨୦ ମୁକାବିଲାରେ ଘରୋଇ ଅଷ୍ଟ୍ରେଲିଆ-ଏ' ଦଳ ମାତ୍ର ୪ ରନ୍‌ରେ ଭ୍ରମଣକାରୀ ଭାରତ-ଏ'ଦଳକୁ ପରାସ୍ତ କରିଥିଲା। ଏହା ଫଳରେ ଭାରତ-ଏ ୩ଟି ଯାକ ଟି-୨୦ ସିରିଜ୍‌ରେ ପରାଜିତ ହୋଇଥିଲା। ପୂର୍ବରୁ ଏଠାରେ ଖେଳାଯାଇଥିବା ପ୍ରଥମ ଟି-୨୦କୁ ୧୩ ରନ୍ ଓ ଦ୍ୱିତୀୟ ମ୍ୟାଚ୍‌କୁ ଭାରତ ୧୧୪ ରନ୍‌ରେ ହାରିଥିଲା। ସିନିଅର ଦଳର କିଛି ଖେଳାଳିଙ୍କୁ ନେଇ ଏହି ଭାରତୀୟ ଦଳ ଗଠିତ ହୋଇଥିଲେ ମଧ ବିଶେଷ କିଛି ସଫଳତା ପାଇ ପାରି ନଥିଲା। ଘରୋଇ ଅଷ୍ଟ୍ରେଲିଆ ଦଳ ୩-୦ରେ ସିରିଜ୍ ପୋଛିନେବା ପରେ ବ୍ରିସ୍‌ବେନ୍‌ରେ ୩ ମ୍ୟାଚ୍ ବିଶିଷ୍ଟ ଦିନିକିଆ ମ୍ୟାଚ୍ ଲାଗି ପ୍ରସ୍ତୁତ କରିନେଇଛି। ଏହି ମ୍ୟାଚ୍ ଗୁଡିକ ଇଆନ ହିଲି ଓଭାଲରେ ଅଗଷ୍ଟ ୧୫, ୧୭ ଓ ୨୧ରେ ଖେଳାଯିବ। ରବିବାର ଏଠାରେ ଖେଳାଯାଇଥିବା ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ଅଷ୍ଟ୍ରେଲିଆ-ଏ' ଦଳ ୮ ୱିକେଟରେ ୧୪୪ ରନ୍ କରିଥିଲା। ଦଳ ପକ୍ଷରୁ ମାଡେଲିନ୍ ପେନ୍ନା ୩୯ ଓ ଆଲିସା ହିଲ ୨୭ ରନ୍‌ର ଯୋଗଦାନ ଦେଇଥିଲେ। ଭ୍ରମଣକାରୀ ଦଳ ପକ୍ଷରୁ ଅଧିନାୟିକା ରାଧା ଯାଦବ ଓ ପ୍ରେମା ରାୱତ ୩ଟି ଲେଖାଏଁ ୱିକେଟ ଅକ୍ତିଆର କରିଥିଲେ। ଜବାବରେ ଶେଫାଳି ବର୍ମା, ମିନୁ ମାନିଙ୍କ ବିସ୍ଫୋରକ ବ୍ୟାଟିଂ ସତ୍ତ୍ୱେ ଭାରତ ନିର୍ଦ୍ଧାରିତ ୨୦ ଓଭରରେ ୮ ୱିକେଟ ହରାଇ ୧୪୦ ରନ୍ କରି ମାତ୍ର ୪ ରନ୍‌ରେ ହାରିଯାଇଥିଲା। ଶେଫାଳି ୨୫ ବଲ୍‌ରେ ୪୧, ମିନୁ ୨୯ ବଲ୍‌ରେ ୩୦ ଓ ରାଘବୀ ବିସ୍ତ ୨୫ ବଲ୍‌ରେ ୨୫ ରନ୍ କରି ଦୁଇ ଅଙ୍କରେ ପହଞ୍ଚିପାରିଥିଲେ। ଘରୋଇ ଅଷ୍ଟ୍ରେଲିଆ-ଏ' ଦଳ ପକ୍ଷରୁ ଡାହାଣହାତୀ ମିଡିୟମ୍ ପେସ୍ ବୋଲର ସିଆନା ଜିଞ୍ଜର ୪ଟି ୱିକେଟ ନେଇ ଭାରତର ସର୍ବାଧିକ ବିପର୍ଯ୍ୟୟ ଘଟାଇଥିଲେ।

## ସତ୍ୟମ୍ ଜିତିଲେ ରାଜ୍ୟ ସ୍କୁଲ ଓପନ୍ ଚେସ୍

ଭୁବନେଶ୍ୱର,୧୦।୮ (ସମିସ): କଟକ ଗୁରୁ ନାନକ ପବ୍ଲିକ୍ ସ୍କୁଲର ସତ୍ୟମ ସ୍ୱରୂପ ସାହୁ ଡୁମୁଡୁମାସ୍ଥିତ ଗାଇଡାନ୍ସ ଇଂଲିଶ ମିଡିୟମ୍ ସ୍କୁଲ ପରିସରରେ ରବିବାର ଅନୁଷ୍ଠିତ ରାଜ୍ୟ ସ୍କୁଲ ଚେସ ଚାମ୍ପିଅନ ହୋଇଛନ୍ତି। ସେ ୫ ରାଉଣ୍ଡରୁ ୫ ପଏଣ୍ଟ ପାଇଥିଲେ। ଭୁବନେଶ୍ୱର କେଭି ନଂ-୧ର ସ୍ୱସ୍ତିକ ତ୍ରିପାଠୀ ରନର୍ସ ଅପ୍, ୟୁନିଟ୍-୧ ମଦର୍ସ ପବ୍ଲିକ୍ ସ୍କୁଲର ଆଦିତ୍ୟ ଶଙ୍କର ବେହେରା ତୃତୀୟ, ୟୁନିଟ-୮ ଡିଏଭି ପବ୍ଲିକ୍ ସ୍କୁଲ୍‌ର ଆରିଶ ନନ୍ଦ ଚତୁର୍ଥ ଓ ଜଟଣୀ ଆଇଆଇଟି କେନ୍ଦ୍ରୀୟ ବିଦ୍ୟାଳୟର ଭବଦୀପ ସାହୁ ପଞ୍ଚମ ସ୍ଥାନ ଅଧିକାର କରିଛନ୍ତି। ଓଡ଼ିଶା ରାଜ୍ୟ ଚେସ ସଂଘ ଆନୁକୂଲ୍ୟରେ ଗାଇଡାନ୍ସ ସ୍କୁଲ ପରିସରରେ ଏହା ଆୟୋଜିତ ହୋଇଥିଲା। ଖେଳ ଶେଷରେ ସ୍କୁଲର ପ୍ରିନ୍ସିପାଲ ସୁହାସିନୀ ପଟ୍ଟନାୟକ ଓ ଚିଫ୍ ଆର୍ବିଟର ଦେବାଶିଷ ପାଣିଗ୍ରାହୀ ଅତିଥିଭାବେ ଯୋଗ ଦେଇ ପୁରସ୍କାର ପ୍ରଦାନ କରିଥିଲେ।




୨୦ ବର୍ଷରୁ କମ୍ ଏଏଫ୍‌ସି ମହିଳା ଏସିଆ କପ୍

## ୨୦ ବର୍ଷ ପରେ ଭାରତକୁ ଯୋଗ୍ୟତା

ନୂଆଦିଲ୍ଲୀ,୧୦।୮ (ଏଜେନ୍ସି): ଦୀର୍ଘ ୨୦ ବର୍ଷ ପରେ ଭାରତୀୟ ମହିଳା ଦଳ ୨୦ ବର୍ଷରୁ କମ୍ ଏଏଫ୍‌ସି ମହିଳା ଏସିଆନ୍ କପ୍ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଛି। ରବିବାର ଖେଳାଯାଇଥିବା ଯୋଗ୍ୟତା ପର୍ଯ୍ୟାୟ ମୁକାବିଲାରେ ଭାରତ ୧-୦ ଗୋଲରେ ମିଆଁମାରକୁ ପରାସ୍ତ କରି ଏସିଆନ୍ କପ୍ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଥିଲା। ୟାଙ୍ଗୁନ୍‌ରେ ଖେଳାଯାଇଥିବା ଏହି ମୁକାବିଲାରେ ଭାରତ ପକ୍ଷରୁ ପୂଜା ଏକମାତ୍ର ବିଜୟସୂଚକ ଗୋଲ ସ୍କୋର କରିଥିଲେ। ଘରୋଇ ମାଟିରେ ଖେଳୁଥିବା ଓ ଦର୍ଶକଙ୍କ ସମର୍ଥନ ସତ୍ତ୍ୱେ ଭାରତ ଏହି ମ୍ୟାଚ୍‌କୁ ଲଢ଼େଇ କରି ଜିତିନେଇଥିଲା। ଭାରତୀୟ ମହିଳା ଦଳର ଏହି ସଫଳତା ବଳରେ ମହିଳା ଫୁଟବଲରେ ଏକ ବିରାଟ ପରିବର୍ତ୍ତନ ହେବ।



ସିବିଏସ୍‌ଇ କ୍ଲଷ୍ଟର-୨ ଆଥ୍‌ଲେଟିକ୍ ମିଟ୍ ଉଦ୍‌ଯାପିତ

## ବାଳକରେ ବରଗଡ଼ର ବିକାଶ ସ୍କୁଲ୍ ଶ୍ରେଷ୍ଠ




ଭୁବନେଶ୍ୱର,୧୦।୮ (ସମିସ): କିଟ୍ ଇଣ୍ଟରନ୍ୟାସନାଲ ସ୍କୁଲ ଆନୁକୂଲ୍ୟରେ କିଟ୍ ଆଥଲେଟିକ୍ ଷ୍ଟାଡିୟମ୍‌ରେ ଅଗଷ୍ଟ ୭ରୁ ଚାଲିଥିବା ସିବିଏସ୍‌ଇ କ୍ଲଷ୍ଟର-୨ ଆଥଲେଟିକ୍ ମିଟ୍ ରବିବାର ଉଦ୍‌ଯାପିତ ହୋଇଯାଇଛି। ୫ ଦିନ ଧରି ଆୟୋଜିତ ଏହି ପ୍ରତିଯୋଗିତାରେ ୧୧୫ଟିରୁ ଊର୍ଦ୍ଧ୍ୱର୍ ସ୍କୁଲ୍‌ରୁ ୧୦୦୦ ପ୍ରତିଯୋଗୀ, କର୍ମକର୍ତ୍ତା, କୋଚ୍ ଓ ସପୋର୍ଟ ଷ୍ଟାଫ୍ ଯୋଗଦେଇଥିଲେ। କୋରବାସ୍ଥିତ ବାଲ୍‌କୋ ଡିପିଏସ୍‌ର ଅଶିତା ଯାଦବ ଶ୍ରେଷ୍ଠ ଆଥଲେଟ ବିବେଚିତ ହୋଇଛନ୍ତି। କିଟ୍ ଇଣ୍ଟରନ୍ୟାସନାଲ ସ୍କୁଲ୍‌ର ଦୁଇଜଣଙ୍କୁ ବେଷ୍ଟ ସ୍ପ୍ରିଣ୍ଟର ଆଖ୍ୟା ମିଳିଛି। ସେମାନେ ହେଲେ ବାଳିକାରେ ତନିସା ପତି ଓ ବାଳକରେ ଆର୍ଶିକା ଦାସ। ଓଡ଼ିଶାର ଏକମାତ୍ର ସ୍କୁଲ୍ ଭାବେ ବରଗଡ଼ର ବିକାଶ ରେସିଡେନ୍ସିଆଲ ସ୍କୁଲ୍ ୧୪ ବର୍ଷରୁ କମ୍ ବାଳକ ବିଭାଗରେ ଓଭଲ୍‌ରଲ୍ ଟାଇଟଲ ବିଜୟୀ ହୋଇଛି। ସେହିପରି ୧୯ ବର୍ଷରୁ କମ୍ ବୟସ ବାଳକ ବିଭାଗରେ ଛତିଶଗଡ଼ର ବିଦ୍ୟାଜ୍ୟୋତି ବିଦ୍ୟାଳୟ ଓ ବାଳିକାରେ ଡିପିଏସ୍ ବାଲକୋ ଓଭରଅଲ ଚାମ୍ପିଅନ ହୋଇଛି। ସେହିପରି ୧୭ ବର୍ଷରୁ କମ୍ ବାଳକ ବିଭାଗରେ ରାୟପୁରର ଏନ୍‌ଏଚ୍ ଗୋଏଲ ୱାର୍ଲ୍ଡ ସ୍କୁଲ୍ ଓ ବାଳିକା ବିଭାଗରେ ଡିପିଏସ୍ ବାଲ୍‌କୋ, ୧୪ ବର୍ଷରୁ କମ୍ ବାଳକ ବିଭାଗରେ ବରଗଡର ବିକାଶ ରେସିଡେନ୍‌ସିଆଲ ସ୍କୁଲ ଓ ବାଳିକା ବିଭାଗରେ ଡିପିଏଲ୍ ଦୁର୍ଗ ଓଭରଅଲ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛି। ଖେଳ ଶେଷରେ ସିବିଏସ୍‌ଇ ପର୍ଯ୍ୟବେକ୍ଷକ ସୋନୁ କାମତ, କିଟ୍ ଇଣ୍ଟରନ୍ୟାସନାଲ ସ୍କୁଲ ପ୍ରିନ୍ସିପାଲ ସଞ୍ଜୟ ସୁଆର ଓ ଅର୍ଜୁନ ପୁରସ୍କାର ବିଜେତା ଦୂତୀ ଚାନ୍ଦ ଅତିଥିଭାବେ ଯୋଗ ଦେଇ ପୁରସ୍କାର ପ୍ରଦାନ କରିଥିଲେ।

ଏସିଆନ୍ ସର୍ଫିଙ୍ଗ୍ ଚାମ୍ପିଅନସିପ୍

## ଐତିହାସିକ କାଂସ୍ୟ ପଦକ ଜିତିଲେ ରମେଶ ବୁଦ୍ଧିଲାଲ

ଚେନ୍ନଇ,୧୦।୮ (ଏଜେନ୍ସି)

ଭାରତର ସର୍ଫର ରମେଶ ବୁଦ୍ଧିଲାଲ ଏଠାରେ ଚାଲିଥିବା ଏସିଆନ୍ ସର୍ଫିଙ୍ଗ୍ ଚାମ୍ପିଅନସିପ୍‌ରେ କାଂସ୍ୟ ପଦକ ଜିତି ଇତିହାସ ସୃଷ୍ଟି କରିଛନ୍ତି। ମହାବଳିପୁରମରେ ରବିବାର ଅନୁଷ୍ଠିତ ଫାଇନାଲରେ ରମେଶ ତାରକା ଖଚିତ ପ୍ରତିଯୋଗୀଙ୍କୁ ପଛରେ ପକାଇ ତୃତୀୟ ସ୍ଥାନ ଅଧିକାର କରିବା ସହ ଭାରତର ପ୍ରଥମ ପ୍ରତିଯୋଗୀଭାବେ ଏହି ସଫଳତା ହାସଲ କରିଛନ୍ତି। ବିରାଟ ଢ଼େଉକୁ ସାମ୍ନା କରି ଏଠାରେ ପ୍ରଥମ ୩ଜଣଙ୍କ ମଧ୍ୟରେ ସ୍ଥାନ ପାଇବା ନିଶ୍ଚିତପକ୍ଷେ ଜଣେ ଭାରତୀୟଙ୍କ ଲାଗି ଅନନ୍ୟ ସଫଳତା ବୋଲି କୁହାଯାଉଛି। ରବିବାର ଅନୁଷ୍ଠିତ ଫାଇନାଲରେ ସେ ୧୨.୬୦ ପଏଣ୍ଟ ପାଇ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଇଣ୍ଡୋନେସିଆର ପାଜାର ଆରିୟାନା ୧୪.୫୭ ଓ ଦକ୍ଷିଣ କୋରିଆର କାନୋଆ ହିଜାଏ ୧୫.୧୭ ପଏଣ୍ଟ ହାସଲ କରି ପ୍ରଥମ ଦୁଇଟି ସ୍ଥାନ ଅଧିକାର କରିନେଇଥିଲେ। ଏହି ସଫଳତା ଲାଗି ରମେଶଙ୍କୁ ଅଭିନନ୍ଦନର ସୁଅ ଛୁଟିଛି। ଭାରତର ପ୍ରଧାନମନ୍ତ୍ରୀ, ରାଷ୍ଟ୍ରପତି ଅଭିନନ୍ଦନ ଜଣାଇଥିବା ବ୍ୟକ୍ତିବିଶେଷଙ୍କ ମଧ୍ୟରେ ଅଛନ୍ତି। ରମେଶଙ୍କ ପଦକ ବିଜୟ ସର୍ଫିଙ୍ଗ କ୍ରୀଡ଼ାରେ ଏକ ନୂଆ ଅଧ୍ୟାୟ ସୃଷ୍ଟି କରିବ ବୋଲି ଆଶା କରାଯାଉଛି।




ରବିବାର ଅନୁଷ୍ଠିତ ଏହି ପ୍ରତିଯୋଗିତାର ପ୍ରଥମ ହିଟ୍ସରେ ରମେଶ ୬.୧୭ ପଏଣ୍ଟ ସ୍କୋର କରି ଦ୍ୱିତୀୟ ସ୍ଥାନରେ ରହିଥିଲେ। ଦକ୍ଷିଣ କୋରିଆର ଯୁବ ପ୍ରତିଯୋଗୀ ହିଜାଏ ପ୍ରଥମ ସ୍ଥାନରେ ଥିଲେ। ଯେତେ ଅଧିକ ରେସ୍ ହେଲା ରମେଶଙ୍କ ପଏଣ୍ଟ ସଂଖ୍ୟା କମିବାକୁ ଲାଗିଲା। ହିଜାଏ ଓ ଆରିୟାନା ପ୍ରଥମ ସ୍ଥାନ ଲାଗି ଲଢ଼ିବାକୁ ଲାଗିଲାବେଳେ ରମେଶ ତୃତୀୟ ସ୍ଥାନରେ ରହିଯାଇଥିଲେ। କିନ୍ତୁ ସେ ତାଙ୍କ ରେସ୍‌ରେ ସନ୍ତୁଳନ ରକ୍ଷା କରି ପଦକ ଜିତିବାରେ ସମର୍ଥ ହୋଇଥିଲେ। ଏସିଆନ୍ ସର୍ଫିଙ୍ଗ ଚାମ୍ପିଅନସିପ୍ ବ୍ୟକ୍ତିଗତ ଇଭେଣ୍ଟରେ ଏହା ଭାରତର ପ୍ରଥମ ପଦକ। 'ଏହି ସଫଳତା ସମ୍ପର୍କରେ ମୁଁ କିଛି କହିପାରିବି ନାହିଁ। ଏହା ଆମ ସମସ୍ତଙ୍କ ଲାଗି ଗର୍ବର ସମୟ। ଏହି କ୍ରୀଡ଼ା ଲାଗି ଆମ ଲୋକମାନେ ଯେପରି ସମର୍ଥନ ଦେଇଛନ୍ତି, ସେଥିରେ ଆମେ ବେଶ ସଫଳତା ପାଇଛୁ। ଯାହା କିଛି ସଫଳତା ପାଇଛି, ତାହା ଆମ ଟିମ୍ ଓ ମୋ ଦେଶ ଲାଗି କରିଛି। ଦେଶ ଯେତିକି ଗର୍ବିତ ହୋଇଛି ସେଥିଲାଗି ମୁଁ ମଧ ଗର୍ବ ଅନୁଭବ କରୁଛି। ଆଗକୁ ଅଧିକ ସଫଳତା କିପରି ମିଳିବ ସେଥିଲାଗି ଚେଷ୍ଟା କରିବି ବୋଲି କହିଛନ୍ତି ବୁଦ୍ଧିଲାଲ।

ପୂର୍ବରୁ ଶନିବାର ଅନୁଷ୍ଠିତ ଏହି ଇଭେଣ୍ଟର ଫାଇନାଲ ପ୍ରବେଶ କରିବାରେ ସେ ପ୍ରଥମ ଖେଳାଳି ହୋଇଥିଲେ। କେରଳ କୋଭାଲାମ୍‌ରେ ଏକ ଗରିବ ପରିବାରରେ ଜନ୍ମଗ୍ରହଣ କରିଥିବା ରମେଶ କୋଭାଲାମ ସର୍ଫିଙ୍ଗ କ୍ଲବ୍ ଓ ବେଲଜିୟମ ସରକାରଙ୍କ ଦ୍ୱାରା ପ୍ରତିଷ୍ଠା କରାଯାଇଥିବା ସେବାଷ୍ଟିଆନ୍ ଇଣ୍ଡିଆନ୍ ସୋସିଆଲ ପ୍ରୋଜେକ୍ଟରେ ରମେଶ ସର୍ଫିଙ୍ଗ ଅଭ୍ୟାସ କରିଥିଲେ। ଭାରତରେ ସର୍ଫିଙ୍ଗ ଲାଗି ବିଶେଷ ପ୍ରାୟୋଜକ ନାହାନ୍ତି କିମ୍ବା କୌଣସି ବେସରକାରୀ ଓ ସରକାରୀ ସଂଗଠନ ସହାୟତା ଯୋଗାଇ ନ ଥାନ୍ତି। ଏଭଳି ସ୍ଥିତିରେ ସର୍ଫିଙ୍ଗ ଲାଗି ଆବଶ୍ୟକ ସର୍ଫବୋର୍ଡ, ୱେଟସୁଇଟ୍ସ ଓ ବିଭିନ୍ନ ସ୍ଥାନକୁ ଯାତ୍ରା କରିବା ଲାଗି ଆବଶ୍ୟକ ଅର୍ଥ ମିଳି ନ ଥାଏ। ଏହା ସତ୍ତ୍ୱେ ଅନେକ ବଦାନ୍ୟ ବ୍ୟକ୍ତିଙ୍କ ସହାୟତାରେ ଏହି କ୍ରୀଡ଼ା ଭାରତରେ ତିଷ୍ଠି ରହିଛି।

ରମେଶ ପଦକ ଜିତିବା ପରେ ଭାରତୀୟଙ୍କ ଲାଗି ଇତିହାସ ସୃଷ୍ଟି କରିଛନ୍ତି। ଜାପାନରେ ହେବାକୁ ଥିବା ପରବର୍ତ୍ତୀ ଏସିଆଡ୍‌ରେ ସର୍ଫିଙ୍ଗ କ୍ରୀଡ଼ା ଏକ ଇଭେଣ୍ଟ ଭାବେ ଖେଳାଯିବ। ଏଥିଲାଗି ଭାରତରୁ ୨ଟି କୋଟା ସଂରକ୍ଷିତ ରହିଛି। ଏସିଆଡ୍ ଗେମ୍ସ ଆରମ୍ଭ ହେଲାବେଳକୁ ଆହୁରି କିଛି ସ୍ଥାନ ଭାରତୀୟଙ୍କୁ ମିଳିବ। ଏଠାରେ କିନ୍ତୁ ରମେଶ ଇଣ୍ଡୋନେସିଆର ମେଗା ଆର୍ଟାନା, ଆରିଆନା, ଦକ୍ଷିଣ କୋରିଆରୀ କାନୋଆ ହିଜାଏଙ୍କ ବିପକ୍ଷରେ ପଦକ ଜିତିବା ଲାଗି ଜୋରଦାର ଲଢ଼େଇ କରିବାକୁ ହେବ। ସେ ପଦକ ଜିତନ୍ତୁ କି ନାହିଁ, ସର୍ଫିଙ୍ଗ ଇତିହାସରେ ଭାରତ ଯେ ଇତିହାସ ସୃଷ୍ଟି କରିବାକୁ ଯାଉଛି ଏଥିରେ ସନ୍ଦେହ ନାହିଁ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS